# ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ସୋମବାର, ଜାନୁଆରୀ ୧୯/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, January 19/2026 | Page 14 | ₹ 7.00

୫୨ଶ ଭାଗ ୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 57 | ମୂଲ୍ୟ ₹୭/-







## କୋହଲିଙ୍କ ଶତକ ସତ୍ତ୍ୱେ ଭାରତ ପରାସ୍ତ

**ଇନ୍ଦୋର, ୧୮।୧**

ବିରାଟ କୋହଲିଙ୍କ ଶତକ ସତ୍ତ୍ୱେ ଭାରତ ଏଠାରେ ଅନୁଷ୍ଠିତ ତୃତୀୟ ତଥା ସିରିଜର ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚରେ ନ୍ୟୁଜିଲାଣ୍ଡଠାରୁ ୪୧ ରନରେ ହାରି ଯାଇଛି। ଏଥିସହ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୧–୨ରେ ହାରି ଯାଇଛି। ଡାରିଲ ମିଚେଲ ଓ ଗ୍ଲେନ ଫିଲିପ୍ସଙ୍କ ଶତକ ସହାୟତାରେ ନ୍ୟୁଜିଲାଣ୍ଡ ୫୦ ଓଭରରେ ୮ ଉଇକେଟ ହରାଇ ୩୩୭ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୪୬ ଓଭରରେ ୨୯୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। କୋହଲି ୧୨୪ ରନର ଲଢୁଆ ଇନିଂସ ଖେଳିଥିଲେ। ଏକଦିବସୀୟ କ୍ରିକେଟରେ ଏହାଥିଲା କୋହଲିଙ୍କ ୫୪ତମ ଶତକ। ଏହା ବ୍ୟତୀତ ନ୍ୟୁଜିଲାଣ୍ଡ ବିପକ୍ଷରେ ସେ ୩୬ ଇନିଂସରୁ ସର୍ବାଧିକ ୭ ଶତକ ହାସଲ କରିବାରେ ରେକର୍ଡ କରିଛନ୍ତି। ରିକି ପଣ୍ଟିଂ ଓ ବୀରେନ୍ଦ୍ର ସେହ୍ୱାଗ ୬ଟି ଲେଖାଏ ଶତକ ହାସଲ କରି ଯୁଗ୍ମଭାବେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଓଭରଅଲ୍ କୋହଲିଙ୍କର ଏହାଥିଲା ୮୫ତମ ଅନ୍ତର୍ଜାତୀୟ ଶତକ। (ସମ୍ପୂର୍ଣ୍ଣ ବିବରଣୀ ଖେଳ ପୃଷ୍ଠାରେ)

**ଆଜିର ସମ୍ପାଦକୀୟ**

ଅଖାଡ଼ୁଆ ବ୍ୟକ୍ତି



ଇଣ୍ଟରନ୍ୟାଶନାଲ ସ୍କି ଫେଡେରେଶନ ପକ୍ଷରୁ ଜର୍ମାନୀର ଓବରହୋଫ୍‌ଠାରେ ଆୟୋଜିତ ମହିଳା ନର୍ଡିକ କମ୍ବାଇନ୍‌ଡ୍ ବିଶ୍ୱକପ୍‌ରେ ନରୱେର ତାରକା ଖେଳାଳି ଇଡା ମାରି ହେଗେନ୍ ରବିବାର ନର୍ମାଲ ହିଲ୍ ପ୍ରତିଯୋଗିତାରେ ୯୮.୮ ମିଟର ଉଚ୍ଚରୁ ସ୍କି ଜମ୍ପିଂ କରୁଛନ୍ତି।

## ୨୨ରେ ମିଳିବ 'ସୁଭଦ୍ରା' ସହାୟତା

**ଭୁବନେଶ୍ୱର,୧୮।୧ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ମହିଳା ସଶକ୍ତୀକରଣ ଯୋଜନା 'ସୁଭଦ୍ରା' କିସ୍ତି ଚଳିତମାସ ୨୨ରେ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ରବିବାର ସେ କହିଛନ୍ତି, ପୂର୍ବରୁ ଜାନୁଆରୀ ୧୮ରେ ସୁଭଦ୍ରା ଟଙ୍କା ମିଳିବାକୁ ଥିବାବେଳେ, ଏଥିରେ ପରିବର୍ତ୍ତନ ହୋଇଛି। ୧୮ ବଦଳରେ ୨୨ତାରିଖରେ ସୁଭଦ୍ରା ସହାୟତା ଅର୍ଥ ରାଶି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ 'X'ରେ କୁହାଯାଇଛି। ସୂଚନାଯୋଗ୍ୟ, ସୁଭଦ୍ରା ଯୋଜନାରେ ଏଥର ୪ ଲକ୍ଷ ୫୭ ହଜାର ୬୮୧ଜଣ ମହିଳା ସହାୟତା ପାଇବେ। ଏଥିରେ ନୂଆକରି ୧ ଲକ୍ଷ ୭୮ ହଜାର ୩୯୮ ଜଣ ମହିଳାଙ୍କୁ ସାମିଲ କରାଯାଇଛି, ଯେଉଁମାନେ କି ପ୍ରଥମ ଥର ପାଇଁ ସୁଭଦ୍ରା କିସ୍ତି ପାଇବେ। ପ୍ରଥମ ଏବଂ ଦ୍ୱିତୀୟ କିସ୍ତିରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣଙ୍କୁ ଏଥର ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି। ସେମାନେ ଏଥର ଏକାଥରକେ ଦୁଇଟି କିସ୍ତିର ଟଙ୍କା ପାଇବେ ।

# ଆତଙ୍କବାଦୀଙ୍କୁ କ୍ରିପ୍ଟୋ ପାଣ୍ଠି

## ହାୱାଲା ଜରିଆରେ ବିଦେଶରୁ କଶ୍ମୀରକୁ ହେଉଛି ଯୋଗାଣ

**୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ବିମୁଦ୍ରୀକରଣ ଘୋଷଣା କରି ୫୦୦ ଓ ୧,୦୦୦ ଟଙ୍କିଆ ନୋଟ୍‌କୁ ତତ୍କାଳ ଅଚଳ କରିଦେଇଥିଲେ। ବେଆଇନ ଓ ଆତଙ୍କବାଦୀ କାର୍ଯ୍ୟକଳାପ ରୋକିବାରେ ଏହା ବିଶେଷ ସହାୟକ ହେବ ବୋଲି ସେତେବେଳେ ସରକାରଙ୍କ ପକ୍ଷରୁ ଯୁକ୍ତି ବଢ଼ାଯାଇଥିଲା। ଇତିମଧ୍ୟରେ 'ନୋଟ୍‌ବନ୍ଦୀ'କୁ ୯ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବାବେଳେ ଏହି ପଦକ୍ଷେପ ଆତଙ୍କବାଦ ଦମନ ପାଇଁ କେତେ ସହାୟକ ହୋଇପାରିଛି ତାହା ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇ ନାହିଁ। କିନ୍ତୁ ଆତଙ୍କବାଦୀମାନେ ସରକାରଙ୍କ ଆଖିରେ ଧୂଳି ଦେଇ ପାଣ୍ଠି ସଂଗ୍ରହର ନୂଆ ପନ୍ଥା ଆପଣାଇଛନ୍ତି। ଜମ୍ମୁ–କଶ୍ମୀରରେ ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପକୁ ବ୍ୟାପକ କରିବା ପାଇଁ ବିଦେଶରୁ ହାୱାଲା ଜରିଆରେ ଡିଜିଟାଲ କରେନ୍ସି 'କ୍ରିପ୍ଟୋ' ପାଣ୍ଠି ଯୋଗାଣ ହେଉଛି। ଦେଶରେ ପ୍ରଚଳିତ ଆର୍ଥିକ ଦେଣନେଣ ବ୍ୟବସ୍ଥାରେ ଥିବା ସୁରକ୍ଷାକୁ ବାଇପାସ୍ କରି ଅନ୍‌ଲାଇନ୍‌ରେ ଏହି କାରବାର ହେଉଥିବାରୁ ସୁରକ୍ଷା ଏଜେନ୍ସିଗୁଡ଼ିକର ଚିନ୍ତା ବଢ଼ିଯାଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ସୁରକ୍ଷା ପ୍ରତିଷ୍ଠାନଗୁଡ଼ିକୁ ହାଇଆଲର୍ଟରେ ରଖାଯାଇଛି।**

**ଶ୍ରୀନଗର/ନୂଆଦିଲ୍ଲୀ,୧୮।୧ (ପି.ଟି./ଏଜେନ୍ସି)**

କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ–କଶ୍ମୀରରେ ସୀମାପାର ଆତଙ୍କବାଦ ଉପରେ ଲଗାମ କଷିବା ପାଇଁ ପୋଲିସ ଓ ସେନା ପକ୍ଷରୁ ଘନଘନ ଚଢ଼ାଉ ସହ ତଲାସି ଅଭିଯାନ ଜାରି ରହିଛି। ପାକିସ୍ତାନରୁ ନିୟନ୍ତ୍ରଣରେଖା (ଏଲ୍‌ଓସି) ଅତିକ୍ରମ କରି ଉପତ୍ୟକାକୁ ଅନୁପ୍ରବେଶ କରୁଥିବା ଆତଙ୍କବାଦୀଙ୍କୁ ଧରିବା ଓ ସେମାନଙ୍କ ନେଟ୍‌ୱର୍କକୁ ଧ୍ୱସ୍ତ କରିବା ହେଉଛି ଏହି ଅପରେଶନ୍‌ର ମୂଳ ଉଦ୍ଦେଶ୍ୟ। ଆତଙ୍କବାଦୀଙ୍କ ଉଦ୍ଦେଶ୍ୟରେ ବିଦେଶରୁ ହେଉଥିବା ପାଣ୍ଠି ଯୋଗାଣ କରିବା ଲାଗି ଭାରତର ସିକ୍ୟୁରିଟି ଓ ଇଣ୍ଟେଲିଜେନ୍ସ ଏଜେନ୍ସିଗୁଡ଼ିକ ଲାଗିପଡ଼ିଥିବାବେଳେ ସେମାନଙ୍କ ଚିନ୍ତା ବଢ଼ାଇଦେଇଛି ଆଉ ଏକ ବିଷୟ। ତାହା ହେଲା କ୍ରିପ୍ଟୋ ଫଣ୍ଡିଂ। 'କ୍ରିପ୍ଟୋ ହାୱାଲା' ନେଟ୍‌ୱର୍କ ଜରିଆରେ ଜମ୍ମୁ–କଶ୍ମୀରରେ ଥିବା ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀମାନଙ୍କ ନିକଟକୁ ବିପୁଳ ପରିମାଣର ଅର୍ଥ ଆସୁଛି। ଏହି ପାଣ୍ଠିକୁ ବ୍ୟବହାର କରି ସେମାନେ କେବଳ ଉପତ୍ୟକା ନୁହେଁ, ବରଂ ଦେଶର ବିଭିନ୍ନ ଭାଗରେ ଆକ୍ରମଣ କରିବା ପାଇଁ ଷଡ଼ଯନ୍ତ୍ର ରଚୁଥିବା ଜଣାପଡ଼ିଛି। ଏଜେନ୍ସିଗୁଡ଼ିକର ଅଧିକାରୀମାନେ ଏହି ବିଷୟ ରବିବାର ସାମ୍ନାକୁ ଆଣିବା ପରେ ସେନା ଘାଟି ଓ ଅନ୍ୟ ସୁରକ୍ଷା ପ୍ରତିଷ୍ଠାନଗୁଡ଼ିକରେ ହାଇଆଲର୍ଟ ଜାରି କରାଯାଇଛି। ଏହି ଛାୟା ପାଣ୍ଠି (ଶ୍ୟାଡୋ ଫଣ୍ଡ) ବିଚ୍ଛିନ୍ନତାବାଦୀ ତତ୍ତ୍ୱଙ୍କୁ ନୂଆ ଜୀବନ ଦେବା ସହ କେନ୍ଦ୍ରଶାସିତ ଅଞ୍ଚଳରେ ଦେଶବିରୋଧୀ କାର୍ଯ୍ୟକଳାପ ବୃଦ୍ଧି ଘଟାଇପାରେ ବୋଲି ଅଧିକାରୀମାନେ ସତର୍କ କରାଇଛନ୍ତି।

ପାରମ୍ପରିକ ହାୱାଲା ବ୍ୟବସ୍ଥାରେ ଅଣବ୍ୟାଙ୍କିଙ୍ଗ୍ ଚ୍ୟାନେଲରେ ଟଙ୍କା ଆସୁଥିବାବେଳେ ଉକ୍ତ ଡିଜିଟାଲ ଭର୍ସନରେ କ୍ରିପ୍ଟୋକରେନ୍ସି ଆସୁଛି। ଭାରତରେ ସମସ୍ତ ଭର୍ଚୁଆଲ ଡିଜିଟାଲ ଆସେଟ ସର୍ଭିସ ପ୍ରୋଭାଇଡର୍ସ (ଭିଡିଏଏସ୍‌ପି)ମାନଙ୍କୁ ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍ (ଏଫ୍‌ଆଇୟୁ) ସହ ପଞ୍ଜୀକୃତ ହେବାକୁ ପଡ଼ିଥାଏ। କିନ୍ତୁ ଆତଙ୍କବବାଦୀଙ୍କ ଛାୟା ନେଟ୍‌ୱର୍କ ପ୍ରଚଳିତ ଆଇନ ବ୍ୟବସ୍ଥା ଊର୍ଦ୍ଧ୍ୱରେ କାର୍ଯ୍ୟ କରିଥାଏ। କ୍ରିପ୍ଟୋ ନେଟ୍‌ୱର୍କ ଉପରେ କୌଣସି ଦେଶର ସରକାରଙ୍କ ନିୟନ୍ତ୍ରଣ ନ ଥିବାରୁ ବେଆଇନ ପାଣ୍ଠିକୁ କିଏ ପଠାଇଛନ୍ତି ତାହା ଜାଣିବା କଷ୍ଟକର। ଏହାବାଦ୍ ଉକ୍ତ କଳାଧନକୁ ଧଳା କରି ଦେଶର ଘରୋଇ ଅର୍ଥନୀତିରେ ସାମିଲ କରାଗଲେ ବିପଦ ଆହୁରି ବଢ଼ିଯିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଜମ୍ମୁ–କଶ୍ମୀର ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ପକ୍ଷରୁ ମିଳିତ ଭାବେ କରାଯାଇଥିବା ☞ପୃଷ୍ଠା–୪

## ବେଆଇନ ବାଣ ତିଆରି ବେଳେ ବିସ୍ଫୋରଣ

### ଦିବ୍ୟାଙ୍ଗ ଶ୍ରମିକଙ୍କ ମୃତ୍ୟୁ, ମାଲିକ ଫେରାର

**କଟକ/ଫୁଲନଖରା,୧୮।୧(କାର୍ତ୍ତିକ ସାହୁ/ସତ୍ୟରଞ୍ଜନ ଦାସମହାପାତ୍ର)**

ବେଆଇନ ବାଣ କାରବାର ରୋକିବାକୁ ପ୍ରଶାସନ ଯେତେପ୍ରକାର ଉଦ୍ୟମ କଲେ ବି କେଉଁଠି ନା କେଉଁଠି ତ୍ରୁଟି ରହିଯାଉଛି। ଯଦ୍ଦ୍ୱାରା ବେଆଇନ ବାଣ ତିଆରି ଓ ବିକ୍ରି ରୋକି ହେଉନାହିଁ। ଯାହାର କୁପରିଣାମ ରବିବାର କଟକ ଜିଲା ସଦର ଥାନା ଅନ୍ତର୍ଗତ ଖଲର୍ଦ୍ଦା ପଞ୍ଚାୟତସ୍ଥିତ ହାତୀଗଡ଼ାରେ ଦେଖିବାକୁ ମିଳିଛି। ଏଠାରେ ବେଆଇନ ବାଣ ତିଆରି ଚାଲିଥିବାବେଳେ ବିସ୍ଫୋରଣ ଘଟି ଜଣେ ଦିବ୍ୟାଙ୍ଗ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ହାତୀଗଡ଼ା ଗ୍ରାମର ସୁରେଶ ଭୋଇ (୫୨)। ମୃତକଙ୍କୁ ଭୁଶୁଡ଼ି ପଡ଼ିଥିବା ଘରର କାନ୍ଥ ମଧ୍ୟରୁ ଉଦ୍ଧାର କରାଯାଇଛି। ବାଣ ତିଆରି ହେଉଥିବା ଆଜବେଷ୍ଟସ୍ ଘରଟି ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବାବେଳେ ଆଜବେଷ୍ଟସ୍ ଛାତ ଉଡ଼ିଯାଇଛି। ଏହି ବାଣ ବିସ୍ଫୋରଣର ପ୍ରଭାବ ଅତି ତୀବ୍ର ଥିଲା। ପାଖାପାଖି ପାଞ୍ଚ କିଲୋମିଟର ଦୂର ପର୍ଯ୍ୟନ୍ତ ଶବ୍ଦ ଶୁଣିବାକୁ ମିଳିଥିଲା। ଏହାର ପ୍ରଭାବରେ ବାଣଘର ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ନିକଟରେ ଥିବା ପ୍ରଦୀପ ପ୍ୟାଲେସ ନାମକ ଏକ ମଣ୍ଡପର କାଚ ଭାଙ୍ଗିଛି। ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ଆଇଆଇସି ତୁଷାରକାନ୍ତି ☞ପୃଷ୍ଠା–୪






## ଶୀତ, କୁହୁଡ଼ି ଭିତରେ ବଢ଼ିବ ତାତି

**ଭୁବନେଶ୍ୱର, ୧୮।୧ (ବନ୍ଦନା ସେଠୀ)**

ରାଜ୍ୟରେ ପଶ୍ଚିମାଝଡ଼ ପ୍ରଭାବରେ ବଢ଼ିବ ରାତି ତାପମାତ୍ରା। ଶୀତ, କୁହୁଡ଼ି ସାଙ୍ଗକୁ ଖରାତାତିକୁ ଅନୁଭବ କରିବେ ଲୋକେ। ଏବେ ବି ଥଣ୍ଡା ପ୍ରକୋପ ଜାରି ରହିଛି। ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨.୮ ଡିଗ୍ରୀ ରେକର୍ଡ ହୋଇଛି। ତେବେ ସୋମବାର ଓ ବୁଧବାର ରାତିରୁ ଉତ୍ତର–ପଶ୍ଚିମ ଭାରତକୁ ଅତି କମ୍ ଅନ୍ତରାଳରେ ଦୁଇଟି ପଶ୍ଚିମାଝଡ଼ ପ୍ରଭାବିତ କରିବା ସମ୍ଭାବନା ଥିବାରୁ ଆସନ୍ତା ୪ ଦିନ ମଧ୍ୟରେ ☞ପୃଷ୍ଠା–୪

## ଗାଜା ଶାନ୍ତି ବୋର୍ଡ: ଭାରତ, ପାକ୍‌କୁ ନିମନ୍ତ୍ରଣ

### ଟ୍ରମ୍ପ୍ ଆଜୀବନ ବୋର୍ଡ ଅଧ୍ୟକ୍ଷ ରହିବେ

- ସ୍ଥାୟୀ ସଦସ୍ୟତା ପାଇଁ ୧ ବିଲିୟନ୍ ଡଲାର ଚାନ୍ଦା

**ନ୍ୟୁୟର୍କ/ନୂଆଦିଲ୍ଲୀ,୧୮।୧ (ଏ.ପି./ରଏଟର୍ସ)**

ଗାଜାରେ ଯୁଦ୍ଧ ପରବର୍ତ୍ତୀ ଶାସନ ଓ ପୁନଃ ନିର୍ମାଣ ଦେଖାଶୁଣା ପାଇଁ ଉଦ୍ଦିଷ୍ଟ 'ଶାନ୍ତି ବୋର୍ଡ'ରେ ଯୋଗଦେବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତକୁ ନିମନ୍ତ୍ରଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଟ୍ରମ୍ପ୍ ପଠାଇଥିବା ନିମନ୍ତ୍ରଣପତ୍ରକୁ ଆମେରିକା ରାଷ୍ଟ୍ରଦୂତ ସର୍ଗିଓ 'X'ରେ ଶେୟାର କରିଛନ୍ତି। ଗାଜା ପାଇଁ ଏକ ମୁଖ୍ୟ ବୋର୍ଡ ରହିବ, ଯହିଁରେ ଟ୍ରମ୍ପ୍ ଆଜୀବନ ଅଧ୍ୟକ୍ଷ



ରହିବେ। ଟେକ୍ନୋକ୍ରାଟ୍‌ମାନଙ୍କୁ ନେଇ ଏକ ପାଲେଷ୍ଟିନୀୟ କମିଟି ଗଠନ କରାଯିବ, ଯାହାକି ଯୁଦ୍ଧ ଯୋଗୁ ଧ୍ୱଂସପ୍ରାୟ ଭୂଖଣ୍ଡରେ ଶାସନ କରିବ। ଏଥିସହ ପରାମର୍ଶଦାତା ଦାୟିତ୍ୱ ତୁଲାଇବା ପାଇଁ ଏକ ଦ୍ୱିତୀୟ 'କାର୍ଯ୍ୟନିର୍ବାହୀ ବୋର୍ଡ' ମଧ୍ୟ ଗଠନ କରାଯିବ ବୋଲି ରବିବାର ହ୍ୱାଇଟ୍ ହାଉସ୍ ପକ୍ଷରୁ ସୂଚନା ଦିଆଯାଇଛି। ଗାଜା ବୋର୍ଡ ଅଫ୍ ପିସ୍‌ରେ ସାମିଲ ହେବା ପାଇଁ ☞ପୃଷ୍ଠା–୪

**ବୋମା ଧମକ, ଇଣ୍ଡିଗୋ ବିମାନର ଜରୁରୀ ଅବତରଣ**


ବୋମା ଧମକ ମିଳିବା ପରେ ରବିବାର ସକାଳେ ଦିଲ୍ଲୀରୁ ପଶ୍ଚିମବଙ୍ଗର ବାଗଡୋଗ୍ରା ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନ ଲକ୍ଷ୍ନୌ ଏୟାରପୋର୍ଟରେ ଜରୁରୀ ଅବତରଣ କରିଛି। ସମସ୍ତ ୨୨୨ ଯାତ୍ରୀ ଓ କ୍ରିଉ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ବିମାନରୁ ଖାଲି କରାଯିବା ପରେ ଯାଞ୍ଚ କରାଯାଇଛି। ବିମାନରେ ବୋମା ଥିବା ନେଇ ଟିସୁ ପେପରରେ ଏକ ହାତଲେଖା ନୋଟ୍ ମିଳିଥିଲା।



ଟ୍ରମ୍ପଙ୍କ ଗ୍ରୀନ୍‌ଲାଣ୍ଡ ଅକ୍ତିଆର ଯୋଜନାକୁ ବିରୋଧ କରି ଅନେକ ହଜାର ଲୋକ ନୁକ୍‌ସ୍ଥିତ ଆମେରିକା ବାଣିଜ୍ୟିକ ଦୂତାବାସ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

# ପଶ୍ଚିମବଙ୍ଗରେ ଟିଏମ୍‌ସି ଜଙ୍ଗଲରାଜର ଅନ୍ତ ଘଟିବ

ସିଙ୍ଗୁର,୧୮।୧


ନରେନ୍ଦ୍ର ମୋଦି

ପଶ୍ଚିମବଙ୍ଗ ଜନସାଧାରଣ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ କ୍ଷମତାରୁ ହଟାଇବା ସହ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ୧୫ ବର୍ଷର ମହା ଜଙ୍ଗଲରାଜର ଅନ୍ତ ଘଟାଇବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ସିଲିଗୁଡ଼ିଠାରେ ଏକ ରାଲିକୁ ସମ୍ବୋଧନ କରି ଏହା କହିଛନ୍ତି। ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରେ ୮୩୦ କୋଟି ଟଙ୍କା ମୂଲ୍ୟର କେତେକ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବା ସହ କୋଲକାତାରୁ ଦେଶର ଅନ୍ୟ ଭାଗକୁ ସଂଯୋଗ କରୁଥିବା ୩ଟି ଅମୃତ ଭାରତ ଟ୍ରେନ୍ ଚଳାଚଳକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଟିଏମ୍‌ସିର ମହା ଜଙ୍ଗଲରାଜକୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଥିଲେ, ବହୁସଂଖ୍ୟାରେ ମା', ଭଉଣୀ ଓ କୃଷକ ପ୍ରକୃତ ପରିବର୍ତ୍ତନ ଚାହାଁନ୍ତି। ପ୍ରତ୍ୟେକ ଜଙ୍ଗଲରାଜର ଅନ୍ତ ଚାହୁଁଛନ୍ତି। ଭାଜପା ପୁଣିଥରେ ବିହାରରେ ଜଙ୍ଗଲରାଜକୁ ରୋକିଥିବାବେଳେ ଏଥର ପଶ୍ଚିମବଙ୍ଗରେ ଟିଏମ୍‌ସିର ମହା ଜଙ୍ଗଲରାଜକୁ ବିଦାୟ ଦେବାକୁ ପ୍ରସ୍ତୁତ ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ସୁରକ୍ଷା ଓ ସୀମାନ୍ତ ସ୍ଥିତିକୁ ନେଇ ସେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଟିଏମ୍‌ସି ସରକାର ରାଜ୍ୟ ଓ ଦେଶର ସୁରକ୍ଷା ସହ ଖେଳୁଛନ୍ତି। ତେଣୁ ଏଠାକାର ଯୁବବର୍ଗଙ୍କୁ ଅଧିକ ସତର୍କ ହେବାକୁ ପଡ଼ିବ। ରାଜ୍ୟରେ ଅନୁପ୍ରବେଶ ପାଇଁ ଟିଏମ୍‌ସି ସବୁ ପ୍ରକାର ସୁବିଧା କରିଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ଏହି ଦଳ ବିକ୍ଷୋଭ କରୁଛି। ଗତ ୧୧ ବର୍ଷ ହେଲା କେନ୍ଦ୍ର ସରକାର ବାରମ୍ବାର ଟିଏମ୍‌ସି ସରକାରଙ୍କୁ ପତ୍ର ଲେଖି ରାଜ୍ୟ ସୀମାରେ ତାରବାଡ଼ ଲଗାଇବାକୁ କହିଆସୁଛି। ଏଥିପାଇଁ ଜମି ଅଧିଗ୍ରହଣ ହୋଇଥିଲେ ମଧ୍ୟ ଟିଏମ୍‌ସି ଏହାକୁ ଭ୍ରୂକ୍ଷେପ କରୁନାହିଁ। ଅନୁପ୍ରବେଶକାରୀ ଗ୍ୟାଙ୍ଗଗୁଡ଼ିକୁ ସୁରକ୍ଷା ପ୍ରଦାନ ଏବଂ ସେମାନଙ୍କ ପାଇଁ ଜାଲ୍ କାଗଜପତ୍ର ପ୍ରସ୍ତୁତ କରିବାରେ ଶାସକ ଦଳ ପୃଷ୍ଠପୋଷକତା ପ୍ରଦାନ କରୁଛି। ଅନୁପ୍ରବେଶକୁ ସମ୍ପୂର୍ଣ୍ଣ ବନ୍ଦ କରିବାର ସମୟ ଆସିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

# ଗ୍ରୀନ୍‌ଲାଣ୍ଡ ବିକ୍ରି ପାଇଁ ନୁହେଁ

## ଟ୍ରମ୍ପଙ୍କ ଅକ୍ତିଆର ଧମକ ବିରୋଧରେ ବିକ୍ଷୋଭ

ନୁକ୍,୧୮।୧



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରୀନ୍‌ଲାଣ୍ଡକୁ ଦଖଲ କରିବା ପାଇଁ ଚେତାବନୀ ଦେଇଥିବାବେଳେ ଏହାକୁ ବିରୋଧ କରି ସେଠାରେ ଟ୍ରମ୍ପ ବିରୋଧୀ ବିକ୍ଷୋଭ ଜୋର୍ ଧରିଛି। ଅନେକ ହଜାର ଗ୍ରୀନ୍‌ଲାଣ୍ଡ ବାସିନ୍ଦା ତୁଷାର ଓ ବରଫାବୃତ ରାସ୍ତାରେ ଶୋଭାଯାତ୍ରାରେ ବାହାରି ଆମେରିକା ରାଷ୍ଟ୍ରପତିଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ସେମାନେ ନିଜ ଦେଶର ସ୍ୱାୟତ୍ତ ଶାସନକୁ ସମର୍ଥନ କରିବା ସହ 'ଗ୍ରୀନ୍‌ଲାଣ୍ଡ ବିକ୍ରି ପାଇଁ ନୁହେଁ' ବୋଲି ସ୍ଲୋଗାନ ଦେଇଥିଲେ। ଗ୍ରୀନ୍‌ଲାଣ୍ଡ ରାଜଧାନୀ ନୁକ୍ ସହରରୁ ବିକ୍ଷୋଭକାରୀ ଶୋଭାଯାତ୍ରାରେ ଆମେରିକା ବାଣିଜ୍ୟିକ ଦୂତାବାସ ଅଭିମୁଖେ ବାହାରିଥିଲେ। ବିନା ସଂଘର୍ଷରେ ଆମେ ପରାଜୟ ବରଣ କରିବୁ ନାହିଁ ବୋଲି ସେମାନେ କହିଛନ୍ତି। ରାଜଧାନୀ ନୁକ୍ ସହରର ଲୋକ ସଂଖ୍ୟା ୨୦,୦୦୦ ହୋଇଥିବାବେଳେ ବିକ୍ଷୋଭରେ ଏହାର ଏକଚତୁର୍ଥାଂଶ ସାମିଲ ହୋଇଥିଲେ। ଗ୍ରୀନ୍‌ଲାଣ୍ଡର ଅନ୍ୟ ସହର ସମେତ ଡେନ୍‌ମାର୍କର କୋପେନହାଗେନ୍‌ରେ ମଧ୍ୟ ଅନୁରୂପ ବିକ୍ଷୋଭ ଏବଂ ରାଲି କରାଯାଇଛି। ନୁକ୍‌ରେ ଅନୁଷ୍ଠିତ ବିକ୍ଷୋଭରେ ଗ୍ରୀନ୍‌ଲାଣ୍ଡ ପ୍ରଧାନମନ୍ତ୍ରୀ ଜେନ୍ସ ଫ୍ରେଡେରିକ୍ ନିଏଲ୍‌ସେନ୍ ଯୋଗଦେଇଥିଲେ। ସେପଟେ ଆମେରିକାର ଗ୍ରୀନ୍‌ଲାଣ୍ଡ ନିୟନ୍ତ୍ରଣ ଯୋଜନାକୁ ବିରୋଧ କରୁଥିବା ୮ଟି ୟୁରୋପୀୟ ଦେଶରୁ ଆମଦାନୀ ସାମଗ୍ରୀ ଉପରେ ଫେବୃଆରୀରୁ ୧୦ ପ୍ରତିଶତ ଟାରିଫ୍ ଲଗାଇବେ ବୋଲି ଟ୍ରମ୍ପ ଘୋଷଣା କରିଛନ୍ତି। ସେହି ଦେଶଗୁଡ଼ିକ ହେଲା ଡେନ୍‌ମାର୍କ, ନରୱେ, ସୁଇଡେନ୍, ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ, ନେଦରଲାଣ୍ଡସ ଏବଂ ଫିନ୍‌ଲାଣ୍ଡ। ଗ୍ରୀନ୍‌ଲାଣ୍ଡକୁ ସମ୍ପୂର୍ଣ୍ଣ କିଣିବା ପାଇଁ ଆମେରିକା ଚାହୁଁଥିବାବେଳେ ଏହି ଡିଲ୍ କାର୍ଯ୍ୟକାରୀ ହୋଇ ନ ପାରିଲେ ଜୁନ୍ ୧ରୁ ଟାରିଫ୍ ପରିମାଣ ୨୫%କୁ ବୃଦ୍ଧି କରିବେ ବୋଲି ଟ୍ରମ୍ପ କହିଛନ୍ତି। ଟାରିଫ୍ ଧମକ ଟ୍ରମ୍ପ ଏବଂ ନାଟୋ ସହଯୋଗୀଙ୍କ ମଧ୍ୟରେ ଗମ୍ଭୀର ଏବଂ ବିପଜ୍ଜନକ ଉତ୍ତେଜନା ସୃଷ୍ଟି କରିବ ବୋଲି କୁହାଯାଉଛି।

## ଜରୁରୀ ବୈଠକ କରିବେ ଇୟୁ ରାଷ୍ଟ୍ରଦୂତ

ପ୍ୟାରିସ୍,୧୮।୧

**ଟାରିଫ୍ ଧମକ**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରୀନ୍‌ଲାଣ୍ଡକୁ ଅକ୍ତିଆର କରିବା ପାଇଁ ଯୋଜନା କରିଥିବାବେଳେ ଏହାକୁ ବିରୋଧ କରୁଥିବା ୮ ୟୁରୋପୀୟ ଦେଶରୁ ଆମଦାନୀ ସାମଗ୍ରୀ ଉପରେ ୧୦ ପ୍ରତିଶତ ଟାରିଫ୍ ଲଗାଇବେ ବୋଲି ଶନିବାର ଧମକ ଦେଇଥିଲେ। ଏନେଇ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଟ୍ରମ୍ପଙ୍କ ଧମକ ପରେ ୟୁରୋପୀୟ ୟୁନିୟନ (ଇୟୁ) ରାଷ୍ଟ୍ରଗୁଡ଼ିକର ରାଷ୍ଟ୍ରଦୂତମାନେ ଜରୁରୀ ବୈଠକ କରିବାକୁ ଯାଉଛନ୍ତି। ଟ୍ରମ୍ପଙ୍କ ପ୍ରସ୍ତାବକୁ ବିରୋଧ କରି ଗ୍ରୀନ୍‌ଲାଣ୍ଡ ଏବଂ ଡେନ୍‌ମାର୍କରେ ଅନେକ ହଜାର ଲୋକ ବିକ୍ଷୋଭରେ ସାମିଲ ହୋଇଛନ୍ତି। ଗ୍ରୀନ୍‌ଲାଣ୍ଡ ଅଚଳାବସ୍ଥାକୁ ନେଇ ଟ୍ରମ୍ପ ଯଦି ଅତିରିକ୍ତ ଟାରିଫ୍ ଲାଗୁ କରନ୍ତି, ତେବେ ଆଇନଗତ ଭାବେ ମୁକାବିଲାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ହେବ। ଦ୍ରବ୍ୟ ଓ ସେବା ଆମଦାନୀକୁ ରୋକାଯାଇପାରିବ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ କହିଛନ୍ତି।

## ବାଂଲାଦେଶରେ ହିନ୍ଦୁ ବ୍ୟବସାୟୀଙ୍କୁ ପିଟି ହତ୍ୟା

ଢାକା,୧୮।୧

ବାଂଲାଦେଶର ଗାଜିପୁର ଜିଲା ଅନ୍ତର୍ଗତ କାଲିଗଞ୍ଜ ଅଞ୍ଚଳରେ କଦଳୀକୁ ନେଇ ବିବାଦ ପରେ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ଅନ୍ୟ ଏକ ପରିବାରର ୩ ଜଣ ଲୋକ ପିଟି ମାରିଦେଇଛନ୍ତି। ତେବେ ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସା ସହ ଏହାର ସମ୍ପର୍କ ଥିବା ନେଇ ସ୍ପଷ୍ଟ ହୋଇନାହିଁ। ମୃତକ ଲିଟନ୍ ଚନ୍ଦ୍ର ଘୋଷ (୫୫) 'ବୈଶାଖୀ ସୁଇଟ୍‌ମିଟ୍ ଆଣ୍ଡ ହୋଟେଲ'ର ମାଲିକ ଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ୩ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଅଭିଯୋଗ ଅନୁଯାୟୀ, ମାସୁମ୍ ମିଆ ନାମକ ବ୍ୟକ୍ତି କଦଳୀ ଚାଷ କରୁଥିବାବେଳେ କେତେ କାନ୍ଦି କଦଳୀ ନ ଥିବା ଦେଖିବାକୁ ପାଇଥିଲେ। ଖୋଜାଖୋଜି ବେଳେ ଲିଟନ୍‌ଙ୍କ ହୋଟେଲରେ ଉକ୍ତ କଦଳୀ ଥିବା ଦେଖିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ମାସୁମ୍ ଓ ତାଙ୍କ ପରିବାର ସଦସ୍ୟଙ୍କ ଆକ୍ରମଣ ବେଳେ ଲିଟନ୍ ତଳେ ପଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ କହିଛି।

## କରାଚୀ ଶପିଂ ମଲ୍‌ରେ ଭୟାବହ ଅଗ୍ନିକାଣ୍ଡ: ୬ ମୃତ

କରାଚୀ,୧୮।୧(ପି.ଟି.)

ପାକିସ୍ତାନର କରାଚୀସ୍ଥିତ ଏକ ବିଶାଳ ଶପିଂ ମଲ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟି ୬ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲ ପଠାଯାଇଛି। ସହରର ଜନଗହଳିପୂର୍ଣ୍ଣ ଏମ୍.ଏ. ଜିନ୍ନା ରୋଡ୍‌ରେ ଥିବା ବହୁତଳ ବିଶିଷ୍ଟ ଗୁଲ୍ ପ୍ଲାଜାରେ ଶନିବାର ରାତି ୧୦ଟା ୪୫ ମିନିଟ୍ ସମୟରେ ନିଆଁ ଲାଗି ଯାଇଥିଲା। ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ସିନ୍ଧ୍ ପ୍ରଦେଶ ମୁଖ୍ୟମନ୍ତ୍ରୀ ମୁରାଦ ଅଲି ଶାହ କାରାଚୀ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଅଗ୍ନିଶମ କର୍ମଚାରୀମାନଙ୍କୁ ୧୬ ଘଣ୍ଟା ସମୟ ଲାଗିଥିଲା। ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ପୋଲିସ ସନ୍ଦେହ କରୁଛି।

## ମୌନି ଅମାବାସ୍ୟା: ସଙ୍ଗମରେ ବୁଡ଼ ପକାଇଲେ ୪.୫୨ କୋଟି ଶ୍ରଦ୍ଧାଳୁ

ପ୍ରୟାଗରାଜ,୧୮।୧(ପି.ଟି.)

ମୌନି ଅମାବାସ୍ୟା ଅବସରରେ ରବିବାର ୪.୫୨ କୋଟିରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ସଙ୍ଗମରେ ବୁଡ଼ ପକାଇଛନ୍ତି। ଭକ୍ତମାନେ ଶନିବାର ମଧ୍ୟରାତ୍ରରୁ ସଙ୍ଗମ୍ ଘାଟରେ ପହଞ୍ଚିବା ଆରମ୍ଭ କରିଥିଲେ। ଘନ କୁହୁଡ଼ିକୁ ଖାତିର ନ କରି ଭୋର ସମୟରେ ସେମାନେ ନଦୀରେ ବୁଡ଼ ପକାଇଥିଲେ। ଜ୍ୟୋତିର୍ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ବହୁସଂଖ୍ୟାରେ ଅନୁଗାମୀଙ୍କୁ ନେଇ ବୁଡ଼ ପକାଇବାକୁ ସଙ୍ଗମକୁ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇବାରୁ କିଛି ସମୟ ପାଇଁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଉକ୍ତ ଘଟଣାର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିବା ସହ ସନ୍ଥମାନଙ୍କୁ ଦୁର୍ବ୍ୟବହାରର ତଦନ୍ତ ଦାବି କରିଛନ୍ତି। ମାଘମେଳା ଦାୟିତ୍ୱରେ ଥିବା ଏସ୍‌ପି କହିଛନ୍ତି, ବିନା ପ୍ରାକ୍ ଅନୁମତିରେ ଅଭିମୁକ୍ତେଶ୍ୱରାନନ୍ଦ ବ୍ୟାରିକେଡ୍ ଅତିକ୍ରମ କରି ୨୦୦ରୁ ୨୫୦ ଜଣ ଭକ୍ତଙ୍କ ସହ ସ୍ନାନଘାଟରେ ପ୍ରବେଶ ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କୁ ଅଟକାଇବାରୁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ଼ ଲାଗିରହିଥିବା କୁହାଯିବ ସତ୍ତ୍ୱେ ଅଭିମୁକ୍ତେଶ୍ୱରାନନ୍ଦ ଅଟକି ନ ଥିଲେ। ପରେ ସେ ବୁଡ଼ ନ ପକାଇ ଚାଲିଯାଇଥିଲେ ବୋଲି ଏସ୍‌ପି କହିଛନ୍ତି। ସବୁ ସାଧୁସନ୍ଥଙ୍କୁ ପୋଲିସ ପ୍ରଶାସନ ସମ୍ମାନ ଦିଏ। ତେବେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଆମର ସର୍ବାଧିକ ପ୍ରାଥମିକତା ବୋଲି ସେ କହିଛନ୍ତି।


ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମାଘମେଳା ଅବସରରେ ସଙ୍ଗମଠାରେ ସନାତନୀ କିନ୍ନର ଆଖଡ଼ାର ଜଣେ ସାଧ୍ୱୀ ଅସ୍ତ୍ର ଚାଳନା କୌଶଳ ପ୍ରଦର୍ଶନ କରୁଛନ୍ତି।

## ଆର୍‌ଜେଡି କାର୍ଯ୍ୟକାରୀ ସଭାପତି ହୋଇପାରନ୍ତି ତେଜସ୍ୱୀ


ତେଜସ୍ୱୀ ଯାଦବ

ପାଟନା,୧୮।୧

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁପ୍ରସାଦ ଯାଦବଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ କରାଯାଇପାରେ। ଆସନ୍ତା ୨୫ରେ ବସିବାକୁ ଥିବା ଆର୍‌ଜେଡି ଜାତୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଏନେଇ ନିଷ୍ପତ୍ତି ନିଆଯିବା ଆଶା କରାଯାଉଛି। ତେଜସ୍ୱୀଙ୍କୁ ପଦୋନ୍ନତି ଦେବା ପାଇଁ ଦଳ ଭିତରେ ଏକପ୍ରକାର ସର୍ବସମ୍ମତ ସହମତି ହୋଇଥିବା କୁହାଯାଉଛି। ବରିଷ୍ଠ ନେତାଙ୍କୁ ନୂଆ ଦାୟିତ୍ୱ ଦିଆଯିବା ସହ ଦଳବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ।

## ଆତଙ୍କବାଦୀଙ୍କ ଗୁଳିରେ ୮ ଯବାନ ଆହତ

ଜମ୍ମୁ,୧୮।୧(ପି.ଟି.)

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲା ଅନ୍ତର୍ଗତ ଚତ୍ରୁ ଜଙ୍ଗଲ ଅଞ୍ଚଳରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ସେନାର ୮ ଯବାନ ଆହତ ହୋଇଛନ୍ତି। ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ଚାଲିଥିଲା। ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ସହ ଆତଙ୍କବାଦୀଙ୍କୁ ନିପାତ କରିବା ନିମନ୍ତେ ଅଧିକ ସୈନ୍ୟଙ୍କୁ ନିୟୋଜିତ କରାଯାଇଛି। ମଧ୍ୟାହ୍ନ ସମୟରୁ ଆରମ୍ଭ ହୋଇଥିବା ଉକ୍ତ ଅଭିଯାନର ନାଁ ଅପରେଶନ ତ୍ରାଶି-୧ ଦିଆଯାଇଛି। ସୂଚନା ଅନୁଯାୟୀ, ତଲାସି ଅଭିଯାନରେ ସାମିଲ ଏକ ଟିମ୍ ସହ ୨/୩ ଜଣ ବିଦେଶୀ ଆତଙ୍କବାଦୀ ମୁହାଁମୁହିଁ ହୋଇଥିଲେ। ପାକିସ୍ତାନର ଜୈଶ-ଇ- ମହମ୍ମଦ ସଂଗଠନର ଏହି ଆତଙ୍କବାଦୀମାନେ ଯବାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ସେନା ଏହାର ଜବାବ ଦେବା ସହ ଅତିରିକ୍ତ ସୈନ୍ୟଙ୍କୁ ତଲାସି ଅଭିଯାନରେ ସାମିଲ କରାଯାଇଛି।

# ବାପା, ମୁଁ ବଞ୍ଚିବାକୁ ଚାହୁଁଛି

**ଖାତରେ କାର୍ ଖସି ପ୍ରାଣ ହରାଇବା ପୂର୍ବରୁ ଇଞ୍ଜିନିୟରଙ୍କ ଶେଷ କଲ୍**

ନଏଡ଼ା,୧୮।୧


ଯୁବରାଜ ମେହେଟ୍ଟା

ଘନ କୁହୁଡ଼ି ଯୋଗୁ ନଏଡ଼ାର ସେକ୍ଟର ୧୫୦ ନିକଟରେ ଶୁକ୍ରବାର ରାତିରେ ଏକ କାର୍ ଡ୍ରେନ୍ ପାଚେରିରେ ଧକ୍କା ଖାଇ ପାଣିଭର୍ତ୍ତି ଖାତ ମଧ୍ୟକୁ ଖସିପଡ଼ିବାରୁ ଜଣେ ୨୭ ବର୍ଷୀୟ ସଫ୍ଟୱେର୍ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଯୁବରାଜ ମେହେଟ୍ଟା ନାମକ ଉକ୍ତ ଇଞ୍ଜିନିୟର କାମ ସାରି ଘରକୁ ଫେରୁଥିବାବେଳେ ଘନ କୁହୁଡ଼ି ସାଙ୍ଗକୁ ରାସ୍ତାରେ ରିଫ୍ଲେକ୍ଟର ନ ଥିବାରୁ ତାଙ୍କ କାର୍ ଡ୍ରେନ୍ ପାଚେରିରେ ଧକ୍କା ହେବା ପରେ ୭୦ ଫୁଟ୍ ଗଭୀର ଖାତକୁ ଖସିପଡ଼ିଥିଲା। ଇଞ୍ଜିନିୟର ଜଣକ ତାଙ୍କ ବାପା ରାଜକୁମାର ମେହେଟ୍ଟାଙ୍କୁ ଫୋନ୍ କରି ଖାତରେ ଖସିପଡ଼ିଥିବା କଥା ଜଣାଇବା ସହ ଉଦ୍ଧାର କରିବାକୁ ନିବେଦନ କରିଥିଲେ। ସେ ମରିବାକୁ ଚାହାନ୍ତି ନାହିଁ ବୋଲି କହିଥିଲେ। ସ୍ଥାନୀୟ ପୋଲିସ, ବୁଡ଼ାଳି ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳର କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ୫ ଘଣ୍ଟାର ଉଦ୍ୟମ ପରେ କାର୍‌କୁ ପାଣିରୁ ବାହାର କରାଯାଇଥିଲା। ସେତେବେଳକୁ ମେହେଟ୍ଟାଙ୍କର ମୃତ୍ୟୁ ଘଟିସାରିଥିଲା। କର୍ତ୍ତୃପକ୍ଷ ରାସ୍ତାରେ ରିଫ୍ଲେକ୍ଟର ନ ଲଗାଇବା ସହ ସର୍ଭିସ୍ ରୋଡ୍ ଡ୍ରେନ୍‌କୁ ଖୋଲା ରଖିଥିବାରୁ ଦୁର୍ଘଟଣା ଘଟିଲା ବୋଲି ମେହେଟ୍ଟାଙ୍କ ପରିବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୨ ଜଣ ବିଲ୍ଡରଙ୍କ ନାମରେ ଏତଲା ଦାଏର କରିଛି।

# ମଣିକର୍ଣ୍ଣିକା: ଏଆଇ ଫଟୋ ଛାଡ଼ି ଫସିଲେ ବିରୋଧୀ

ବାରାଣସୀ,୧୮।୧

ଉତ୍ତର ପ୍ରଦେଶ ବାରାଣସୀସ୍ଥିତ ପ୍ରସିଦ୍ଧ ମଣିକର୍ଣ୍ଣିକା ଘାଟର ସୌନ୍ଦର୍ଯ୍ୟକରଣ ପାଇଁ ପୁନଃ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ସାମାଜିକ ଗଣମାଧ୍ୟମରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ପ୍ରସ୍ତୁତ ଜାଲ୍ ଫଟୋ ଛାଡ଼ି ବିଭ୍ରାନ୍ତିକର ତଥ୍ୟ ପ୍ରସାର କରିବା ଅଭିଯୋଗରେ ୮ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କ ମଧ୍ୟରେ ଆପ୍ ନେତା ସଞ୍ଜୟ ସିଂ ଓ ସ୍ୱାଧୀନ ଏମ୍‌ପି ପପ୍ପୁ ଯାଦବ ରହିଛନ୍ତି।

ମନ୍ଦିର ନଗରୀ ବାରାଣସୀରେ ମୋଟ ୮୪ଟି ଘାଟ ରହିଛି। ତନ୍ମଧ୍ୟରେ ଥିବା ମଣିକର୍ଣ୍ଣିକା ଶ୍ମଶାନ ଘାଟରେ ଶବଦାହ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ହିନ୍ଦୁଧର୍ମରେ ବିଶ୍ୱାସ ରହିଛି। ୟୁପି ସରକାର ଏହି ଘାଟର ପୁନର୍ବିକାଶ ପାଇଁ ଗତ ସପ୍ତାହରେ ଜବରଦଖଲ ଉଚ୍ଛେଦ କରୁଥିବାବେଳେ କେତେଜଣ ନେତା ଏହାକୁ ବିରୋଧ କରି ଏଆଇ-ଜେନେରେଟେଡ୍ ଜାଲ୍ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ ବୋଲି ଦଶାଶ୍ୱମେଧ ଘାଟ ଆସିଷ୍ଟାଣ୍ଟ ପୋଲିସ କମିଶନର ଅତୁଲ ରଞ୍ଜନ କହିଛନ୍ତି। ବିରୋଧୀ ଦଳଗୁଡ଼ିକର ନେତାମାନେ ସେତେବେଳେ ଅଭିଯୋଗ ଆଣିଥିଲେ ଯେ, ଅଷ୍ଟାଦଶ ଶତାବ୍ଦୀରେ ମଣିକର୍ଣ୍ଣିକା ଘାଟକୁ ନୂଆରୂପ ଦେଇଥିବା ମରାଠା ସାମ୍ରାଜ୍ୟର ମହାରାଣୀ ଅହିଲ୍ୟାବାଇ ହୋଲ୍‌କରଙ୍କ ଶତାବ୍ଦୀ ପୁରୁଣା ପ୍ରତିମୂର୍ତ୍ତିକୁ ବୁଲ୍‌ଡୋଜର ଲଗାଇ ଭାଙ୍ଗି ଦିଆଯାଇଛି। କେବଳ ଏତିକି ନୁହେଁ, ଭାଜପା ସରକାର ଅନେକ ପ୍ରାଚୀନ ଐତିହ୍ୟକୁ ମଧ୍ୟ ଉଚ୍ଛେଦ କରୁଛି, ଯାହାକୁ ତୁରନ୍ତ ବନ୍ଦ କରାଯିବା ଜରୁରୀ ବୋଲି ବିକ୍ଷୋଭକାରୀମାନେ ଦାବି କରିଥିଲେ। ତେବେ ଏହି ଅଭିଯୋଗକୁ ଜିଲା ପ୍ରଶାସନ ଖଣ୍ଡନ କରିଛି। ଇତିମଧ୍ୟରେ ବିବାଦ ମୁଣ୍ଡ ଟେକିବାରୁ ନିର୍ମାଣକାରୀ ସଂସ୍ଥା ଥାନାରେ ଏତଲା ଦେଇଛି। ଆପ୍ ସାଂସଦ ସଞ୍ଜୟ ସିଂ, ସ୍ୱାଧୀନ ସାଂସଦ ପପ୍ପୁ ଯାଦବ ଓ କଂଗ୍ରେସ ନେତା ଜଶୱିନ୍ଦର କୌରଙ୍କ ସମେତ ୮ ଅଭିଯୁକ୍ତ ଗତ ୧୬ ତାରିଖରେ Xରେ ମିଥ୍ୟା, ଭିତ୍ତିହୀନ ଓ ବିଭ୍ରାନ୍ତିକର ଫଟୋ ଏବଂ ଭିଡିଓ ଶେୟାର କରିଥିଲେ। ଏପରି କି କେତେକ ପୋଷ୍ଟରେ କେନ୍ଦ୍ର ସରକାରଙ୍କୁ ମୋଗଲ ସମ୍ରାଟ୍ ଔରଙ୍ଗଜେବଙ୍କ ସହ ତୁଳନା କରାଯାଇଥିଲା। ହିନ୍ଦୁ ଭକ୍ତମାନଙ୍କୁ ବିଭ୍ରାନ୍ତ ଓ ସାମାଜିକ ସଦ୍ଭାବ ନଷ୍ଟ କରିବା ସେମାନଙ୍କ ଉଦ୍ଦେଶ୍ୟ ବୋଲି ସଂସ୍ଥା ପକ୍ଷରୁ ଅଭିଯୋଗ କରାଯାଇଛି। ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ କହିଛନ୍ତି, ଉକ୍ତ ପ୍ରସଙ୍ଗ ଉଠାଇଥିବାରୁ ତାଙ୍କୁ ଟାର୍ଗେଟ କରାଯାଉଛି, କିନ୍ତୁ ସେ ଏଥିରେ ଭୟଭୀତ ହେବେନାହିଁ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଆ ସଙ୍ଗୀତ ନାଟକ ଏକାଡ଼େମୀ ପକ୍ଷରୁ ଭୁବନେଶ୍ୱର ରାଜାରାଣୀ ମନ୍ଦିର ପ୍ରାଙ୍ଗଣ ମୁକ୍ତାକାଶ ମଞ୍ଚରେ ଚାଲିଥିବା 'ରାଜାରାଣୀ ସଙ୍ଗୀତ ମହୋତ୍ସବ'ର ରବିବାର ଶେଷ ସନ୍ଧ୍ୟାରେ ଅନ୍ତର୍ଜାତୀୟ ଖାତିସମ୍ପନ୍ନ ହିନ୍ଦୁସ୍ଥାନୀ କଣ୍ଠଶିଳ୍ପୀ ମହାରାଷ୍ଟ୍ରର ପଣ୍ଡିତ ଉଲ୍ଲାସ କଶଲକର୍ ଓ ସାଥୀ ସଙ୍ଗୀତ ପରିବେଷଣ କରୁଛନ୍ତି। **(ଫଟୋ: ମନୋରଞ୍ଜନ ମିଶ୍ର)**

# ଦୁଇ ବିଧାୟକ ବିଶ୍ୱାସଘାତକ: ବିଜେଡି

## ପ୍ରମାଣ ଦିଅ, ଉତ୍ତର ଦେବୁ: ଅରବିନ୍ଦ, ସନାତନ

ଭୁବନେଶ୍ୱର,୧୮।୧(ରବିନାରାୟଣ ଜେନା)

ବିଜେଡିରୁ ବିଧାୟକ ସନାତନ ମହାକୁଡ ଏବଂ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରାଯିବା ପରେ ରାଜ୍ୟ ରାଜନୀତି ଏବେ ଜୋର୍ ଧରିଛି। ଏହାକୁ ନେଇ ବିଭିନ୍ନ ମହଲରେ ରାଜ୍ୟ ସଭା ଅଙ୍କ ପାଇଁ ଏତେ ସବୁ ନାଟ ବୋଲି କୁହାଯାଉଥିବାବେଳେ ବିଜେଡିରେ କାଦୁଅଫିଙ୍ଗା ରାଜନୀତି ଥମୁନାହିଁ। ନିଲମ୍ବନକୁ ନେଇ ଦଳ ପକ୍ଷରୁ ପ୍ରତିଦିନ ଗଣମାଧ୍ୟମ ଆଗରେ ମୁଖପାତ୍ରମାନେ ବିବୃତି ରଖୁଥିବାବେଳେ ନିଲମ୍ବିତ ସଦସ୍ୟମାନେ ଏହାର କାରଣ ସହିତ ସମ୍ପୂର୍ଣ୍ଣ ଉତ୍ତର ଦେବାକୁ ପ୍ରସ୍ତୁତ ବୋଲି କହୁଛନ୍ତି।

ଏହି ପରିପ୍ରେକ୍ଷୀରେ ରବିବାର ବିଜେଡି ପକ୍ଷରୁ ଶଙ୍ଖଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ତଥା ପାଟକୁରାର ଯୁବ ସଂଗଠକ ଅମରେଶ ପତ୍ରୀ କହିଛନ୍ତି, ଦଳକୁ ଦୁର୍ବଳ କରିବା ଏବଂ ବିଶ୍ୱାସଘାତକ ପାଇଁ ଉଭୟ ନିଲମ୍ବିତ ହୋଇଛନ୍ତି। ସେ କହିଛନ୍ତି, ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ସୁଯୋଗ ପାଇ ବିଧାୟକ ହେବା ପରଠାରୁ ପାଟକୁରାର ଦଳୀୟ କର୍ମୀଙ୍କୁ ଅରବିନ୍ଦ ଅଣଦେଖା କରି ନିଜସ୍ୱ ସଂଗଠନ କରିଆସୁଥିଲେ। ୨୫ ବର୍ଷ ଧରି ଯେଉଁ ଦଳୀୟ କର୍ମୀମାନେ ପାଟକୁରାରେ ବିଜେଡି ସଙ୍ଗଠନକୁ ସଶକ୍ତ କରି ରଖିଥିଲେ, ସେହି ପୁରୁଖା ନେତା ଓ କର୍ମୀଙ୍କୁ ଜାଣିଶୁଣି ଉପେକ୍ଷା କରି ନିଜର ଚାଟୁକାରମାନଙ୍କୁ ପଞ୍ଚାୟତ ଦାୟିତ୍ୱ ଦେଇ ସେମାନଙ୍କ ଜରିଆରେ ବିଧାୟକ ପାଣ୍ଠି ବିନିଯୋଗ କରୁଥିଲେ। ଗତ ସାଧାରଣ ନିର୍ବାଚନରେ ଟିକେଟ ପାଇଲା ପରେ ଦଳର ସାଂସଦ ପ୍ରାର୍ଥୀଙ୍କୁ ଅସହଯୋଗ କରିଥିଲେ। ପାଟକୁରାରେ ବାପା ପୁଅ ଦଳ ଚାଲିଥିଲା । ବାପାଙ୍କ ଇସାରାରେ ସବୁ କାମ କରୁଥିଲେ ଅରବିନ୍ଦ। ଅତୀତରେ ସ୍ୱର୍ଗତ ବିଜୁବାବୁଙ୍କ ବିରୋଧରେ ଅରବିନ୍ଦ ମହାପାତ୍ରଙ୍କ ପିତା ଯେଭଳି ଷଡ଼ଯନ୍ତ୍ର କରିଥିଲେ, ଏବେ ନବୀନ ପଟ୍ଟନାୟକଙ୍କ ବିରୋଧରେ ସେହିଭଳି ବିଶ୍ୱାସଘାତକତା କରିବା ଯୋଜନାରେ ସାମିଲ ହୋଇ ବିଜେଡିକୁ ଦୁର୍ବଳ କରିବା ଅପଚେଷ୍ଟାରେ ଲିପ୍ତ ଥିଲେ। ଠିକ୍ ସମୟରେ ଏହା ସଭାପତିଙ୍କ ଦୃଷ୍ଟିକୁ ଆସିବାରୁ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି। କିଛି ମାସ ଧରି ଷଡ଼ଯନ୍ତ୍ରର ସୁରାକ ବିଜେଡି ସଭାପତି ପାଇଥିଲେ ମଧ୍ୟ ତ୍ରୁଟି ସୁଧାରିବା ପାଇଁ ଉଭୟଙ୍କୁ ସୁଯୋଗ ଦେଇଥିଲେ। କିନ୍ତୁ ସୁଧୁରିବା ବଦଳରେ ଉଭୟ ଅରବିନ୍ଦ ଓ ସନାତନ ଦଳ ବିରୋଧୀ କାର୍ଯ୍ୟ ଜାରି ରଖିଥିଲେ। ଦଳର ମୁଖପାତ୍ର ଦ୍ୟୁମ୍ନନାଥ ପଣ୍ଡା କହିଥିଲେ, ଅରବିନ୍ଦ ସୁଯୋଗର ସଦ୍‌ବ୍ୟବହାର କରି ଲୋକଙ୍କ ସେବା କରିବା ପରିବର୍ତ୍ତେ ବିଶୃଙ୍ଖଳିତ ଆଚରଣ ଦୁର୍ଭାଗ୍ୟଜନକ।

ଅନ୍ୟପକ୍ଷରେ ବିଧାୟକ ଅରବିନ୍ଦ ମହାପାତ୍ର ଏହାର ଉତ୍ତରରେ କହିଛନ୍ତି, ଦଳର ସଭାପତି ନବୀନବାବୁଙ୍କ ସହ କଥା ହୋଇ ଉତ୍ତର ରଖିବି। ସେ କହିଛନ୍ତି, ବିଜେଡିର ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ସବୁ ଦିନ ମୋ ବିରୋଧରେ ଦଳ ନୂଆ ନୂଆ ଅଭିଯୋଗ ଆଣୁଛି। ମୋ ବିରୋଧରେ ଯାହାସବୁ ତଥ୍ୟ ପ୍ରମାଣ ରହିଛି ତାକୁ ଗୋଟିଏ କାଗଜ ଫର୍ଦ୍ଦରେ ଲେଖିକି ଆଣନ୍ତୁ ଏବଂ ମିଡିଆରେ ରଖନ୍ତୁ। ମୁଁ ସବୁ ଅଭିଯୋଗର ଉତ୍ତର ଦେଇଦେବି। ମୁଁ ଏବେ ଦିଲ୍ଲୀ ଗସ୍ତରେ ବାହାରିଛି, ଫେରିଲେ ଖବରଦାତା ସମ୍ମିଳନୀ କରି ସବୁ ଅଭିଯୋଗର ଉତ୍ତର ରଖିବି ବୋଲି ଅରବିନ୍ଦ କହିଛନ୍ତି।

ସେହିପରି ବିଧାୟକ ସନାତନ ମହାକୁଡ଼ କହିଛନ୍ତି, ମୁଁ ଦଳର କୌଣସି କ୍ଷତି କରିନାହିଁ। ମାତ୍ର ଜିଲାବାସୀଙ୍କ ଉନ୍ନତି ପାଇଁ ବର୍ତ୍ତମାନର ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟରେ ସାମିଲ ହୋଇଛି। ତେଣୁ କିଏ ବିଶ୍ୱାସଘାତକ କରିଛି ତା'ର ପ୍ରମାଣ ସହ ଗଣମାଧ୍ୟମକୁ ଦଳ ଦେଉ ବୋଲି ସେ ଆହ୍ୱାନ ଦେଇଛନ୍ତି।

# 'ପ୍ରଗତି ପ୍ରବାହ' ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି: ମୁଖ୍ୟମନ୍ତ୍ରୀ

## ରାଜ୍ୟ ସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ' ଉନ୍ମୋଚିତ

ଭୁବନେଶ୍ୱର,୧୮।୧ (ରବିନାରାୟଣ ଜେନା)



ପ୍ରଗତି ପ୍ରବାହ, ରାଜ୍ୟ ବିକାଶର ଚଳନ୍ତି ପ୍ରତିଛବି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ରାଜ୍ୟ ସରକାରଙ୍କ ମୁଖପତ୍ର 'ପ୍ରଗତି ପ୍ରବାହ'ପୁସ୍ତକ ଉନ୍ମୋଚନ କରି କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଏହି ପୁସ୍ତିକାଟିକୁ ମୁଖ୍ୟମନ୍ତ୍ରୀ ନିଜ ବାସଭବନ ତଥା ଆବାସିକ କାର୍ଯ୍ୟାଳୟଠାରେ ଉନ୍ମୋଚନ କରି କହିଥିଲେ, ଏହି ପୁସ୍ତିକାରେ ହୃଦାନନ୍ଦଙ୍କ ସଫଳ କାହାଣୀ ଉଲ୍ଲେଖ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ହୃଦାନନ୍ଦ ବିଶିଙ୍କୁ ସମ୍ମାନିତ କରିବା ସହିତ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଏହା ସହିତ ଆଗକୁ କିଭଳି ସରକାରଙ୍କ ହିତାକାଂକ୍ଷୀ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପି.ଏମ୍. କିଷାନ ଓ 'ସିଏମ୍- କିଷାନ' ମାଧ୍ୟମରେ ଆହୁରି ନିଜର କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ। 'ଆମ ସରକାର ଚାଷୀମାନଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛି। ଚାଷୀଟିଏ ଆଜି ପ୍ରଧାନମନ୍ତ୍ରୀ ମୋଦିଙ୍କ 'ଆତ୍ମନିର୍ଭରଶୀଳ ଭାରତ'ର ଉଦ୍ଦେଶ୍ୟକୁ ପୂରଣ କରୁଛି। ଚାଷୀ ନିଜ ଫସଲ ଦ୍ୱାରା ଗୋଟିଏ ପରିବାର ନୁହେଁ, ଅନେକ ପରିବାର ଚଳାଇବାର କ୍ଷମତା ରଖୁଛି, ଯାହା କି ଆମ ଦେଶର ପ୍ରକୃତ ଷ୍ଟାର୍ଟ-ଅପ୍ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଉଲ୍ଲେଖଯୋଗ୍ୟ, ବିଏସ୍‌ସି(ଫିଜିକ୍ସ), ଏମ୍‌ବିଏ ଏବଂ ମେକାନିକାଲ ଇଞ୍ଜିନିୟରିଂ ଭଳି ଉଚ୍ଚଶିକ୍ଷା ଲାଭ କରିବା ପରେ ମଧ୍ୟ ବାହାରେ ଚାକିରି ନ କରି ନିଜ ମାଟିରେ ସୁନା ଫଳାଇବା ନିଶାରେ ବିଶି ଚାଷକୁ ଆପଣାଇଥିଲେ। ଆଧୁନିକ ଜ୍ଞାନକୌଶଳ ପଦ୍ଧତିରେ ଚାଷ କରି ସେ ଆଜି ଜଣେ 'ଲକ୍ଷପତି ଚାଷୀ' ଭାବେ ଉଭା ହୋଇଛନ୍ତି। ତାଙ୍କର ଏହି ପ୍ରେରଣାଦାୟୀ ସଫଳତା କାହାଣୀ 'ପ୍ରଗତି ପ୍ରବାହ' ପତ୍ରିକାରେ ସ୍ଥାନ ପାଇଛି। ଏହି ସମୟରେ ମୁଖ୍ୟମନ୍ତ୍ରୀ ସରକାରୀ ସହାୟତା ଓ ସବ୍‌ସିଡି ମିଳୁଛି କି ନାହିଁ ସେ ସମ୍ପର୍କରେ ବିଶିଙ୍କୁ ପଚାରି ବୁଝିଥିଲେ। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ଜିଲାପାଳଙ୍କ ଜରିଆରେ ସମସ୍ତ ସରକାରୀ ସହାୟତା ତୁରନ୍ତ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି କୋଲ୍ଡ କୃଷି ଭିତ୍ତିଭୂମିର ବିକାଶ ପାଇଁ ଜିଲାପାଳ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସେ ସ୍ପଷ୍ଟ କରିଥିଲେ। ଏଥିସହିତ ବିଭିନ୍ନ କୃଷି ଯୋଜନାର ସୁଯୋଗ ନେଇ ନିଜର କୃଷି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ଚାଷୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଝାରସୁଗୁଡ଼ା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ କୃଷ୍ଣାକେଶୀ ବରିଆରସିଂହ ଉପସ୍ଥିତ ଥିଲେ।

# ନୂଆ ରୂପରେ ଆସିବ ମେଟ୍ରୋ ରେଳ

## ବଦଳିବ 'ଡିପିଆର', ସାମିଲ ହେବ ପାରାଦୀପ

ଭୁବନେଶ୍ୱର,୧୮।୧(ରବିନାରାୟଣ ଜେନା)



ଦୀର୍ଘଦିନ ଧରି ଭୁବନେଶ୍ୱର-କଟକ ମେଟ୍ରୋ ରେଳପ୍ରକଳ୍ପ କାର୍ଯ୍ୟ ଅନିଶ୍ଚିତତା ଭିତରେ ରହିଛି। ଏହାକୁ ନେଇ ଲୋକେ ଆଶା ଓ ଆଶଙ୍କାରେ ରହିଥିବାବେଳେ ରାଜ୍ୟ ସରକାର ମଧ୍ୟ ବ୍ୟାକ୍‌ଫୁଟ୍‌ରେ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସରକାରୀସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଖୁବ୍‌ଶୀଘ୍ର ମେଟ୍ରୋ ରେଳ ପ୍ରକଳ୍ପ ନୂତନ ରୂପରେ ଆସିବ ବୋଲି ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଣାପଡ଼ିଛି। ବିଭାଗ ପକ୍ଷରୁ ପ୍ରସ୍ତୁତ ହେଉଥିବା 'ଡିପିଆର୍'କୁ ନେଇ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ପୂର୍ବରୁ ଏହା କେବଳ ଭୁବନେଶ୍ୱର-କଟକ-ପୁରୀ ମଧ୍ୟରେ ଗଢ଼ିବ ବୋଲି ପ୍ରସ୍ତାବ ରହିଥିଲା। ପୂର୍ବ ସରକାର ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଯେଉଁ 'ଡିପିଆର୍' ପ୍ରସ୍ତୁତ କରିଥିଲେ ସେଥିରେ ବହୁତ କିଛି ପରିବର୍ତ୍ତନ କରାଯିବ। ଏହାକୁ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପକୁ ଯୋଡ଼ିବା ପାଇଁ ସରକାରୀସ୍ତରରେ ଏକପ୍ରକାର ନିଷ୍ପତ୍ତି ହୋଇଛି। ଆସନ୍ତା ୨୨ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉଚ୍ଚସ୍ତରୀୟ ବୈଠକରେ ଏସମ୍ପର୍କରେ ପୂର୍ଣ୍ଣାଙ୍ଗ ରୂପରେଖ ଜଣାପଡ଼ିବ। ତେବେ ପୂର୍ବ ସରକାର ସମୟରେ ୬୪କି.ମି.ର ମେଟ୍ରୋ ରେଳପ୍ରକଳ୍ପ ପାଇଁ ୬ହଜାର ୨୫୫କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏହାକୁ ନେଇ ପୂର୍ବ ସରକାର ତରବରିଆ ଭାବେ ଏହାକୁ କ୍ୟାବିନେଟ୍‌ରେ ପାରିତ କରିଥିଲେ। ଏହାପରେ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେଶନ ସହିତ ରାଜ୍ୟ ସରକାରଙ୍କ ଏକ ବୁଝାମଣା ହୋଇଥିଲା। କଟକଠାରୁ ତ୍ରିଶୂଳିଆ-ବାରଙ୍ଗ ଦେଇ ଖୋର୍ଦ୍ଧା ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ମେଟ୍ରୋ ରେଳ ପ୍ରକଳ୍ପ ହେବାକୁ ଯୋଜନା ରହିଥିଲା। ମାତ୍ର ବର୍ତ୍ତମାନ ପରିବର୍ତ୍ତନ ହୋଇ ଏହି ଡିପିଆର୍‌ରେ ଭୁବନେଶ୍ୱର, କଟକ, ପୁରୀ, ପାରାଦୀପ ଓ ଖୋର୍ଦ୍ଧା ରିଜିଅନକୁ ଯୋଡ଼ିବାପାଇଁ ପ୍ରସ୍ତାବ ରହିଛି। ଏହାଦ୍ୱାରା ରାଜ୍ୟର ବିକାଶ ତ୍ୱରାନ୍ୱିତ ହେବ। ରାଜ୍ୟ ସରକାରଙ୍କ ଭିଜନ-୨୦୩୬ ଓ ୨୦୪୭କୁ ଦୃଷ୍ଟିରେ ରଖି ମେଟ୍ରୋ ରେଳପ୍ରକଳ୍ପକୁ ଏହିସବୁ ଅଞ୍ଚଳକୁ ପ୍ରସାରଣ କରିବା ପାଇଁ ଲକ୍ଷ୍ୟ ରହିଛି। ଏହାସହିତ କେନ୍ଦ୍ର ସରକାରଙ୍କ ସହିତ ମିଶି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବାକୁ ରହିଛି, ଯାହାଫଳରେ ରାଜ୍ୟ ଉପରେ ଏତେବଡ଼ ଆର୍ଥିକବୋଝ ପଡ଼ିବ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ଏହାର ରୂପରେଖ ସ୍ପଷ୍ଟ ହେବ ବୋଲି ବରିଷ୍ଠ ଅଧିକାରୀ ଜଣକ କହିଛନ୍ତି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯିବାକୁ ଥିବା ଏହି ମେଟ୍ରୋ ରେଳପ୍ରକଳ୍ପ ଯଦି ପାରାଦୀପ ଓ ରାଉରକେଲା ପର୍ଯ୍ୟନ୍ତ ଗଢ଼ିବ ତାହା କେତେଦୂର ଆର୍ଥିକ ଦୃଷ୍ଟିକୋଣରୁ ଉଚିତ ହେବ ତାକୁ ନେଇ ସରକାର କେତେଦୂର ଚିନ୍ତା କରୁଛନ୍ତି ତାହା ଦେଖିବାର ରହିଛି।





# ଅଟୋ ଚାଳକଙ୍କୁ ହେଲ୍‌ମେଟ୍ ଚାଲାଣ

## ଚାଲାଣ ଥିବାରୁ କରିପାରୁନାହାନ୍ତି ପଲ୍ୟୁଶନ ନିୟନ୍ତ୍ରଣ ସାର୍ଟିଫିକେଟ

ଆଗରପଡ଼ା,୧୮।୧(ସୁଶାନ୍ତ ଦାସ)

ଗାଡ଼ିର ପଲ୍ୟୁଶନ ସାର୍ଟିଫିକେଟ ବାଧ୍ୟତାମୂଳକ ନେଇ ସରକାରଙ୍କ ଘୋଷଣା ପରଠାରୁ ଲୋକଙ୍କ ମନରେ ଏକପ୍ରକାର ଛନକା ପଶିଯାଇଛି। ମୋଟା ଅଙ୍କର ଫାଇନ୍‌ରୁ ବର୍ତ୍ତିବା ପାଇଁ ଲୋକେ ପଲ୍ୟୁଶନ ସେଣ୍ଟରରେ ଭିଡ଼ ଜମାଉଛନ୍ତି। ହେଲେ ଏହାରି ମଧ୍ୟରେ ଏକ ରୋଚକ ଘଟଣା ରବିବାର ସାମ୍ନାକୁ ଆସିଛି। ଜଣେ ଅଟୋ ଚାଳକଙ୍କୁ ହେଲ୍‌ମେଟ୍ ଚାଲାଣ କରାଯାଇଛି। ଏପରିକି ଏହି ଚାଲାଣ ଯୋଗୁ ଅଟୋ ଚାଳକ ଜଣକ ତାଙ୍କ ଗାଡ଼ିର ପଲ୍ୟୁଶନ ସାର୍ଟିଫିକେଟ କରିପାରୁନାହାନ୍ତି। ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବଡ଼ମହିଷଗୋଠ ପଞ୍ଚାୟତରେ ଏଭଳି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଚାଲାଣଟି ୪ବର୍ଷ ତଳର ହୋଇଥିବା ବେଳେ ଏବେ ପଲ୍ୟୁଶନ ସାର୍ଟିଫିକେଟ ବାହାର କରିବାକୁ ଯିବାରୁ ଚାଳକ ଜଣକ ଏ ସମ୍ପର୍କରେ ଜାଣିବାକୁ ପାଇଛନ୍ତି।

ସମ୍ପୃକ୍ତ ଅଟୋ ଚାଳକ ହେଲେ ବଡ଼ମହିଷଗୋଠ ପଞ୍ଚାୟତ ନିବାସୀ ରାମକୃଷ୍ଣ ନାଥ। ତାଙ୍କ କହିବା ଅନୁଯାୟୀ, ସେ ଦୀର୍ଘ ୧୦ବର୍ଷ ହେବ ଏକ ମାଲବାହୀ ଅଟୋ(ଓଡି ୨୨ଇ ୯୭୩୧) କିଣି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ୨ ଦିନ ତଳେ ସେ ସ୍ଥାନୀୟ ପଲ୍ୟୁଶନ ସେଣ୍ଟରରେ ଦୀର୍ଘ ସମୟ ଲାଇନରେ ଛିଡ଼ା ହୋଇ ପ୍ରମାଣପତ୍ର କରିବାକୁ ଯାଇଥିଲେ। ହେଲେ ପଲ୍ୟୁଶନ ସେଣ୍ଟରର ଅଧିକାରୀ ତାଙ୍କ ଗାଡ଼ିରେ ଚାଲାଣ ଥିବାରୁ ପ୍ରମାଣପତ୍ର ହୋଇପାରିବ ନାହିଁ ବୋଲି ଜଣାଇଥିଲେ। ତାଙ୍କ ଅଟୋର ଇନ୍ସ୍ୟୁରାନ୍ସ ଏବଂ ଫିଟ୍‌ନେସ୍ ଥିବା ସତ୍ତ୍ୱେ କି ଚାଲାଣ ବୋଲି ଯାଞ୍ଚ କରିବାରୁ ହେଲ୍‌ମେଟ ପିନ୍ଧି ନ ଥିବା ଯୋଗୁ ୨୦୨୧ ନଭେମ୍ବର ୧୭ରେ ୧୦୦୦ ଟଙ୍କାର ଚାଲାଣ କଟିଥିବା ଜାଣିବାକୁ ପାଇଥିଲେ। ଚାଲାଣ କପିରେ ତାଙ୍କ ଗାଡ଼ି ନମ୍ବର ସହ ଏହା ଗୋଟିଏ ଅଟୋ ବୋଲି ଲେଖାଥିଲା। ବର୍ତ୍ତମାନ ରାମକୃଷ୍ଣ କେଉଁଠିକୁ ଯାଇ ଏହାର ସମାଧାନ କରିବେ, ତାହାର ବାଟ ଖୋଜୁଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତାଙ୍କ ଭୁଲ୍ ଚାଲାଣ ସଂଶୋଧନ କରିବାକୁ ସେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ କହିଛନ୍ତି, ଏପରି ଅଭିଯୋଗ ତାଙ୍କ ନଜରକୁ ଆସିନାହିଁ। ଯଦି ଏପରି ବ୍ୟତିକ୍ରମ ହୋଇଥାଏ, ତେବେ ଅଭିଯୋଗ ଆସିବା ପରେ ଯାଞ୍ଚ କରାଯିବ। ତ୍ରୁଟି ଥିଲେ ଅନ୍‌ଲାଇନରୁ ଅପସାରଣ କରିଦିଆଯିବ।



**ଆଜିର ମନ୍ତବ୍ୟ**

ଯୁଦ୍ଧ ଏବେ ଆଉ ସୀମାରେ ସୀମିତ ରହିନାହିଁ। ଶକ୍ତି, ବାଣିଜ୍ୟ, ଟାରିଫ୍, ଯୋଗାଣ ଶୃଙ୍ଖଳ, କାରିଗରି ଆଦି ନୂଆ ଦିଗ ଯୁଦ୍ଧର ଅଂଶ ହୋଇଗଲାଣି।
—ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ଡିପ୍ଲୋମା ଇଂଜିନିୟର୍ସ ସେବାସଂଘ ପକ୍ଷରୁ ବାର୍ଷିକ ସମ୍ମିଳନୀ, ସ୍ଥାନ: ଓଡ଼େଶା ଭବନ, ୭ ଖାରବେଳ, ସମୟ: ପୂର୍ବାହ୍ନ ୧୧ଟା।
- ସହଭାଗୀ ବିକାଶ ମଞ୍ଚ ପକ୍ଷରୁ ଓଡ଼ିଶାରେ 'ନଗର ସମ୍ମିଳନୀ' କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ମନନ ନାଟ୍ୟ ସଂସ୍ଥା ପକ୍ଷରୁ ଫାଉଣ୍ଡେଶନ୍ ଡେ ପାଳନ ଅବସରରେ ଡ୍ରାମା ଫେଷ୍ଟିଭାଲ୍, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ସରକାରଙ୍କ ବିଭିନ୍ନ ବିଲକୁ ବିରୋଧ କରି ବାମପନ୍ଥୀ ଦଳର ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା୩୦।
- ଏକ୍ସପୋ ଟ୍ରେଡ୍ ଫେୟାର, ସ୍ଥାନ: ବଗଲା ଧର୍ମଶାଳା, ସମୟ: ଅପରାହ୍ନ ୫ଟା।
- ଶ୍ରୀରାମ ମହାଯଜ୍ଞ ଓ ଶ୍ରୀଜଗନ୍ନାଥ କଥାମୃତ, ସ୍ଥାନ: ନେବଳ ଦାସ ମଠ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା
- ୨୩ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ମା'ତାରିଣୀ ମନ୍ଦିର, ନୟାଗଡ ରୋଡ୍, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ପଲ୍ଲିଶ୍ରୀ, ପୁସ୍ତକ ମେଳା ୩ୟ ଦିବସ, ସ୍ଥାନ: ବିଡିଏ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ,ସ୍ଥାନ:ବାହାବଳପୁର, ବାଲେଶ୍ୱର,ସମୟ:ସକାଳ ୮ଟା।
- ନାମ ଯଜ୍ଞ ଓ ପ୍ରସାଦ ସେବନ,ସ୍ଥାନ:ବାହାବଳପୁର ବାତ୍ୟା ଆଶ୍ରୟସ୍ଥଳୀ, ବାଲେଶ୍ୱରସମୟ:ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ବ୍ଲକ କାର୍ଯ୍ୟାଳୟ, ବାହାନଗା,ସମୟ: ପୂର୍ବାହ୍ନ ୧୦ଟା।
- ବିକ୍ଷୋଭ ଓ ପ୍ରତିବାଦ ସଭା,ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୧ଟା।
- 'ନାଟ୍ୟପ୍ରଭା'ର ବାର୍ଷିକ ଉତ୍ସବ,ସ୍ଥାନ:ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର,ସମୟ:ଅପରାହ୍ନ ୫ଟା।

## ଭଦ୍ରକ
- ଶନିଦେବଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଚଣ୍ଡିପୁର, ବନ୍ତ, ସମୟ: ସକାଳ ୭ଟା।

- 'ବନ୍ଦେ ଉତ୍କଳ ଜନନୀ' କାର୍ଯ୍ୟକ୍ରମ, ସ୍ଥାନ: ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଦିବଂଗତ ଶିକ୍ଷାବିତ୍ ଲକ୍ଷ୍ମୀଧର ସାହୁଙ୍କ ୨୬ତମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ମତୋ ସରକାରୀ ଉଚ୍ଚ ବିଦ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ଧାନ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୩ଟା।
- ଜିଲା ମହୋତ୍ସବ ଭଦ୍ରାୟଣୀ ଓ ପଲ୍ଲିଶ୍ରୀ ମେଳାର ୨ୟ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ସାଳନ୍ଦୀ ସାହିତ୍ୟ ସଙ୍ଗମର ଖବରଦାତା ସମ୍ମିଳନୀ, ସ୍ଥାନ: ନୂଆବଜାରସ୍ଥିତ କର୍ମଚାରୀ ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ମା' ବରାହୀ ୩୬ତମ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ବଞ୍ଚୋ,
- ସମୟ: ପୂର୍ବାହ୍ନ ୧୦ ଟା।
- ଭିବିଜିରାମଜିର ଜନଜାଗରଣ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ କରଞ୍ଜିଆ, ସମୟ: ପୂର୍ବାହ୍ନ ୧୦ଟା।
- ମା'ଶୀତଳା ଦେବୀଙ୍କ ବାର୍ଷିକ ଝାମୁଯାତ୍ରା ଅବସରରେ ଗୀତା ଯଜ୍ଞ, ସ୍ଥାନ:ଡାକୋଇ କଲାରାଫୁଲିଆ, ମୋରଡ଼ା,ସମୟ: ଅପରାହ୍ନ ୧ଟା।

## ଗଞ୍ଜାମ
- ପଞ୍ଚାୟତ ସ୍ତରୀୟ ମିଳିତ ଜନ ଶୁଣାଣି ଶିବିର,ସ୍ଥାନ: ବୁଗୁଡା ବ୍ଲକ ଗୌଡିଆବୋରଡ଼ା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ତ୍ରିବେଣୀ ମେଳା, ରୁଦ୍ରଶାନ୍ତି ଯଜ୍ଞ, ସ୍ଥାନ: ଆର୍ତ୍ତେଶ୍ୱର ଶୈବ ପୀଠ, ସ୍ଥାନ: ଜଗନ୍ନାଥପୁର, ଡେରାବିଶ, ସମୟ: ସକାଳ ୭ଟା।

## ଯାଜପୁର
- ପୁରୀକୁ ବରିଷ୍ଠ ନାଗରିକଙ୍କ ତ୍ରୀର୍ଥଯାତ୍ରା ଶୁଭାରମ୍ଭ, ସ୍ଥାନ: ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସକାଳ ୬ଟା୩୦।

## ନୟାଗଡ଼
- ମକର ମେଳାର ଉଦ୍‌ଯାପନ ଦିବସ, ସ୍ଥାନ: ଗୋଡିପଡା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମନ୍ଦିର, ସମୟ: ସକାଳ ୮ଟା ।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଦିବସ ମ୍ୟାଚ ଖଳିସାହି ବନାମ ପଦାମାଳ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଭିକାରୀ ସେଠୀ ସ୍ମାରକୀ କ୍ରିକେଟ ମ୍ୟାଚର ଦଶମ ଦିବସ ମ୍ୟାଚ, ସ୍ଥାନ:ଖଣ୍ଡପଡା ବ୍ଲକ କୁମ୍ଭାରପଡା କୁଆଁରିଆ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗଶୁଣାଣି ଶିବିର, ସ୍ଥାନ: କଲ୍ୟାଣସିଂହପୁର ବ୍ଲକ୍ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଇଣ୍ଟେଲ ଉନ୍ନତି-ଡାଟା ସେଣ୍ଟ୍ରିକ ଲ୍ୟାବ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ,ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ପେଣ୍ଡରାଣୀ ମହାବିଦ୍ୟାଳୟର ୪୧ ତମ ବାର୍ଷିକ ଉତ୍ସବ, ସ୍ଥାନ: ଉମରକୋଟସ୍ଥିତ କଲେଜ ପରିସର, ସମୟ: ଅପରାହ୍ନ ୧ଟା।
- ମା କାଳୀଙ୍କ ବାର୍ଷିକ ଉତ୍ସବ ସମାପନ, ସ୍ଥାନ: ଉମରକୋଟ ବ୍ଲକ ଡଙ୍ଗରିଗୁଡ଼ା, ସମୟ: ସନ୍ଧ୍ୟା ୭ ଟା।

## କୋରାପୁଟ
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବ୍ଲକ ଅଫିସ କନଫରେନ୍ସ ହଲ, ବୈପାରିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ମଲ୍ଟି ଫଙ୍କସନ ହଲ, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ସମ୍ବଲପୁରୀ ଧନୁଯାତ୍ରାର ଗୋପପୁର କାର୍ଯ୍ୟକ୍ରମ, ସ୍ଥାନ: ଚାଉଁରପୁର ଗ୍ରାମ, ସମୟ : ସକାଳ ୯ଟା।
- ଜିଲା ପ୍ରଶାସନ ଆୟୋଜିତ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ଯୁଯୁମୁରା ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ କଂସ ମହାରାଜଙ୍କ ନଗର ପରିକ୍ରମା, ସ୍ଥାନ : ବୁଢ଼ାରଜା ଅଞ୍ଚଳ, ସମୟ : ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ : ଫୁଲଝରନ ସ୍ଥିତ ଡା. ଆଇଜାକ ସାନ୍ତ୍ରା ବାଳନିକେତନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ସମ୍ବଲପୁର ସେଲିବ୍ରିଟି କ୍ରିକେଟ ମ୍ୟାଚର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁରୀ ଧନୁଯାତ୍ରାର କଂସ ଦରବାରରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ସମୟ ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ବଲାଙ୍ଗୀର ଲୋକ ଉତ୍ସବ ପାଇଁ ମଞ୍ଚ ପୂଜା ଓ ସାଂସ୍କୃତିକ ଶୋଭାଯାତ୍ରା ଶୁଭାରମ୍ଭ, ସ୍ଥାନ: କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ବଲାଙ୍ଗୀର ଲୋକ ଉତ୍ସବ ଉଦ୍‌ଘାଟନୀ ସଭା, ସ୍ଥାନ: କୋଶଳ କଳା ମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- ଟୁସୁ ମିଳନ, ସ୍ଥାନ: ସେକ୍ଟର-୨ ଖରିଆବାହାଲ ବସ୍ତି, ସମୟ: ଅପରାହ୍ନ ୪ଟା।
- ମହିଳା ଭଲିବଲ ଚାମ୍ପିୟନଶିପ୍, ସ୍ଥାନ: ସେକ୍ଟର-୨୦ ରାଇଜିଂ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ହେମଗିର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼
- ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୟନ୍ତୀ ପାଳନ,ସ୍ଥାନ:ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼,ସମୟ: ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବି, ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ପଦ୍ମପୁର,ସମୟ:ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବ,ସ୍ଥାନ:ରାଣାପ୍ରତାପ ହାଇସ୍କୁଲ ପଡ଼ିଆ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।
- ପାର୍ବତୀ ଗିରିଙ୍କ ୧୦୦ତମ ଜୟନ୍ତୀ ପାଳନ, ସ୍ଥାନ:ହାଇସ୍କୁଲ ପଡିଆ, ବିଜେପୁର,ସମୟ:ପୂର୍ବାହ୍ନ ୧୦ଟା ୩୦।
- କୃଷକ ମାରଣ ନୀତି ବିରୋଧରେ ବିଜେଡିର ପ୍ରତିବାଦ ସଭା,ସ୍ଥାନ:ଗଙ୍ଗାଧର କଲ୍ୟାଣ ମଣ୍ଡପ, ବରପାଲି,ସମୟ:ପୂର୍ବାହ୍ନ ୧୧ଟା।
- ବିରାଟ ରାମଲୀଳା ମହୋତ୍ସବ,ସ୍ଥାନ: ଭେଡେନ,ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଜିଲା ସ୍ତରୀୟ ଯୁଗ୍ମ ଜନ ଶୁଣାଣୀ ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ,
- ସମୟ: ପୂର୍ବାହ୍ନ ୧୦ ଟା।
- କେସିଙ୍ଗା ମହାବିଦ୍ୟାଳୟର ୪୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ,ସ୍ଥାନ: ମହାବିଦ୍ୟାଳୟର ଖେଳପଡିଆ,ସମୟ: ପୂର୍ବାହ୍ନ ୧୦ ଟା।
- ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ଭବାନୀପାଟଣା ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟ,ସମୟ:ପୂର୍ବାହ୍ନ ୧୧।
- ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟରେ ଆଲୋଚନା ଚକ୍ର,ସ୍ଥାନ: ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ,ସମୟ:ପୂର୍ବାହ୍ନ ୧୧।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ କଣ୍ଟମାଳ, ସମୟ: ପୂର୍ବାହ୍ନ ୧୦ଟା।
- ନବମ ଗଡଜାତ ଲୋକ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆ ବୀରନରସିଂହପୁର, ହରଭଙ୍ଗା ବ୍ଲକ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ଉତ୍ସବ ପ୍ରଧାନପାଟ ୨୦୨୬ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ପ୍ରଧାନପାଟ ରୋଡ୍ ବଡବଗିଚା, ଅପରାହ୍ନ ୫ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ : ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର
- ସର୍ବଭାରତୀୟ ୩୭ତମ ଲାଲମନି କ୍ରିକ୍‌ଫେଷ୍ଟ -୨୦୨୬ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।
- ନବାହ ପାରାୟଣ, ସ୍ଥାନ: ମେଟାକାନି ମନ୍ଦିର, ଘିଚାପାଲି, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ୨୧ ତମ ପାତାଳୀ ଶ୍ରୀକ୍ଷେତ୍ର ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ପାତାଳି ଶ୍ରୀକ୍ଷେତ୍ର, କୋଟସମଲାଇ,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: କୁଡ଼ାପଡ଼ା, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନବନିଯୁକ୍ତ ବୀରମହାରାଜପୁର ବ୍ଲକ ବିଜେଡି ସଭାପତି ସୁରୁ ନାରାୟଣ ମହାକୁଡ଼ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାଙ୍କୁ ଦଳୀୟ ସମ୍ବର୍ଦ୍ଧନା, ସ୍ଥାନ: ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୩ଟା୩୦।

## ନୂଆପଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଡିଆଳ: ସମୟ ପୂର୍ବାହ୍ନ ୧୦ ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଖଡିଆଳ ବ୍ଲକ ଭୋଜପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ ଅପରାହ୍ନ ୩ ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି କର୍ମସ୍ଥାନରେ ପଞ୍ଚଗ୍ରହକୂଟ ସଂଘଟିତ ହେଉଥିବାରୁ କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ଭୁଲ୍ ବୁଝାମଣାରୁ ଲୋକସମ୍ପର୍କ କ୍ଷୁଣ୍ଣ ହେବ। ଦ୍ୱିଜା ନକ୍ଷତ୍ର ଏହାର ବିପରୀତ ସାମଗ୍ରିକ ଦୃଷ୍ଟିକୋଣରୁ ଶୁଭଫଳ ପାଇବେ। ନୂତନ ସମ୍ପର୍କ, ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ଓ ସମ୍ମାନିତ ହୋଇପାରନ୍ତି।

**ବୃଷ** — ଆଜି ଲାଭାଧିପ ଧନସ୍ଥାନସ୍ଥ ଯୋଗୁ ଆର୍ଥିକ ଉନ୍ନତି ସହିତ ଧାର୍ମିକ ବାତାବରଣର ସୁଯୋଗ ପ୍ରଦାନ କରିବେ। ମନୋରଞ୍ଜନରେ ଆଗ୍ରହୀ ହେବା ସହ ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କୌଣସି ଜିନିଷ ହଜାଇ ମନସ୍ତାପ କରିପାରନ୍ତି। ଯାତ୍ରାକାଳୀନ ସମସ୍ୟାର ସମ୍ମୁଖୀନ ହେବେ। ବ୍ୟବସାୟିକ ସ୍ଥିତି ଭଲ ରହିବ।

**ମିଥୁନ** — ଅଷ୍ଟମସ୍ଥ ଗ୍ରହମାନେ ବିଭିନ୍ନ ସମସ୍ୟା ସୃଷ୍ଟିକରି ବ୍ୟତିବ୍ୟସ୍ତ କରାଇପାରନ୍ତି। କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, କଳକାରଖାନା, ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ। ମନୋରଞ୍ଜନାଦି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣର ସୁଯୋଗ ମିଳିବ।

**କର୍କଟ** — ରାଶିପ୍ରତି ଏକାଧିକ ଗୁରୁଦୃଷ୍ଟି ଆପଣଙ୍କ କଥାର ଓଜନକୁ ବୃଦ୍ଧି କରିବ ଫଳରେ କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ବୃଦ୍ଧି ପାଇବ। ଅଶ୍ଳେଷା ନକ୍ଷତ୍ର କିନ୍ତୁ ଭାବପ୍ରବଣତା କିମ୍ବା ଅନ୍ୟମନସ୍କତା କାରଣରୁ ଭୁଲ୍ କରିପାରନ୍ତି। କରଜଦାତାଙ୍କ ଚାପରୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ସ୍ନାୟବିକ ଦୁର୍ବଳତା କିମ୍ବା ଆଣ୍ଠୁଗଣ୍ଠିରେ ଦରଜଜନିତ ପୀଡ଼ା ଅନୁଭବ କରିପାରନ୍ତି।

**ସିଂହ** — ଆଜିର ଦ୍ୱାଦଶାଧିପ ଚନ୍ଦ୍ର ଷଷ୍ଠସ୍ଥାନରେ ରହି ଆପଣଙ୍କ ଯାତ୍ରାରେ ଲକ୍ଷ୍ୟ ହାସଲ କରାଇବେ। ଆଶା କରିଥିବା ଦିଗରୁ ଅର୍ଥ, ସମ୍ମାନ ଓ ଅଭିଳଷିତ କାର୍ଯ୍ୟ ସମ୍ପନ୍ନ କରିବାରେ ଅସୁବିଧା ରହିବ ନାହିଁ। ଅସୁବିଧା ସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** — କର୍ମସ୍ଥାନରେ ଗୁରୁ ଏବଂ କୋଣସ୍ଥାନରେ ଗ୍ରହମାନେ ଥିବାରୁ କର୍ମକ୍ଷେତ୍ର, ବ୍ୟବସାୟ ଓ ଯାତ୍ରା ପାଇଁ ମନ୍ଦ ହେବନି। ପାରିବାରିକ କ୍ଷେତ୍ରରେ ମତାନ୍ତରଜନିତ ଅଶାନ୍ତି ସୃଷ୍ଟି ହେବ। ଦରକାରୀ କାଗଜପତ୍ର ଆବଶ୍ୟକ ସମୟରେ ନ ପାଇ ବ୍ୟସ୍ତ ହେବେ। ନୂତନ ମିତ୍ରତା ସୃଷ୍ଟି କରିପାରନ୍ତି। ପ୍ଲଟିଂ କାରବାର ସମସ୍ୟା ବିଜଡ଼ିତ ରହିପାରେ।

**ତୁଳା** — କେନ୍ଦ୍ର ଓ କୋଣଭାବସ୍ଥ ଗ୍ରହ ପ୍ରଭାବରେ ଆଶା ଓ କାମନା ଚରିତାର୍ଥ ହୋଇଯିବ। ଯାହା କରିବା ସକାଶେ ମନସ୍ଥ କରିଛନ୍ତି ଶୀଘ୍ର ଆରମ୍ଭ କରିଦେବା ଭଲ। ଆଜିର କର୍ମକ୍ଷେତ୍ରରେ ବିଜାତୀୟ ବ୍ୟକ୍ତିଙ୍କ ସହାୟତା ପାଇପାରନ୍ତି। ଗୃହସୀମା କିମ୍ବା ଘରଭଡ଼ାକୁ ନେଇ ବିବାଦ ହୋଇପାରେ। ନିଜ ଲୋକଙ୍କ ଅନାଦର ଭାବ ବ୍ୟଥିତ କରିପାରେ।

**ବିଛା** — ଶନିଙ୍କ ସ୍ଥିତିଜନିତ କିଛି ଆଶା ଓ ଆଶଙ୍କା ମଧ୍ୟରେ ମାନସିକ ସ୍ଥିତି ଦୋଦୁଲ୍ୟମାନ ଅବସ୍ଥାରେ ରହିବ। ଅଷ୍ଟମସ୍ଥ ବୃହସ୍ପତି ଯଦିଓ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ କିନ୍ତୁ ସହଜ ଓ ସୁବିଧାରେ ନୁହେଁ। ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାର ରହିବ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ।

**ଧନୁ** — ଧନଭାବରେ ଗ୍ରହଙ୍କ ଅବସ୍ଥାନ ଅର୍ଥ ସମ୍ପର୍କିତ ବିବାଦର କାରଣ ହେବ। ସଭାସମିତିରେ ବାକ୍ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ପାରିବାରିକ ସମସ୍ୟା ସମାଧାନର ରାସ୍ତା ବାହାର କରିନେବେ। ବାଣିଜ୍ୟ, ଆଇନ ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟଭ୍ରଷ୍ଟ ହେବେନାହିଁ। ନୂତନ ନିଯୁକ୍ତିର ସୁଯୋଗ ପାଇପାରନ୍ତି।

**ମକର** — ଚତୁର୍ଥାଧିପତି ରାଶିରେ ରହିଥିବାରୁ ଆଜି ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ପ୍ରକାଶନ, ସଂଗଠନ, ରାଜନୀତି, ପ୍ରତିଦ୍ୱନ୍ଦ୍ୱିତା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବ୍ୟବସାୟିକ ସଫଳତା ସନ୍ତୋଷଜନକ ହେବ ନାହିଁ।

**କୁମ୍ଭ** — ଦ୍ୱାଦଶସ୍ଥ ଗ୍ରହ ପ୍ରଭାବରେ ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଦୂରଯାତ୍ରା କରିପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ ଅସୁବିଧା ନ ହେଲେ ମଧ୍ୟ କେତେକ କାମ ଅଧାରେ ଅଟକି ଯାଇପାରେ। ଯାତ୍ରା, ବାଣିଜ୍ୟ, ଆଲୋଚନା କ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବାର ଆଶଙ୍କା ରହିଛି।

**ମୀନ** — ଆଜି ଚନ୍ଦ୍ର ସମେତ ଅନ୍ୟଗ୍ରହମାନେ ଏକାଦଶଭାବସ୍ଥ ଯୋଗୁ ସମସ୍ତ କାର୍ଯ୍ୟରେ ସିଦ୍ଧିଲାଭ କରିବେ। ପରିବାରର ଖର୍ଚ୍ଚ ବଢ଼ିବାରୁ ବ୍ୟସ୍ତ ହେବେ। ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ତିକ୍ତତା ଯୋଗୁ ମନ ଉଦାସ ରହିବ। କଳା, ସାହିତ୍ୟ, ସଙ୍ଗୀତ ଏବଂ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହୋଇପାରନ୍ତି।

ଆଜି ଜାନୁଆରୀ ୧୯ ତାରିଖ, ମାଘ ଶୁକ୍ଳ ପ୍ରତିପଦା ସୋମବାର। କଶ୍ମୀରୀ ପଣ୍ଡିତଙ୍କ ନିର୍ବାସନ ଦିବସ। ଦିବା ଘ.୧୧।୫୧ମି. ପର୍ଯ୍ୟନ୍ତ ଉତ୍ତରାଷାଢ଼ା/ମକର, ତତ୍ପରେ ଶ୍ରବଣା ନକ୍ଷତ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୭ମି. ଗତେ ଘ.୦୭।୫୦ମି. ମଧ୍ୟେ, ଘ.୧୦।୫୧ମି. ଗତେ ଘ.୦୧।୦୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୫୦ମି. ଗତେ ଘ.୦୯।୧୧ମି. ମଧ୍ୟେ ରାହୁ କାଳ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଓଷା କଲେ ବେଳ ବୁଡ଼**
**ଘର କଲେ ଭାଙ୍ଗେ ହାଡ଼ ।**

ଓଷା କରିବା ଲୋକ ଦିନତମାମ ନ ଖାଇ ନ ପିଇ ଆଉଟୁପାଉଟୁ ହେଉଥାଏ। ଠିକ୍ ସେହିପରି ଘର ତିଆରି କରିବାରେ କାମ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶରୀର ଏବଂ ମନକୁ ଅଶେଷ ଯନ୍ତ୍ରଣା ଭୋଗିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଷେଇତିର ମନ ନାହିଁ**
**ଘଣ୍ଟି ବଜାଉ କାହାପାଇଁ ?**

ପୂଜା ବା ଓଷା ବ୍ରତକୁ ଅତ୍ୟନ୍ତ ଭକ୍ତି ଓ ନିଷ୍ଠାର ସହ ପାଳନ କରାଯିବା ଉଚିତ। ଭକ୍ତିଭାବ ବିନା ଲୋକଦେଖାଣିଆ ପୂଜାବ୍ରତ କରିବାରେ ମୂଲ୍ୟ କିଛି ମିଳୁ ନ ଥିବା ବେଳେ ପୂଜା ପ୍ରତି ମନ ବଳାଇଥିବା ବ୍ୟକ୍ତିର ଅନାଗ୍ରହ ଭାବ ପ୍ରଦର୍ଶନ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ବେଆଇନ ବାଣ ତିଆରି ...

ସେଠୀ କହିଛନ୍ତି। ସୂଚନାନୁଯାୟୀ, ହାତୀଗଡ଼ାର ବୈକୁଣ୍ଠ ସାମଲ(୫୦) ନିଜ ଘରେ ଦୀର୍ଘଦିନ ହେବ ବେଆଇନ ଭାବେ ବାଣ ତିଆରି କରିଆସୁଥିଲେ। ବାହାଘର, ବ୍ରତଘର, ଖେଳ, ସଭାସମିତି ଆଦିରେ ସେ ଆବଶ୍ୟକ ବାଣ ଯୋଗାଇ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିଲେ। ତାଙ୍କ ନିକଟରେ ସୁରେଶ କାମ କରନ୍ତି। ରବିବାର ସେ ବାଣ ଭିଡୁଥିବାବେଳେ ଅପରାହ୍ନ ପ୍ରାୟ ୧ଟାରେ ବାରୁଦ ବିସ୍ଫୋରଣ ଯୋଗୁ ତାଙ୍କର ଜୀବନ ଯାଇଛି। ତାଙ୍କ ମୃତଦେହର କିଛି ଅଂଶ ରାସ୍ତାରେ ପଡ଼ିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଖବର ପାଇ ଘଟଣାସ୍ଥଳରେ ପୋଲିସ ଓ ଦମକଳବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିବା ସହ ନିଆଁକୁ ଆୟତ୍ତ କରିଥିଲେ। ବାରଙ୍ଗ ଅଗ୍ନିଶମ ଅଧିକାରୀ ପ୍ରକାଶ ପାତ୍ରଙ୍କ କହିବାନୁସାରେ, କେତେକ ଅଫୁଟା ବାଣକୁ ପାଣି ପକାଇ ନିଷ୍କ୍ରିୟ କରାଯାଇଥିଲା। ବିସ୍ଫୋରଣ ପ୍ରଭାବରେ ଘରର ବିଭିନ୍ନ ଅଂଶ ଏଣେତେଣେ ଛିଟିକି ପଡ଼ିଥିଲା। ସେହିପରି କଟକ ସଦର ଥାନା ଆଇଆଇସି ସେଠୀଙ୍କ ସହ ଜୋନ-୪ ଏସିପି ଶଶିକାନ୍ତ ରାଉତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି। ବାଣ ତିଆରିର ମୁଖ୍ୟ କାର୍ପଟଦାର ଫେରାର ଅଛନ୍ତି। ସେ ଧରାପଡ଼ିବା ପରେ ଅଧିକ ତଥ୍ୟ ମିଳିପାରିବ ବୋଲି ଆଇଆଇସି ସେଠୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସୁରେଶ ପୂର୍ବରୁ ଏକ ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରେଇଥିବାରୁ ନିଜ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ କାର୍ଯ୍ୟ କରିବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା। ତେଣୁ ସେ ବୈକୁଣ୍ଠଙ୍କ ପାଖରେ ଦୀର୍ଘଦିନ ହେବ ବାଣଭିଡ଼ି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ସ୍ତ୍ରୀ ଓ ଦୁଇଝିଅ ସହ ତାଙ୍କର ଚାରିଜଣ ସଦସ୍ୟ ଥିଲେ। ଘରର ଏକମାତ୍ର ରୋଜଗାରକ୍ଷମ ଥିଲେ ସୁରେଶ। ତାଙ୍କ ମୃତ୍ୟୁ ପରେ ପରିବାର ବେସାହାରା ହୋଇପଡ଼ିବା ସହ ତାଙ୍କ ପରିବାର ଚଳିବା କଷ୍ଟକର ହୋଇଯିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇବା ସହିତ ବୈକୁଣ୍ଠଙ୍କୁ ଗିରଫ କରି ତାଙ୍କଠାରୁ କ୍ଷତିପୂରଣ ଆଦାୟ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅପରପକ୍ଷରେ ବେଆଇନ ବାଣ ତିଆରି ସମ୍ପର୍କରେ ପୋଲିସ ପ୍ରଶାସନ ପାଖରେ ତଥ୍ୟ ନ ଥିଲା କି ଜାଣିଶୁଣି ବେଆଇନ ବାଣ ପ୍ରସ୍ତୁତିକୁ ସୁଯୋଗ ଦିଆଯାଉଥିଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

## ଆତଙ୍କବାଦୀଙ୍କୁ କ୍ରିପ୍ଟୋ ...

ଏକ ବିସ୍ତୃତ ଅଧ୍ୟୟନରେ ଜଣାପଡ଼ିଛି ଯେ, ଚାଇନା, ମାଲେସିଆ, ମ୍ୟାନ୍‌ମାର ଓ କାମ୍ବୋଡିଆରୁ କଶ୍ମୀରକୁ ହାୱଲା ଜରିଆରେ କ୍ରିପ୍ଟୋ ପାଣ୍ଠି ଆସୁଛି। ଯେପରି ନୋ ୟୋର କଷ୍ଟମର (କେୱାଇସି) ବା ପରିଚୟ ଯାଞ୍ଚର ଆବଶ୍ୟକତା ନ ପଡ଼ିବ, ସେଥିଲାଗି ଭର୍ଚୁଆଲ ପ୍ରାଇଭେଟ୍ ନେଟ୍‌ୱର୍କ (ଭିପିଏନ୍)କୁ ବ୍ୟବହାର କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଜମ୍ମୁ-କଶ୍ମୀର ପୋଲିସ ଆତଙ୍କବାଦୀଙ୍କ ପରିଚୟ ଚିହ୍ନଟକୁ ଫାଙ୍କିବା ପାଇଁ ଉଦ୍ଦିଷ୍ଟ ଭିପିଏନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେଇଛି। ଅଧିକାରୀମାନେ କହିଛନ୍ତି, ବିଦେଶୀ ହେଣ୍ଡଲରମାନେ ଏହି ପ୍ରାଇଭେଟ୍ ୱାଲେଟ୍‌ଗୁଡ଼ିକୁ ସିଧାସଳଖ କ୍ରିପ୍ଟୋକରେନ୍ସି ପଠାଉଛନ୍ତି। ଏପରି କି ୱାଲେଟ୍ ହେଣ୍ଡଲରମାନେ ଦିଲ୍ଲୀ ଓ ମୁମ୍ବାଇ ସମେତ ଦେଶର କେତେକ ସହରକୁ ଯାଇ ଅନିୟନ୍ତ୍ରିତ ପିଅର୍-ଟୁ-ପିଅର୍ (ପି୨ପି) ଟ୍ରେଡର୍ସଙ୍କୁ ଭେଟିବା ସହ କ୍ରିପ୍ଟୋ ବିକି ନଗଦ ଅର୍ଥ ସଂଗ୍ରହ କରୁଛନ୍ତି। ଗ୍ରେ ମାର୍କେଟ୍‌ରେ ଏହି କାରବାର ପରିଚାଳିତ ହେଉଛି। ଏଫ୍‌ଆଇୟୁର ତମାମ ଉଦ୍ୟମ ସତ୍ତ୍ୱେ ୨୦୨୪-୨୫ ଆର୍ଥିକବର୍ଷରେ ମାତ୍ର ୪୯ ଏକ୍ସଚେଞ୍ଜ ନିଜକୁ ବୈଧ ସଂସ୍ଥା ଦର୍ଶାଇ ପଞ୍ଜୀକୃତ କରାଇଥିଲେ। ତେଣୁ ଭାରତର ଡିଜିଟାଲ ଆସେଟ୍ ମାର୍କେଟରେ ବେଆଇନ କାର୍ଯ୍ୟକଳାପକୁ ବନ୍ଦ କରିବା ପାଇଁ ଗତ ୮ ତାରିଖରେ ଏଫ୍‌ଆଇୟୁ ପକ୍ଷରୁ କ୍ରିପ୍ଟୋ ନିୟମକୁ କଡ଼ାକଡ଼ି କରାଯାଇଛି। ଏଫ୍‌ଆଇୟୁ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜରେ ମନି ଲଣ୍ଡରିଂ ନିରୋଧୀ (ଏମ୍‌ଏମ୍‌ଏଲ୍) ଏବଂ କେୱାଇସି ପ୍ରୋଟୋକଲରେ ପରିବର୍ତ୍ତନ ଆଣି ନୂଆ ନିୟମ ଜାରି କରିଛି। ନୂଆ ଗାଇଡ୍‌ଲାଇନ୍ ଅନୁସାରେ କ୍ରିପ୍ଟୋ ଏକ୍ସଚେଞ୍ଜଗୁଡ଼ିକ ଭର୍ଚୁଆଲ ଆସେଟ୍ ଡିଭାଇସ୍ (ଭିଏଡି) ସର୍ଭିସ୍ ପ୍ରୋଭାଇଡର୍ସ ରୂପେ ପରିଚିତ ହେବେ। ସେଗୁଡ଼ିକ ପୂର୍ବଭଳି କେବଳ ସାଧାରଣ ଦସ୍ତାବିଜ ଅପ୍‌ଲୋଡ୍ କରିବା ପରିବର୍ତ୍ତେ ଅଧିକ ଦାୟିତ୍ୱସମ୍ପନ୍ନ ହୋଇ କାର୍ଯ୍ୟ କରିବେ। ସଫ୍ଟୱେର ଜରିଆରେ ୟୁଜର୍ସଙ୍କ ଉପସ୍ଥିତିକୁ ଯାଞ୍ଚ କରିବା ପାଇଁ ଲାଇଭ୍ ସେଲ୍ଫି ନେବାକୁ ପଡ଼ିବ। ସ୍ଥିର ଫଟୋ କିମ୍ବା ଡିପ୍‌ଫେକ୍‌ର ବ୍ୟବହାର ଏଡ଼ାଇବାରେ ଏହା ସହାୟକ ହେବ। ବ୍ୟବହାରକାରୀ ଏକ ଆକାଉଣ୍ଟ ତିଆରି ଆରମ୍ଭ କରିବା ମାତ୍ରେ ଏକ୍ସଚେଞ୍ଜଗୁଡ଼ିକ ତାରିଖ, ଟାଇମ୍‌ଷ୍ଟାମ୍ପ ଏବଂ ଆଇପି ଆଡ୍ରେସ୍ ରେକର୍ଡ କରିବା ଜରୁରୀ। ସେହିପରି ୟୁଜର୍ସଙ୍କୁ ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍) ସହ ଏକ ପାସ୍‌ପୋର୍ଟ, ଆଧାର କିମ୍ବା ଭୋଟର ଆଇଡି ଭଳି ଅତିରିକ୍ତ ପରିଚୟପତ୍ର ଦାଖଲ କରିବାକୁ ପଡ଼ିବ। ଓଟିପି ଭେରିଫିକେଶନ୍ ପାଇଁ ଇ-ମେଲ୍ ଆଇଡି ଏବଂ ଫୋନ୍ ନମ୍ବର ଦେବାକୁ ପଡ଼ିବ। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ଏଫ୍‌ଆଇୟୁ ପକ୍ଷରୁ ୟୁଜର୍ସଙ୍କ ପାଇଁ ଲାଇଭ୍ ସେଲ୍ଫି ଓ ଜିଓଟ୍ୟାଗିଂକୁ ବାଧ୍ୟତାମୂଳକ କରାଯାଇଛି।

## ଶୀତ, କୁହୁଡ଼ି ଭିତରେ...

ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ଅନୁଗୋଳ ଏବଂ ଝାରସୁଗୁଡା ଜିଲାରେ ପ୍ରବଳ ଥଣ୍ଡା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିପରି କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ, ସୁନ୍ଦରଗଡ଼, ଝାରସୁଗୁଡା, ଅନୁଗୋଳ, ଢେଙ୍କାନାଳ ଏବଂ କନ୍ଧମାଳ ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ହେବା ନେଇ ସତର୍କ କରାଯାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ଏବଂ ବୁଧବାର ଦୁଇଦିନ ପାଇଁ କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ କଳାହାଣ୍ଡି ଜିଲାରେ କୁହୁଡି ନେଇ ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ଘଣ୍ଟାରେ ରାଜ୍ୟର ୧୪ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨.୮ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ସିମିଳିଗୁଡା ୪.୪ ଡିଗ୍ରୀ, ଫୁଲବାଣୀ ୫.୮ ଡିଗ୍ରୀ, ରାଉରକେଲା ୬ ଡିଗ୍ରୀ, ଝାରସୁଗୁଡା ୬.୮ ଡିଗ୍ରୀ, ବଲାଙ୍ଗୀର ଓ ଚିପିଲିମା ୮ ଡିଗ୍ରୀ, କିରେଇ ୮.୫ ଡିଗ୍ରୀ, ଅନୁଗୋଳ ୮.୮ ଡିଗ୍ରୀ, ଭବାନୀପାଟଣା ୮.୯ ଡିଗ୍ରୀ, ସୁନ୍ଦରଗଡ଼ ୯.୨ ଡିଗ୍ରୀ, କେନ୍ଦୁଝର ୯.୨ ଡିଗ୍ରୀ, କୋରାପୁଟ ୯.୮ ଡିଗ୍ରୀ ଏବଂ ଢେଙ୍କାନାଳରେ ସର୍ବନିମ୍ନ ତାପମାତ୍ରା ୯.୮ ଡିଗ୍ରୀ ରହିଥିଲା।

## ଗାଜା ଶାନ୍ତି ବୋର୍ଡ...

ପାକିସ୍ତାନକୁ ମଧ୍ୟ ଡକାଯାଇଥିବା ଇସ୍‌ଲାମାବାଦ ସୂତ୍ରରୁ ପ୍ରକାଶ। ତେବେ ଗାଜାର ଭବିଷ୍ୟତ ଯୋଜନା ପାଇଁ ପାକିସ୍ତାନର ସମ୍ଭାବ୍ୟ ଭୂମିକାକୁ ଇସ୍ରାଏଲ ଗ୍ରହଣୀୟ ନୁହେଁ ବୋଲି ବିଚାର କରୁଛି। ଭବିଷ୍ୟତରେ ବୈଶ୍ୱିକ ଯୁଦ୍ଧର ସମାଧାନ ପାଇଁ ଟ୍ରମ୍ପଙ୍କ ୨୦-ସୂତ୍ରୀ ଶାନ୍ତି ଯୋଜନା ଅଧୀନରେ ପିସ୍ ବୋର୍ଡର ପରିକଳ୍ପନା କରାଯାଇଛି। ଏଥିରେ ଯୋଗଦେବା ନିମନ୍ତେ ଉଭୟ ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ପାଇଁ ଭାରତ ହେଉଛି ଏକ ଗ୍ରହଣୀୟ ଦେଶ। କାରଣ ଇସ୍ରାଏଲ୍ ସହ ନୂଆଦିଲ୍ଲୀର ରଣନୈତିକ ସହଭାଗିତା ରହିଥିବାବେଳେ ଗାଜାକୁ ମଧ୍ୟ ଭାରତ ନିୟମିତ ମାନବୀୟ ସହାୟତା ପ୍ରେରଣ କରିଥିଲା। ସଂଘର୍ଷ ପରେ ଗାଜାକୁ ମାନବୀୟ ସହାୟତା ପଠାଇଥିବା ଅଗ୍ରଣୀ ଦେଶଗୁଡ଼ିକ ମଧ୍ୟରେ ଭାରତ ରହିଛି। ତେବେ ଗାଜାକୁ ନେଇ ଭବିଷ୍ୟତରେ କୌଣସି ଯୋଜନାରେ ପାକିସ୍ତାନର ଭୂମିକାକୁ ଗ୍ରହଣ କରାଯିବ ନାହିଁ ବୋଲି ଭାରତରେ ଅବସ୍ଥାପିତ ଇସ୍ରାଏଲର ରାଷ୍ଟ୍ରଦୂତ ରୁଭେନ୍ ଅଜର କହିଛନ୍ତି।

ଜାନୁଆରୀ ୧୫ରେ ଗଠନ କରାଯାଇଥିବା ଉକ୍ତ ବୋର୍ଡ ଗାଜା ପାଇଁ ଟ୍ରମ୍ପଙ୍କ ୨୦-ସୂତ୍ରୀ ଶାନ୍ତି ଯୋଜନାର ଏକ ଅଂଶବିଶେଷ, ଯାହାକି ଭବିଷ୍ୟତରେ ବିଶ୍ୱର ଅନ୍ୟ ଯୁଦ୍ଧଗୁଡ଼ିକର ସମାଧାନରେ ସହାୟକ ହୋଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷେ ଟ୍ରମ୍ପଙ୍କ ନିମନ୍ତ୍ରଣ ପାଇବା ପରେ ଅନେକ ଦେଶର ସରକାର ସତର୍କତା ସହ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏଭଳି ପ୍ରସ୍ତାବକୁ କାର୍ଯ୍ୟକାରୀ କରାଗଲେ ଜାତିସଂଘର କାର୍ଯ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ ବୋଲି କୂଟନୈତିକମାନେ ମତ ଦେଉଛନ୍ତି। କେବଳ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ହଙ୍ଗେରି ପ୍ରଧାନମନ୍ତ୍ରୀ ଭିକ୍ଟର ଓର୍ବାନ୍ ଉକ୍ତ ବୋର୍ଡରେ ଯୋଗଦେବା ପାଇଁ ନିମନ୍ତ୍ରଣକୁ ଗ୍ରହଣ କରିଛନ୍ତି। ଅନ୍ୟ ୫୯ ଦେଶ ଏହା ଉପରେ ମତାମତ ଦେବାକୁ କୁଣ୍ଠାବୋଧ କରିଛନ୍ତି। ଭାରତ ନିମନ୍ତ୍ରଣ ପାଇଥିବା ନେଇ ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ ସୂଚନା ଦେଇଛନ୍ତି। ଜୋର୍ଡାନ, ଗ୍ରୀସ୍, ସାଇପ୍ରସ୍ ମଧ୍ୟ ଅନୁରୂପ ନିମନ୍ତ୍ରଣ ପାଇଥିବା କହିଛନ୍ତି। କାନାଡା, ତୁର୍କୀ, ଇଜିପ୍ଟ, ପାରାଗୁଏ, ଆର୍ଜେଣ୍ଟିନା ଓ ଅଲ୍‌ବାନିଆକୁ ମଧ୍ୟ ନିମନ୍ତ୍ରଣ କରାଯାଇଥିବା ଜଣାପଡ଼ିଛି।

୬୦ ଦେଶକୁ ନିମନ୍ତ୍ରଣ ପଠାଯାଇଥିବାବେଳେ ସୁଇଜରଲାଣ୍ଡର ଡାଭୋସ୍‌ରେ ସୋମବାର ଆରମ୍ଭ ହେବାକୁ ଥିବା ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ରେ ନିମନ୍ତ୍ରିତ ରାଷ୍ଟ୍ରଗୁଡ଼ିକର ସମ୍ପୂର୍ଣ୍ଣ ତାଲିକା ଆମେରିକା ପକ୍ଷରୁ ପ୍ରକାଶ କରାଯାଇପାରେ। ଟ୍ରମ୍ପ ଅଧ୍ୟକ୍ଷତା କରିବାକୁ ଥିବା ଉକ୍ତ ବୋର୍ଡର ସ୍ଥାୟୀ ସଦସ୍ୟ ହେବା ପାଇଁ ରାଷ୍ଟ୍ରଗୁଡ଼ିକୁ ୧ ବିଲିୟନ୍ ଡଲାର ଚାନ୍ଦା ଦେବାକୁ ପଡ଼ିବ। ସେହି ଅର୍ଥରେ ଗାଜା ପୁନଃ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ଆମେରିକାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# 'କୃଷିରେ କଳାହାଣ୍ଡି ହେବ ୧ ନମ୍ବର'



■ କଳାହାଣ୍ଡି ଘୁମୁରା ମହୋତ୍ସବ ଅବସରରେ ୮୯୧.୩୯ କୋଟିର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ

■ କଳାହାଣ୍ଡି ସ୍ୱାଭିମାନର ପ୍ରତୀକ ଶହୀଦ ରେଣ୍ଡୋ ମାଝୀ

ଭୁବନେଶ୍ୱର,୧୮।୧(ରବିନାରାୟଣ ଜେନା)

କୃଷି କ୍ଷେତ୍ରରେ କଳାହାଣ୍ଡିକୁ ରାଜ୍ୟରେ ଏକ ନମ୍ବର କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର କଳାହାଣ୍ଡି ଘୁମୁରା ମହୋତ୍ସବ-୨୦୨୬ ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଜିଲା ପାଇଁ ୮୯୧.୩୯ କୋଟି ଟଙ୍କାର ୩୬୧୨ଟି ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୧୯୩.୩୬ କୋଟି ଟଙ୍କାର ୯୭୧ଟି ପ୍ରକଳ୍ପର ଉଦ୍‌ଘାଟନ ଓ ୬୯୮.୩ କୋଟି ଟଙ୍କା ମୂଲ୍ୟର ୨୬୪୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ରହିଛି। ଏହିସବୁ ପ୍ରକଳ୍ପଗୁଡ଼ିକ କଳାହାଣ୍ଡିର ବିକାଶକୁ ଆହୁରି ଗତିଶୀଳ କରାଇବ ବୋଲି ସେ କହିଥିଲେ।

ଏହି ଅବସରରେ ଜିଲାରେ ଉତେଇ ରାଉଳ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏଥିପାଇଁ ୩,୩୨୫ କୋଟି ଟଙ୍କା ବିନିଯୋଗ ହେବ। ଏହାକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିଛି ଏବଂ ଏହା ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିସହିତ କଳାହାଣ୍ଡିରୁ ନବରଙ୍ଗପୁର ପର୍ଯ୍ୟନ୍ତ ଅଞ୍ଚଳକୁ କପା ଉତ୍ପାଦନ କ୍ଲଷ୍ଟର୍ ଭାବେ ପରିଣତ କରାଯିବ। ଜିଲାର ବେଲଗାମ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବା ସହିତ ସାଣ୍ଡୁଲ ବ୍ୟାରେଜ୍ କାମ ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ଭବାନୀପାଟଣାଠାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବର୍ତ୍ତମାନର ସରକାର ହେଉଛି ଲୋକଙ୍କ ସରକାର। ସମସ୍ତଙ୍କ ବିକାଶ ଓ କଲ୍ୟାଣ ପାଇଁ ଉଦ୍ୟମ ଜାରି ରହିଛି। ରାଜ୍ୟ ସରକାର କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅନେକ କୃଷକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଧାନରେ ୮୦୦ ଟଙ୍କା ଇନପୁଟ୍ ସହାୟତା, ପିଏମ୍ କିଷାନ ଓ ସିଏମ୍ କିଷାନରେ ୧୦ ହଜାର ଟଙ୍କା, ସୁଭଦ୍ରା ଯୋଜନା ଏବଂ ଅନ୍ୟାନ୍ୟ ଯୋଜନାର ସହାୟତା ମିଶାଇଲେ ଗୋଟିଏ କୃଷକ ପରିବାର ବର୍ଷକୁ ପ୍ରାୟ ୭୧ ହଜାର ଟଙ୍କା ଅଧିକ ରୋଜଗାର କରୁଛି। ଚାଷୀ ଏବେ ପୁଣି ବିଲକୁ ଫେରିଛି। ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଗତବର୍ଷ କଳାହାଣ୍ଡିରେ ୧,୧୨,୦୦୦ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଚଳିତବର୍ଷ ୧,୨୧,୦୦୦ ଚାଷୀ ପଞ୍ଜୀକରଣ କରିଛନ୍ତି। କେନ୍ଦ୍ର ସରକାର ମଧ୍ୟ ୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠେଇବା ପାଇଁ ପ୍ରସ୍ତୁତ ଅଛନ୍ତି। ରାଜ୍ୟ ସରକାର ଛୋଟ ବଡ଼ ସମସ୍ତ ଚାଷୀଙ୍କଠାରୁ ଧାନ ସଂଗ୍ରହ ପାଇଁ ବ୍ୟବସ୍ଥା କରୁଛନ୍ତି। ସମସ୍ତଙ୍କ ସହଯୋଗରେ ସବୁ ସମସ୍ୟାର ସମାଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୁମୁରା-୨୦୨୬ର ସ୍ୱତନ୍ତ୍ର ସ୍ମରଣିକା 'କଳାଝରଣ' ଉନ୍ମୋଚନ କରିବା ସହିତ ରେଣ୍ଡୋ ମାଝୀ କଳାହାଣ୍ଡିର ସ୍ୱାଭିମାନର ପ୍ରତୀକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ କହିଥିଲେ ଯେ, କଳାହାଣ୍ଡି ହେଉଛି ଐତିହ୍ୟ, କଳା, ସଂସ୍କୃତିର ମାଟି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କଳାହାଣ୍ଡି ଆଜି ବିକାଶ ପଥରେ ଅଗ୍ରସର ହେଉଛି। ୨୦୩୬ ସୁଦ୍ଧା କଳାହାଣ୍ଡି ଯେପରି ରାଜ୍ୟର ଶ୍ରେଷ୍ଠ ଜିଲାରେ ପରିଣତ ହେବ, ସେଥିପାଇଁ ସମସ୍ତେ ମିଳିମିଶି ଉଦ୍ୟମ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟ ସଭା ସାଂସଦ ସୁଜିତ କୁମାର, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ଜୁନାଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଓ ନର୍ଲା ବିଧାୟିକା ମନୋରମା ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ବାର୍ଡ ଫ୍ଲୁ ପାଇଁ ୨୦୨୨ ୟୁନିଟ୍ ରକ୍ତ, ମଳ ସଂଗ୍ରହ

■ ଜାତୀୟ ଉଦ୍ୟାନରେ ବହିରାଗତ ପକ୍ଷୀଙ୍କ ସମାବେଶ

କେନ୍ଦ୍ରାପଡ଼ା,୧୮।୧(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜନଗରସ୍ଥିତ ଜାତୀୟ ଉଦ୍ୟାନ ଭିତରକନିକାରେ ଦେଶୀ ବିଦେଶୀ ପକ୍ଷୀଙ୍କ ସମାବେଶ ହୋଇଛି। ବନ ବିଭାଗ ପକ୍ଷରୁ ପକ୍ଷୀଙ୍କ ସଂଖ୍ୟା ଗଣନା ରବିବାରଠାରୁ ଆରମ୍ଭ ହୋଇଛି। ବିଦେଶାଗତ ପକ୍ଷୀଙ୍କ ସମାବେଶ ହେତୁ ରାଜନଗର ବନ ବିଭାଗ ଓ ଜିଲା ପ୍ରାଣିଧନ ବିଭାଗ ପକ୍ଷରୁ ବାର୍ଡ ଫ୍ଲୁ ପ୍ରତି ସତର୍କତା ଅବଲମ୍ବନ କରାଯାଇଛି। ଭିତରକନିକା ଅଞ୍ଚଳର ପକ୍ଷୀ ଓ ଜିଲା ମଧ୍ୟରୁ କୁକୁଡ଼ା ଫାର୍ମ, ଗୃହପାଳିତ ପକ୍ଷୀଙ୍କ ୨୦୨୨ ୟୁନିଟ୍ ମଳ ଓ ରକ୍ତ ନମୁନା ଅଦ୍ୟାବଧି ସଂଗ୍ରହ କରାଯାଇଛି। ସେହିପରି ପ୍ରାଣିଧନ ବିଭାଗ ପକ୍ଷରୁ ଜିଲାର ୯ ବ୍ଲକ ଅଞ୍ଚଳରେ ରାପିଡ ରେସପନ୍ସ ଟିମ୍ ସହ ୪୦ରୁ ଊର୍ଦ୍ଧ୍ୱ କୁକୁଡ଼ା ଫାର୍ମ ମାଲିକଙ୍କୁ ଅସୁସ୍ଥ ଚିହ୍ନଟ ସମ୍ପର୍କରେ ଜାଣିବା ପାଇଁ ତାଲିମ ପ୍ରଦାନ କରାଯାଇଛି। କୁଆ, ବତକ, ବିଦେଶାଗତ ପାରା, କୁକୁଡ଼ା ଆଦି ପକ୍ଷୀ ବାର୍ଡ ଫ୍ଲୁର ବାହକ ହୋଇଥିବା ବେଳେ ଲକ୍ଷଣ ଦେଖିଲେ ୪୮ ଘଣ୍ଟା ମଧ୍ୟରେ ଡାକ୍ତରଙ୍କ ସହ ପରାମର୍ଶ ଜରୁରୀ ବୋଲି ସିଡିଭିଓ ଡା. ମନୋଜ କୁମାର ପଟ୍ଟନାୟକ ଓ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି।

ଏ ସମ୍ପର୍କରେ ଏଡିଏମ୍‌ଓ ଡା. ମିଶ୍ର କହିଛନ୍ତି, ବାର୍ଡ ଫ୍ଲୁପାଇଁ ଏଚ୍ ୫ ଏନ୍ ୧ ଭୂତାଣୁ ଦାୟୀ। ଏହି ରୋଗ ସଂକ୍ରମିତ ହେଲେ ବହୁ ପକ୍ଷୀଙ୍କ ମୃତ୍ୟୁ ହୁଏ। ପକ୍ଷୀଙ୍କ ସହ ମିଳାମିଶା କରୁଥିବା ଲୋକ ଏଥିରେ ସଂକ୍ରମିତ ହେବା ବହୁବାର ଦେଖିବାକୁ ମିଳିଛି। ସେହିପରି ସିଡିଭିଓ ପଟ୍ଟନାୟକ କହିଛନ୍ତି, ବିଭାଗ ପକ୍ଷରୁ ୯ଟି ରାପିଡ ରେସପନ୍ସ ଟିମ୍ ଗଠନ କରାଯାଇଛି। ଇତିମଧ୍ୟରେ ଏହି ଟିମ୍ ୪୦ରୁ ଊର୍ଦ୍ଧ୍ୱ କୁକୁଡ଼ା ଫାର୍ମ ମାଲିକଙ୍କୁ ସଚେତନତା ସହ ତାଲିମ ପ୍ରଦାନ କରାଯାଇଛି। ଏଥିସହ ଭିତରକନିକା ସମେତ ଜିଲାର ଅନ୍ୟସ୍ଥାନରେ ପକ୍ଷୀଙ୍କ ମଳ ଓ ରକ୍ତର ନମୁନା ସଂଗ୍ରହ କରାଯାଇ କଟକସ୍ଥ ଏଡିଆଇ (ଆନିମଲ ଡିଜିଜ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ)କୁ ପଠାଯାଇଛି ବୋଲି ପଟ୍ଟନାୟକ କହିଛନ୍ତି।



ଭଦ୍ରକ ଜିଲା ମହୋତ୍ସବ 'ଭଦ୍ରାୟଣୀ'ରେ ଧରିତ୍ରୀ ଷ୍ଟଲ୍ ଉଦ୍‌ଘାଟନ ଅବସରରେ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଅଶୋକ ଦାସ, ବ୍ୟୋମକେଶ ରାୟ, ସଞ୍ଜୀବ ମଲ୍ଲିକ ଓ ଜିଲାପାଳ ଦିଲୀପ ରାଉତରାଏ।

# କୋଟିଆ ବିବାଦ ସମାଧାନ କରିବାକୁ ଅଣ୍ଟା ଭିଡ଼ିଲା ଡିପିବିପି

■ ଆନ୍ଧ୍ର-ଓଡ଼ିଶାର ୬ ଜିଲାର ସଭାପତି, କର୍ମକର୍ତ୍ତା ସାମିଲ ହେବାକୁ ଆହ୍ୱାନ

■ ୨ ରାଜ୍ୟର ୬୪ ବ୍ଲକ୍‌କୁ ନେଇ ସ୍ୱତନ୍ତ୍ର ରାଜ୍ୟ ଗଠନ ଲକ୍ଷ୍ୟ


ପଟ୍ଟାଙ୍ଗି,୧୮।୧(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ମାଲିପୁଟ ପଞ୍ଚାୟତ ଅଧୀନ କୁନ୍ଦୁଲି ସାପ୍ତାହିକ ହାଟସ୍ଥିତ କମ୍ୟୁନିଟି ହଲ୍‌ରେ ଦଣ୍ଡକାରଣ୍ୟ ପର୍ବତ ବିକାଶ ପରିଷଦ(ଡିପିବିପି) ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିପିବିପି ରାଜ୍ୟ ସଭାପତି ତଥା ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀଙ୍କ ସଭାପତିତ୍ୱରେ ଓଡ଼ିଶା-ଆନ୍ଧ୍ରର ୬ ଜିଲାର ସଭାପତି ଓ ପରିଷଦର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ ଆନ୍ଧ୍ରର ପାଡେରୁ ଓ ପାର୍ବତୀପୁରମ୍ ମାନ୍ୟାମ ଜିଲା ସଭାପତିଙ୍କ ସହ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ଜିଲା ସଭାପତି ଓ କର୍ମକର୍ତ୍ତା କୋଟିଆ ପଞ୍ଚାୟତରେ ଫେବୃଆରୀ ୪ରେ ଏକତ୍ର ହୋଇ ପଞ୍ଚାୟତର ବିବାଦ ସମାଧାନ ହେବା ନେଇ ବିସ୍ତୃତ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବାକୁ ଜିଲା ସଭାପତି ଓ କର୍ମକର୍ତ୍ତାମାନଙ୍କୁ ସୂଚନା ଦିଆଯାଇଛି। ୧୯୬୧-୬୨ରୁ ଚାଲିଥିବା ଏହି ସୀମା ବିବାଦର ସମାଧାନ କରିବା ନେଇ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇପାରୁ ନାହିଁ। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ରହିଛି। ଆନ୍ଧ୍ରରେ ମଧ୍ୟ ମିଳିତ ସରକାର ଥିଲେ ସୁଦ୍ଧା କୋଟିଆ ବିବାଦ ସମାଧାନ ହୋଇପାରୁ ନାହିଁ। ଏଥିଯୋଗୁ ଆଦିବାସୀମାନେ ନିର୍ଯାତିତ ହେବା ସହ ସରକାରଙ୍କ ଯୋଜନାରୁ ଠିକ୍ ସହାୟତା ପାଇ ପାରୁନାହାନ୍ତି। ଏହି ସ୍ଥିତିରେ ଦଣ୍ଡକାରଣ୍ୟ ପର୍ବତ ବିକାଶ ପରିଷଦ ଏହାର ସମାଧାନ ବାଟ ବାହାର କରିପାରିବ ବୋଲି ରାଜ୍ୟ ସଭାପତି ପାଙ୍ଗୀ କହିଛନ୍ତି। ୨ ରାଜ୍ୟର ୬୪ ବ୍ଲକ୍‌କୁ ନେଇ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବା ପରିଷଦର ମୂଳ ଲକ୍ଷ୍ୟ। ଏଥିପାଇଁ ଏକ ଦାବିପତ୍ର ପ୍ରସ୍ତୁତ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କୋରାପୁଟ ଜିଲାପାଳଙ୍କୁ ପ୍ରଦାନ କରାଯିବ। ଏହାପରେ ଅନ୍ୟ ଜିଲାଗୁଡ଼ିକରେ ମଧ୍ୟ ପରିଷଦ ପକ୍ଷରୁ ଅନୁରୂପ ଦାବିପତ୍ର ପ୍ରଦାନ କରିବାକୁ ଆଲୋଚନା ହୋଇଥିଲା। ୨୦୧୧ ଜନଗଣନା ତଥ୍ୟ ଅନୁସାରେ ଏହି ୬ ଜିଲାରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ରହିଥିବାରୁ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାରେ କୌଣସି ସମସ୍ୟା ନାହିଁ ବୋଲି ବୈଠକରେ କୁହାଯାଇଛି। ସ୍ୱତନ୍ତ୍ର ରାଜ୍ୟ ଗଠନ ନ ହେବା ଯାଏ ଏହି ପରିଷଦର ସଂଗ୍ରାମ ଜାରି ରହିବ ବୋଲି କର୍ମକର୍ତ୍ତାଙ୍କୁ ବୁଝାଇଥିଲେ। କୋଟିଆ ପଞ୍ଚାୟତରେ ହେବାକୁ ଥିବା ସମାବେଶରେ ୬ ଜିଲାର ସମସ୍ତ ବ୍ଲକରୁ ସଭାପତି ଓ ଅନ୍ୟ କର୍ମକର୍ତ୍ତା ଯୋଗଦେଇପାରିବା ନେଇ ଜିଲା ସଭାପତିମାନେ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ରାଜ୍ୟ ସଙ୍ଗଠକ ରାଜୁ ନାୟକ, ମାଲକାନଗିରି ଜିଲାରୁ ଲଳିତ ମାଡକାମୀ, ସୋମନାଥ ଖରା, କୋରାପୁଟ ଜିଲା ଆଦିବାସୀ ସଭାପତି ରଞ୍ଜିତ ପାଙ୍ଗୀ, ରାଜ୍ୟ ଉପସଭାପତି ଚେଟି ଗଙ୍ଗାଧର ସ୍ୱାମୀ ଓ ଅନେକ ପଦାଧିକାରୀ ଉପସ୍ଥିତ ଥିଲେ।

# ୧୦ ମାସ ଶିଶୁ ଶ୍ୱାସନଳୀରୁ ବାହାରିଲା ଏଲ୍‌ଇଡି ଧାତବ

ଭୁବନେଶ୍ୱର,୧୮।୧(ଅନୁରାଧା)

ଏଲ୍‌ଇଡି ସଂଯୁକ୍ତ ଖେଳନାରେ ଖେଳୁଥିଲା ୧୦ ମାସର ଶିଶୁ। ଭୁଲ୍ ବଶତଃ ଅଜାଣତରେ ନାକରେ ପଶିଯାଇଥିଲା ଏଲ୍‌ଇଡିର ଧାତବ ଅଂଶ। ଫଳରେ ଶିଶୁଟିକୁ ଶ୍ୱାସକ୍ରିୟା ନେବାରେ ଗୁରୁତର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏପରି ଜରୁରୀକାଳୀନ ପରିସ୍ଥିତିରେ ଶିଶୁଟିକୁ ଭୁବନେଶ୍ୱରସ୍ଥିତ କିମ୍ସ




ହସପିଟାଲରେ ଭର୍ତ୍ତି କରାଯାଇଥିଲା। ଏଲଇଡି ଧାତବ ଖେଳଣାଟି ତୀକ୍ଷ୍ଣ ଧାରଯୁକ୍ତ ହୋଇଥିବାରୁ ଆଭ୍ୟନ୍ତରୀଣ ଆଘାତଜନିତ କ୍ଷତର ବିପଦ ସୃଷ୍ଟି କରିଥିଲା। କିମ୍ସରେ ପହଞ୍ଚିବା ପରେ ଡାକ୍ତରମାନେ ଶିଶୁଟିର ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ତୁରନ୍ତ ଚିକିତ୍ସା ଆରମ୍ଭ କରିଥିଲେ। ବିଶିଷ୍ଟ ପଲମୋନୋଲୋଜିଷ୍ଟ ଡା. ଦେବାଶିଷ ବେହେରା ଉନ୍ନତ ବ୍ରୋଙ୍କୋସ୍କୋପି ପ୍ରକ୍ରିୟା ବ୍ୟବହାର କରି ସଫଳତାର ସହ ଶିଶୁର ଶ୍ୱାସନଳୀରୁ ଧାତବ ଏଲଇଡି ପଦାର୍ଥକୁ ବାହାର କରିବାରେ ସଫଳ ହୋଇଥିଲେ। ଡା. ଅମିତ ପ୍ରଧାନ ଓ ତାଙ୍କ ଆନାସ୍ଥେସିଆ ଦଳ ଏଥିରେ ସହଯୋଗ କରିଥିଲେ। କିମ୍ସର ଇଣ୍ଟେନ୍ସିଭିଷ୍ଟ ଡା. ବନ୍ଧ୍ୟା ସାହୁ, ଡା. ରେଶମି ମିଶ୍ର ଓ ଡା. ମୁକେଶ କୁମାର ଜୈନଙ୍କ ମିଳିତ ଉଦ୍ୟମରେ ଶିଶୁଟିର ସଫଳ ଚିକିତ୍ସା କରାଯାଇଥିବାବେଳେ ସେ ସୁସ୍ଥ ଥିବା କିମ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# 'ଭିବି ଜି-ରାମ୍ ଜି'ଦେଶର ଗରିବଙ୍କ ପାଇଁ ଅଭିଶାପ: କଂଗ୍ରେସ

**ଆଜି ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ସତ୍ୟାଗ୍ରହ**

ଭୁବନେଶ୍ୱର,୧୮।୧(ରବିନାରାୟଣ ଜେନା)

କେନ୍ଦ୍ର ସରକାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)କୁ ବିକୃତ କରି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମକୁ ଏହି ଯୋଜନାରୁ ବାଦ୍ ଦେଇଛନ୍ତି। ଏହା ସହିତ ଗତ ସଂସଦ ଅଧିବେଶନରେ ଯେଉଁ ନୂତନ ଯୋଜନା 'ଭିବି ଜି-ରାମ ଜି' ଆଣିଛନ୍ତି ତାହା ଦେଶର ଗରିବଙ୍କ ପାଇଁ ଅଭିଶାପ ବୋଲି ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ କହିଛନ୍ତି। କଂଗ୍ରେସଭବନରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୁଦର୍ଶନ ଓ ସମ୍ପାଦକ ବିଜୟ ପ୍ରଧାନ କହିଛନ୍ତି, କେନ୍ଦ୍ର ସରକାରଙ୍କ ଏହି ଶ୍ରମିକ ମାରଣ ନୀତିକୁ ନେଇ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ତରଫରୁ ସୋମବାର ଲୋୟର ପିଏମ୍‌ଜିଠାରେ ଏମ୍‌ଜିଏନ୍‌ଆରଇଜିଏସ୍ ବଞ୍ଚାଅ ସତ୍ୟାଗ୍ରହ ଅନୁଷ୍ଠିତ ହେବ।

ସୁଦର୍ଶନ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ପ୍ରମୁଖ ବାର୍ତ୍ତା ଥିଲା, ଗାଁ ସଶକ୍ତ ହେଲେ ଦେଶ ସଶକ୍ତ ହେବ। ସେଥିପାଇଁ, ୨୦୦୫ରେ ତତ୍କାଳୀନ ମନମୋହନ ସରକାର ଗ୍ରାମର ଲୋକଙ୍କୁ ନିଯୁକ୍ତି ଦେବା ଏବଂ ସେମାନଙ୍କର ରୋଜଗାରକୁ ବୃଦ୍ଧି କରିବା ପାଇଁ ଏହି ଆଇନ ପ୍ରଣୟନ କରିଥିଲେ। ଆଇନରେ କେନ୍ଦ୍ର ସରକାର ୯୦% ଆର୍ଥିକ ସହାୟତା ରାଜ୍ୟକୁ ଦେଉଥିଲେ ଏବଂ ରାଜ୍ୟ ୧୦% ବିନିଯୋଗ କରୁଥିଲା। କିନ୍ତୁ ଜି ରାମ ଜି ଆଇନ ଅନୁସାରେ କେନ୍ଦ୍ର ୬୦% ଓ ରାଜ୍ୟ ୪୦% ଭାଗୀଦାରି ରହିବ, ଯାହା ଏକ ଅସମ୍ଭବ ବ୍ୟାପାର ବୋଲି ସୁଦର୍ଶନ କହିଛନ୍ତି।






ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ। -ଶ୍ରୀଅରବିନ୍ଦ



# ଅଖାଡୁଆ ବ୍ୟକ୍ତି

ବିଶ୍ୱର ସର୍ବବୃହତ୍ ଦ୍ୱୀପ ଗ୍ରୀନ୍‌ଲାଣ୍ଡ ଡେନ୍‌ମାର୍କ ଭିତରେ ଏକ ସ୍ୱୟଂଶାସିତ ଅଞ୍ଚଳ ଭାବେ ରହିଛି। ଏହା ମାତୃଦେଶ ଡେନ୍‌ମାର୍କଠାରୁ ପ୍ରାୟ ୩ ହଜାର କିଲୋମିଟର ଦୂରରେ ଅବସ୍ଥିତ। ଗ୍ରୀନ୍‌ଲାଣ୍ଡର ଇତିହାସ ଦେଖିଲେ ଜଣାପଡ଼େ ଯେ, ୧୯୫୩ ମସିହାରେ ତାହା ଡେନ୍‌ମାର୍କର ଏକ ଅଂଶ ଭାବେ ପରିଗଣିତ ହୋଇଥିଲା। ଏବେ ତାହା ଏକ ସ୍ୱୟଂଶାସିତ ଅଞ୍ଚଳ ହୋଇଥିଲେ ମଧ୍ୟ ପ୍ରତିରକ୍ଷା ଓ ବହିର୍ବ୍ୟାପାର ବ୍ୟବସ୍ଥା ଡେନ୍‌ମାର୍କ ହାତରେ ରହିଛି। ତେବେ ଗ୍ରୀନ୍‌ଲାଣ୍ଡକୁ ହାତେଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରସ୍ତୁତ ହେଉଥିବାରୁ କେତେକ ୟୁରୋପୀୟ ରାଷ୍ଟ୍ରଙ୍କ ବିରୋଧର ସମ୍ମୁଖୀନ ହୋଇଛନ୍ତି। ଫଳରେ ଟ୍ରମ୍ପ ନିଜ ଶୈଳୀରେ ଭୟ ଦେଖାଇ ୧୭ ଜାନୁଆରୀ ୨୦୨୬ରେ ବିରୋଧ କରୁଥିବା ୮ ୟୁରୋପୀୟ ଦେଶ ବ୍ରିଟେନ୍, ଡେନ୍‌ମାର୍କ, ନରୱେ, ସୁଇଡେନ, ଫ୍ରାନ୍ସ, ଜର୍ମାନୀ, ନେଦରଲାଣ୍ଡସ ଓ ଫିନ୍‌ଲାଣ୍ଡରୁ ଆସୁଥିବା ସମସ୍ତ ସାମଗ୍ରୀ ଉପରେ ୧୦ ପ୍ରତିଶତ ଟାରିଫ୍ ବସାଇଛନ୍ତି। ସେ ଆହୁରି କହିଛନ୍ତି, ଜୁନ୍ ୧ ତାରିଖରୁ ଏହି ଶୁଳ୍କ ୨୫ ପ୍ରତିଶତ ବୃଦ୍ଧି ପାଇବ ଓ ଗ୍ରୀନ୍‌ଲାଣ୍ଡ କିଣିବା ପାଇଁ ଆମେରିକାର ଏକ ଚୁକ୍ତି ହେବା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଟ୍ରମ୍ପ ଏଭଳି କହିବା ପରେ ୟୁରୋପୀୟ ସଂଘ ନେତାମାନେ ନକାରାତ୍ମକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଟ୍ରମ୍ପଙ୍କ ମୁକାବିଲା କରିବା ଲାଗି ୟୁରୋପୀୟ ସଂଘ ବ୍ରସେଲ୍ସରେ ୨୭ ସଦସ୍ୟ ରାଷ୍ଟ୍ରର ରାଷ୍ଟ୍ରଦୂତମାନଙ୍କ ଏକ ଜରୁରୀ ବୈଠକ ଡାକିଛି। ଏଥିରେ ଅବିଚଳିତ ଟ୍ରମ୍ପ କହିଛନ୍ତି, ବସାଯାଇଥିବା ଟାରିଫ୍ ଯୁକ୍ତିଯୁକ୍ତ। କାରଣ ଆମେରିକାର ଜାତୀୟ ସୁରକ୍ଷା ଓ ବିଶ୍ୱ ସ୍ଥିରତା ପାଇଁ ଗ୍ରୀନ୍‌ଲାଣ୍ଡ କିଣିବା ନିତାନ୍ତ ଦରକାର। ଆର୍କଟିକ୍‌ରେ ରୁଷିଆ ଓ ଚାଇନାର ଆଗ୍ରହ ବଢୁଥିବାରୁ ଅନ୍ତର୍ଜାତୀୟ ରଣନୀତିକ ଦୃଷ୍ଟିକୋଣରୁ ଗ୍ରୀନ୍‌ଲାଣ୍ଡ କିଣିବା ଉପରେ ଟ୍ରମ୍ପଙ୍କ ଜିଦ ନିଶ୍ଚିତ ଭାବେ ବିଶ୍ୱସ୍ତରରେ ଚହଳ ପକାଇଲା ଭଳି ପଦକ୍ଷେପ ବୋଲି ଆଲୋଚନା ହେବା ସ୍ୱାଭାବିକ।

ଟ୍ରମ୍ପଙ୍କ ବିଭିନ୍ନ ନିଷ୍ପତ୍ତିକୁ ବହୁ ରାଷ୍ଟ୍ର ନିନ୍ଦା କରୁଛନ୍ତି, ଏପରିକି ନିଜ ଦେଶ ଭିତରେ ସେ ବିରୋଧର ସମ୍ମୁଖୀନ ହେଉଛନ୍ତି। ତା' ସତ୍ତ୍ୱେ ସେ ଗତାନୁଗତିକ ପଦ୍ଧତିରେ ନିଜ ନିଷ୍ପତ୍ତିରେ ଅଟଳ ରହୁଛନ୍ତି। ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ ଉଠାଇ ଆଣିବା ପରେ ଗୋଟେ 'ଘୋ' ହୋଇଥିଲା ଯେ, ଏହାର ପରିଣତି କ'ଣ ଗୋଟେ ଅସ୍ୱାଭାବିକତା ସୃଷ୍ଟି କରିପାରେ। ଦେଖିଲା ବେଳକୁ ଭେନେଜୁଏଲାର ବିରୋଧୀ ନେତ୍ରୀ ମାରିଆ କୋରିନା ମାଚାଡୋ ବେଲଜ୍ଜା ଭାବେ ହ୍ୱାଇଟ୍ ହାଉସ୍ ଯାଇ ପାଇଥିବା ନୋବେଲ ଶାନ୍ତି ପୁରସ୍କାରକୁ ଟ୍ରମ୍ପଙ୍କୁ ପ୍ରଦାନ କରିଛନ୍ତି। ଉଦ୍ଦେଶ୍ୟ ରହିଛି କାଳେ କେବେ ଟ୍ରମ୍ପଙ୍କ ଶୁଭ ଦୃଷ୍ଟି ପଡ଼ିଲେ ସେ ଭେନେଜୁଏଲା ଶାସନର ମଙ୍ଗ ଧରିପାରନ୍ତି। ଆମେରିକା ଭିତରେ ଯେଉଁମାନେ ଟ୍ରମ୍ପଙ୍କୁ ବିରୋଧ କରୁଥିଲେ ସେମାନେ ମଧ୍ୟ ଶିଥିଳ ପଡ଼ିଯାଇଛନ୍ତି। ଜୋ ବାଇଡେନ୍ ରାଷ୍ଟ୍ରପତି ଥିବା ବେଳେ ଆମେରିକା ଅର୍ଥନୀତି ଧିମା ହୋଇଥିଲା। ଟ୍ରମ୍ପ କ୍ଷମତାକୁ ଆସିବା ଓ ମେକ୍ ଆମେରିକା ଗ୍ରେଟ୍ ଏଗେନ୍ (ମାଗା) ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବାରୁ ତାଙ୍କ ଦେଶ ଆର୍ଥିକ ଦୃଷ୍ଟିରୁ ବଢ଼ିଚାଲିଲାଣି ଏବଂ ଏବେ, ପୃଥିବୀର ଅନ୍ୟସବୁ ଦେଶକୁ ପଛରେ ପକାଇ, ଆମେରିକା ବିଶ୍ୱବ୍ୟାପୀ ଆଲୋଚନାର ମୁଖ୍ୟ ବିଷୟ ହୋଇଯାଇଛି। ଏଥିସହିତ ଟ୍ରମ୍ପ ଏକ୍‌ଜିକ୍ୟୁଟିଭ୍ ନିର୍ଦ୍ଦେଶନାମା ଜାରି କରି ଆମେରିକା ଅନୁଦାନ ପାଇ ପୁଷ୍ଟ ହେଉଥିବା ଅନେକ ଦେଶ ଓ ସଙ୍ଗଠନର ପାଣ୍ଠିକୁ ସଙ୍କୁଚିତ କିମ୍ବା ସମ୍ପୂର୍ଣ୍ଣ ଉଚ୍ଛେଦ କରିଦେଇଛନ୍ତି। ଏଭଳି ନିଷ୍ପତ୍ତି ତାଙ୍କ ଦେଶର ଅର୍ଥନୀତିକୁ ସୁଦୃଢ଼ କରିଥିବା ସେଠାକାର ନାଗରିକ ଉପଲବ୍ଧି କରିବା ପରେ ଆଉ ବେଶି ପାଟି ଫିଟାଉ ନାହାନ୍ତି। ଟ୍ରମ୍ପ ସମ୍ଭବତଃ ହୃଦୟଙ୍ଗମ କରିଥିବେ ଯେ, ତାଙ୍କ ଦେଶ ପକ୍ଷରୁ ଦିଆଯାଉଥିବା ଅନୁଦାନର କୃତଜ୍ଞତା ସ୍ୱରୂପ ଆମେରିକା କିଛି ପାଉ ନ ଥିବାରୁ ସେସବୁକୁ ଜାରି ରଖିବାର ଆବଶ୍ୟକତା ନାହିଁ।

ଆଉ ଗୋଟେ ବିଷୟ ଲକ୍ଷ୍ୟ କରାଯାଉଛି ଯେ, ଟ୍ରମ୍ପ ଦ୍ୱିତୀୟ ଥର ଆମେରିକାରେ କ୍ଷମତାସୀନ ହେବା ପରେ ବିଶ୍ୱ ଅର୍ଥନୀତି ଚଳଚଞ୍ଚଳ ହୋଇପଡ଼ିଛି। ଦୀର୍ଘବର୍ଷ ଧରି ୟୁରୋ ମୁଦ୍ରା ଥିଲେ ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ସେଭଳି ପ୍ରଭାବ ପକାଇପାରୁ ନାହିଁ। ଆମେରିକା ଡଲାରର ପ୍ରଭାବକୁ ହ୍ରାସ କରିବା ଲାଗି 'ବ୍ରିକ୍ସ ମୁଦ୍ରା' ଉପରେ ଅନେକ ହୋହଲ୍ଲା ହେଲା, କିନ୍ତୁ ତାହା ଶୀତଳଭଣ୍ଡାରରେ ପଡ଼ିରହିଛି। ଉଲ୍ଲେଖଯୋଗ୍ୟ ଯେ, ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକା (ନୂଆ ସଦସ୍ୟ ରାଷ୍ଟ୍ର ଇରାନ, ସଂଯୁକ୍ତ ଆରବ ଏମିରେଟ୍‌ସ, ସାଉଦି ଆରବ, ଇଣ୍ଡୋନେସିଆ, ଇଥୋପିଆ ଏବଂ ଇଜିପ୍ଟ)କୁ ନେଇ ବ୍ରିକ୍ସ ଗଠିତ। ଏହିସବୁ ରାଷ୍ଟ୍ର ବିଶ୍ୱ ଜନସଂଖ୍ୟାର ୪୦ ପ୍ରତିଶତ ହୋଇଥିବାରୁ ଆଶା କରାଯାଉଥିଲା ବ୍ରିକ୍ସ ମୁଦ୍ରା କାର୍ଯ୍ୟକାରୀ ହେଲେ ଏମାନଙ୍କ ମଧ୍ୟରେ ବାଣିଜ୍ୟ ସୁଦୃଢ଼ ହେବ ଓ ଆମେରିକୀୟ ଡଲାର ଉପରେ ନିର୍ଭରଶୀଳତା କମିବ। ତାହା ହେଲା ନାହିଁ। ଚାଇନା ନିଜ ଅର୍ଥନୀତି ବଢ଼ାଇବାକୁ ଚାହିଁଲା ବେଳେ ରୁଷିଆ ଯୁଦ୍ଧ ଜର୍ଜରିତ। ଏଭଳି ସ୍ଥଳେ ଭାରତ ନିଜ ଆଭ୍ୟନ୍ତରୀଣ ସମସ୍ୟା ଦେଇ ଗତି କରୁଥିବାରୁ ବ୍ରିକ୍ସ ମୁଦ୍ରାର ଭାଗ୍ୟ ଝୁଲି ରହିଛି। ୟୁରୋଠାରୁ ଆରମ୍ଭ କରି ବ୍ରିକ୍ସ ମୁଦ୍ରାର ପରିଣତିକୁ ଟ୍ରମ୍ପ ଭଲ ଭାବେ ବୁଝିଯିବା ପରେ ସେହି ଦୁଇଟି ମୁଦ୍ରାର ମୂଳଦୁଆକୁ ଭାଙ୍ଗିଦେବାକୁ ପଦକ୍ଷେପ ନେଉଛନ୍ତି। ତାହାର ଉଦାହରଣ କ୍ରିପ୍ଟୋ କରେନ୍ସି ବହୁଳ ପ୍ରସାର କରାଇବା ଦିଗରେ ଅନେକ ପ୍ରଚେଷ୍ଟା ଆରମ୍ଭ କରିଦେଇଛନ୍ତି। ସେଥିପାଇଁ ସେ କୌଶଳ କରି କିମ୍ବା ସ୍ଥଳବିଶେଷରେ ଅନ୍ୟକୁ ଡରାଇ ବିଶ୍ୱସ୍ତରରେ ଏକ ନୂଆ ଅର୍ଥନୈତିକ ପରିଭାଷା ସୃଷ୍ଟି କରିବାରେ ଲାଗିପଡ଼ିଛନ୍ତି। ବାସ୍ତବିକ ଧିମେଇ ଯାଇଥିବା ଅନ୍ତର୍ଜାତୀୟ ଅର୍ଥନୈତିକ ପ୍ରବାହକୁ ଗତିଶୀଳ କରିବା ଲାଗି ଟ୍ରମ୍ପଙ୍କ ନିଷ୍ପତ୍ତି ହୁଏତ ନୂଆ ବାଟ ଦେଖାଇପାରେ। କାମରେ କିଛି ନ କରି ଭଦ୍ର ବ୍ୟବହାର କରୁଥିବା ଲୋକଙ୍କ ଅପେକ୍ଷା ଅଖାଡୁଅ ବ୍ୟକ୍ତିଙ୍କ ତତ୍‌କ୍ଷଣାତ୍ ପଦକ୍ଷେପ ମଧ୍ୟ ଗୋଟେ ବଡ଼ ପରିବର୍ତ୍ତନ ବା ସଂସ୍କାର ଆଣିପାରେ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 8 | | |
| | | | | 7 | 4 | | | 3 |
| | 3 | | | | | | 1 | 6 |
| 5 | | 7 | | 3 | | | 4 | |
| | 9 | | 8 | 2 | | | | |
| | | 2 | | | | | 6 | |
| | | | 9 | | 1 | | 3 | |
| | | | | | | | | |
| | | 1 | 3 | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 9 | 4 | 5 | 1 | 3 | 8 | 2 |
| 4 | 2 | 1 | 8 | 6 | 3 | 7 | 5 | 9 |
| 3 | 5 | 8 | 2 | 7 | 9 | 6 | 4 | 1 |
| 1 | 3 | 2 | 5 | 9 | 7 | 4 | 6 | 8 |
| 5 | 4 | 7 | 6 | 8 | 2 | 9 | 1 | 3 |
| 9 | 8 | 6 | 3 | 1 | 4 | 5 | 2 | 7 |
| 2 | 1 | 5 | 7 | 3 | 6 | 8 | 9 | 4 |
| 6 | 7 | 4 | 9 | 2 | 8 | 1 | 3 | 5 |
| 8 | 9 | 3 | 1 | 4 | 5 | 2 | 7 | 6 |

ଗତକାଲିର ଉତ୍ତର

# ସାମ୍ପ୍ରତିକ ରାଜନୀତି ଓ ଯୁବପିଢ଼ି



ରାଜୀବ କର୍ମ

ସାମ୍ପ୍ରତିକ ରାଜନୀତିରେ ଦୁଇ ପ୍ରକାର ଯୁବଗୋଷ୍ଠୀଙ୍କୁ ଦେଖିବାକୁ ମିଳେ। ଗୋଟିଏ ହେଲେ ସୌଖୀନ ନେତା ଓ ଅନ୍ୟଟି ହେଲେ ଅପରାଧ ଘଟାଇବା ପାଇଁ ପ୍ରାୟୋଜିତ ନେତା। ପ୍ରଥମ ଗୋଷ୍ଠୀ ରାଜନୈତିକ ପରିବାରରୁ ଆସିଥିବା ବେଳେ ଦ୍ୱିତୀୟ ଗୋଷ୍ଠୀ କିଛି ଛାତ୍ରନେତା ଏବଂ ପ୍ରଭାବଶାଳୀ ରାଜନେତାଙ୍କ ପୃଷ୍ଠପୋଷକତାରୁ ସୃଷ୍ଟି। ଏହା ସତ୍ତ୍ୱେ ବି ରାଜନୀତିରେ ଯୁବକଙ୍କ ପ୍ରତିନିଧିତ୍ୱ ଗୌଣ। ଭାରତ ପୃଥିବୀର ସବୁଠାରୁ ଯୁବକ ରାଷ୍ଟ୍ର। କିନ୍ତୁ ଏମାନଙ୍କର ରାଜନୀତିରେ ପ୍ରତିନିଧିତ୍ୱ ନିମ୍ନ। ନିର୍ବାଚନରେ ବୟସ୍କଙ୍କ ତୁଳନାରେ ଯୁବ ପ୍ରତିନିଧିତ୍ୱ କମିବାରେ ଲାଗିଛି। ୧୯୫୨-୫୭ ଲୋକ ସଭାରେ ଯୁବ ପ୍ରତିନିଧିତ୍ୱ ଶତକଡ଼ା ୨୨.୨୫ସହିତ ୧୩୮ ଜଣ ୪୦ ବର୍ଷରୁ କମ୍ ବୟସ୍କ ଏମ୍‌ପି ଥିବାବେଳେ ୨୦୨୪ ଲୋକ ସଭାରେ ଏହା କେବଳ ୧୦.୬୮ ଶତକଡା ଅଥାତ୍ କେବଳ ୪୧ ଜଣ ଯୁବ ଏମ୍‌ପି ଅଛନ୍ତି। ଅନ୍ୟ ପକ୍ଷରେ ୭୧ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଏମ୍‌ପି ପ୍ରଥମ ଲୋକ ସଭାରେ ୧୪ ଜଣ ଥିବାବେଳେ ୨୦୨୪ଲୋକ ସଭାରେ ଏହା ୨୦୮କୁ ପହଞ୍ଚିଛି। ପ୍ରଥମ ଲୋକ ସଭାରେ ଏମ୍‌ପିଙ୍କ ହାରାହାରି ବୟସ ୪୬.୫ ଥିବା ବେଳେ ୨୦୨୪ରେ ଏହା ୫୫.୬ରେ ପହଞ୍ଚିଛି।

ସମ୍ପ୍ରତି କମ୍ ଯୁବନେତା ସାମାଜିକ ପରିବର୍ତ୍ତନ ପାଇଁ କାମକରୁଛନ୍ତି। ଏହି ନିରୁତ୍ସାହିତ ସ୍ଥିତି କେବଳ ନିର୍ଦ୍ଦିଷ୍ଟ କେତୋଟି କାରଣ ପାଇଁ ଭାରତୀୟ ରାଜନୀତିରେ ପ୍ରତିଫଳିତ ହୋଇଥାଏ। ପ୍ରଥମତଃ ଯୁବପିଢ଼ି ସକ୍ରିୟ ରାଜନୀତି ପ୍ରତି ଆକୃଷ୍ଟ ନ ହେବା। ଜାତିଗତ ସଂରକ୍ଷଣ, ନିର୍ଭୟା କେସ୍ ତଥା ଦୁର୍ନୀତିମୁକ୍ତ ଭାରତ ପାଇଁ ଆନ୍ନା ହଜାରେଙ୍କ ବିଶାଳ ସମାବେଶ ଭଳି ସମ୍ବେଦନଶୀଳ ବିଷୟରେ ଯୁବକଙ୍କ ଭୂମିକା ଏ ଦେଶ ଦେଖିଛି। କିନ୍ତୁ ବର୍ତ୍ତମାନ ସେତିକି ମାତ୍ରାରେ ଯୁବଶକ୍ତିର ପ୍ରଦର୍ଶନ ହୋଇ ପାରୁ ନାହିଁ। ଦେଶ ଓ ସମାଜ କେଉଁଭଳି ପରିସ୍ଥିତି ଏବଂ ସମସ୍ୟାର ସମ୍ମୁଖୀନ ହେଉଛି ତାହା ଯୁବକଙ୍କୁ ଅଜଣା ନୁହେଁ। ତେଣୁ ସେମାନଙ୍କୁ ସୁଯୋଗ ଦିଆଗଲେ ରାଜନୈତିକ ପରିବେଶକୁ ବଦଳାଇ ରାଜନୀତିକୁ ଏକ ନୂତନ ସମୀକରଣ ଦେଇ ପାରନ୍ତେ।

ଦ୍ୱିତୀୟ କାରଣଟି ହେଉଛି ରାଜନୈତିକ ଦଳର ବରିଷ୍ଠ ସଦସ୍ୟମାନେ ଯୁବକଙ୍କୁ ସୁଯୋଗ ଦେବା ପାଇଁ କୁଣ୍ଠାବୋଧ କରିବା। ରାଜନୈତିକ ଦଳଗୁଡ଼ିକରେ ଅତ୍ୟଧିକ କ୍ଷମତାଲୋଭ ଯୋଗୁ ଯୁବକମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ବରିଷ୍ଠମାନେ ଏ ବିଷୟରେ ହୃଦୟଙ୍ଗମକରି ଯୁବକଙ୍କୁ ସୁଯୋଗ ଦେବା ଉଚିତ। ତୃତୀୟଟି ହେଉଛି ବାପା-ମା'ମାନେ ନିଜ ସନ୍ତାନଙ୍କୁ ନିଜର ପାରମ୍ପରିକ ବ୍ୟବସାୟରେ



ନିୟୋଜନ। ବର୍ତ୍ତମାନର ରାଜନେତାମାନେ ନିଜର କଳୁଷିତ ରାଜନୀତି ପାଇଁ ବିଶ୍ୱାସ ହରାଉଛନ୍ତି। ତେଣୁ ବାପା-ମା'ମାନେ ନିଜର ଉଚ୍ଚ ଶିକ୍ଷିତ ପୁଅ-ଝିଅମାନଙ୍କୁ ରାଜନୀତିରେ ଭାଗନେବାକୁ ଉତ୍ସାହିତ କରୁନାହାନ୍ତି। ଏତଦ୍‌ଭିନ୍ନ ତଥାକଥିତ ରାଜନୀତିରେ ଉଚ୍ଚ ଶିକ୍ଷିତମାନଙ୍କର ଆବଶ୍ୟକତା ନାହିଁ।

ଚତୁର୍ଥ କାରଣଟି ଗ୍ରାମାଞ୍ଚଳରେ ଯୁବକମାନେ ରାଜନୀତିକୁ ଏକ ଲାଭଜନକ ବ୍ୟବସାୟ ଭାବରେ ଦେଖୁଛନ୍ତି। ନେତାମାନେ ଯୁବକଙ୍କୁ ଆୟୁଧ କରି ରାଜନୀତିରେ ଲାଭ ହାସଲ କରୁଛନ୍ତି। ଯୁବକମାନଙ୍କୁ କେବଳ ଭୋଟ ପ୍ରଚାର, ବିଭିନ୍ନ ଉନ୍ନୟନମୂଳକ କାମର ଠିକା ଏବଂ ରାଜନୈତିକ ଦଳଗୁଡ଼ିକର ଦଳୀୟ କାର୍ଯ୍ୟକ୍ରମରେ ଲୋକ ଯୋଗାଡ଼ ଏବଂ ଦଳ ପାଇଁ ପାଣ୍ଠି ସଂଗ୍ରହରେ ବ୍ୟବହାର କରନ୍ତି। ପଞ୍ଚମ କାରଣଟି ହେଲା ଯୁବପିଢ଼ି ସମାଜ ଅପେକ୍ଷା ନିଜ ଜୀବିକା କଥାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ଏବଂ ଏହା ସ୍ୱାଭାବିକ ମଧ୍ୟ। ପରିବାର ଏବଂ ନିଜର ପ୍ରତିପୋଷଣ ଏମାନଙ୍କ ପାଇଁ ଏବେ ଏକ ମୌଳିକ ଆବଶ୍ୟକତା, ଯାହା ପାଇଁ ଏମାନେ ସବୁବେଳେ ସଂଗ୍ରାମରତ। ଏ ସ୍ଥିତିରେ ଯୁବକଙ୍କୁ ରାଜନୀତି ଆଡ଼କୁ ଆକୃଷ୍ଟ କରିବା ଏକ ଆହ୍ୱାନ।

ରାଜନୀତିରେ ବି ଅବସର ବୟସ ସୀମା ନିର୍ଦ୍ଧାରଣ ହେବା ବାଞ୍ଛନୀୟ। ତତ୍ ସହିତ ଶିକ୍ଷାଗତ ଯୋଗ୍ୟତା ମାପକାଠି ହେବା ଜରୁରୀ। ଅପରାଧରେ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ରାଜନୀତିରୁ ଦୂରେଇ ରଖିବା ଉଚିତ। ଆମ ଦେଶର ଗଣତନ୍ତ୍ର ବ୍ୟବସ୍ଥା ଏପରି ଯେ ଯେଉଁଠାରେ ୪୦ ବର୍ଷରୁ କମ୍ ଯୁବପିଢି ୬୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ କ୍ଷମତାରେ ବସାଇବା ପାଇଁ ବାଛୁଛନ୍ତି। ଯୁବକମାନେ ପ୍ରକୃତରେ ଏଥିରେ ସନ୍ତୁଷ୍ଟ କି ? ଯୁବକମାନଙ୍କୁ ରାଜନୀତିରେ ପ୍ରବେଶ ନିମିତ୍ତ ସରକାରୀ ସ୍ତରରେ ପ୍ରୟାସ ପ୍ରତୀୟମାନ ହୁଏ ନାହିଁ। ୨୦୧୩ର ଓଡ଼ିଶା ରାଜ୍ୟ ଯୁବନୀତି ହେଉ ଅବା ୨୦୧୪ ଜାତୀୟ ଯୁବନୀତି ହେଉ କେଉଁଥିରେ ବି ଯୁବକଙ୍କୁ ରାଜନୀତିରେ ପ୍ରବେଶର ସୁଯୋଗ ପାଇଁ ବ୍ୟବସ୍ଥା ନାହିଁ। ରାଜ୍ୟ ଯୁବନୀତିରେ ଯୁବକଙ୍କୁ କେବଳ ଗୋଷ୍ଠୀରେ ନିୟୋଜନ ଏବଂ ନିଷ୍ପତ୍ତିନେବା ପ୍ରକ୍ରିୟାରେ ଉତ୍ସାହିତ କରିବା କଥା କୁହାଯାଇଥିବା ବେଳେ ଜାତୀୟ ଯୁବନୀତିରେ ସହରାଞ୍ଚଳ ରାଜନୀତି ଏବଂ ରାଜନୈତିକ ବ୍ୟବସ୍ଥା ବାହାରେ ନିୟୋଜନ କଥା କୁହାଯାଇଛି। ଏଥିରୁ ପ୍ରତୀୟମାନ ହେଉଛି ଯେ ରାଜ୍ୟସ୍ତରରେ ହେଉ କିମ୍ବା ଜାତୀୟ ସ୍ତରରେ ନୀତି ପ୍ରଣୟନ କରୁଥିବା ରାଜନେତାମାନେ ଯୁବକଙ୍କୁ ରାଜନୀତିରେ ପ୍ରବେଶର ପଥ ଓଗାଳୁଛନ୍ତି।

ଯୁବକର ମନ ସବୁବେଳେ ଭିନ୍ନ ତଥା ଅଭିନବ ଚିନ୍ତାଧାରା ଓ ଆଦର୍ଶରେ ଅନୁପ୍ରାଣୀତ ହୋଇଥାଏ। ସେମାନଙ୍କୁ ରାଜନୀତିରେ ଭାଗୀଦାରିତା ବଢ଼ାଇବାକୁ ହେଲେ ଏବଂ ତାଙ୍କ ସ୍ୱରକୁ ଉପଯୁକ୍ତ ମାର୍ଗଦର୍ଶନ ଦେବାକୁ ହେଲେ ରାଜନୈତିକ ପରିବେଶ ବ୍ୟାପକ କରିବା ସଙ୍ଗେ ସଙ୍ଗେ ଆହୁରି ଖୋଲାରଖିବାକୁ ପଡ଼ିବ। ଯୁବକମାନେ ରାଜନୀତିରେ ସକ୍ରିୟ ଭାବରେ ହେଉ ଅଥବା ବିଭିନ୍ନ ସାମାଜିକ ସମସ୍ୟା ଉତ୍ଥାପନ ଭାବରେ ହେଉ କିମ୍ବା ଚାପ ସୃଷ୍ଟିକାରୀ ଦଳ ଭାବରେ ହେଉ ଜଡ଼ିତ ହେଲେ ହିଁ ଅନେକ ସାମାଜିକ ସମସ୍ୟା ସମାଧାନ ହୋଇପାରିବ ଏବଂ ଏହା ଆଗାମୀ ପିଢ଼ି ପାଇଁ ଏକ ସ୍ଥାୟୀ ପ୍ରତିକାର ଦେଇପାରିବ। କାରଣ ଯୁବକଙ୍କ ପାଖରେ ହିଁ ଉତ୍ସାହ, ଉଦ୍ଦୀପନା ଏବଂ ସାହସ ଅଛି ।

ଯୁବକମାନଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି ପାଇଁ ଗୋଷ୍ଠୀ ଗଠନ ଏବଂ ଯୁବସଂସଦ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯାଇ ପାରିବ। ଯୁବ ସଂସଦ ଏପରି ଏକ ମାଧ୍ୟମ ଯେଉଁଥିରେ ୧୧ରୁ ୧୮ବର୍ଷର ଯୁବକମାନେ ସାମାଜିକ ପରିବର୍ତ୍ତନ ପାଇଁ ସମସ୍ୟା ଉତ୍ଥାପନ କରିପାରିବେ। ଏହା ସମସ୍ତଙ୍କ ପାଇଁ ଗ୍ରହଣୀୟ ଏବଂ ଉତ୍ସାହକାରୀ ମଧ୍ୟ ଏବଂ ଏହା ଯୁବକମାନଙ୍କୁ ପରବର୍ତ୍ତୀ ରାଜନୀତିରେ ପ୍ରବେଶ ପାଇଁ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ କରିବ। ଯୁବକମାନେ ଲୋକଙ୍କୁ ଶିକ୍ଷା ଦେବାରେ, ବିଭିନ୍ନ ସାମାଜିକ କଳଙ୍କ ଦୂରକରିବା ପାଇଁ ଜନ ସଚେତନତା ସୃଷ୍ଟି କରିବାରେ ଏବଂ ସମସ୍ୟା ଉତ୍ଥାପନ କରିବାରେ ସାମିଲ ହୋଇପାରିବେ।

ଯୋରୋଗାନ୍‌ଙ୍କ ମତରେ ତୁମେ ଯଦି ପ୍ରକୃତରେ ପୃଥିବୀକୁ ପରିବର୍ତ୍ତନ କରିବାକୁ ଚାହୁଁଛ ତେବେ ଯୁବକମାନଙ୍କୁ ପ୍ରେରଣା ଦେବା ଏବଂ ଉତ୍ସାହିତ କରିବା ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିବ। ଜାତୀୟ ଏବଂ ରାଜ୍ୟସ୍ତରରେ ଏକ ଯୁବକେନ୍ଦ୍ରୀୟ ଯୁବନୀତିର ଅବଶ୍ୟକତା ରହିଛି ଯେଉଁଥିରେ ଯୁବକଙ୍କୁ ରାଜନୀତିରେ ପ୍ରବେଶ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଥିବ। ସାମାଜିକ ଗଣମାଧ୍ୟମ ଦ୍ୱାରା ଯୁବକମାନଙ୍କୁ ଅଧିକରୁ ଅଧିକ ଯୋଡ଼ିବା ସହିତ ରାଜନୀତି ବିଜ୍ଞାନରେ ପାଠ ପଢ଼ିବା ପାଇଁ ଉତ୍ସାହିତ କରିବା ଉଚିତ। ନିଜ ଦେଶର ନେତୃତ୍ୱ ନେବାଠାରୁ ବଳି କିଛି ସମ୍ମାନ ନାହିଁ। ତେଣୁ କିଛି ନିଃସ୍ୱାର୍ଥପର ଯୁବଗୋଷ୍ଠୀଙ୍କୁ କାଦୁଅକୁ ଡେଇଁ ନିଜକୁ ନିର୍ମଳ ରଖିବାକୁ ପଡିବ। ମହମବତି ଶୋଭାଯାତ୍ରା, ଧାରଣା, ପଥପ୍ରାନ୍ତ ନାଟକ, ସ୍ଲୋଗାନ ଏବଂ ଆନ୍ଦୋଳନ ମାଧ୍ୟମରେ କିଛି ସମସ୍ୟା ସମାଧାନ ହୋଇପାରିବ ମାତ୍ର ନିଜେ ଆଞ୍ଚଳିକ ସ୍ତରରେ ପ୍ରତିନିଧିତ୍ୱ କରି ହେଉ କିମ୍ବା ବିଧାନ ସଭା ଏବଂ ଲୋକ ସଭାରେ ବସି ଆଲୋଚନା କରି ନିଷ୍ପତ୍ତି ନେଲେ ଅନେକ ସମସ୍ୟା ସମାଧାନ ହୋଇପାରିବ। ଏଥିପାଇଁ ଯୁବକମାନେ ପ୍ରଥମେ ଏକଜୁଟ୍ ହେବା ଦରକାର।

ଶଗଡ଼ା, ବୌଦ୍ଧ
ମୋ: ୮୩୨୮୮୪୮୧୪୫

# ଶାଶୁଘର



ଅଲେଖ ଚନ୍ଦ୍ର ମିଶ୍ର

ଶାଶୁଘର କାହିଁ ? ଏ ପ୍ରଶ୍ନଟି ହୁଏତ ଚମକ ସୃଷ୍ଟି କରିପାରେ, କିନ୍ତୁ ଏହା ଅନେକାଂଶରେ ସତ। ଦିନେ ମହିଳାଙ୍କ ପାଇଁ ଆଜୀବନ କର୍ମଭୂମି ବୋଲାଉଥିବା ଏହି ଶବ୍ଦଟି ତା'ର ଚିରାଚରିତ ଗୌରବ ହରେଇ ଏବେ ଏକ ପ୍ରଶ୍ନବାଚୀ ସ୍ତରକୁ ଚାଲି ଆସିଲାଣି। ଶାଶୁ ଅଛନ୍ତି, ଘର ଅଛି କିନ୍ତୁ ନାହିଁ ଶାଶୁଘରର ପାରମ୍ପରିକ ରୂପରେଖ। ସେହିପରି ନାରୀଟିର ଗଭୀର ଭାବାବେଗର ପ୍ରତୀକ ବାପଘର ବି କ୍ରମେ ତା' ନିକଟରୁ ଦୂରେଇ ଯାଉଛି। ବାପା ମା' ଜୀବିତ ଥିବା ପର୍ଯ୍ୟନ୍ତ ଯେଉଁ ବାପଘର ବିବାହିତା ଝିଅଟି ପାଇଁ ଗର୍ବ ଓ ଗୌରବର ପରିଚୟ ଥାଏ ସେମାନେ ଚାଲିଗଲା ପରେ ତାହା ତା' ପାଇଁ ପ୍ରାୟ ଅପହଞ୍ଚ ହୋଇଯାଏ। ଅନ୍ୟ ପକ୍ଷରେ ଏ ଉଭୟ ପ୍ରକାରର ଘର ସ୍ଥାନରେ ଏବେ ଗଢିଉଠୁଛି 'ଆମଘର' ଯାହା ଆଧୁନିକ ଦମ୍ପତିଙ୍କର ନୂତନ ପରିଚୟ। ଆମ ଘରର ସଂଜ୍ଞା ହେଉଛି 'ନା ତୁମ ଘର ନା ମୋ ଘର' ଏହା 'ଆମ ଦୁହିଙ୍କ ଘର' ଯାହାର ଏକ ଅତିରିକ୍ତ ସଦସ୍ୟ ଏକମାତ୍ର ସନ୍ତାନ। ଏହାକୁ କେହି କେହି ଅଣୁ ପରିବାରର ଆଖ୍ୟା ଦେଇ ତଜ୍ଜନିତ ଗଭୀର ଆତ୍ମଶ୍ଲାଘାରେ ବୁଡି ରହନ୍ତି ଓ ପରିବାର, ପରିଜନ, ବନ୍ଧୁବାନ୍ଧବ ସମସ୍ତଙ୍କଠାରୁ ଦୂରେଇ ଯାଆନ୍ତି। ଫଳରେ ସାମାଜିକ ଓ ପାରିବାରିକ ବୁଝାମଣା ବିପର୍ଯ୍ୟସ୍ତ ହୋଇପଡ଼େ। ସାମ୍ପ୍ରତିକ ପରିସ୍ଥିତି ବି ଏଥିପାଇଁ ପଥ ପ୍ରଶସ୍ତ କରିଦେଉଛି।

ସତୁରି ଅଶୀ ବର୍ଷ ତଳକୁ ଫେରି ଚାହିଁଲେ ଆମ ସମାଜର ଯେଉଁ ଚିତ୍ର ଆଖିଆଗରେ ଭାସିଉଠେ ତାହାର ମୁଖ୍ୟ ଆଧାର ଥିଲା ଲିଙ୍ଗଗତ ବୈଷମ୍ୟ। କୁହା ଯାଉଥିଲା, ''ନାରୀର ଭାଗ୍ୟ ପଥର ତଳେ, ପୁରୁଷର ଭାଗ୍ୟ ପତର ତଳେ''। ସେତେବେଳର ପୁରୁଷପ୍ରଧାନ ପରିବାର, ସମାଜ ଓ ଦେଶରେ ନାରୀଟିର ସ୍ଥାନ ଯେପରି ଥିଲା ଚିନ୍ତା କଲେ ଆଖି ଓଦା ହୋଇ ଆସେ। ଝିଅଟିଏ ଜନ୍ମ ହେଲେ ତା'ର ପିତାଙ୍କୁ ମୁରବି ତୁଲ୍ୟ ଲୋକେ କହୁଥିଲେ, ''ଝିଅଟିଏ ହେଲାରେ ତା' ପାଇଁ ଏବେଠୁ ଧନ ସଞ୍ଚୟ କର''। ଝିଅଟି ପାଞ୍ଚ ବର୍ଷର ହୋଇ ଗଲେ ତାକୁ କୁହାଯାଉଥିଲା, ''ମାଆରେ ତୁ ପାଠ ଦିଅକ୍ଷର ପଢ଼ ନ ହେଲେ ତତେ କିଏ ବାହା ହେବ ?'' ଦଶ ବର୍ଷର ହୋଇ ଗଲେ ତାକୁ କୁହାଯାଉଥିଲା, ''ଝିଅରେ, ନିଜକୁ ଆକଟ କର୍, ସଣ୍ଢଣା ଶିଖ, ଘରକରଣା କ'ଣ ଜାଣ ନ ହେଲେ ଶାଶୁଘରେ ନାଁ ପକେଇବ। ସେତିକି ବେଳୁ ତା' କାନରେ ପକେଇ ଦିଆ ଯାଉଥିଲା, ''ମାଆରେ, ଝିଅ ଜନମ ପର ଘରକୁ,'' ''ଜନମ ଦେଇଛୁ ସିନା କରମ ଦେଇନ'', ଟିକେ ସ୍ୱାଧୀନଚେତା ଝିଅମାନଙ୍କୁ ଚେତେଇ ଦିଆ ଯାଉଥିଲା, '' ଆଖୁ ସିନା କିଆରିରେ (ବାପଘରେ) ମୋଟ ଖାଇରେ (ଶାଶୁଘରେ) ନୁହେଁ ''। ଅନ୍ୟ ପକ୍ଷରେ ଝିଅଟିର ଜୀବନ କେବଳ ଶାଶୁଘର-



ସର୍ବସ୍ୱ ଥିଲା। ବାର ତେର ବର୍ଷର ଝିଅ କିମ୍ବା ତା' ଠାରୁ ଆହୁରି କମ୍ ବୟସର ଝିଅକୁ ବାହା କରେଇ ଦେଇ ଶାଶୁ ଘରକୁ ପଠେଇ ଦିଆଯାଉଥିଲା। ନିଜର ଭାଗ୍ୟକୁ ଆଦରି ସେ ଯେଉଁ ଶାଶୁଘରେ ପାଦ ଥାପୁଥିଲା ତା'ର ରୂପରେଖ ହିଁ ଥିଲା ତା' ଜୀବନର ଅବଶିଷ୍ଟ ଦିନ। ତା'ର ସୌଭାଗ୍ୟକୁ ଯଦି ଶାଶୁଘରର ଲୋକେ ଭଲ ପଡୁଥିଲେ ତେବେ ସେ ସର୍ଗସୁଖ ଭୋଗ କରି ସବୁ କିଛି ଭୁଲି ଯାଉଥିଲା। ଯଦି ସେମାନେ ମନ୍ଦ ସ୍ୱଭାବର ଥିଲେ ଯଥା ମାମଲତକାର ଶ୍ୱଶୁର, ଆକଟପ୍ରିୟ ଶାଶୁ, ଆତ୍ମାଭିମାନୀ ଦେଢ଼ଶୁର, ଉଚ୍ଛୃଙ୍ଖଳ ଦେବର, ରାହାବାଳି ନଣନ୍ଦ, ଅହଂଗୁଣୀ ବିଧବା ପିଉସୀ, ଉଦାସୀନ ( ବେଳେ ବେଳେ ବିଦେଶରେ ରହୁଥିବା) ପତି ଇତ୍ୟାଦି ତେବେ ତା' ଜୀବନ ନରକ ପାଲଟି ଯାଉଥିଲା। ଆଉ ତା' ସହିତ ଯଦି ଯୌତୁକ ଯନ୍ତ୍ରଣା ଯୋଡି ହୋଇ ଯାଉଥିଲା ତେବେ ଅକାଳରେ ଜୀବନ ଯିବା ବି ଅସମ୍ଭବ ନ ଥିଲା। ତତ୍କାଳୀନ ବୈବାହିକ ବ୍ୟବସ୍ଥା ଏତେ କଠୋର ଥିଲା ସେ ଝିଅଟିଏ ଚାହିଁଲେ ବି ସେଥିରୁ ମୁକ୍ତି ପାଇ ପାରୁ ନ ଥିଲା। ଶାଶୁଘରେ ଯେତେ ଦୁଃଖକଷ୍ଟ ଭୋଗିଲେ ବି ତାକୁ କାହା ଆଗରେ ପ୍ରକାଶ କରିବା ତତ୍କାଳୀନ ରକ୍ଷଣଶୀଳ ପରିବାରର ଶୃଙ୍ଖଳାବିରୋଧୀ ଥିଲା। ଦୈବାତ କେବେ କେହି ସେପରି କଲେ ତାକୁ ସହଯୋଗ ମିଳୁ ନ ଥିଲା। ଏପରି କି ବାପଘର ସବୁ ଜାଣିଲା ପରେ ବି ଝିଅଟିକୁ ନେଇ ଶାଶୁଘରେ ବୁଝାଶୁଝା କରି ପୁଣି ଛାଡିଦେଇ ଆସୁଥିଲେ।

ଏଭଳି ପରିସ୍ଥିତିର ଯେ ଦିନେ ପରିବର୍ତ୍ତନ ଘଟିବ ଏହା ଅନୁମାନ କରାଯାଉଥିଲା ଏବଂ ତାହା ହିଁ ଏବେ ଘଟୁଛି। ସେଥିରେ ସହାୟତା କରୁଛି ପ୍ରଚଳିତ ଆଇନ। ବାଲ୍ୟ ବିବାହ ଉଚ୍ଛେଦ, ବିଧବା ବିବାହ ପ୍ରଚଳନ ଛଡା ହିନ୍ଦୁ ବିବାହ ଓ ବିଚ୍ଛେଦ ଆଇନ (୧୯୫୫) ଆବଶ୍ୟକ ସ୍ଥଳେ ବିବାହ ବିଚ୍ଛେଦ ପାଇଁ ସୁଯୋଗ ଯୋଗାଇ ଦେଉଥିବା ବେଳେ ଯୌତୁକ ନିରୋଧ ଆଇନ ୧୯୬୧ ଖୁବ୍ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା କରିଛି L ଝିଅଙ୍କ ପାଇଁ ଉତ୍ତରାଧିକାର ଆଇନ ୨୦୦୫ ସେମାନଙ୍କୁ ବାପଘର ସମ୍ପତ୍ତି ଉପରେ ଅଧିକାର ପ୍ରଦାନ କରୁଥିବା ବେଳେ ମହିଳା ସଶକ୍ତୀକରଣ ଯୋଜନା ସେମାନଙ୍କୁ ସ୍ୱାବଲମ୍ବୀ କରୁଛି। ଏହିପରି ଅନେକ ଆଇନ ପ୍ରବର୍ତ୍ତନ କରାଯାଉଛି ଯାହା ସମାଜରେ ମହିଳାଙ୍କୁ ଏକ ସମ୍ମାନନୀୟ ସ୍ଥାନ ଦେଉଛି। ଫଳରେ ଶାଶୁଘରର ଆଭିମୁଖ୍ୟ ବି ବଦଳି ଗଲାଣି। ଯାହା ସମାଜ ନିଜେ କରିବା କଥା ତାହା ସରକାର କରୁଛନ୍ତି। ସେଥିରେ ଯଥା ସମ୍ଭବ ସହଯୋଗ କରିବା ଆଜିର ଆବଶ୍ୟକତା।

ଶାସ୍ତ୍ରୀ ନଗର, ଭୁବନେଶ୍ୱର
ମୋ: ୯୪୩୮୬୭୩୮୯୮

## ଏଇ ଭାରତରେ

ମହାରାଷ୍ଟ୍ର ବିଦର୍ଭ ଅଞ୍ଚଳ ଅତ୍ୟନ୍ତ ମରୁଡ଼ିପ୍ରବଣ। ଏହି ଅଞ୍ଚଳରେ କୃଷି କ୍ଷତିଗ୍ରସ୍ତ ହେଉଥିବାରୁ କୃଷକ ଆତ୍ମହତ୍ୟା ହାର ଅଧିକ। ତେବେ ନିଜ ଗାଁ ଓ ତା' ଆଖପାଖର ୬ଟି ଗାଁରେ ଜଳାଭାବ ଦୂର କରି କୃଷିକୁ ସହଜ କରିପାରିଛନ୍ତି ଅମୋଲ ଲାଙ୍ଗୋଟେ। ଅମୋଲ ରୁହନ୍ତି ଥୁଗାଁ ପିମ୍ପ୍ରିରେ। ଏହି ଗାଁର ଲୋକସଂଖ୍ୟା ୩,୦୦୦ ପାଖାପାଖି। ଗାଁ କଡ଼ ଦେଇ ପୂର୍ଣ୍ଣ ନଦୀ ପ୍ରବାହିତ । ବର୍ଷାଦିନକୁ ଛାଡ଼ିଦେଲେ ବର୍ଷର ଅନ୍ୟ ସମୟରେ ନଦୀରେ ଜଳ ପ୍ରବାହ ନ ଥାଏ। ଜଳାଭାବ ଯୋଗୁ ୨୦୧୮-୧୯ରେ, ବିଦର୍ଭର ଅମରାବତୀ ଜିଲ୍ଲା ଗମ୍ଭୀର ମରୁଡ଼ିକୁ ସାମ୍ନା କରିଥିଲା। ଏଥିରେ ଅମୋଲଙ୍କ ଲେମ୍ବୁଚାଷ ସମେତ ଅନେକ କୃଷକଙ୍କ ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଏପରି କି ଲୋକଙ୍କୁ ପାନୀୟ ଜଳ ପାଇଁ ଟ୍ୟାଙ୍କର ଉପରେ ନିର୍ଭର କରିବାକୁ ପଡ଼ିଥିଲା। କାରଣ ଭୂତଳ ଜଳ ସ୍ତର ବହୁ ଗଭୀରକୁ ଚାଲିଯାଇଥିଲା। ତେବେ କଳାରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଅମୋଲ ତାଙ୍କ ଗାଁ ଲୋକଙ୍କୁ ଏକାଠି କରି ପୂର୍ଣ୍ଣ ନଦୀରେ ବାଲି ଓ ପଥରରେ ଏକ ଚେକ୍‌ଡ୍ୟାମ କରିଥିଲେ। ୨୦୧୯ରେ ତାଙ୍କ ନେତୃତ୍ୱରେ ପ୍ରାୟ ୩୦ଟି ଗାଁର ଲୋକେ ଏକାଠି ହୋଇ ଅଧିକ ଚେକ୍‌ଡ୍ୟାମ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ଗ୍ରାମବାସୀ ପ୍ରତ୍ୟେକ ୫୦୦ରୁ ୨୦୦୦ ଟଙ୍କା ଦାନ ଦେଇ ୬ଟି ଚେକ୍‌ଡ୍ୟାମ ନିର୍ମାଣ କରିପାରିଛନ୍ତି। ଏବେ ଚାଷ ଭଲ ହେଉଛି, ପାନୀୟ ଜଳ ସଙ୍କଟ ଟଳିଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଜାନୁଆରୀ ୧୯୭୭

- ମହାରାଷ୍ଟ୍ର ପ୍ରଦେଶ କଂଗ୍ରେସ କମିଟି ସହିତ ମିଶିଯିବା ପାଇଁ ବମ୍ବେ ପ୍ରଦେଶ କଂଗ୍ରେସ କମିଟିରେ ଏକ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି।
- ସମୁଦ୍ର ଭିତରେ ଭାରତର ଅର୍ଥନୈତିକ ଜୋନ ସମୁଦ୍ରକୂଳରୁ ୨ ଶହ ମାଇଲବ୍ୟାପୀ ଭିତରକୁ ରହିବ ବୋଲି ଭାରତ ପକ୍ଷରୁ ଘୋଷଣା କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ତିଥି ସହ ତାରିଖର ତାଳମେଳ ରହୁନାହିଁ

ମହାଶୟ,

କଥାରେ ଅଛି ଅତିଥି ତିଥି ଦେଖିକି ଆସନ୍ତି ନାହିଁ। ସୌର ତିଥି ସଂକ୍ରାନ୍ତିରୁ ଓ ଚାନ୍ଦ୍ର ତିଥି ପୂର୍ଣ୍ଣମୀ ଅନୁଯାୟୀ ଗଣନା କରାଯାଇଥାଏ। ସଂପ୍ରତି ବର୍ଷର ତିଥି ସହ ତାରିଖଗୁଡ଼ିକର ତାଳମେଳ ରହୁନାହିଁ। ଏକଦା ଜାତୀୟ ଦିବସ କହିଲେ ସ୍ୱାଧୀନତା ଦିବସ, ଗାନ୍ଧୀ ଜୟନ୍ତୀ, ଗଣତନ୍ତ୍ର ବା ଜନରାଜ୍ୟ ଦିବସ ପାଳନ କରାଯାଉଥିଲା। ଆଜିକାଲି ଜାତୀୟ ଦିବସ ସଂଖ୍ୟା ବଢ଼ିବଢ଼ି ଚାଲିଛି। ବିଶ୍ୱ ଦିବସ, ଜାତୀୟ ଦିବସ, ରାଜ୍ୟ ଦିବସ ନିମନ୍ତେ ତାରିଖ ଅଭାବ ପଡୁଛି। ଗୋଟିଏ ଗୋଟିଏ ତାରିଖରେ ୨/୩ଟି ସ୍ମରଣୀୟ ଦିବସ ରହୁଛି। ସମସ୍ତ ଦିବସକୁ ପାଳନ କରିବାକୁ ହିଁ ହେବ। ଚଳିତବର୍ଷ ଜାନୁଆରୀ ୨୩ ତାରିଖ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ସହ ବୀର ସୁରେନ୍ଦ୍ର ସାଏ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଏକାସାଙ୍ଗରେ ପାଳନ ହେବ। ସୁଭାଷ ବୋଷ କଟକରେ ବସନ୍ତ ରୋଗ ଦୂର କରିବା ନିମନ୍ତେ ପଦଯାତ୍ରା କରି ନିଜ କୈଶୋର କାଳରେ ହିଁ ଲୋକଙ୍କ ନିକଟରୁ 'ବସନ୍ତ ବ୍ୟାଘ୍ର' ପଦବୀ ଲାଭ କରିଥିଲେ। ସଂପ୍ରତି 'ସ୍ମଲ୍ ପକ୍ସ'ର ବିଲୋପ ଘଟିଛି। ରହିଛି ଚିକେନପକ୍‌ସ। ସେହିପରି ଶ୍ରୀପଞ୍ଚମୀ ବସନ୍ତ ଋତୁରେ ପାଳନ କରାଯାଉଥିବାରୁ ଏହା ଏପରି ନାମିତ। ଶିଶୁଙ୍କ ଖଡ଼ିଛୁଆଁ ପର୍ବ। ଇଂରାଜୀ ତାରିଖ ଓ ଆମ ପାଞ୍ଜିର ତିଥି କେବେ ସମାନ ହୋଇନପାରେ। ସେ ଯାହା ହେଉ, ପର୍ବ ପର୍ବାଣି ଉତ୍ସବ ପାଳନ କରିବା ଆମର ବିଶେଷ କର୍ତ୍ତବ୍ୟ ହେବା ଉଚିତ୍।

-ପ୍ରତାପ ଚନ୍ଦ୍ର ପାଢ଼ୀ, ନିଗମ ନଗର, ଆଙ୍କୋଲି, ବ୍ରହ୍ମପୁର, ଗଞ୍ଜାମ

## ଚିରନ୍ତନୀ

ଚଇତ୍ର ମଧ୍ୟାହ୍ନ ବେଳ
ଢାଳେ ଖର ତାପ,
ଜୀବନର ଦୀନତାରେ
ବଢ଼େ ମୋର ପାପ ।
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମା’, ଦୁଇ ଝିଅଙ୍କ ଗଳା କାଟି ହତ୍ୟା ଉଦ୍ୟମ

ଦିଗପହଣ୍ଡି,୧୮।୧(ଅଶେଷ ନାଥ ମିଶ୍ର)

## ଦିଗପହଣ୍ଡି ରେ ଚାଞ୍ଚଲ୍ୟ

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ କାଣ୍ଡେଶ୍ୱର ଗ୍ରାମ ଇନ୍ଦିରା ଆବାସ କଲୋନୀରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ପରିବାରର ଜଣେ ମହିଳାଙ୍କ ସମେତ ତାଙ୍କ ୨ ଝିଅଙ୍କ ଗଳା କାଟି ହତ୍ୟା ଉଦ୍ୟମ କରାଯାଇଛି। ସେମାନେ ହେଲେ କୁମାରୀ ସେଠୀ (୫୮) ଏବଂ ତାଙ୍କ ଦୁଇ ଅବିବାହିତ ଝିଅ ସବିତା (୩୨)ଓ ଝିଲି (୨୪)। ଶନିବାର ରାତି ୧୧ଟାରେ ଏପରି ଘଟଣା ଘଟିଛି। ଖବରପାଇ ପୋଲିସ ପହଞ୍ଚି ଗୁରୁତର ଥିବା ସମ୍ପୃକ୍ତା ୩ଜଣଙ୍କୁ ଡାକ୍ତରଖାନା ପଠାଇଥିଲା। ପୋଲିସ ବିଭିନ୍ନ ସ୍ଥାନ ତଲାସ କରି ଅଭିଯୁକ୍ତ ସାନଡୁମୁଲା ଗ୍ରାମର ବାଳକୃଷ୍ଣ ପାତ୍ରଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପୂର୍ବଘଟଣାର ପ୍ରତିଶୋଧ ନେବାକୁ ଯାଇ ବାଳକୃଷ୍ଣ ଏପରି ଘଟାଇଥିବା ପୋଲିସ କହିଛି।

ଇନ୍ଦିରା ଆବାସ କଲୋନୀରେ ସ୍ୱର୍ଗତ ପାଣ ସେଠୀଙ୍କ ସ୍ତ୍ରୀ କୁମାରୀ ତାଙ୍କ ଦୁଇ ଝିଅଙ୍କ ସହ ରୁହନ୍ତି। ଶନିବାର ରାତିରେ ଖାଇସାରିବା ପରେ ସମସ୍ତେ ଶୋଇଥିଲେ। ରାତି ୧୧ଟା ବେଳକୁ କେତେଜଣ ଆସି ତାଙ୍କ ଘରର କବାଟ ବାଡ଼ାଇଥିଲେ। କୁମାରୀ କବାଟ ଖୋଲିଦେବାରୁ ଜଣେ ଘର ଭିତରେ ପଶି ଅତର୍କିତ ଭାବେ ଏକ ଧାରୁଆ ଛୁରିରେ ତାଙ୍କ ଗଳାକୁ କାଟିଦେଇଥିଲେ। ଦୁଇ ଝିଅ ନିଦରୁ ଉଠି ମା’ଙ୍କୁ ଉଦ୍ଧାର କରିବା ବେଳେ ଦୁର୍ବୃତ୍ତଜଣକ ସେ ଦୁହିଁଙ୍କ ଗଳାକୁ ମଧ୍ୟ ଛୁରିରେ କାଟି ବାଇକ୍ ଯୋଗେ ଫେରାର ହୋଇଯାଇଥିଲେ। ମା’ ଓ ଦୁଇ ଝିଅଙ୍କ ଚିତ୍କାର ଶୁଣି ପଡୋଶୀମାନେ ଆସି ସେମାନଙ୍କୁ ଉଦ୍ଧାର କରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଆହତ ମା’ଝିଅ ୩ଜଣଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଝିଲିଙ୍କ ଅବସ୍ଥା ଆହୁରି ବିଗିଡ଼ିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଅଟକଥିବା ବାଳକୃଷ୍ଣ ନିୟମିତ ବ୍ୟବଧାନରେ ରାତି ଅଧରେ କୁମାରୀଙ୍କ ଘରକୁ ଯାଇ କବାଟ ବାଡାଇ ତାଙ୍କୁ ହଇରାଣ କରୁଥିଲେ। କିଛିଦିନ ତଳେ କୁମାରୀଙ୍କ ସାନଝିଅ ଝିଲି ବାଳକୃଷ୍ଣଙ୍କ ଘରକୁ ଯାଇ ଏହାର ପ୍ରତିବାଦ କରିବା ସହ ତାଙ୍କୁ ଗାଁ ଲୋକଙ୍କ ଆଗରେ ଅପମାନ କରି ଗାଳି କରିଥିଲେ। ଏହାର ପ୍ରତିଶୋଧ ନେବାକୁ ବାଳକୃଷ୍ଣ ଏହି କାଣ୍ଡ ଘଟାଇଥିବା ପୋଲିସ ଜାଣିବାକୁ ପାଇଛି। ପୋଲିସ ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ରକ୍ତଲଗା ଛୁରି ଜବତ କରିଛି। ମା’ କୁମାରୀଙ୍କ ଏତଲାକ୍ରମେ ପୋଲିସ ନଂ.୨୬/୨୬ରେ ଏକ ମାମଲା ରୁଜୁ କରିଛି। ସୋମବାର ବାଳକୃଷ୍ଣଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର କହିଛନ୍ତି।

# ବ୍ୟବସାୟୀ ନିଖୋଜ: ୭ ବର୍ଷ ପରେ ପ୍ରେମିକାଙ୍କୁ ଜେରା

ଭୁବନେଶ୍ୱର,୧୮।୧(ତ୍ରିନାଥ ମହାନ୍ତି)

## ପ୍ରେମ ସମ୍ପର୍କରେ ଫାଟକୁ ନେଇ ହତ୍ୟା ସନ୍ଦେହ

୭ ବର୍ଷ ତଳେ ଚନ୍ଦକା ଥାନା ଅଞ୍ଚଳରୁ ନିଖୋଜ ବ୍ୟବସାୟୀ ବଳରାମ ସାହାଣୀଙ୍କର ଏଯାଏ ପତ୍ତା ମିଳିନି। ହେଲେ ଏହି ମାମଲାରେ ୫ଦିନ ତଳେ ବ୍ରହ୍ମପୁରରୁ ଗିରଫ ହୋଇଥିବା ତାଙ୍କ ପ୍ରେମିକା ରଶ୍ମିତା ସ୍ୱାଇଁଙ୍କୁ ଚନ୍ଦକା ଥାନା ପୋଲିସ ଗିରଫ କରିବା ପରେ ଘଟଣାର ରହସ୍ୟ ଉନ୍ମୋଚନ ପାଇଁ ଉଦ୍ୟମ ଆରମ୍ଭ କରିଛି। କୋର୍ଟଙ୍କ ଅନୁମତି ପରେ ପୋଲିସ ପ୍ରେମିକା ରଶ୍ମିତାଙ୍କୁ ଝାରପଡ଼ା ଜେଲରୁ ଆଣି ଜେରା କରୁଛି। ସ୍ପେଶାଲ ସ୍କ୍ୱାଡ୍ ଏବଂ ଚନ୍ଦକା ଥାନା ଅଧିକାରୀ ପଚରାଉଚରା କରୁଛନ୍ତି। ପୋଲିସ ଅପହୃତ ବ୍ୟବସାୟୀ ବଳରାମଙ୍କ ପରିବାର ଲୋକ ଏବଂ ସାଙ୍ଗ ସାଥୀଙ୍କ ବୟାନ ନେବା ପରେ ରଶ୍ମିତାଙ୍କ ଉପରେ ସନ୍ଦେହ ଦୃଢ଼ୀଭୂତ ହୋଇଛି। ଘଟଣା ପୂର୍ବରୁ ପ୍ରାୟ ପ୍ରତିଦିନ ରାତିରେ ଉଭୟ ଘଣ୍ଟା ଘଣ୍ଟା ଫୋନ୍ କଲ୍‌ରେ କଥା ହୋଇଥିବା ଜଣାପଡ଼ିଛି। ହେଲେ ଅପହରଣ ଦିନ ଆଦୌ କଥା ନ ହେବା ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇ ଛାନ୍‌ଭିନ୍ କରୁଛି। ୨୦୧୯ ମସିହାରେ ଭୁବନେଶ୍ୱର ଡେଲ୍‌ଟା ଛକରେ ରହୁଥିବା ଗଞ୍ଜାମର ରଶ୍ମିତା ଓ ଚନ୍ଦକାସ୍ଥିତ ଏସ୍‌ଓଜି କଲୋନୀରେ ରହୁଥିବା କେନ୍ଦ୍ରାପଡ଼ାର ବଳାରାମ ସାହାଣୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଉଭୟ ପରସ୍ପର ଘରକୁ ଯିବା ଆସିବା କରୁଥିଲେ। ବଳରାମ ବିବାହିତ ହୋଇଥିଲେ ମଧ୍ୟ ଅଧିକାଂଶ ସମୟରେ ସେ ଯୁବତୀଙ୍କ ପାଖରେ ରହୁଥିଲେ। ହେଲେ କିଛିଦିନ ପରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ତିକ୍ତତା ବଢ଼ିଥିଲା। ହଠାତ୍ ଦିନେ ବଳରାମଙ୍କୁ ଦେଖା କରିବା ପାଇଁ ରଶ୍ମିତା ଡାକିଥିଲେ। ହେଲେ ଏହା ପରଠୁ ବଳରାମଙ୍କର ଆଉ ପତ୍ତା ମିଳି ନ ଥିଲା। ଫୋନ୍ ଲାଗି ନ ଥିଲା କି ସେ କୌଣସି ସାଙ୍ଗସାଥୀଙ୍କ ସହ ଯୋଗାଯୋଗ କରି ନ ଥିଲେ। ବଳରାମଙ୍କ ପରିବାର ଲୋକେ ରଶ୍ମିତାଙ୍କୁ ଏନେଇ ପଚାରିଥିଲେ ମଧ୍ୟ ସେ ତାଙ୍କ ବିଷୟରେ ଜାଣି ନ ଥିବା କହିଥିଲେ। ହେଲେ ବଳରାମଙ୍କ ନିଖୋଜ ଖବର ଶୁଣି ସେ ସେପରି ବ୍ୟଥିତ ନ ହେବାରୁ ପରିବାର ଲୋକଙ୍କର ତାଙ୍କ ଉପରେ ସନ୍ଦେହ ହୋଇଥିଲା। ରଶ୍ମିତା ପ୍ରେମ ବ୍ୟାପାରକୁ ନେଇ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ଆଣି ପରିବାର ଲୋକେ ଚନ୍ଦକା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ରଶ୍ମିତାଙ୍କ ଫୋନ୍ ଟ୍ରାକ୍ କରି ୫ ଦିନ ତଳେ ତାଙ୍କୁ ଗଞ୍ଜାମରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଥିଲା। ବ୍ୟବସାୟୀ ବଳରାମ କୁଆଡ଼େଗଲେ ତାହାର ରହସ୍ୟ ଖୋଲିବା ପାଇଁ ରଶ୍ମିତାଙ୍କୁ ପୋଲିସ ପଚରାଉଚରା କରୁଛି। ସହଯୋଗୀଙ୍କ ସହ ସେ ବଳରାମଙ୍କୁ ଅପହରଣ କରିନେଇ ଗଞ୍ଜାମରେ ହତ୍ୟା କରିବା ପରେ ମୃତଦେହକୁ ନଷ୍ଟ କରିଦେଇଥିବା ପୋଲିସ ସନ୍ଦେହ କରୁଛି। ତେଣୁ ରଶ୍ମିତାଙ୍କ ବୟାନରେ ସନ୍ଦେହ ହେଲେ ତାଙ୍କର ମିଛ ଧରା ପରୀକ୍ଷା କରାଯିବ ବୋଲି ପୋଲିସ କହିଛି।

# ଜବରଦସ୍ତି ନେଇଯାଉଥିଲେ ବାଲିଘାଟ ଲାଇସେନ୍ସ

## ଜବତ ହେଲା ୨.୬୩ କୋଟି ଟଙ୍କା, ୧୦ ଗାଡ଼ି

ଭୁବନେଶ୍ୱର,୧୮।୧(ସତ୍ୟଜିତ ରାଉତ)



ଜବତ କାର୍।

ଗଞ୍ଜାମ ଜିଲାର ବିଜେଡି ନେତାଙ୍କ ସମେତ ବହୁ ଠିକାଦାର, ମଦ ଓ ବାଲି ମାଫିଆଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଚଢ଼ାଉ କରିବାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଲାଗି ରହିଛି। ଗଞ୍ଜାମ ଜିଲାର ବିଭିନ୍ନ ନଦୀ ବାଲିଘାଟର ଲିଜ୍‌ଧାରୀଙ୍କୁ ଏହି ମାଫିଆମାନେ ଟାର୍ଗେଟ କରୁଥିଲେ। ବାହୁବଳ ଯୋଗୁ ଜବରଦସ୍ତି ଲିଜ୍‌ଧାରୀଙ୍କଠାରୁ ଲାଇସେନ୍ସ ନେଇଯାଉଥିଲେ ବୋଲି ଇଡି ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଏହି ଚଢ଼ାଉ ବେଳେ ୨ କୋଟି ୬୩ ଲକ୍ଷ ଟଙ୍କା ସମେତ ୧୦ଟି ଚାରିଚକିଆ ଯାନ ଜବତ କରାଯାଇଥିବା ଇଡି ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଶୁକ୍ରବାର ଠାରୁ ଗଞ୍ଜାମର ୨୫ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରିଥିଲା। ଜବତ ଗାଡ଼ି ମଧ୍ୟରୁ ୨ଟି କାର୍ ମାଷ୍ଟରମାଇଣ୍ଡ୍ କୃପାସିନ୍ଧୁ ମୁଦୁଲିଙ୍କର। ଅନ୍ୟ ୮ଟି ଗାଡ଼ି ବେନାମୀ ବୋଲି ଇଡି ପକ୍ଷରୁ କୁହାଯାଇଛି। ଏପରି କି ଅଭିଯୁକ୍ତମାନେ କେବଳ ବେଆଇନ ଭାବେ ନଗଦ ଟଙ୍କା କାରବାର କରୁଛି, ଯଦ୍ୱାରା ରାଜ୍ୟ ସରକାର ପ୍ରବଳ ରାଜସ୍ୱ କ୍ଷତି ସହୁଥିଲେ। ବହୁବର୍ଷ ଧରି ଗଞ୍ଜାମ ଜିଲାର ଏହି ବାଲି ବ୍ୟବସାୟୀମାନେ ବେଆଇନ ବାଲିଘାଟ ଚଳାଇ ଅପରାଧ କାର୍ଯ୍ୟ ସହ ଟଙ୍କା କାରବାର ଚଳାଇଥିଲେ। ଋଷିକୁଲ୍ୟା, ବାହୁଦା, ବଡ଼ ନଦୀରୁ ବେଆଇନ ଭାବେ ବାଲି ଉଠାଇ ଆନ୍ଧ୍ରପ୍ରଦେଶକୁ ଚାଲାଣ କରୁଥିଲେ। ଏନେଇ ସିଏଜି ରିପୋର୍ଟରେ ଜଣାପଡ଼ିବା ପରେ ଇଡି ପ୍ରାଥମିକ ତଦନ୍ତ କରି ଚଢ଼ାଉ କରିଥିଲା। ଏହି ମାମଲାରେ ଅଧିକ ତଦନ୍ତ ଚାଲୁରହିଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି।

# ବିଧବା ମହିଳାଙ୍କୁ ବଳାତ୍କାର

ଗୋପାଳପୁର,୧୮।୧(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ବିଧବା ମହିଳାଙ୍କୁ ବଳାତ୍କାର କରାଯାଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ଖବର ଅନୁସାରେ, ମହିଳା ଜଣକ ଘରେ ଏକୁଟିଆ ରହୁଥିଲେ। ସେହି ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ବି.ଆପା ରାଓ ଗତ ୨ ମାସ ହେଲା ତାଙ୍କୁ ପିଛା କରି ବିଭିନ୍ନ ସମୟରେ ଶାରୀରିକ ସମ୍ପର୍କ ରଖିବା ପାଇଁ ତାଙ୍କୁ ବାଧ୍ୟ କରୁଥିଲେ। ୮ ତାରିଖ ସକାଳେ ମହିଳା ଜଣକ ଗ୍ରାମ ନିକଟସ୍ଥ କିଆ ବାଡ଼ ଯାଇଥିଲେ। କିଆ ଫୁଲ ତୋଳୁଥିବା ସମୟରେ ଆପା ରାଓ ସେଠାରେ ପହଞ୍ଚି ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ ନ କହିବା ପାଇଁ ଧମକ ଦେଇଥିଲେ। ଭୟରେ ମହିଳା ଜଣକ କାହାରିକୁ କହି ନ ଥିଲେ। ପୁଣି ଗତ ୧୬ ତାରିଖ ରାତି ପ୍ରାୟ ୯ ଟା ବେଳେ ମହିଳାଙ୍କ ଘର ପଛପଟୁ ଆପା ରାଓ ପଶି ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିବା ବେଳେ ମହିଳା ଜଣକ ବିରୋଧ କରିଥିଲେ। ଆପା ରାଓ ଗାଳି କରି ଧମକ ଦେଇଥିଲେ। ଏନେଇ ଗୋଳନ୍ଥରା ଥାନାରେ ମହିଳା ଜଣକ ଅଭିଯୋଗ କରିଥିଲେ। ଖବର ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇ ନ ଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ହିର୍ଲି ଗ୍ରାମରୁ କଟାପାଦ, ନଦୀ ପାର୍ଶ୍ୱରୁ ମଣିଷ ଖପୁରି, ହାଡ଼ ଜବତ

ପାଟଣାଗଡ଼,୧୮।୧ (ସଚ୍ଚିଦାନନ୍ଦ ମହାକୁର)

## ସନ୍ଦେହଘେରରେ ନାବାଳକ ଅପହରଣ ଘଟଣା

ବଲାଙ୍ଗୀର ଜିଲା ଲରମ୍ଭା ଥାନା ଅଧୀନ ହିର୍ଲି ଗ୍ରାମରୁ ରବିବାର ସକାଳେ ଜଣେ ନାବାଳକଙ୍କ କଟାପାଦ ଏବଂ ନିକଟସ୍ଥ ସୁକ୍‌ତେଲ ନଦୀ ହିର୍ଲି ବ୍ରିଜ୍ ତଳୁ ଏକ ଖପୁରି ଓ କିଛି ହାଡ଼ ପୋଲିସ ଜବତ କରିଛି। ଉକ୍ତ ଖପୁରି ଓ ହାଡ଼ ପଡ଼ିଥିବା ସ୍ଥାନଠାରୁ କିଛି ଦୂରରେ ନୀଳରଙ୍ଗର ଏକ ଫୁଲ୍‌ପ୍ୟାଣ୍ଟ ପଡ଼ିଥିବା ଦେଖିବାକୁ ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତ ୨ ତାରିଖରେ ସୁକ୍‌ତେଲ ବ୍ରିଜ୍ ଉପରୁ ଲରମ୍ଭା ଥାନା ଅଧୀନ କାଦୋପାଣି ଗ୍ରାମର ଘନଶ୍ୟାମ ବରିହା(୧୨)ଙ୍କୁ ଅପହରଣ କରାଯାଇଥିଲା। ଏନେଇ ତାଙ୍କ ବାପା ସମାରୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ହେଲେ ଏପର୍ଯ୍ୟନ୍ତ ଘନଶ୍ୟାମଙ୍କ ପତ୍ତା ମିଳିପାରିନାହିଁ। ଗୋଟିଏ ପଟେ ଘନଶ୍ୟାମଙ୍କ ପତ୍ତା ନ ମିଳିବା ଏବଂ ଅନ୍ୟପଟେ ହିର୍ଲି ଗ୍ରାମରୁ କଟାପାଦ ଓ ନଦୀକୂଳରୁ ଖପୁରି, ହାଡ଼ ମିଳିବା ଘଟଣା ପ୍ରସଙ୍ଗକୁ ରହସ୍ୟାବୃତ କରିଛି।

ସୂଚନା ଅନୁଯାୟୀ, ରବିବାର ସକାଳ ପ୍ରାୟ ସାଢେ ୬ଟାରେ ହିର୍ଲି ଗ୍ରାମରେ ଏକ କଟାପାଦକୁ ୩ଟି କୁକୁର ଟଣାଓଟରା କରି ଖାଉଥିବା ସ୍ଥାନୀୟ ଜଣେ ମହିଳା ଦେଖିଥିଲେ। ଏ ସମ୍ପର୍କରେ ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲା। କିଛି ସମୟରେ ସୁକ୍‌ତେଲ ନଦୀ ହିର୍ଲି ବ୍ରିଜ୍ ତଳୁ ଏକ ଖପୁରି ଓ କିଛି ହାଡ଼ ମଧ୍ୟ ପୋଲିସ ଜବତ କରିଛି। ଉକ୍ତ କଟାପାଦକୁ ନେଇ ଘନଶ୍ୟାମଙ୍କ ମା’ବାପା ଦ୍ୱନ୍ଦ୍ୱରେ ପଡିଥିବାବେଳେ ପ୍ୟାଣ୍ଟ ଆମ ପୁଅର ନୁହେଁ ବୋଲି କହିଥିଲେ। ସେହିପରି ଖପୁରି ଓ ହାଡ଼ ବିଷୟରେ ସେମାନେ କିଛି କହିପାରି ନ ଥିଲେ। ତେବେ ଘଟଣାର ତଦନ୍ତ ଜାରି ରହିଥିବାବେଳେ ଏ ସମ୍ପର୍କରେ ପୋଲିସ ପ୍ରତିକ୍ରିୟା ଦେବା ପାଇଁ ଅନିଚ୍ଛା ପ୍ରକାଶ କରିଛି। ଅପରପକ୍ଷେ ଘନଶ୍ୟାମ ଅପହରଣ ଘଟଣାକୁ ୧୬ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ତାଙ୍କୁ ଉଦ୍ଧାର କରିପାରି ନାହିଁ କି ଅପହରଣକାରୀଙ୍କୁ ଗିରଫ କରିପାରିନାହିଁ। ତେବେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ଘନଶ୍ୟାମଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ରାଜ୍ୟ ସରକାର ଏଦିଗରେ ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ସେମାନେ ଦାବି କରିଛନ୍ତି।

**OFFICE OF THE REGULATED MARKET COMMITTEE, CHANDBALI**

Tender Call Notice No. 28 — Date: 15.01.2026

**INVITATION OF BIDS THROUGH E-PROCUREMENT**

The A.D.M. Bhadrak-cum-Chairman, RMC, Chandbali invite percentage rate bids double cover system (Technical Bid & Price Bid) in online mode for three number of work-construction of various infrastructures different market yard at Simulia, Motto, Aradi Sub Market Yard under R.M.C., Chandbali from the eligible ‘B’ & ‘D’ & ‘C’ Class contractors registered with Govt. of Odisha or equivalent class of Govt. of India/C.P.W.D./Central Undertaking/Railway/M.E.S. The detail bid documents will be available in E-Procurement portal **https://tendersodisha.gov.in** from Dt.19.01.2026 to Dt.03.02.2026 upto 5.00 P.M. The authority reserves the right to reject tenders without assigning any reason thereof.

Sd./- A.D.M. Bhadrak-cum-Chairman, RMC, Chandbali

# ଶିମିଳିପାଳ ସଂଲଗ୍ନ ଅଞ୍ଚଳରେ ଅଫିମ ଚାଷ


ପୋଲିସ,ଅବକାରୀ ଓ ବନ ବିଭାଗ କର୍ମଚାରୀ ଅଫିମ ଗଛ ନଷ୍ଟ କରୁଛନ୍ତି।

## ୧.୯୧ କୋଟି ଟଙ୍କାର ଗଛ ନଷ୍ଟ କଲା ମିଳିତ ଟିମ୍

ବାରିପଦା,୧୮।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ସଂଲଗ୍ନ ଯଶୀପୁର ଥାନା ଅଧୀନ ଗୋପୀନାଥପୁର ଗ୍ରାମରେ ଚାଲିଥିବା ବେଆଇନ ଅଫିସ ଚାଷ ପୋଲିସ, ଅବକାରୀ ଓ ବନ ବିଭାଗ ମିଳିତ ଟିମ୍ ଠାବ କରିଛି। ଗୋଇନ୍ଦା ସୂଚନା ଆଧାରରେ ଚଢ଼ାଉ ପରେ ମୋଟ ୯୫,୮୫୦ଟି ଅଫିମ ଗଛ ନଷ୍ଟ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧ କୋଟି ୯୧ ଲକ୍ଷ ୭୦ ହଜାର ଟଙ୍କାର ହେବ ବୋଲି ପୋଲିସ ସୂଚନା ଦେଇଛି। ଏନେଇ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଛି। ଉଲ୍ଲେଖଯୋଗ୍ୟ, ଶିମିଳିପାଳ ଅଭୟାରଣ୍ୟ ଭିତରେ ପୂର୍ବରୁ ଏଭଳି ଅଫିମ ଚାଷ ବାରମ୍ବାର ଧରାପଡ଼ିଛି।

No. T-129

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା19.01.2026ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-

**GOVERNMENT OF ODISHA**
**DEPARTMENT OF WOMEN AND CHILD DEVELOPMENT**
**MAHILA VIKAS SAMABAYA NIGAM**
Plot No. 483 (pt.), W&CD Complex, Ganganagar, Unit-VI, Bhubaneswar - 751001, Phone No.: 0674-2393822
Email Id: mvsn_bbsr@yahoo.com

**TENDER NOTICE**

Tender No. 63 — Dated: 17.01.26

No. CAD-3054: Sealed tenders in double cover are invited from the interested GST-registered agencies/suppliers through two bid system (Technical and Financial) for supply of **“Water Bottle”** as per the details given below:

| Sl. No. | Name of the Item | Quantity Required |
|---|---|---|
| 1 | Water Bottle | 51796 |

The tender complete in all respects, must reach the Office of the Managing Director, Mahila Vikas Samabaya Nigam (MVSN), W&CD Complex, Plot No. 483 (pt.), Ganganagar, Unit - VI, Bhubaneswar - 751001 on or before 09.02.2026 through Speed Post/Courier only.
The tender document containing general bid information and other terms & conditions can be downloaded from the website from **https://wcd.odisha.gov.in/** from 19.01.2026 to 09.02.2026.
Bids received after the due date and time shall be summarily rejected. The authority reserves the right to accept or reject any or all bids and to cancel the tender process at any stage without assigning any reason thereof.

Sd./- Managing Director
Mahila Vikas Samabaya Nigam (MVSN)
OIPR-

**GOVERNMENT OF ODISHA**
**DEPARTMENT OF WOMEN AND CHILD DEVELOPMENT**
**MAHILA VIKAS SAMABAYA NIGAM**
Plot No. 483 (pt.), W&CD Complex, Ganganagar, Unit-VI, Bhubaneswar - 751001, Phone No.: 0674-2393822
Email Id: mvsn_bbsr@yahoo.com

**TENDER NOTICE**

Tender No. 64 — Dated: 17.01.26

No. CAD-3053: Sealed tenders in double cover are invited from the interested GST-registered agencies/suppliers through two bid system (Technical and Financial) for **“Measurement Bowl & Slotted Spoon”** as per the details given below:

| Sl. No. | Name of the Item | Quantity Required |
|---|---|---|
| 1 | “Measurement Bowl & Slotted Spoon” | 51796 Nos. each |

The tender complete in all respects, must reach the Office of the Managing Director, Mahila Vikas Samabaya Nigam (MVSN), W&CD Complex, Plot No. 483 (pt.), Ganganagar, Unit - VI, Bhubaneswar - 751001 on or before 09.02.2026 through Speed Post/Courier only.
The tender document containing general bid information and other terms & conditions can be downloaded from the website from **https://wcd.odisha.gov.in/** from 19.01.2026 to 09.02.2026.
Bids received after the due date and time shall be summarily rejected. The authority reserves the right to accept or reject any or all bids and to cancel the tender process at any stage without assigning any reason thereof.

Sd./- Managing Director
Mahila Vikas Samabaya Nigam (MVSN)
OIPR-

**GOVERNMENT OF ORISSA** — No. O-2052
**OFFICE OF THE SUPERINTENDING ENGINEER, RURAL WORKS DIVISION, KARANJIA (MAYURBHANJ)**
Letter No. 125 — E.Mail ID: eerwkaranjia@yahoo.com — Date: 13.01.2026

**“e” Procurement Notice for Special Repair to Roads & Bridges and approach road & Periodical Maintenance works for year 2025-26**
Bid Identification No. - RWDKNJ-15/2025-26

1. Name of the Work : Road Works (As per Annexure)
2. Estimated Cost : Rs.38.14 to Rs.5.08 Lakhs Approximately (As per Annexure)
3. Class of Contractor : B & C, ‘D’ & ‘C’ Class (As per Annexure)
4. Period of Completion : As per Annexure
5. Tender Paper Cost : Paper cost of bid as mentioned in Annexure of Road Works

| Procurement officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date and Time of Opening of Tender in O/o. S.E.R.W. Division, Karanjia Technical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Road Online RWDKNJ - 15/25-26 | Dt.21.01.2026 at 11.00 A.M. | Dt.28.01.2026 upto 11.00 A.M. | Dt.27.01.2026 upto 1.00 P.M. | Dt.29.01.2026 at 05.00 P.M. |

Further details can be seen from the website **www.tendersodisha.gov.in** .
OIPR- — Sd./- Executive Engineer, R.W. Division, Karanjia

**GOVERNMENT OF ODISHA** — No. O-2074
**OFFICE OF THE SUPERINTENDING ENGINEER, RURAL WORKS DIVISION, BHUBANESWAR**
Ph. No.: 0674-2301787, Fax No.: 0674-2300965, E-Mail ID: eerw_bbsr@yahoo.co.in
No. Tender Online BBSR Divn. 34 — Date: 12.01.2026

**e-Procurement NOTICE**

1. Name of the Work : Repair/Maintenance Roads & Construction of Building
2. Total No. of Projects : 25 Nos. of Projects
3. Class of Contractor :
   a) Above Rs.20 lakh and upto 3 Crore : **B Class** (of Odisha PWD) or equivalent class of other licensing authorities
   b) Upto Rs.40.00 lakh : **C Class** (of Odisha PWD) or equivalent class of other licensing authorities
   c) Upto Rs.20.00 lakh : **D Class** (of Odisha PWD) or equivalent class of other licensing authorities
4. Estimated Cost of individual project : Rs.5 lakh to 42 lakhs
5. Time for Completion : As per Annexure of TCN Col No. 5
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online - BBSR Divn. - 34 | 21.01.2026 at 11.00 A.M. | 30.01.2026 upto 5.00 P.M. | 31.01.2026 at 11.00 A.M. |

Further details can be seen from the website **www.tendersorissa.gov.in**.
OIPR- — Sd./- Superintending Engineer, Rural Works Divn., BBSR

बैंक ऑफ़ बड़ौदा Bank of Baroda

**ବ୍ୟାଙ୍କ ଅଫ୍ ବରୋଦା**
କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଓଡ଼ିଶା

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

(ପରିଶିଷ୍ଟ-୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮ (୧) ଅନୁସାରେ)

ନିମ୍ନସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ, ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ନିମ୍ନଲିଖିତ ଅର୍ଥ ରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ସିକ୍ୟୁରିଟି (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ ୮ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନ ଦର୍ଶିତ ତାରିଖରେ ଦଖଲ କୁ ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନରେ ଦିଆଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ ବ୍ୟାଙ୍କ ଅଫ୍ ବରୋଦା ନିକଟରେ ଉତ୍ତରଦାୟୀ ରହିବେ। ଏତତ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉ ଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଶାଖା / ଋଣଗ୍ରହୀତା/ ଜାମିନଦାରଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ / ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| ଛତରପୁର ଶାଖା /ଋଣଗ୍ରହୀତା : ଶ୍ରୀମତୀ ସର୍ମିଷ୍ଠା ଆଚାର୍ଯ୍ୟ (ଓରଫ ଶ୍ରୀମତୀ ସର୍ମିଷ୍ଠା ମିଶ୍ର), ସ୍ୱା: ଶ୍ରୀ ସୁରଞ୍ଜନ ମିଶ୍ର, ଗ୍ରା/ପୋ: ବଡଦାଣ୍ଡ ସାହି, ପୋ: ଖଲିକୋଟ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୩୦ | ଆଇନ୍‌ଗତ ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତି ର ମାଲିକାନା ଶ୍ରୀମତୀ ସର୍ମିଷ୍ଠା ଆଚାର୍ଯ୍ୟ (ଓରଫ ଶ୍ରୀମତୀ ସର୍ମିଷ୍ଠା ମିଶ୍ର), ସ୍ୱାମୀ: ଶ୍ରୀ ସୁରଞ୍ଜନ ମିଶ୍ର, ଜିଲ୍ଲା: ଗଞ୍ଜାମ, ଥାନା: ରମ୍ଭା, ତହସିଲ: ଖଲ୍ଲିକୋଟ, ମୌଜା: ଫୁଲଝରା, ଖାତା ନଂ. ୭୪/୧୫୩, ପ୍ଲଟ: ୩୭୪/୯୫୬, କ୍ଷେତ୍ର: ଏକର ୦.୦୨୪ ଡ଼ିସିମିଲି, ଚୌହଦି: ପୂର୍ବରେ ରାସ୍ତା, ପଶ୍ଚିମରେ: ବିକ୍ରେତାଙ୍କ ଜମି, ଉତ୍ତରରେ : ବିକ୍ରେତାଙ୍କ ଜମି, ଦକ୍ଷିଣରେ: ସସ୍ମିତା ରାଣୀ ମିଶ୍ରଙ୍କ ଜମି। | ୧୦-୧୨-୨୦୨୪ / ୧୬.୦୧.୨୦୨୬ | ୨୧.୦୯.୨୦୨୫ ସୁଦ୍ଧା ଟ. ୨୮୨୫୭୬୮.୧୭/- (ଅଠାଇଶ ଲକ୍ଷ ପଚିଶ ହଜାର ସାତ ଶହ ଅଠଷଠି ଏବଂ ସତର ପଇସା ମାତ୍ର) + ତତ୍‌ପରବର୍ତ୍ତୀ ସୁଧ ଓ ଅନ୍ୟାନ୍ୟ ଦେୟ |
| ଗଙ୍ଗ ନଗର ଶାଖା/ ଋଣଗ୍ରହୀତା : ମେସର୍ସ ବ୍ଲୁ ମୁନ୍ ଇଣ୍ଟରନ୍ୟାସନାଲ (ପ୍ରୋପାଇଟର- ଶ୍ରୀମତୀ ସନ୍ଧ୍ୟା ରାଣୀ ଜେନା), ଗ୍ରାମ: ଜେମାଦେବୀ ଉଚ୍ଚ ବିଦ୍ୟାଳୟ ନିକଟ, ତଳ ମହଲ୍ଲା, ପ୍ଲଟ୍ ନଂ.-୪୪୪/୨୮୬୧, ଫେଜ୍-୨, ଲିଙ୍ଗିପୁର, ଭୁବନେଶ୍ୱର-୭୫୧୦୦୨, ଗ୍ୟାରେଣ୍ଟର୍-ଶ୍ରୀମତୀ ତୁଳସୀ ରାଉତ (ଓରଫ ତୁଳସା ରାଉତ), ସ୍ୱାମୀ: ବୃନ୍ଦନାଥ ରାଉତ, ଗ୍ରା: ଏଗ୍ରିକଲଚର୍ ବ୍ୟାରେକ୍ ବ୍ଲକ, କ୍ୱାଟର ୧୨, ୟୁନିଟ୍-୩, ଖାରବେଳ ନଗର ଭୁବନେଶ୍ୱର-୭୫୧୦୦୧ | ଋଣ ଏବଂ ବନ୍ଧକ ସମ୍ପତ୍ତିର ବିବରଣୀ: ମୌଜା- ସରଦେଇପୁର, ତହସିଲ-ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନଂ.-୨୫୧/୬୩୩ ତତ୍‌ସମ୍ବନ୍ଧୀୟ ସାବିକ ଖାତା ନଂ.-୨୫୧/୨୭, ହାଲ୍ ପ୍ଲଟ୍ ନଂ-୫୫୧/୧୦୯୩ ତତ୍‌ସମ୍ବନ୍ଧୀୟ ସାବିକ ଖାତା ନଂ.-୫୫୧, ଏରିଆ ୦.୦୪୮ ଡିସିମିଲ, କିସମ - ଘରବାରି, ସତ୍ୱ-ସ୍ଥିତିବାନ ସମ୍ପତ୍ତିର ମାଲିକାନା ତୁଳସୀ ରାଉତ (ଓରଫ ତୁଳସା ରାଉତ), ଚୌହଦି ପ୍ଲଟ ନଂ. ୫୫୧, ଭୁବନେଶ୍ୱର ସିଭିଲ୍ ଜଜ୍, ସିନିୟର ଡିଭିଜନଙ୍କ ସମ୍ମୁଖରେ ଦାୟର ଆପୋଷ ଆବେଦନ ଅନୁଯାୟୀ: ଉତ୍ତର-ପରମାନନ୍ଦ ସାହୁ, ଦକ୍ଷିଣ-ରାସ୍ତା/ସାଧାରଣ ସାମୂହିକପଥ ପୂର୍ବ-କୁଳମଣି ମହାପାତ୍ର, ପଶ୍ଚିମ: ମାଗୁନି ପଣ୍ଡା | ୦୯-୦୫-୨୦୨୫ / ୧୭.୦୧.୨୦୨୬ | ୩୦.୦୪.୨୦୨୫ ସୁଦ୍ଧା ଟ. ୨୪୦୮୪୭୨/- (ଚବିଶ ଲକ୍ଷ ଆଠ ହଜାର ଚାରିଶହ ବାସ୍ତରୀ ମାତ୍ର) + ତତ୍‌ପରବର୍ତ୍ତୀ ସୁଧ ଓ ଅନ୍ୟାନ୍ୟ ଦେୟ |

ତାରିଖ: ୧୯.୦୧.୨୦୨୬
ସ୍ଥାନ:: ଭୁବନେଶ୍ୱର

ସ୍ୱା-କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା

## 'ବୁଲିଥିଲି ଭୁଲି ନାହିଁ' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୧୮।୧ (ସୌମ୍ୟରଞ୍ଜନ ରାଉତ)

ଶିଳାଶ୍ରୀ ପବ୍ଲିକେଶନ୍ ପକ୍ଷରୁ ରବିବାର ବୁଦ୍ଧ ମନ୍ଦିର ସଭା କକ୍ଷରେ ଗୋପାଳ ଚନ୍ଦ୍ର ମିଶ୍ରଙ୍କ ପୁସ୍ତକ 'ବୁଲିଥିଲି ଭୁଲି ନାହିଁ' ଲୋକାର୍ପିତ ହୋଇଯାଇଛି। ଶିଳାଶ୍ରୀର ସମ୍ପାଦିକା ବାସନ୍ତୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସାହିତ୍ୟିକ ଡ. ଅସିତ ମହାନ୍ତି, ଶିକ୍ଷାବିତ୍ ଡ. ପ୍ରତିଭା ମହାରଥୀ, କବି ପ୍ରବୀର ମହାନ୍ତି ଓ ଗୋପାଳ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ନିରୁପମା କର, ମଞ୍ଜୁଳା ତ୍ରିପାଠୀ, ରଜନୀ କାନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଭାଷାବିତ୍ ଡ. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଲିଙ୍ଗରାଜ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ପୋଲିସକୁ ଗୁଳି ଉଦ୍ୟମ : ୧୦ ଗିରଫ, ବନ୍ଧୁକ ସହ ଗାଡ଼ି ଜବତ

ବାରଙ୍ଗ,୧୮।୧(ଲିଙ୍ଗରାଜ ରାଉତ)



ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ଛକ ନିକଟ କୁସିନ୍ଦା ଗ୍ରାମରେ ରବିବାର ତ୍ରିଲୋଚନ ପ୍ରଧାନଙ୍କର ଚାଲିଥିବା ପ୍ରୋଜେକ୍ଟ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ପାଇଁ କେତେଜଣ ପୋଲିସ ଉପରକୁ ଗୁଳି ଚାଳନା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୧୦ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ବିଡାନାସୀର ଲିଟୁ ଓରଫ ଭାରତ ବେହେରା, ରାକେଶ ବେହେରା, ଗୋପାଳ ସାହିର ଦିଲ୍ଲୀପ କୁମାର ସାମଲ, ଓମ୍ ସାସମଲ, ବଉଳଛକର ଆୟୁଷ ମହାନ୍ତି, ତ୍ରିଶୂଳିଆ ଗ୍ରାମର ସୁରେଶ ସିଂ ଓ ସନ୍ତୋଷ ସାମଲ, ନିଆଳିର ପୁପୁନ ବେହେରା, ଫୁଲନଖରାର ସତ୍ୟବାନ ସାମଲ ଏବଂ ତମାଣ୍ଡୋ ପାତ୍ରପଡ଼ାର ସିଦ୍ଧାନ୍ତ ଓମ୍ ପ୍ରକାଶ। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଗାଡ଼ି, ମୋବାଇଲ, ବନ୍ଧୁକ ଓ ଗୁଳି ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଏ ନେଇ ଏକ ମାମଲା (ନଂ ୩୯/୨୬) ରୁଜୁ ହୋଇଛି । ସୂଚନା ଅନୁଯାୟୀ, ରବିବାର ଅପରାହ୍ନ ପ୍ରାୟ ୨ଟାରେ ତ୍ରିଶୂଳିଆ ଛକ ପାଖ କୁସିନ୍ଦା ଗ୍ରାମ ନିକଟରେ ଜଣେ ବିଲ୍ଡରଙ୍କ ପ୍ରୋଜେକ୍ଟ କାମ ଚାଲୁଥିଲା। ଏହି ସମୟରେ ଏକ କଳାରଙ୍ଗର ଥାର୍ ଗାଡ଼ି (ନଂ. ଓଡି ୦୫ସିଡି୦୩୨୦)ରେ କେତେଜଣ ସେଠାରେ ପହଞ୍ଚି ଆତଙ୍କ ସୃଷ୍ଟି କରିଥିଲେ। ସେମାନେ ବନ୍ଧୁକ ଦେଖାଇ କାମ କରୁଥିବା ଲୋକମାନଙ୍କୁ ଭୟଭୀତ କରାଇ କାମ ବନ୍ଦ କରିବାକୁ କହିଥିଲେ। ଖବରପାଇ ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଯୁବକମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ପୋଲିସ ହାତରୁ ଖସିଯିବା ପାଇଁ ସେମାନେ ଫାଙ୍କା ଗୁଳି ଫୁଟାଇଥିଲେ। ମାତ୍ର କୌଶଳକ୍ରମେ ପୋଲିସ ୧୦ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା।

# ଡକାୟତି ପୂର୍ବରୁ ୬ ଗିରଫ

### କଟୁରି, ଖଣ୍ଡା, ଚାପଡ, ଛୁରି ଆଦି ମାରଣାସ୍ତ୍ର ଜବତ



ଗିରଫ ଅଭିଯୁକ୍ତ ଓ ଜବତ ଖଣ୍ଡା, ଚାପଡ଼, ଛୁରି ଆଦି ସାମଗ୍ରୀ।

ଭୁବନେଶ୍ୱର,୧୮।୧(ସତ୍ୟଜିତ ରାଉତ)

ଏୟାରଫିଲ୍ଡ ଥାନା ଅଞ୍ଚଳରେ ଶନିବାର ରାତିରେ ସଶସ୍ତ୍ର ଡକାୟତି ଯୋଜନା ପଣ୍ଡ ହୋଇଛି। ପୋଲିସ ଟିମ୍ ପାହାନ୍ତା ସମୟରେ ଏକ କୋଠାରେ ଚଢ଼ାଉ କରି ଡକାୟତି ଗ୍ୟାଙ୍ଗକୁ ଧରିବା ସହ ସମ୍ପୃକ୍ତ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସୁନ୍ଦରପଦାରେ ରହୁଥିବା ଖୋର୍ଦ୍ଧା ଟାଙ୍ଗୀ ଅଞ୍ଚଳର କାଳୁ ଚରଣ ନାୟକ (୨୯), ଗଞ୍ଜାମ ବଡ଼ ବଜାରର ଆର୍. ରାଜୁ (୨୦), ନୟାପଲ୍ଲୀ ଅଞ୍ଚଳର ରାହୁଲ ମାଝୀ (୨୪), ଧଉଳିରେ ରହୁଥିବା ଗଞ୍ଜାମର ସୁଜିତ କୁମାର ତ୍ରିପାଠୀ (୨୪) ଓ ନୟାଗଡ଼ ବଡ଼ମ୍ବା ଅଞ୍ଚଳର ବିମଳ ମହାନ୍ତି (୨୩)। ଅଭିଯୁକ୍ତମାନଙ୍କଠାରୁ କଟୁରି, ଖଣ୍ଡା, ଚାପଡ, ଛୁରି ଓ ଅନ୍ୟାନ୍ୟ ମାରଣାସ୍ତ୍ର ସମେତ ଲଙ୍କାଗୁଣ୍ଡ, ମଦ ବୋତଲ ଆଦି ଜବତ କରାଯାଇଛି। ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଆରିୟନ ନଗରସ୍ଥିତ ଏକ ଡୁପ୍ଲେକ୍ସ କୋଠାର ଅନ୍ଧାରୁଆ ରୁମ୍‌ରେ କେତେଜଣ ଦୁର୍ବୃତ୍ତ ବସି ମଦ୍ୟପାନ କରିବା ସହ ସ୍ଥାନୀୟ ଅଞ୍ଚଳରେ ସଶସ୍ତ୍ର ଡକାୟତି ପାଇଁ ଯୋଜନା କରୁଥିବା ପୋଲିସ ସୂଚନା ପାଇଥିଲା। ଏହାପରେ ପୋଲିସ ଟିମ୍ ଉକ୍ତ କୋଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ପଚରାଉଚରା ସମୟରେ ଅଭିଯୁକ୍ତମାନେ ସେଠାରେ ବସି ନିକଟସ୍ଥ ଅଞ୍ଚଳରୁ ସଶସ୍ତ୍ର ଡକାୟତି କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ସ୍ୱୀକାର କରିଥିଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ କାଳୁଚରଣଙ୍କ ନାମରେ ପୂର୍ବରୁ ଗଞ୍ଜାମ, ସୋରଡା ଓ ଭୁବନେଶ୍ୱର ନୟାପଲ୍ଲୀ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ସେହିପରି ଅଭିଯୁକ୍ତ ରାହୁଲଙ୍କ ନାମରେ କ୍ୟାପିଟାଲ ଥାନା ଓ ନୟାପଲ୍ଲୀ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ଏନେଇ ଏୟାରଫିଲ୍ଡ ଥାନା ପକ୍ଷରୁ ମାମଲା (ନଂ.୨୩/୨୦୨୬) ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ସୂଚନା ଦିଆଯାଇଛି।

# କର୍କଟରୁ ଉପଶମ ମିଳିପାରିବ

### ଏକାମ୍ର କଲେଜ ପକ୍ଷରୁ ସ୍ତନ ଓ ମୁଖ କର୍କଟ ସଚେତନତା ଶିବିର

ଭୁବନେଶ୍ୱର,୧୮।୧
(ରବିନାରାୟଣ ଜେନା)

କର୍କଟ ଏକ ଜଟିଳ ରୋଗ। ଏହା ଜାଣିବା ପରେ ଲୋକେ ଭୟଭୀତ ହୋଇପଡୁଛନ୍ତି। ଏହାଦ୍ୱାରା ରୋଗୀଙ୍କ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ଯଦି ରୋଗକୁ ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ କରାଯାଇ ଚିକିତ୍ସା ଆପଣା ଯାଆନ୍ତା ତେବେ ଏହାକୁ ନିୟନ୍ତ୍ରଣ କରାଯାଇ ପାରନ୍ତା ଏବଂ ରୋଗୀ ଉପଶମ ପାଇପାରନ୍ତେ ବୋଲି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ପ୍ରଫୁଲ୍ଲ କୁମାର ମହାନ୍ତି କହିଛନ୍ତି।

ଭୁବନେଶ୍ୱର ଏକାମ୍ର ମହାବିଦ୍ୟାଳୟ, ୟୁଆଇଏସ୍ କ୍ୟାନ୍‌ସର ଫାଉଣ୍ଡେଶନ ଚାରିଟେବଲ୍ ଟ୍ରଷ୍ଟ ଓ ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ ଶନିବାର ଅନୁଷ୍ଠିତ ସ୍ତନ ଓ ମୁଖ କର୍କଟ ସଚେତନତା ଶିବିରରେ ଡ. ମହାପାତ୍ର କର୍କଟ ରୋଗର କାରଣ ଓ ନିରାକରଣ ଉପରେ ସାରଗର୍ଭକ ଭାଷଣ ରଖିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ରାଜଶ୍ରୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ଟ୍ରଷ୍ଟର ସଦସ୍ୟ ରାଧାକୃଷ୍ଣ ଦାସ ଅତିଥି ପରିଚୟ ପ୍ରଦାନ ସହିତ କର୍କଟ ରୋଗ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ସ୍ତନ କର୍କଟ ରୋଗ ବିଶେଷଜ୍ଞ ଡା. ଲୋପାମୁଦ୍ରା ଦାସ ରଏ ଯୋଗଦେଇ କର୍କଟର କାରଣ ନିରାକରଣ ଓ ଏହାକୁ କିଭଳି ପ୍ରାଥମିକ ତଦନ୍ତ ଦ୍ୱାରା ରୋକାଯାଇପାରିବ ସେ ବିଷୟରେ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ହାଇଟେକ୍ ଡେଣ୍ଟାଲ ମହାବିଦ୍ୟାଳୟର ଡା.ସନ୍ଦୀପ ସାମଲ ଓ ଡା. ଅନୁରାଧା ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ମୁଖ କର୍କଟ ସମ୍ପର୍କରେ ଅବଗତ କରିଥିଲେ। ସାଧାରଣ ଲୋକେ ସେବନ କରୁଥିବା ତମାଖୁ ଓ ମାଦକ ଦ୍ରବ୍ୟ ପ୍ରତି ଯଦି ସଚେତନ ରହିବେ ତେବେ ଏହି ରୋଗ ବ୍ୟାପିବ ନାହିଁ ବୋଲି ସେମାନେ କହିଥିଲେ। ଡା. ପାଣିଗ୍ରାହୀ କହିଥିଲେ, ବର୍ତ୍ତମାନ ସମୟରେ ସମଗ୍ର ପୃଥିବୀରେ କର୍କଟ ରୋଗ ଏକ ଆହ୍ୱାନ ଭାବରେ ଉଭା ହୋଇଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଗବେଷଣା ଜାରି ରହିଛି। ତେବେ ଲୋକେ ସଚେତନ ହେଲେ ଏହି ଜଟିଳ ରୋଗରେ ଆକ୍ରାନ୍ତ ହେବେ ନାହିଁ ବୋଲି ସେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ସଂସ୍କୃତ ବିଭାଗର ଅଧ୍ୟାପିକା ଶୁଭଶ୍ରୀ ପ୍ରିୟଦର୍ଶିନୀ ସଭା ପରିଚାଳନା କରିଥିବାବେଳେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ଏକାମ୍ର କଲେଜରେ ଆୟୋଜିତ କର୍କଟ ସଚେତନତା ଶିବିରରେ ଯୋଗଦେଇଥିବା ଅତିଥି।

# ନୃତ୍ୟଗୁରୁ ମୀରା ଦାସଙ୍କୁ 'ଘୁଙ୍ଗୁର ସମ୍ମାନ'




ଭୁବନେଶ୍ୱର,୧୮।୧
(ସୌମ୍ୟରଞ୍ଜନ ରାଉତ)

ନୃତ୍ୟମ୍ କଳାକ୍ଷେତ୍ର ପକ୍ଷରୁ 'ଘୁଙ୍ଗୁର ଉତ୍ସବ' ରବିବାର ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଶୁଭେନ୍ଦୁ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ନୃତ୍ୟଶିଳ୍ପୀ ଶିକତା ଦାସ, ସ୍ନେହପ୍ରଭା ସାମନ୍ତ ରାୟ, ଓଏଏସ୍ ଅରୁଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୃତ୍ୟଗୁରୁ ମୀରା ଦାସଙ୍କୁ ନୃତ୍ୟକ୍ଷେତ୍ରରେ ଅମୂଲ୍ୟ ଅବଦାନ ପାଇଁ 'ଘୁଙ୍ଗୁର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

# ବିମାନବନ୍ଦରରେ ଏନ୍‌ସିବିର ରାତି ତମାମ ଚଢ଼ାଉ

ଭୁବନେଶ୍ୱର,୧୮।୧(ତ୍ରିନାଥ ମହାନ୍ତି)

### ହୋଟେଲରୁ ୫ଜଣଙ୍କୁ ଉଠାଇ ନେଇ ପଚରାଉଚରା

ନିଶା କାରବାର ଲିଙ୍କ୍‌ରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ପକ୍ଷରୁ ବଡ଼ ଧରଣର ଚଢ଼ାଉ ହୋଇଛି। ସନ୍ଧାନୀ କୁକୁର ଏବଂ ୩୦ ଜଣ ବଛା ବଛା ଅଫିସର ରାତି ୩ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ମାରାଥନ ରେଡ୍ କରି କରିଥିଲା। ତେବେ ବ୍ୟାଙ୍କକରୁ ଆସିଥିବା ଯାତ୍ରୀଙ୍କଠାରୁ ବିଦେଶୀ ନିଶା ମାରିଜୁଆନା ଜବତ ହୋଇଥିବା କୁହାଯାଉଛି। ଏହି ମାରିଜୁଆନା ଜବତ ପରେ ଏନ୍‌ସିବି ରାଜଧାନୀରେ ଥିବା ଏକାଧିକ ହୋଟେଲରେ ଚଢ଼ାଉ କରି ଘଟଣାର ଖୋଳତାଡ଼ କରିଥିଲା। ତେବେ ବିଦେଶୀ ନିଶା କାରବାର ଲିଙ୍କ୍‌ରେ ୫ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ଦେଶ ବାହାରୁ ଆସିଥିବା ଏକ ଫ୍ଲାଇଟରେ କିଛି ନିଶା ଦ୍ରବ୍ୟ ଆସିଥିବା ରାତି ୩ଟାରେ ଏନ୍‌ସିବିକୁ ଖବର ମିଳିଥିଲା। ରାତି ତମାମ ଏୟାରପୋର୍ଟରେ ଏନ୍‌ସିବି ଆରମ୍ଭ କରି ଦେଇଥିଲା ନାଇଟ ଅପରେଶନ। ଏନ୍‌ସିବିର ୩୦ରୁ ଅଧିକ କର୍ମଚାରୀ ଆରମ୍ଭ କରିଥିଲେ ଚଢ଼ାଉ। ଏଥିସହ ରାଜଧାନୀର ବିଭିନ୍ନ ହୋଟେଲରେ ବଡ଼ ଧରଣର ଚଢ଼ାଉ କରାଯାଇଥିଲା। ସୂଚନାଯୋଗ୍ୟ, ଗତ କିଛିମାସ ହେବ ବିଦେଶରୁ ବିଶେଷକରି ବ୍ୟାଙ୍କକ୍ ଓ ଥାଇଲ୍ୟାଣ୍ଡରୁ ମାରିଜୁଆନା ବିପୁଳ ପରିମାଣରେ ଓଡ଼ିଶାକୁ ଆସୁଛି। ଭୁବନେଶ୍ୱର ବିମାନ ବନ୍ଦରରେ ସୁରକ୍ଷା ବ୍ୟବସ୍ଥା ଢିଲା ଥିବାରୁ ନିଶା ମାଫିଆମାନେ ଏହି ବନ୍ଦରକୁ ଟାର୍ଗେଟ କରୁଛନ୍ତି। ଏଠାରେ ଏହି ନିଶାଦ୍ରବ୍ୟ ପହଞ୍ଚିବା ପରେ ରାଜପଥ ଦେଇ ବେଙ୍ଗାଲୁରୁ, କୋଲକାତା ଓ ହାଇଦ୍ରାବାଦକୁ ଚାଲାଣ କରାଯାଉଛି।

# ଡକାୟତି ଯୋଜନା ବେଳେ ଧରିଲା ପୋଲିସ

ଭୁବନେଶ୍ୱର,୧୮।୧(ତ୍ରିନାଥ ମହାନ୍ତି)

### ଖେଳନା ବନ୍ଧୁକ, କଟୁରୀ ଜବତ, ୫ ଗିରଫ

ରାଜଧାନୀ କଲେଜ ନିକଟରେ ଡକାୟତି ପାଇଁ ଯୋଜନା କରୁଥିବା ୫ଜଣ ଅପରାଧୀଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୋଲିସ। ସେମାନଙ୍କ ନିକଟରୁ ଗୋଟିଏ ଖେଳନା ବନ୍ଧୁକ, କଟୁରୀ, ଲଙ୍କା ପାଉଡର ଏବଂ ମଦ ବୋତଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସୂର୍ଯ୍ୟନଗରର ବିକି ଜେନା, ୟୁନିଟ୍-୬ରେ ରହୁଥିବା ମନୋଜ କୁମାର ନାୟକ, ସୁଶାନ୍ତ ନାୟକ ଏବଂ ପ୍ରକାଶ ଗାନା। ସୂଚନାଯୋଗ୍ୟ, ଖଣ୍ଡଗିରି ଥାନା ପୋଲିସ ରାତ୍ରିକାଳୀନ ପେଟ୍ରୋଲିଂ କରୁଥିବା ବେଳେ ରାଜଧାନୀ କଲେଜ ନିକଟ ଏକ ଅନ୍ଧାରୁଆ ଶୁନସାନ ସ୍ଥାନରେ ପାଞ୍ଚଜଣ ଦୁର୍ବୃତ୍ତ ଏକାଠି ବସି ମଦ୍ୟପାନ କରିବା ସହିତ ନିକଟ ଅଞ୍ଚଳରେ ସଶସ୍ତ୍ର ଡକାୟତି ନିମନ୍ତେ ଯୋଜନା କରୁଥିବା ସୂଚନା ପାଇଥିଲେ। ତୁରନ୍ତ ଏକ ପେଟ୍ରୋଲିଂ ଟିମ ଘଟଣା ସ୍ଥଳରେ ଚଢ଼ାଉ କରିବା ସହ ସମସ୍ତ ପାଞ୍ଚଜଣ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ବିକି ଜେନା ଓରଫ ବିକି ନାମରେ ପୂର୍ବରୁ କ୍ୟାପିଟାଲ ଥାନାରେ ୪ଟି ଓ ଲିଙ୍ଗରାଜ ଥାନାରେ ଗୋଟିଏ ମାମଲା ରହିଥିବା ବେଳେ ଅଭିଯୁକ୍ତ ବିକି ରାଉତ ଓରଫ ବିକିଙ୍କ ନାମରେ ଲିଙ୍ଗରାଜ ଥାନାରେ ଗୋଟିଏ ମାମଲା ରହିଥିବା ଜଣାପଡିଛି।

# ମେରା ଦେଶ ମହାନ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୮।୧(ବନ୍ଦନା ସେଠୀ)

ରୋଟାରୀ ଜିଲା ୩୨୬୨ ଆନୁକୂଲ୍ୟରେ ରୋଟାରୀ ରାଜଧାନୀ ମେଟ୍ରୋ ଦ୍ୱାରା 'ମେରା ଦେଶ ମହାନ' କାର୍ଯ୍ୟକ୍ରମ ୧୨୦ ବାଟାଲିୟନର ଅଫିସର୍ସ ମେସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ସେବାନିବୃତ୍ତ ଜଳ, ସ୍ଥଳ ଓ

### ସେବାନିବୃତ୍ତ ୩ ସେନାର ଅଧିକାରୀ ସମ୍ମାନିତ

ଆକାଶମାର୍ଗରେ କାର୍ଯ୍ୟ କରିଥିବା ଅଧିକାରୀଙ୍କୁ ସମ୍ମାନିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ବୋଲି ପ୍ରାନ୍ତପାଳ ମନୋଜ ତ୍ରିପାଠୀ କହିଛନ୍ତି। ଏହି ଅବସରରେ ସେ ଅଧିକାରୀମାନଙ୍କୁ ଉତ୍ତରୀୟ ଏବଂ ପଦକ ଦେଇ ସମ୍ମାନିତ କରିଥିଲେ। ରୋଟାରୀ ଜିଲା ପ୍ରାନ୍ତପାଳ ଏବଂ ପୂର୍ବତନ ପ୍ରାନ୍ତପାଳ ୨୦୨୪-୨୫ ରୋଟାରିୟାନ ଯଜ୍ଞାଶିଷ ମହାପାତ୍ର ଅଧିକାରୀଙ୍କୁ ସମ୍ବୋଧିତ କରିଥିଲେ। କାର୍ଯ୍ୟକ୍ରମର ବ୍ୟକ୍ତିଗତ ଅଭିଜ୍ଞତା ପ୍ରଦାନ କରିଥିଲେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏନ. ପି. ପାଢ଼ି, ଏୟାର କମୋଡୋର ଅରବିନ୍ଦ ମହାନ୍ତି, ଭାଇସ୍ ଆଡମିରାଲ୍ ରମାକାନ୍ତ ପଟ୍ଟନାୟକ। ଦେଶାତ୍ମବୋଧକ ସଙ୍ଗୀତ ଗାନ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। କାର୍ଯ୍ୟକ୍ରମକୁ ରୋଟାରୀ କ୍ଲବ ଭୁବନେଶ୍ୱର ମେଟ୍ରୋର ସଭାପତି ବ୍ରିଗେଡ଼ିୟର ବରଦା ପ୍ରସନ୍ନ ପଟ୍ଟନାୟକ, ସମ୍ପାଦକ କର୍ଣ୍ଣେଲ ସୁନୀଲ ପଟ୍ଟନାୟକ, କରୋନେଲ ସୁଦର୍ଶନ ପଟ୍ଟନାୟକ ଓ ରୋଟାରିୟାନ ରସାନନ୍ଦ ରାଉତ ପରିଚାଳନା କରିଥିଲେ।

# ୪୫ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୮।୧(ତ୍ରିନାଥ ମହାନ୍ତି)

ମେଗା ଜଳସେଚନ ପ୍ରକଳ୍ପ ଅଧୀନରେ ଏକ ସିଭିଲ କାମ ଦେବାକୁ କହି ୪୫ଲକ୍ଷ ଠକେଇ ଘଟଣାରେ ଭରତପୁର ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲେ ବାଲିପାଟଣାର ସୂରଜ ଚନ୍ଦ୍ର ବିଶୋୟୀ। ଅଭିଯୋଗକାରୀ ପ୍ରିୟାଂଶ ପଲ୍ଲବ ଆଚାର୍ଯ୍ୟଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଏହି ପଦକ୍ଷେପ ନେଇଛି।

# ଆର୍‌ବିଆଇ ପକ୍ଷରୁ ସାକ୍ଷରତା ଷ୍ଟଲ୍ ପ୍ରଦର୍ଶନ



ଭୁବନେଶ୍ୱର, ୧୮।୧(ବନ୍ଦନା ସେଠୀ)

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଭୁବନେଶ୍ୱର ପକ୍ଷରୁ ରବିବାର ନୂଆ ଜାଗମରା ରୋଡ୍‌ରେ ଆୟୋଜିତ 'ପଥ ଉତ୍ସବ'ରେ ଆର୍ଥିକ ସାକ୍ଷରତା ଷ୍ଟଲ୍ ଖୋଲାଯାଇଥିଲା। ଏହି ଷ୍ଟଲ୍ ଆର୍‌ବିଆଇ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଷ୍ଟଲ୍‌ରେ ଜନସାଧାରଣଙ୍କ ମଧ୍ୟରେ ବିଭିନ୍ନ ଆର୍ଥିକ ସାକ୍ଷରତା ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହାସହିତ ଆର୍‌ବିଆଇ ଅଧିକାରୀଙ୍କ ଦ୍ୱାରା ପ୍ରଦର୍ଶିତ ପଥପ୍ରାନ୍ତ ନାଟକ ମାଧ୍ୟମରେ ବିଭିନ୍ନ ଆର୍ଥିକ ସଚେତନତା ବାର୍ତ୍ତା ପ୍ରସାର କରାଯାଇଥିଲା। ଏହି ଅବସରରେ ପରିଦର୍ଶକଙ୍କ ପାଇଁ ଆର୍ଥିକ ସାକ୍ଷରତା ଉପରେ କୁଇଜ୍ କରାଯାଇଥିଲା। ଏହା ବ୍ୟତୀତ ଷ୍ଟଲ୍‌ରେ ମଇଳା ବା ଚିରାଫଟା ନୋଟ୍ ବିନିମୟ ବ୍ୟବସ୍ଥା କରାଯାଇଥିଲା। ସାଧାରଣ ନାଗରିକଙ୍କ ନିକଟରେ ପହଞ୍ଚିବା ଏବଂ ସଚେତନତା ପ୍ରସାର କରିବା ପାଇଁ ଆର୍‌ବିଆଇର ଏହି ପ୍ରୟାସକୁ ଜନସାଧାରଣ ପ୍ରଶଂସା କରିଥିଲେ।

# ଝୁମିଲେ, ସଚେତନ ହେଲେ ସହରବାସୀ

ଭୁବନେଶ୍ୱର, ୧୮।୧(ବନ୍ଦନା ସେଠୀ)

### ଜମିଲା 'ପଥ ଉତ୍ସବ'



ନାଚଗୀତରେ ଦୁଲୁକିଲା ବରମୁଣ୍ଡା-ଜାଗମରା ନୂଆ ରାସ୍ତା। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଆୟୋଜିତ ବର୍ଷର ଦ୍ୱିତୀୟ ପଥ ଉତ୍ସବରେ ଝୁମିଲେ ଦର୍ଶକ। ରବିବାର ଶୀତୁଆ ସକାଳୁ ଭୁବନେଶ୍ୱରକୁ ପ୍ରବଳ ଶୀତ ଓ କୁହୁଡ଼ି ପୂରା ଆଚ୍ଛାଦନ କରି ରଖିଥିଲା। ଭୋର୍ ସାଢେ ୬ଟାରୁ ଗର୍ଜିଥିଲା ବକ୍ସ ସାଉଣ୍ଡ। ଦୁଲୁକି ଉଠିଥିଲା ପଥଉତ୍ସବ ପଥ। ୩୦ହଜାରରୁ ଅଧିକ ଲୋକ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ମଞ୍ଚ ଉପରକୁ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ଉଠିବା ମାତ୍ରେ ମତୁଆଲା ହୋଇଉଠିଥିଲେ ଦର୍ଶକ। ସେହିପରି ଜୟଶ୍ରୀ ଧଳ ଓ ନାରାୟଣ ଦତ୍ତଙ୍କ ଗୀତର ତାଳେ ତାଳେ ଝୁମିଥିଲେ ସମସ୍ତେ। ପଥ ଉତ୍ସବରେ ନୂଆ ନୂଆ ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସାମିଲ କରାଯାଇଥିଲା। କଣ୍ଢେଇ ନାଚ ଆକର୍ଷଣ ସାଜିଥିଲା। ସେହିପରି ଛୋଟ ଛୋଟ ଶିଶୁଙ୍କ ପାଇଁ ଏଥର ଅଧିକ ଖେଳକୁଦ ବ୍ୟବସ୍ଥା ହୋଇଥିଲା। ବିଭିନ୍ନ ସ୍ଥାନରେ ଲାଗିଥିବା ଫେସ୍ ପେଣ୍ଟିଂ ଷ୍ଟଲ୍ ଓ ଚିତ୍ରାଙ୍କନ ଷ୍ଟଲ୍‌ରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଝୋଟି ପକାଇ ପୂରା ରାସ୍ତାକୁ ରଙ୍ଗିନ କରିଦେଇଥିଲେ। ଶିଶୁ, କିଶୋର, କିଶୋରୀ, ଯୁବକ, ଯୁବତୀ ମଞ୍ଚ ଦୁଲୁକାଇ ଦେଇଥିଲେ। ଡିଜେର ତାଳେ ତାଳେ ମତୁଆଲା ହୋଇଥିଲେ। ପାରମ୍ପରିକ ନୃତ୍ୟଗୀତ ଓ ଖେଳକୁଦ ସହ ମାଲଖମ୍ବ, ଯୋଗ, କିଡ୍ସ କିଙ୍ଗଡମ, ପଜଲ ଗେମ୍, ଲୁଡୁ, ବାଘ ନାଚ ଓ ୩୬୦ ଡିଗ୍ରୀ କ୍ୟାମେରାର ମଜା ନେଇଥିଲେ ଭୁବନେଶ୍ୱରବାସୀ। ସାଇକେଲିଂ, ସ୍କେଟିଂ ସହ ସବୁବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଖେଳକୁଦର ବ୍ୟବସ୍ଥା କରାଯାଇଥିଲା। ଏହା ବ୍ୟତୀତ ପଥପ୍ରାନ୍ତ ନୃତ୍ୟ, ପାରମ୍ପରିକ ନୃତ୍ୟର କଳାକାରଙ୍କ ସହ ସେଲ୍ଫି ନେବାକୁ ଭୁଲି ନ ଥିଲେ ସହରବାସୀ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ଫେବୃଆରୀ ୧ ରବିବାର ସକାଳେ ଇନ୍‌ଫୋସିଟି ରାସ୍ତାରେ ଶେଷ ପଥ ଉତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।





ବରମୁଣ୍ଡା-ଜାଗମରା ନୂଆ ରାସ୍ତାରେ ରବିବାର ଅନୁଷ୍ଠିତ ପଥୋତ୍ସବରେ ବେଶଧାରୀଙ୍କ ସହ ମହିଳା ଓ ସ୍କେଟିଂରେ ଅଂଶଗ୍ରହଣ କରିଥିବା ପିଲାମାନେ। (ଫଟୋ: ବିକାଶ ନାୟକ)

## ବ୍ୟାରେଜ ଗେଟ୍ ନିକଟରୁ ନବଜାତ ଶିଶୁପୁତ୍ର ମୃତଦେହ ଠାବ

ବାରଙ୍ଗ/ତ୍ରିଶୂଳିଆ,(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା): ବାରଙ୍ଗ ଥାନା ନରାଜ ବ୍ୟାରେଜ୍‌ର ୨୪ ନମ୍ବର ଗେଟ୍ ନିକଟରୁ ଏକ ନବଜାତ ଶିଶୁପୁତ୍ରର ମୃତଦେହ ମିଳିଛି। ତାଙ୍କ ପରିଚୟ ମିଳିପାରି ନାହିଁ। ଖବରପାଇ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତ ନବଜାତ ଶିଶୁପୁତ୍ରକୁ ଜବତ କରିଥିଲା। ଏହାପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ନରାଜ ଗ୍ରାମର କିଛି ମତ୍ସ୍ୟଜୀବୀ ସକାଳୁ କାଠଯୋଡ଼ି ନଦୀକୁ ମାଛ ମାରିବାକୁ ଯାଇଥିଲେ। ଏହି ସମୟରେ ବ୍ୟାରେଜ ଗେଟ୍‌ରେ ଏକ ନବଜାତ ଶିଶୁପୁତ୍ର ପଡ଼ିଥିବାର ଦେଖିବାକୁ ପାଇଥିଲେ। ଏହି ଖବର ପ୍ରଚାର ପରେ ଦେଖଣାହାରିଙ୍କ ଭିଡ ବ୍ୟାରେଜ ନିକଟରେ ଆରମ୍ଭ ହୋଇଥିଲା।

**ସଂକ୍ଷେପରେ**

## ଶିଶୁ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଶିବିର

ତାଳବସ୍ତ,୧୮।୧ (ସୁବ୍ରତ କୁମାର ନାୟକ): ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ପ୍ରତିରୋଧକ ଶିଶୁ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ହେରିଟେଜ୍ ହସ୍ପିଟାଲ, ଇପିଅନ ଟ୍ରଷ୍ଟ ଓ ଶ୍ରୀ ସୁବୁଦ୍ଧେଶ୍ୱର ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜନ ହୋଇଥିଲା। ଏଥିରେ ଟ୍ରଷ୍ଟ ଅଧ୍ୟକ୍ଷ ତଥା ଇଣ୍ଡିଆନ ମୃତ୍ତିକା ଓ ଜଳ ସଂରକ୍ଷଣ ପ୍ରତିଷ୍ଠାନ ଗବେଷଣା ଉପଦେଷ୍ଟା କମିଟି ବିଶେଷଜ୍ଞ ସଦସ୍ୟ ଡ. ଆଶୁତୋଷ ଦେବତା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଟ୍ରଷ୍ଟ ନିର୍ଦ୍ଦେଶିକା ଡ. ମିତା ଦେବତାଙ୍କ ତତ୍ତ୍ୱାବଧାନରେ ବିଶିଷ୍ଟ ଅତିଥିଭାବେ ଡାକ୍ତର ମୋନାଲିସା ପଣ୍ଡା ଯୋଗଦେଇ ଶିଶୁ ଯତ୍ନ ସମ୍ପର୍କରେ କହିବା ସହିତ ଉପସ୍ଥିତ ମା'ମାନେ କିଭଳି ଶିଶୁଙ୍କ ଯତ୍ନ ନେବା ପାଇଁ ସଚେତନ ରହିବେ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁବୁଦ୍ଧେଶ୍ୱର ମନ୍ଦିର ଉନ୍ନୟନ ପରିଚାଳନା କମିଟି କୋଷାଧ୍ୟକ୍ଷ ନରେନ୍ଦ୍ର କୁମାର ରାଉତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସାମାଜିକ କର୍ମୀ ଶ୍ରୀଯୁକ୍ତ ଗୌରାଙ୍ଗ ଚରଣ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ହସ୍ପିଟାଲ ଓ ଇପିଅନ ଟ୍ରଷ୍ଟ ପକ୍ଷରୁ ଏକରୁ ତିନି ବର୍ଷର ୫୦ ଜଣ ଶିଶୁଙ୍କୁ ଜନସନ କିଟ୍ ଓ ବିସ୍କୁଟ ପ୍ରଦାନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀ ସୁବୁଦ୍ଧେଶ୍ୱର ସାହିତ୍ୟ ସଂସଦ ତରଫରୁ ଡ. ଆଶୁତୋଷ ଦେବତା ଓ ଡ. ମୋନାଲିସା ପଣ୍ଡାଙ୍କୁ ଶ୍ରୀ ସୁବୁଦ୍ଧେଶ୍ୱରଙ୍କ ମନ୍ଦିର ଫଟୋଚିତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ମୋଟରସାଇକେଲ ଧକ୍କାରେ ଜଣେ ମୃତ

ଆଠଗଡ଼,୧୮।୧(ସତ୍ୟ ପ୍ରସାଦ ରଥ): ଆଠଗଡ଼ ଥାନା ଅନ୍ତର୍ଗତ ୬୫ନଂ. ରାଜ୍ୟ ରାଜପଥର ଗୋଡ଼ିସାହି ପେଟ୍ରୋଲ ଟାଙ୍ଗୀ ନିକଟରେ ରବିବାର ଏକ ହୋଣ୍ଡାସାଇନି ମୋଟରସାଇକେଲ ୨ଜଣ ଯୁବକଙ୍କୁ ଧକ୍କା ଦେଇଛି। ଫଳରେ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଧାବଲ୍ଲଭପୁର ଗ୍ରାମର ମହେନ୍ଦ୍ର କୁମାର ସାଇଁ(୫୭)। ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ଥାନାରେ ଏକ ମାମଲା (ନଂ. ୧୮/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ତିଗିରିଆ ଆଡୁ ଆସି ରାସ୍ତାରେ ଚାଲି ଚାଲି ଯାଉଥିବା ଆଠଗଡ଼ ଥାନା ରାଧାବଲ୍ଲଭପୁର ଗ୍ରାମର ମହେନ୍ଦ୍ର କୁମାର ସ୍ୱାଇଁ(୫୭)ଙ୍କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇ ଯୁବକମାନେ ଗାଡ଼ି ଛାଡି ଚାଲି ଯାଇଥିଲେ। ଖବର ପାଇ ଆଠଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୁମୂର୍ଷୁ ମହେନ୍ଦ୍ରଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଠଗଡ଼ ପୋଲିସ ଶବ ଜବତ କରି ଥାନା କେଶ ନଂ.୧୮/୨୬ରେ ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲେ।

# ଏସ୍‌ସିବିରେ ଏକ୍ସ-ରେ ମେଶିନ ଅଚଳ

### ଟ୍ରମା କାଜୁଆଲ୍‌ଟିରେ ତ୍ୱରିତ ଚିକିତ୍ସା ମିଳୁ ନ ଥିବାରୁ ଉତ୍ତେଜନା

କଟକ,୧୮।୧(ଶିଳ୍ପା ପ୍ରିୟଦର୍ଶିନୀ):

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ଟ୍ରମା କାଜୁଆଲଟିରେ ଏକ୍ସ-ରେ ମେଶିନ ୪ଦିନ ହେବ ଅଚଳ ହୋଇପଡ଼ିଛି। ଫଳରେ ଗୁରୁତର ରୋଗୀଙ୍କୁ ଏକ୍ସ-ରେ ସୁବିଧା ମିଳିପାରୁନାହିଁ। ରବିବାର ରୋଗୀଙ୍କ ସମ୍ପର୍କୀୟ ଏନେଇ କାର୍ଯ୍ୟରତ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ଏହାକୁ କେନ୍ଦ୍ରକରି ସେଠାରେ ଯୁକ୍ତିତର୍କ ସହ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲ ଟ୍ରମା କାଜୁଆଲଟିକୁ ପ୍ରତିଦିନ ଦୁର୍ଘଟଣାଜନିତ ଶତାଧିକ ଗୁରୁତର ଆହତ ଚିକିତ୍ସା ସକାଶେ ଆସିଥାନ୍ତି। ଏଥିଲାଗି ଟ୍ରମା କାଜୁଆଲଟିର ତଳ ମହଲାରେ ଗୋଟିଏ ଏକ୍ସ-ରେ ମେଶିନ ବ୍ୟବସ୍ଥା କରାଯାଇଥିଲା। ରୋଗୀ ସେଠାରେ




ଏକ୍ସ-ରେ କରାଇ ରିପୋର୍ଟ ନେବାର ବ୍ୟବସ୍ଥା ହୋଇଥିଲା। ତେବେ ମେଶିନଟି ଅଚଳ ହେବା ସହ ଓ ସମ୍ପୃକ୍ତ ଗୃହରେ ତାଲା ପଡ଼ିଥିବାରୁ ଆହତଙ୍କ ତ୍ୱରିତ ଚିକିତ୍ସାରେ ବାଧା ଉପୁଜିଛି। ରବିବାର ବହୁ ସଂଖ୍ୟକ ଆହତ କାଜୁଆଲଟିକୁ ଚିକିତ୍ସା ପାଇଁ ଆସିଥିବାବେଳେ ଏକ୍ସ-ରେ ହେଉ ନଥିବାରୁ ଅସନ୍ତୋଷ ପ୍ରକାଶ କରି ଫେରିଯାଇଥିଲେ। ଏଠାରୁ ଏକ୍ସ-ରେ ପାଇଁ ରଞ୍ଜନରଶ୍ମି ବିଭାଗକୁ ପଠାଯାଉଥିବାବେଳେ ସେଠାରେ ପ୍ରବଳ ଭିଡ଼ ହେଉଛି। ଗୁରୁତର ରୋଗୀ ଅପେକ୍ଷା କରି ଯନ୍ତ୍ରଣା ପାଉଛନ୍ତି। କାଜୁଆଲଟିରେ ଚିକିତ୍ସାଧୀନ ଥିବା ଗୁରୁଡ଼ିଝାଟିଆ ଅଞ୍ଚଳର ରଞ୍ଜନ ମାଝୀଙ୍କ ସମ୍ପର୍କୀୟ କହିଛନ୍ତି, ରବିବାର ଦୁର୍ଘଟଣା ଘଟିବାରୁ ପୁଅକୁ ନେଇ ଏଠାକୁ ଆସିଛି, ଏଠାରେ ତ୍ୱରିତ ଚିକିତ୍ସା କରିବାକୁ ହେଲେ ସମସ୍ତ ପରୀକ୍ଷା କରାଇବାକୁ ପଡ଼ିବ। ହେଲେ ଏକ୍ସ-ରେ ମେଶିନ ଖରାପ ଯୋଗୁ ବହୁ ହଇରାଣ ହେବାକୁ ପଡ଼ିଛି। ସେହିପରି ମୟୂରଭଞ୍ଜ ଜିଲାର ପୀତାମ୍ବର ନାୟକଙ୍କ ସ୍ତ୍ରୀ କହିଛନ୍ତି, ବାରିପଦା ମେଡିକାଲରୁ ଏଠାକୁ ସ୍ଥାନାନ୍ତର ହୋଇଆସିଛୁ। ତେବେ ଏଠାରେ ଥିବା ଏକ୍ସରେ ମେଶିନ କାମ କରୁନାହିଁ। ଫଳରେ ଅନ୍ୟତ୍ର ଯାଇ ଏକ୍ସ-ରେ କରାଇଛୁ। ଅନ୍ୟପଟେ ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ କହିଛନ୍ତି, ଏକ୍ସରେ ମେଶିନ ଅଚଳ ଥିବା ନେଇ ଗଣମାଧ୍ୟମରୁ ଜାଣିବାକୁ ପାଇଛି। ରବିବାର ଛୁଟିଦିନ ଥିବାରୁ ତାହାକୁ ମରାମତି କରାଯାଇପାରିନାହିଁ। ସୋମବାର ମେଶିନ ମରାମତି କରାଯିବ।



କଟକ ସଦର ଥାନା ଅନ୍ତର୍ଗତ ଖଲର୍ଦ୍ଧା ଗ୍ରାମରେ ରବିବାର ବାଣ ବିସ୍ଫୋରଣରେ ନଷ୍ଟ ହୋଇଥିବା ଘର।

## ବାଣ ବିସ୍ଫୋରଣର କେତେକ ଘଟଣାବଳୀ...

**୨୦୨୫ ସେପ୍ଟେମ୍ବର ୧୨**
– ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍ ଭିମଡା ଗ୍ରାମସ୍ଥିତ ଏକ ଫାର୍ମହାଉସ୍‌ରେ ବେଆଇନ ବାଣ ଗୋଦାମ ଚାଲୁଥିବା ବେଳେ ବିସ୍ଫୋରଣ ହୋଇଥିଲା। ଏଥିରେ ବାଣ ଗୋଦାମ ମାଲିକଙ୍କ ସ୍ତ୍ରୀ ପୋଡିହୋଇ ଗୁରୁତର ହୋଇଥିଲେ।

**୨୦୨୫ ସେପ୍ଟେମ୍ବର ୨୧**
– ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ଜିଆକଟା ଗ୍ରାମରେ ଏକ ବାଣ ଗୋଦାମରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ଏଥିରେ ଜଣେ ଦିବ୍ୟାଙ୍ଗଙ୍କ ସମେତ ୧୨ଜଣ ଆହତ ହୋଇଥିଲେ। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ପୁରୁଣାକଟକ ବଜାର ଥରିଉଠିଥିବା ବେଳେ ଗୋଦାମ ଘର ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିଲା।

**୨୦୨୫ ଅକ୍ଟୋବର ୫**
– ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ବାଛୁରିପଡା ଗ୍ରାମରେ ବାଣ ବିସ୍ଫୋରଣ ଘଟି ଏକ ଘର ଉଡିଯାଇଥିଲା। ଏଥିରେ ଜଣେ ବାଣ ବ୍ୟବସାୟୀ ଗୁରୁତର ହୋଇଥିଲେ। ସେ ବାଣ ଭିଡୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

**୨୦୨୫ ଅକ୍ଟୋବର ୧୧**
– ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ସାଲିକୋଠା ଗ୍ରାମରେ ବାଣ ଗୋଦାମରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ବାଣ ଭିଡୁଥିବା କାର୍ଯ୍ୟରେ ନିୟୋଜିତ ଥିବା ଜଣେ ମହିଳା ଓ ତାଙ୍କ ପୁଅ ଗୁରୁତର ହୋଇଥିଲେ।

**୨୦୨୫ ଅକ୍ଟୋବର ୧୪**
–କଟକ ଜିଲା ତିଗିରିଆ ଥାନା ଅନ୍ତର୍ଗତ ପୁରୁଣାତିଗିରିଆ ଗ୍ରାମରେ ବାଣ ତିଆରି ବେଳେ ବିସ୍ଫୋରଣ ଘଟିଥିଲା। ଏଥିରେ ୨ଜଣ ଯୁବକ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ଘଟଣାର ୫ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କର ମୃତ୍ୟୁ ହୋଇଥିଲା।

## ପୋଲିସକୁ ଗୁଳି ଉଦ୍ୟମ : ୧୦ ଗିରଫ, ବନ୍ଧୁକ ସହ ଗାଡ଼ି ଜବତ

ବାରଙ୍ଗ,୧୮।୧(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ଛକ ନିକଟ କୁସିନ୍ଦା ଗ୍ରାମରେ ରବିବାର ତ୍ରିଲୋଚନ ପ୍ରଧାନଙ୍କର ଚାଲିଥିବା ପ୍ରୋଜେକ୍ଟ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ପାଇଁ କେତେଜଣ ପୋଲିସ ଉପରକୁ ଗୁଳି ଚାଳନା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୧୦ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ବିଡାନାସୀର ଲିଟୁ ଓରଫ ଭାରତ ବେହେରା, ରାକେଶ ବେହେରା, ଗୋପାଳ ସାହିର ଦିଲ୍ଲୀପ କୁମାର ସାମଲ, ଓମ୍ ସାସମଲ, ବଉଳଛକର ଆୟୁଷ ମହାନ୍ତି, ତ୍ରିଶୂଳିଆ ଗ୍ରାମର ସୁରେଶ ସିଂ ଓ ସନ୍ତୋଷ ସାମଲ, ନିଆଳିର ପୁପୁନ ବେହେରା, ଫୁଲନଖରାର ସତ୍ୟବାନ ସାମଲ




ଏବଂ ତମାଣ୍ଡୋ ପାତ୍ରପଡ଼ାର ସିଦ୍ଧାନ୍ତ ଓମ୍ ପ୍ରକାଶ। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଗାଡ଼ି, ମୋବାଇଲ, ବନ୍ଧୁକ ଓ ଗୁଳି ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଏ ନେଇ ଏକ ମାମଲା (ନଂ ୩୯/୨୬) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ରବିବାର ଅପରାହ୍ନ ପ୍ରାୟ ୨ଟାରେ ତ୍ରିଶୂଳିଆ ଛକ ପାଖ କୁସିନ୍ଦା ଗ୍ରାମ ନିକଟରେ ଜଣେ ବିଲ୍‌ଡରଙ୍କ ପ୍ରୋଜେକ୍ଟ କାମ ଚାଲୁଥିଲା। ଏହି ସମୟରେ ଏକ କଳାରଙ୍ଗର ଥାର୍ ଗାଡ଼ି (ନଂ. ଓଡି ୦୫ସିଡି୦୩୨୦)ରେ କେତେଜଣ ସେଠାରେ ପହଞ୍ଚି ଆତଙ୍କ ସୃଷ୍ଟି କରିଥିଲେ। ସେମାନେ ବନ୍ଧୁକ ଦେଖାଇ କାମ କରୁଥିବା ଲୋକମାନଙ୍କୁ ଭୟଭୀତ କରାଇ କାମ ବନ୍ଦ କରିବାକୁ କହିଥିଲେ। ଖବରପାଇ ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଯୁବକମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ପୋଲିସ ହାତରୁ ଖସିଯିବା ପାଇଁ ସେମାନେ ଫାଙ୍କା ଗୁଳି ଫୁଟାଇଥିଲେ। ମାତ୍ର କୌଶଳକ୍ରମେ ପୋଲିସ ୧୦ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା।

## ତ୍ରିରଙ୍ଗା ରଙ୍ଗ, ଆଲୋକରେ ଝଲସିବ ନେତାଜୀ ସଂଗ୍ରହାଳୟ

**ସଂସ୍କୃତି ବିଭାଗ ସଚିବଙ୍କ ସମୀକ୍ଷା**

କଟକ,୧୮।୧(ଶିଳ୍ପା ପ୍ରିୟଦର୍ଶିନୀ): ନେତାଜୀ ଜୟନ୍ତୀ ପାଳନ ପୂର୍ବରୁ ରବିବାର ଓଡ଼ିଆ ବଜାରସ୍ଥିତ ନେତାଜୀ ସଂଗ୍ରହାଳୟ ପରିଦର୍ଶନ କରି ସଂସ୍କୃତି ବିଭାଗ ସଚିବ ବିଜୟକେତନ ଉପାଧ୍ୟାୟ ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା କରିଛନ୍ତି। ସଚିବ ଉପାଧ୍ୟାୟଙ୍କ ସମେତ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଡିସିପି ଖିଲାରୀ ରିଷିକେଶ ଦ୍ୟାନଦେଓ, ସିଏମ୍‌ସି କମିଶନର କିରଣଦୀପ କୌର ସହୋତା ନେତାଜୀ ସଂଗ୍ରହାଳୟ, ନୂତନ ଗ୍ୟାଲେରି, ନେତାଜୀ ସ୍ମାରକୀ ପ୍ରତିଷ୍ଠାନ ଆଦି ବୁଲି ଦେଖିଥିଲେ। ଆସନ୍ତା ନେତାଜୀ ଜୟନ୍ତୀ ଦିନ ସଂଗ୍ରହାଳୟକୁ ତ୍ରିରଙ୍ଗା ରଙ୍ଗ ଓ ଆଲୋକମାଳାରେ ସଜ୍ଜିତ କରାଯିବ ବୋଲି ସ୍ଥିର ହୋଇଥିଲା। ଅତିଥିମାନେ ପ୍ରଥମେ ନେତାଜୀ ସଂଗ୍ରହାଳୟରେ ଜାତୀୟ ପତାକା ଉତ୍ତୋଳନ କରିବେ। ପରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଜନ୍ମସ୍ଥାନ ପରିଦର୍ଶନ କରି ନୂତନ ପୋଷ୍ଟାଲ ଗ୍ୟାଲେରିକୁ ଉଦ୍‌ଘାଟନ କରିବେ। ନେତାଜୀ ସ୍ମାରକୀ ପ୍ରତିଷ୍ଠାନରେ ଏକ ସଭାରେ ଅତିଥିମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ନେତାଜୀ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ଭାବେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେବାକୁ ଥିବାରୁ କାର୍ଯ୍ୟକ୍ରମ ଓ ରୁଟ୍ ସମ୍ପର୍କରେ ସଚିବ ତଦାରଖ କରିଥିଲେ। ସମୀକ୍ଷା ସମୟରେ ସଂଗ୍ରହାଳୟ ତତ୍ତ୍ୱାବଧାରକ ଜଳନ୍ଧର ରାଏ ଓ କ୍ୟୁରେଟର ଅରୁନ୍ଧତୀ ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାରକୁ ଗୁରୁତ୍ୱ

ଆଠଗଡ଼,୧୮।୧(ସତ୍ୟ ପ୍ରସାଦ ରଥ):

ଆଠଗଡ଼ ସହରସ୍ଥିତ ବିଶ୍ୱନାଥ ବିଦ୍ୟାପୀଠ ୧୯୮୨ ମସିହା ବ୍ୟାଚ୍‌ର ବାର୍ଷିକ ଅଧିବେଶନ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ବିଦ୍ୟାଳୟର ଅତୀତ ଗୌରବ ବିଷୟରେ ସ୍ମୃତିଚାରଣ କରିବା ସହିତ ବିଦ୍ୟାଳୟର ଗୌରବମୟ ଅଧ୍ୟାୟକୁ ଉତ୍ତରପିଢ଼ି ନିକଟରେ ପହଞ୍ଚିବା ପାଇଁ ବିଦ୍ୟାଳୟର ପବିତ୍ରତା, ସବୁଜକରଣ, ଶୈକ୍ଷିକ ପରିବେଶ ଓ ଆଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାରକୁ ନେଇ ସଂସଦ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ଯୁବ ଉଦ୍ୟୋଗୀ ସୁଧାକର ସାହୁ, ମହେଶ ପ୍ରସାଦ ସାହୁ, ଖବରଦାତା ଯଶୋବନ୍ତ ବାରିକ, ଆଇନଜୀବୀ ବିନୟ ଶୁକ୍ଳା, ଓଡ଼ିଶାର ପୂର୍ବତନ କ୍ରିକେଟ ଖେଳାଳି ଗୌତମ ବର୍ମା, ଆଇନଜୀବୀ ସୁଶାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

## ମଧୁମାଟି ସାହିତ୍ୟ ସଂସଦ ବାର୍ଷିକୋତ୍ସବ

ସାଲେପୁର,୧୮।୧(ଅରବିନ୍ଦ ଭୂୟାଁ):

ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ମଧୁମାଟି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବରିଷ୍ଠ ଖବରଦାତା ତଥା ସାହିତ୍ୟିକ ପ୍ରଫୁଲ୍ଲ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ. ହଳଧର ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ମୁଖ୍ୟବକ୍ତା ଶିକ୍ଷାବିତ୍ ପଣ୍ଡିତ ଡ. ଗୌତମ ମହାରଣା, ସମ୍ମାନିତ ବକ୍ତା ବିଭୁ ପ୍ରସାଦ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ



ବାର୍ଷିକ ପତ୍ରିକା ମଧୁମାଟି-୨୦୨୬କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ସ୍ୱତନ୍ତ୍ର ପଦାଧିକାରୀ ବ୍ରଜକିଶୋର ଦାଶ, ବରିଷ୍ଠ ସାହିତ୍ୟିକ ଡ. ପୂର୍ଣ୍ଣଚନ୍ଦ୍ର ଓଝା ଯୋଗଦେଇଥିଲେ। ବିଷ୍ଣୁ ଚରଣ ମିଶ୍ର ଅତିଥି ପରିଚୟ ଓ ଡ. ଚିତ୍ତରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ପାଠ କରିଥିଲେ। ପଣ୍ଡିତ ବିଭୂତି ନାରାୟଣ କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମଧୁମାଟି ସାହିତ୍ୟ ସଂସଦର ବାର୍ଷିକ ପତ୍ରିକା ମଧୁମାଟି-୨୦୨୬ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। କଳା, ସାହିତ୍ୟ, ସଂସ୍କୃତି, ଶିକ୍ଷା ଓ ସେବା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୧୮ଜଣ ବ୍ୟକ୍ତି ବିଶେଷଙ୍କୁ ମଧୁଶ୍ରୀ ଓ ମଧୁମାଟି ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଠିକାଦାର ସଂଘ ବୈଠକ, ଆଲୋଚନାଚକ୍ର

ବାଙ୍କୀ/ଡମପଡ଼ା,୧୮।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ସତ୍ୟରଞ୍ଜନ ସାହୁ): ବାଙ୍କୀ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ବାଙ୍କୀ ନିର୍ବାଚନମଣ୍ଡଳୀସ୍ତରୀୟ ଠିକାଦାର ସଂଘର ଏକ ବୈଠକ ହେବା ସହ ବିଭିନ୍ନ ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଠିକାଦାର ସଂଘର ସାଧାରଣ ସମ୍ପାଦକ ଭାଗ୍ୟଧର ଦାସ ଯୋଗଦେଇ ସମସ୍ତ ଠିକାଦାରଙ୍କୁ ଶୁଭେଚ୍ଛା ଜଣାଇବା ସହ ସିଡ୍ୟୁଲ୍ ଅଫ୍ ରେଟ୍‌ରେ ଟେଣ୍ଡର କାମ ପକାଇବା ପାଇଁ ପରାମର୍ଶ ଦେଇଥିଲେ। ବୈଠକକୁ ଶ୍ରୀନିବାସ ବେହେରା ଓ ସୁଶିଲ କୁମାର ସାହୁ ପରିଚାଳନା କରିଥିଲେ। ବୈଠକରେ ଠିକାଦାର ବାବୁଲି ଦଳେଇ, ରଜନୀକାନ୍ତ ମିଶ୍ର, ଘନଶ୍ୟାମ ମହାନ୍ତି, ସୁରେଶ ରାଉତ, ରାକେଶ କୁମାର ନାୟକ, ଅକ୍ଷୟ ମତଗଜସିଂହ, ସରୋଜ ପ୍ରସାଦ ଦାସ, ସତ୍ୟରଞ୍ଜନ ସାହୁ, ଦେବୀପ୍ରସାଦ ପରିଡ଼ାଙ୍କ ସମେତ ବହୁ ବରିଷ୍ଠ ଠିକାଦାର ଯୋଗଦେଇ ସେମାନଙ୍କର ନିଜସ୍ୱ ମତାମତ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ଠିକାଦାର ସିଡ୍ୟୁଲ ଅଫ୍ ରେଟରେ ଟେଣ୍ଡର ପକାଇବା ପାଇଁ ନୀତିଗତ ଭାବେ ରାଜି ହୋଇଥିଲେ। ଜିତେନ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆଗ୍ରାହାଟ କପ୍ ଫୁଟବଲ: ସାଇରାମ ମର୍ନିଂ ଚାମ୍ପିୟନ

ଚୌଦ୍ୱାର,୧୮।୧(ଆଶୁତୋଷ ଦାସ):

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଗ୍ରାହାଟ ସ୍ପୋର୍ଟ୍ସ କ୍ଲବ୍ ଖେଳପଡ଼ିଆରେ ଚାଲିଥିବା ସ୍ୱର୍ଗତ ବିଷ୍ଣୁ ଚରଣ ସ୍ୱାଇଁଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ଆଗ୍ରାହଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ କଟକର ସାଇରାମ ମର୍ନିଂ ଓ ଫୁଟ୍‌ବଲ ଆସୋସିଏଶନ ଓଡ଼ିଶା (ଫାଓ), କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ସାଇରାମ ମର୍ନିଂର ବାପୁନୀ ସାମଲ ଗୋଟିଏ ଗୋଲ ଦେଇ ଦଳକୁ ଅଗ୍ରଣୀ ରଖିଥିଲେ । ଦ୍ୱିତୀୟାର୍ଦ୍ଧ ଖେଳ ସଂଘର୍ଷପୂର୍ଣ୍ଣ ଚାଲିଥିବା ବେଳେ ଦଳର ଦୀପ୍ତି ସାମଲ ଆଉ ଗୋଟିଏ ଗୋଲ ସ୍କୋର କରି ୨-୦ ଗୋଲରେ ବିଜୟୀ ହୋଇଥିଲା। ଫଳରେ ସାଇରାମ ମର୍ନିଂ ଫୁଟ୍‌ବଲ ଟିମ୍ ଆଗ୍ରାହାଟ କପ୍-୨୦୨୬ର ଚଳିତ ବର୍ଷର ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ପ୍ରଶାନ୍ତ କୁମାର ବରାଳ, ତୀର୍ଥାନନ୍ଦ ସୁବୁଦ୍ଧିରାୟ ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଦଳକୁ ୧୫ ହଜାର ଓ ରନର୍ସଅପ୍ ଦଳକୁ ୧୦ ହଜାର ଅର୍ଥ ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ଖେଳରେ ଗୋଲ୍‌କିପର ରୋହିତ ହେମ୍ବ୍ରମ, ଡିଫେଣ୍ଡର ବୁଦ୍ଧିଆ ସାମଲ ଓ ବେଷ୍ଟ ଖେଳାଳି ଭାବେ ବାପୁନୀ ସାମଲଙ୍କୁ ପୁରସ୍କୃତ କରାଯାଇଥିଲା। ଦିଲୀପ ନନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ।




ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରୁଛନ୍ତି।

## ଆଠଗଡ଼କୁ ଜିଲା ଦାବି: ତୀବ୍ର ହେବ ପ୍ରତିକାତ୍ମକ ଆନ୍ଦୋଳନ

### ଫେବୃଆରୀ ୪ରୁ ବନ୍ଦ ଡାକରା

ଆଠଗଡ, ୧୮।୧ (ସତ୍ୟ ପ୍ରସାଦ ରଥ)

ଆଠଗଡ଼କୁ ଜିଲା ମାନ୍ୟତା ଦାବି ନେଇ ଆଠଗଡ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଲକ୍ଷ୍ମୀ ବଜାର ମଣ୍ଡପରେ ପ୍ରତିବାଦ ସଭା ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି।

ଆଠଗଡ ଜିଲା କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଫଣୀ ଭୂଷଣ ରଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ସଭାରେ ଆଠଗଡ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ଉପରୋକ୍ତ ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଦାବିରେ ଆଠଗଡର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପକ୍ଷରୁ ୧୭୦ଦିନ ଧରି ପ୍ରତିକାତ୍ମକ ଧାରଣା ଚାଲିଛି। ଏହି ଆନ୍ଦୋଳନକୁ ଅଧିକ ତିବ୍ର କରିବା ପାଇଁ ଆଠଗଡ ବରିଷ୍ଠ ବୁଦ୍ଧିଜୀବୀ ସଂଘ,



ପ୍ରତିବାଦ ସଭାରେ ଯୋଗଦେଇଥିବା ବିଭିନ୍ନ ସଂଘର ସଦସ୍ୟମାନେ।

ଆଠଗଡ ପୌରାଞ୍ଚଳ ବୁଦ୍ଧିଜୀବୀ ସଂଘ, ଯୋଗଶିକ୍ଷା କେନ୍ଦ୍ର ପ୍ରମୁଖ ଫେବୃୟାରୀ ୪ରୁ ଆଠଗଡ ବନ୍ଦ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏଥିସହ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କକ୍ଷରେ ଉକ୍ତ ଦାବି ଉପସ୍ଥାପନ କରିବାକୁ ସ୍ଥିର କରିଛନ୍ତି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଛି ଯେ, ଏବେ ଆଠଗଡ କଟକ ଜିଲାର ସର୍ବବୃହତ ଉପଖଣ୍ଡ ଅଟେ। ଏହାମଧ୍ୟରେ ଆଠଗଡ, ତିଗିରିଆ, ବଡ଼ମ୍ବା, ନରସିଂହପୁର ବ୍ଲକ ସହ ଆଠଗଡ, ବଡ଼ମ୍ବା, ନରସିଂହପୁର ଏନ୍‌ଏସି, ୯ଟି ଥାନା ଏବଂ ୩ଟି ଫାଣ୍ଡି ରହିଛି। ଏଠାକାର ଜନସଂଖ୍ୟା ପ୍ରାୟ ୮ଲକ୍ଷ ରହିଛି। କଟକ ଜିଲା ସଦରମହକୁମାଠାରୁ ଏ ସମସ୍ତ ବ୍ଲକ ୧୦୦ କିମି ଦୂରରେ ରହିଛି। ଏଣୁ ପ୍ରଶାସନିକ ବ୍ୟବସ୍ଥା ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଠଗଡକୁ ଜିଲା ମାନ୍ୟତା ଦେବାର ଯଥାର୍ଥତା ରହିଛି। ଏସବୁକୁ ସରକାର ଦୃଷ୍ଟି ଦେବା ଆବଶ୍ୟକ ବୋଲି ବିଭିନ୍ନ ସଂଘର ସଦସ୍ୟମାନେ କହିଛନ୍ତି।

ଉକ୍ତ ସଭାରେ ଗଡ଼ଜାତ ପରିକ୍ରମାର ସଭାପତି ପ୍ରାଣକୃଷ୍ଣ ଦାଶ, ସମ୍ପାଦକ ଲଲାଟେନ୍ଦୁ ସେନାପତି, ବରିଷ୍ଠ ବୁଦ୍ଧିଜୀବୀ ସଂଘ ସମ୍ପାଦକ ଗିରିଶ ମିଶ୍ର, ପୌରାଞ୍ଚଳ ବୁଦ୍ଧିଜୀବି ସଂଘ ସମ୍ପାଦକ ଶରତ ଚନ୍ଦ୍ର ସାମନ୍ତ, ଯୋଗ ଶିକ୍ଷା କେନ୍ଦ୍ରର ସଭାପତି, ସାମାଜିକ କର୍ମୀ ପ୍ରିୟବ୍ରତ ଦାସ, ନବ କିଶୋର ରାଉତ, କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁଦର୍ଶନ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

# 'ମହିଳାଙ୍କ କାରିଗରି ବିକାଶ ପାଇଁ ଗୁରୁତ୍ୱ ଦେଉଛନ୍ତି ସରକାର'

ଖୋର୍ଦ୍ଧା,୧୮।୧(ପ୍ରଭାତ ପାଣିଗ୍ରାହୀ)

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓର୍ମାସ ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗୋଟିଏ ସ୍ଥାନରେ ୫ଟି ମେଳା ଆୟୋଜନ କରାଯାଇଛି। ସ୍ଥାନୀୟ ଟିଏଲ୍‌ସି ରୋଡ ବିଡିଏ ପଡ଼ିଆରେ ଆୟୋଜିତ ଏହି ସପ୍ତ ଦିବସୀୟ ମେଳାରେ ଓର୍ମାସ ଓ ମିଶନ ଶକ୍ତି ପକ୍ଷରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ସୁଭଦ୍ରା ଶକ୍ତିମେଳା ଆୟୋଜନ କରାଯାଇଛି। ଏଥିସହିତ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଯନ୍ତ୍ରପାତି ମେଳା, ସଂସ୍କୃତି ବିଭାଗ ଦ୍ୱାରା ପୁସ୍ତକ ମେଳାରେ ବିଭିନ୍ନ ପ୍ରକାଶନ ସଂସ୍ଥା ଅଂଶଗ୍ରହଣ କରିଛନ୍ତି। ରବିବାର ମେଳାର ଦ୍ୱିତୀୟ ଦିବସରେ ପଲ୍ଲିଶ୍ରୀ ଓ ଖାଦ୍ୟମେଳାରେ ଲୋକଙ୍କ ପ୍ରବଳ ଭିଡ଼ ରହିଥିଲା। ଚଳିତବର୍ଷ ମେଳାର ମୁଖ୍ୟ ଆକର୍ଷଣ ରହିଛି ଖାଦ୍ୟମେଳା। ରାଜ୍ୟର ବିଭିନ୍ନ ଅଞ୍ଚଳର ଏସ୍‌ଏଚ୍‌ଜି ମହିଳାଙ୍କ ଘରୋଇ ଉଦ୍ୟୋଗ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଖାଦ୍ୟ, ମିଲେଟ ମିଶନ ପସରା ପଡ଼ିଛି। ପିଲାଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଚଟ୍‌ପଟି ଖାଦ୍ୟର ମଜା ନେଉଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ବିସ୍କୁଟ, ଛେନାପୋଡ଼, ମାଣ୍ଡିଆ ଲଡୁ, ଚକୋଲେଟ ଆଦି ଗ୍ରାହକଙ୍କ ପସନ୍ଦ ପାଲଟିଛି।

## ଜିଲାସ୍ତରୀୟ ପଲ୍ଲିଶ୍ରୀ, ସୁଭଦ୍ରା ଶକ୍ତିମେଳାର ଦ୍ୱିତୀୟ ଦିବସ



ଫୁଡ୍ କୋର୍ଟ ଆଗରେ ମହିଳାମାନଙ୍କ ଭିଡ଼।

ବିଧାୟକ ପ୍ରଶାନ୍ତ ଜଗଦ୍ଦେବ କହିଥିଲେ, ବିକଶିତ ଭାରତ ୨୦୪୭ ଏବଂ ବିକଶିତ ଓଡ଼ିଶା ୨୦୩୬ର ଭିଜନକୁ ଏହି ମେଳା ସାର୍ଥକତା କରିବ। ଖୋର୍ଦ୍ଧାରେ ଦ୍ରୁତ ଶିଳ୍ପର ଅଭିବୃଦ୍ଧି ସହ ପର୍ଯ୍ୟଟନର ବିକାଶ ଘଟିଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ନିର୍ମିତ ହାତତିଆରି କାରିଗରିର ବିକାଶ ତଥା ବଜାର ଉପଲବ୍ଧତା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ମହିଳା ସଶକ୍ତୀକରଣ, ସ୍ୱାବଲମ୍ବୀ କରିବା ସହ ବିକାଶର ସ୍ରୋତରେ ସାମିଲ ହେବା ଏହାର ଲକ୍ଷ୍ୟ ରହିଛି। ସେହିପରି ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି କହିଛନ୍ତି, କୃଷି ଯନ୍ତ୍ରପାତି ମେଳାରେ ରିହାତି ଦରରେ କୃଷି ଯନ୍ତ୍ରପାତି ଉପଲବ୍ଧ ରହିଛି। ଏହି ମେଳାରେ କୃଷିକାର୍ଯ୍ୟ ପାଇଁ ଆବଶ୍ୟକ ସମସ୍ତ ଯନ୍ତ୍ରପାତି, ସୋଲାର ଉପକରଣଠାରୁ ଆରମ୍ଭ କରି ବିଭିନ୍ନ ଫସଲକୁ ରୋଗପୋକ ଦାଉରୁ ରକ୍ଷା ପାଇଁ ଔଷଧ, ବିହନ ଆଦି ବିକ୍ରି ସୁବିଧା ରହିଥିବା ବେଳେ ଆଗ୍ରହୀ ଚାଷୀମାନେ ସରକାରୀ ରିହାତି ଦରରେ ଯନ୍ତ୍ରପାତି ସହ ଚାଷୀଙ୍କୁ ଚାଷ କାର୍ଯ୍ୟରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମାଧାନ ପାଇଁ କୃଷି ପାଠଶାଳା ଆୟୋଜନ କରାଯାଇଛି। ଦୈନିକ ୧୦୦ ହିସାବରେ ପ୍ରାୟ ୫୦୦ କୃଷକଙ୍କୁ ସଚେତନ କରାଯିବା ସହ ବିଶେଷଜ୍ଞଙ୍କ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି। ଜିଲାପାଳ ଅମୃତ ଋତୁରାଜ କହିଥିଲେ, ଗ୍ରାମୀଣ ସଂସ୍କୃତି, କଳା ତଥା କାରିଗରି ଶିଳ୍ପର ବିକାଶ ହେବା ସହିତ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ସାମଗ୍ରୀ ବିକ୍ରି ପ୍ରଚାର ପ୍ରସାର ଏହି ମେଳାର ଉଦ୍ଦେଶ୍ୟ ରହିଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ କହିଥିଲେ, ଗୋଟିଏ ପ୍ଲାଟ୍‌ଫର୍ମରେ ଲୋକଙ୍କୁ ସମସ୍ତ ସୁବିଧା ଉପଲବ୍ଧ ପାଇଁ ଚଳିତବର୍ଷ ପ୍ରଶାସନ ପକ୍ଷରୁ ଏହି ଅଭିନବ ପ୍ରୟାସ କରାଯାଇଛି। ୧୫୦ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ଓର୍ମାସ ଉପନିର୍ଦ୍ଦେଶକ ନୀଳକଣ୍ଠ ରଥ କହିଛନ୍ତି, ହସ୍ତତନ୍ତ, ହସ୍ତଶିଳ୍ପ ହାତ ତିଆରି ଘରୋଇ ସାଜସଜ୍ଜାଠାରୁ, ଟେରାକୋଟା, ବେତ ନିର୍ମିତ ସାଜସଜ୍ଜା, ମାଟିପାତ୍ର ପ୍ରସ୍ତୁତ ବହୁ ସାମଗ୍ରୀ ଏଠାରେ ସ୍ଥାନ ପାଇଛି। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ କହିଛନ୍ତି, ରାଜ୍ୟର ବହୁ ପ୍ରକାଶନୀ ସଂସ୍ଥା ମେଳାରେ ଅଂଶଗ୍ରହଣ କରିଛନ୍ତି। ସନ୍ଧ୍ୟାରେ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ପିଲାଙ୍କ ପ୍ରତିଭା, ଲୋକକଳା, ପାଇକ ଆଖଡ଼ା, ପାରମ୍ପରିକ ନୃତ୍ୟ, ଭଜନ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜଟଣୀ କୁସୁମାଟିରୁ ସପରିବାର ସହ ମେଳା ବୁଲିବାକୁ ଆସିଥିବା ସନ୍ତୋଷ ବାରିକ କୁହନ୍ତି, ଗୋଟିଏ ସ୍ଥାନରେ ପଲ୍ଲିଶ୍ରୀ, ପୁସ୍ତକ, ସୁଭଦ୍ରା ଶକ୍ତିମେଳା ସହିତ କୃଷି ଯନ୍ତ୍ରପାତି ଏବଂ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଗ୍ରାମୀଣ କାରିଗରି ଶିଳ୍ପର ବିକାଶ ଦିଗରେ ଏହା ଏକ ମାଇଲଖୁଣ୍ଟ ବୋଲି କହିଥିଲେ।

ଦ୍ୱିତୀୟ ସନ୍ଧ୍ୟାରେ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ଓଡ଼ିଶୀ ନୃତ୍ୟରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟା। ପରେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଲୋକନୃତ୍ୟ ମା' ସମଲାଇ, ଡାଲ୍‌ଖାଇ ଦର୍ଶକଙ୍କୁ ବିମୋହିତ କରିଥିଲା। ମୁଖ୍ୟ ଆକର୍ଷଣ ଥିଲା ଖୋର୍ଦ୍ଧାର ପାଇକ ଆଖଡ଼ା। ଅନ୍ୟତମ ଆକର୍ଷଣ ଥିଲା କୁଲ୍‌ଦୀପ ପଟ୍ଟନାୟକ, ସାନୋତ୍ କୁମାର ଏବଂ ଜେଡ୍ ଫାୟାର ଡ୍ୟାନ୍ସ ଗ୍ରୁପ। ଶୀତୁଆ ସନ୍ଧ୍ୟାରେ ଦର୍ଶକ ଭରପୂର ମଜା ଉଠାଇଥିଲେ।


ଅଯୋଧ୍ୟା ରାମମନ୍ଦିର ଉଦ୍ଦେଶ୍ୟରେ ନିର୍ମିତ ସ୍ୱର୍ଣ୍ଣ ଧନୁତୀରକୁ ରବିବାର ଖୋର୍ଦ୍ଧାରେ ଭବ୍ୟ ସ୍ୱାଗତ କରାଯାଉଛି। (ଫଟୋ: ପ୍ରଭାତ ପାଣିଗ୍ରାହୀ)

## ରାଧାଗୋବିନ୍ଦ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି

ନିରାକାରପୁର, ୧୮।୧( ମାନସ ଚନ୍ଦ୍ର ପଟ୍ଟନାୟକ)

ଭୂଷଣ୍ଡପୁର ଜେବିଜି କଲୋନୀଠାରେ ଶ୍ରୀରାଧାଗୋବିନ୍ଦ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆସନ୍ତା ମଙ୍ଗଳବାର ଅନୁଷ୍ଠିତ ହେବ। ଏନେଇ ନବନିର୍ମିତ ମନ୍ଦିର ପରିସରରେ କମିଟି ସଭାପତି ସୁଦୀପ ମଣ୍ଡଳଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ଡ. ସଞ୍ଜୟ ପଟ୍ଟନାୟକ, ସରପଞ୍ଚ ସୌରଭ ଦାସ ମହାପାତ୍ର, ନିର୍ମଳ ମାଳି, ଅରୁଣ ଚନ୍ଦ୍ର ସାନା, ଖଗେନ୍ଦ୍ର ମଣ୍ଡଳ, ସାଧନ ଦାସ, ବଳରାମ ଦାସ, ଜଗଦୀଶ ବାରୋଇ, ଅଶ୍ୱିନୀ ମଣ୍ଡଳ, କାଳୀପଦ ମଣ୍ଡଳ, ଶିବପ୍ରସାଦ ପରିଡା, କାହ୍ନୁ ପରିଡ଼ା, ବାଇଧର ମହାରଣା, କାର୍ଯ୍ୟକାରୀ ସଭାପତି ସୁଜିତ୍ ମଣ୍ଡଳ, ସାଧାରଣ ସମ୍ପାଦକ ତାପସ ମଣ୍ଡଳ, କୋଷାଧ୍ୟକ୍ଷ ଉତ୍ତମ ଦାସ, ଉପସଭାପତି ସୀତାନାଥ ଦାସ, ବିଶ୍ୱନାଥ ଦାସ, ଯୁଗ୍ମ ସମ୍ପାଦକ ନବ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ମଙ୍ଗଳବାର ଅଙ୍କୁରାରୋପଣ, ବୁଧବାର କଳସ ଯାତ୍ରା, ତିନିଦିନ ଧରି ଶ୍ରୀଅମୃତାନନ୍ଦ ମହାରାଜଙ୍କ ପ୍ରବଚନ ଏବଂ ୧୨୧ ସାଧୁସନ୍ଥଙ୍କ ଆଗମନ ସହ ସ୍ୱତନ୍ତ୍ର ପ୍ରବଚନ କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ଠାକୁରଙ୍କ ନଗର ପରିଭ୍ରମଣ, ସିଂହାସନ ଆରୋହଣ ସହ ପୂର୍ଣ୍ଣାହୁତି ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ଶ୍ରଦ୍ଧାଳୁଙ୍କ ପାଇଁ ୩ ଦିନ ଧରି ମୀନାବଜାର ଖୋଲାଯିବା ବ୍ୟବସ୍ଥା କରାଯାଇଛି। କୋଲ୍‌କାତାର ସୁନାମଧନ୍ୟ କଣ୍ଠଶିଳ୍ପୀ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### ଦୋଳଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି

କୃଷ୍ଣପ୍ରସାଦ,୧୮।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକର ଐତିହାସିକ ଦୋଳଯାତ୍ରା ମହୋତ୍ସବ କୃଷ୍ଣପ୍ରସାଦ ଗଡ଼ଠାରେ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ପାରିକୁଦ ରାଜା ସନ୍ତୋଷ କୁମାର ମର୍ଦ୍ଦରାଜ ମାନସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ମୌଜା ପରିଚାଳନା କମିଟି, କୃଷ୍ଣପ୍ରସାଦ ଗଡ଼ ସହଯୋଗରେ ଆୟୋଜିତ ବୈଠକରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ଦେବାଳୟର ପୂଜକ, କର୍ମକର୍ତ୍ତା, ପରିଚାଳନା କମିଟି ସଦସ୍ୟ ପ୍ରମୁଖ ଯୋଗଦେଇ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ଦିଗରେ ମତାମତ ପ୍ରଦାନ କରିଥିଲେ। ପାଞ୍ଚ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ଚନ୍ଦ୍ର ପଲେଇ, ପୂର୍ବତନ ସରପଞ୍ଚ କୁମାର ସିଂହ, ପୂର୍ବତନ ସରପଞ୍ଚ ବିଜୟ ଚନ୍ଦ୍ର ଜେନା, ହରମୋହନ ମାନସିଂହ, ବିଭୁ ନାରାୟଣ ଜେନା, ପ୍ରମୋଦ ପରିଡ଼ାଙ୍କ ସମେତ ପାଞ୍ଚ ମୌଜା ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବ୍ରହ୍ମାକୁମାରୀ ଅନୁଷ୍ଠାନରେ ବିଶ୍ୱ ଶାନ୍ତି ଦିବସ

ଜଟଣୀ,୧୮।୧(ରବୀନ୍ଦ୍ରନାଥ ମହାକୁଡ଼)

ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ପ୍ରଜାପିତା ବ୍ରହ୍ମାବାବାଙ୍କ ୫୭ତମ ପୁଣ୍ୟ ସ୍ମୃତି ଦିବସକୁ ରବିବାର ସାରା ବିଶ୍ୱରେ ବିଶ୍ୱ ଶାନ୍ତି ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବଡ଼ବଜାରସ୍ଥିତ ରାଜଯୋଗ ଭବନଠାରେ ପାଳନ କରାଯାଇଥିଲା। ପ୍ରାତଃରେ ଜ୍ଞାନଯୋଗ କ୍ଲାସ ପରେ ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଜ୍ୟୋତି ଭଉଣୀଙ୍କ ସଭାପତିତ୍ୱରେ ସେବାକେନ୍ଦ୍ରର ବରିଷ୍ଠ ଭାଇଭଉଣୀମାନେ ବ୍ରହ୍ମାବାବାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଉତ୍ସବରେ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଗୀତା ପାଠଶାଳାର ଶତାଧିକ ବ୍ରହ୍ମାକୁମାରୀ ଭଉଣୀଭାଇ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ରହ୍ମାକୁମାର ଅଶୋକ ଭାଇ, ମଳୟ ଭାଇ, ଶ୍ରୀପତି ଭାଇ ପରିଚାଳନା କରିଥିଲେ।


ଖୋର୍ଦ୍ଧା ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା, ସୁଭଦ୍ରା ଶକ୍ତି ମେଳା, କୃଷି ଯନ୍ତ୍ରପାତି ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଏବଂ ପୁସ୍ତକ ମେଳାର ଦ୍ୱିତୀୟ ଦିବସରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ବେରୋବୋଇ ଚାମ୍ପିୟନ

### ଗୁରୁପ୍ରସାଦ ମେମୋରିଆଲ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ

ନିରାକାରପୁର,୧୮।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତର ବାଳିକା ବିଦ୍ୟାଳୟ ଖେଳପଡିଆରେ ନିରାକାରପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦିନିକିଆ ଚତୁର୍ଥବାର୍ଷିକ ଗୁରୁପ୍ରସାଦ ମେମୋରିଆଲ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବେରୋବୋଇ ଚାମ୍ପିୟନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ ବେରୋବୋଇ କ୍ରିକେଟ କ୍ଲବ ଓ ନିରାକାରପୁର ୟଙ୍ଗଷ୍ଟାର ମଧ୍ୟରେ ହୋଇଥିଲା। ଟସ୍ ଜିତି ବେରୋବୋଇ ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ନିରାକାରପୁର ୟଙ୍ଗଷ୍ଟାର ଟିମ୍ ପ୍ରଥମେ ବ୍ୟାଟିଂ କରି ୮ଓଭରରେ ୬ଉଇକେଟ ହରାଇ ୫୧ରନ ସଂଗ୍ରହ କରିଥିଲା। ଜବାବରେ ବେରୋବୋଇ ଟିମ୍ ୭.୧ ଓଭରରେ ୩ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଦେବପ୍ରସାଦ ମାଝୀ ଏବଂ ବିଶ୍ୱ ଭୂଷଣ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ନିରାକାରପୁର କ୍ରିକେଟ କ୍ଲବର ସଭାପତି ହୃଷିକେଶ ରାଉତରାୟ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଖୋର୍ଦ୍ଧା ବିଧାୟକଙ୍କ ପ୍ରତିନିଧି ପ୍ରଫୁଲ ଚନ୍ଦ୍ର ଜେନା, ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ, ଟାଙ୍ଗୀ ବ୍ଲକ ଖବରଦାତା ସଂଘର ଉପସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ, ସାମାଜିକ କର୍ମୀ ସତ୍ୟବାଦୀ ବଳବନ୍ତରାୟ, ମଣ୍ଡଳ ସଭାପତି ଅଜୟ ପାଇକରାୟ, ପୂର୍ବତନ ମଣ୍ଡଳ ସଭାପତି ସନାତନ ବାରିକ, ସିପିଆଇଏମ ନେତା ବିଧୁ ଭୂଷଣ ମହାରଣା, ସାମାଜିକ କର୍ମୀ ରଣଜିତ ଜଗଦ୍ଦେବ, ପ୍ରଶାନ୍ତ ସାହୁ, ହେମନ୍ତ ସାମନ୍ତରାୟ, ଲକ୍ଷ୍ମଣ ମଙ୍ଗରାଜ, ବିନୋଦ ବିହାରୀ ରାଉତରାୟ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟିମକୁ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ଇଂ.ପ୍ରଭାତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଅନୁଷ୍ଠାନର ସଦସ୍ୟ ପିଲୁ ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଲଟେରି ବ୍ୟବସ୍ଥା କରାଯାଇଥିଲା। ଜୀବନରଶ୍ମି ମହାପାତ୍ର, ଅମରେନ୍ଦ୍ର ବାରିକ, ଆର୍ତ୍ତତ୍ରାଣ ରାଉତରାୟ, ଅନିଲ ସେନାପତି, ଦିବାକର ରାଉତରାୟ, ମାନସ ରଞ୍ଜନ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଚାମ୍ପିୟନ ଟିମର ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

### ରାମକୃଷ୍ଣ ଶିକ୍ଷାକେନ୍ଦ୍ରରେ ମୀନା ବଜାର

ଟାଙ୍ଗୀ,୧୮।୧(ରଘୁନାଥ ସାହୁ)

ଟାଙ୍ଗୀ ରାମକୃଷ୍ଣ ଶିକ୍ଷାକେନ୍ଦ୍ରରେ ଛାତ୍ରୀ ଛାତ୍ରମାନଙ୍କ ଦ୍ୱାରା ମୀନାବଜାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଚଟପଟି ଖାଦ୍ୟ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ପାରମ୍ପରିକ ଖାଦ୍ୟ ପ୍ରଦର୍ଶିତ କରିଥିଲେ। ଆଖପାଖ ଅଞ୍ଚଳର ଜନସାଧାରଣ ଏବଂ ଅଭିଭାବକମାନେ ଉକ୍ତ ଖାଦ୍ୟ କିଣି ଖାଇବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ନାରାୟଣ ସାହୁ, ଅଧ୍ୟକ୍ଷା ମୋନାଲି ଦାସ, ଗୁରୁମା ସ୍ୱାଗତିକା ମହାରଣା, ସନ୍ତୋଷୀ ବେହେରା, ସ୍ୱାଗତିକା ସାହୁ, ନୀଳିମା ବେହେରା, ପ୍ରିୟଙ୍କା ସାହୁ, ଆରତି ସାହୁ, ଶୁଭଶ୍ରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ

ଟାଙ୍ଗୀ,୧୮।୧(ରଘୁନାଥ ସାହୁ)

ଟାଙ୍ଗୀ ଗିରିଗୋବର୍ଦ୍ଧନ ପାହାଡ଼ ପାଦଦେଶରେ ବିରାଜିତ ମା'ରତ୍ନମାଳୀଙ୍କ ପୀଠରେ ବିଶ୍ୱଶାନ୍ତି ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୧୫ତାରିଖରେ ଅଙ୍କୁରାରୋପଣ କରାଯାଇଥିଲା। ଜଳଯାତ୍ରା, ସୂର୍ଯ୍ୟପୂଜା, ଧେନୁପୂଜା, ଚଣ୍ଡୀପାଠ, ଆର୍ଯ୍ୟ ଆଳତି, ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ବିଦ୍ୱାନ ପଣ୍ଡିତଙ୍କ ଦ୍ୱାରା କରାଯାଇଥିଲା। ଆଖପାଖ ଗ୍ରାମର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯଜ୍ଞ କମିଟିର ସଦସ୍ୟ ସହଯୋଗ କରିଥିଲେ।

## ଭାଲିଆବାଡ଼ିକୁ ହରାଇ ସୁଆଙ୍ଗ ଜିତିଲା

ବେଗୁନିଆ,୧୮।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡ଼ମାଣତୀର ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଚାଲିଥିବା ୯ମ ବିପିନ ବିହାରୀ ସୁନ୍ଦରାୟ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୁଆଙ୍ଗ ଟିମ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଭାଲିଆବାଡ଼ି ଏବଂ ସୁଆଙ୍ଗ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଭାଲିଆବାଡ଼ି ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୭ଉଇକେଟ ବିନିମୟରେ ୨୧୬ରନ ସଂଗ୍ରହ କରିଥିଲା। ଜବାବରେ ସୁଆଙ୍ଗ ଟିମ୍ ୧ଉଇକେଟ ବିନିମୟରେ ୨୧୭ରନ ସଂଗ୍ରହ କରି ବିଜୟୀ ହେବାସହ ଚାମ୍ପିୟନ ହୋଇଥିଲା। ମାନସ ମହାପାତ୍ର ଏବଂ ସଞ୍ଜୟ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ସମୀର ସୁନ୍ଦରାୟ ଏବଂ ସୁଧୀର ରାଉତରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମା' ରାମଚଣ୍ଡୀ କ୍ରିକେଟ ଟିମ୍ ଏବଂ ସୂର୍ଯ୍ୟକାନ୍ତ ଜୁଝାରସିଂହଙ୍କ ସହଭାଗିତାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ତଥା ଶିଳ୍ପପତି ଶିବ ନାରାୟଣ ମିଶ୍ର ମୁଖ୍ୟ ଅତିଥି, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ବିଜୟ କୁମାର ସୁନ୍ଦରାୟ ସମ୍ମାନିତ ଅତିଥି ଏବଂ ସାମାଜିକ କର୍ମୀ ସୁଧାଂଶୁ ଶେଖର ମିଶ୍ର ଅତିଥିଭାବେ ଉପସ୍ଥିତ ଥିଲେ। ସମୀର ରାଉତରାୟ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ସୂର୍ଯ୍ୟକାନ୍ତ ବଡ଼ଜେନାଙ୍କୁ ମ୍ୟାନ ଅଫ୍ ଦି ସିରିଜ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଟିମ୍‌କୁ ୧୦ ହଜାର ଟଙ୍କା ଓ ରନର୍ସଅପ୍ ଟିମ୍‌କୁ ୬ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜକ ଦଳର ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଦ୍ୱିତୀୟ ଜଟଣୀ ପଥ ଉତ୍ସବରେ ରବିବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାସ୍ତାରେ ଝୋଟି ପକାଉଛନ୍ତି। (ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)

## ସେଞ୍ଚୁରିୟାନ ୟୁନିଭର୍ସିଟି ନାଇଜେରିଆନ୍-୧୧ ଚାମ୍ପିୟନ

ଜଟଣୀ,୧୮।୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀର ଫ୍ରେଣ୍ଡସ ପାରାଡାଇସ କ୍ରୀଡ଼ା ସଂଘ ପକ୍ଷରୁ କୁସୁମାଟି ଛଣଘର ଖେଳପଡ଼ିଆରେ ଚାଲିଥିବା ଶ୍ରୀବତ୍ସ ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ସେଞ୍ଚୁରିୟାନ ୟୁନିଭର୍ସିଟି (ନାଇଜେରିଆନ୍-୧୧) ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଫ୍ୟୁଚର ଫୁଟ୍‌ବଲ ଏକାଡେମୀ ମଣିପୁର ଏବଂ ନାଇଜେରିଆନ୍-୧୧ ମଧ୍ୟରେ ହୋଇଥିଲା। ଉଭୟ ଟିମ୍ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଟାଇବ୍ରେକରରେ ୩-୨ ଗୋଲରେ ନାଇଜେରିଆନ୍-୧୧ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଅତିଥିଭାବେ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ଭଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା, ସ୍ଥାନୀୟ ସରପଞ୍ଚ ସୁବାସିନୀ ବିଶ୍ୱାଳ, ସମିତିସଭ୍ୟ ସତ୍ୟଭାମା ରାଉତରାୟ, ଓସିଏ ପୂର୍ବତନ ଉପସଭାପତି ନବକିଶୋର ପଟନାୟକ, ଦେବୀପ୍ରସାଦ ଦାସ, ପୂର୍ବତନ ପ୍ରଶାସକ ଅଶୋକ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିୟନ ଏବଂରନର୍ସଅପ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ଶିବଶଙ୍କର ପଣ୍ଡା, ରମେଶ ପାଇକରାୟ, ପ୍ରିୟବ୍ରତ ବାହିନୀପତି ଏବଂ ବିଜୟ ମଙ୍ଗରାଜ ମ୍ୟାଚ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟଦ ଦଳର ଖେଳାଳିମାନେ।

## ମା'ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମେଣ୍ଢାଶାଳ ଚାମ୍ପିୟନ

ବୋଲଗଡ଼/ କଳାପଥର, ୧୮।୧
(ଦେବବ୍ରତ ହୋତା/ ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ କାଦୁଅବେରେଣୀ ଖେଳପଡ଼ିଆରେ ଚାଲିଥିବା ଚତୁର୍ଦ୍ଦଶତମ ମା'ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମେଣ୍ଢାଶାଳ ଟିମ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ମେଣ୍ଢାଶାଳ କ୍ରିକେଟ କ୍ଲବ ଏବଂ ଆଇଆର୍‌ସି ଭୁବନେଶ୍ୱର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ମେଣ୍ଢାଶାଳ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ବିନିମୟରେ ୨୪୪ ରନ ସଂଗ୍ରହ କରିଥିଲା। ଜବାବରେ ଆଇଆର୍‌ସି ଟିମ୍ ୧୫.୧ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୪୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। କବିନ୍ଦ୍ର ନାୟକ ଓ ବିନୟ ପାଇକରାୟ ମ୍ୟାଚ ପରିଚାଳନା କରିଥିବା ବେଳେ ସୁଦର୍ଶନ ପ୍ରଧାନ ସ୍କୋରର ଏବଂ ପୂର୍ଣ୍ଣଚନ୍ଦ୍ର ମୁଦୁଲି ଘୋଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ ଏବଂ ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ପିପିଲର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ , ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ ଓ ସମିତିସଭ୍ୟ ବିଜୟ ସୁବୁଦ୍ଧି, ମାୟାଧର କରଣ, ରତ୍ନାକର ମହାପାତ୍ର, ଅନନ୍ତ ଚରଣ ଦାସ ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଟିମ୍‌କୁ ୪୦ହଜାର ସହ ଟ୍ରଫି ଏବଂ ରନର୍ସଅପ୍ ଟିମ୍‌କୁ ୩୦ ହଜାର ଟଙ୍କା ସହ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ ଉତ୍କର୍ଷତା ହାସଲ କରିଥିବା ବହୁ ଖେଳାଳିଙ୍କୁ ପୁରସ୍କୃତ କରାଯାଇ ଥିଲା। ଆୟୋଜକ ମା'ରାମଚଣ୍ଡୀ ସ୍ପୋର୍ଟ୍ସ ଆଣ୍ଡ କଲଚରାଲ ଆସୋସିଏଶନ ସଭାପତି ବିଜୟାନନ୍ଦ ସାହୁ , ସମ୍ପାଦକ ଚିନ୍ମୟ ମୁଦୁଲି, କୋଷାଧ୍ୟକ୍ଷ ରାଜୁ ମହାରଣା, ସୁଦର୍ଶନ ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମର ଖେଳାଳିମାନେ।

## ସଂକ୍ଷେପରେ

### ଶାଗୁଆନ କାଠ ବୋଝେଇ ଭ୍ୟାନ୍ ଜବତ

କାକଟପୁର/ଅସ୍ତରଙ୍ଗ,୧୮।୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲ୍ଲା ଛୋଟରାୟପୁର ଅଞ୍ଚଳରୁ ଏକ ଶାଗୁଆନ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ ହୋଇଛି। ବନ ବିଭାଗକୁ ଦେଖି ଗାଡ଼ି ଛାଡ଼ି ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଜବତ ହୋଇଥିବା କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ସୂଚନା ମିଳିଛି। କାଠମାଫିଆମାନେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନରୁ ଦାମୀ ଗଛ କାଟି ଅଭିନବ ଉପାୟରେ ବିଭିନ୍ନ ଗଳାବାଟ ଦେଇ ପଡ଼ୋଶୀ ରାଜ୍ୟକୁ ଚାଲାଣ କରି ମାଲାମାଲ୍ ହେଉଛନ୍ତି। ଏ ନେଇ ଖବର ପାଇବା ପରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଉଛି। ରବିବାର ପୂର୍ବାହ୍ନରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ କାକଟପୁର ନିକଟସ୍ଥ ଛୋଟରାୟପୁର ଏକ ଟାଟା ଏସିଇ ପିକ୍‌ଅପ୍ ଦ୍ୱାରା ଅବୈଧ ଭାବେ ଶାଗୁଆନ କାଠ ଚୋରାଚାଲାଣ କରାଯାଉଥିବା ବେଳେ ଧରାପଡ଼ିଛି। ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର ଓ ବନରକ୍ଷୀ ପ୍ରମୁଖ ପହଞ୍ଚି କାଠ ଚୋରାଚାଲାଣ ହେଉଥିବା ଗାଡ଼ିକୁ ଧରିବାରେ ସକ୍ଷମ ହୋଇଥିଲେ। ଘଟଣାସ୍ଥଳରୁ କାଠବୋଝେଇ ଗାଡ଼ି ଜବତ କରି ପାଣିଛତ୍ରସ୍ଥିତ ଅସ୍ତରଙ୍ଗ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ତଦନ୍ତ ଜାରି ରଖିଛି ବନ ବିଭାଗ।

### ଖରିଫ ଧାନ କିଣାବିକା ପାଇଁ ସମନ୍ୱୟ ବୈଠକ

ପିପିଲି,୧୮।୧ (ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲି ଓ ଡେଲାଙ୍ଗ ବ୍ଲକରେ ୨୦୨୫-୨୬ ଖରିଫ ଧାନ କିଣାବିକା ନିମନ୍ତେ ସମନ୍ୱୟ ବୈଠକ ଦୁର୍ଗାଦାସପୁର ପଞ୍ଚାୟତ କଲ୍ୟାଣମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡେଲାଙ୍ଗ- ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଡେଲାଙ୍ଗ-ପିପିଲିର ଚାଷୀମାନେ ସେମାନଙ୍କର ଧାନ ଯେପରି ସୁରୁଖୁରୁରେ ବିକିପାରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ଡେଲାଙ୍ଗ - ପିପିଲି ଅଞ୍ଚଳର କୌଣସି ଚାଷୀ ଧାନ ବିକିବାରୁ ବଞ୍ଚିତ ହେବା ସମସ୍ୟାକୁ ନେଇ ଡେଲାଙ୍ଗ-ପିପିଲି ନିର୍ବାଚନମଣ୍ଡଳୀ ବାହାରେ ଯେପରି ବଦନାମ ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଡିଓ ସରୋଜ କୁମାର ରାଉତ, ଡେଲାଙ୍ଗ ବିଡିଓ ସମୀର କୁମାର ବେହେରା, ପିପିଲି ତହସିଲଦାର ହୃଷୀକେଶ ତ୍ରିପାଠୀ, ପୁରୀ ମ୍ୟୁନିସିପାଲିଟିର ସହକାରୀ ଯୋଗାଣ ଅଧିକାରୀ ଜି. ପ୍ରସନ୍ନ ରାଓ, ସମବାୟ କ୍ଷେତ୍ର ଅଧିକାରୀ ଡେଲାଙ୍ଗ ଅସିତ କୁମାର ସାହୁ, ପିପିଲିର ଦିଲୀପ କୁମାର ବେହେରା, ଯୋଗାଣ ନିରୀକ୍ଷକ ପିପିଲି ଦୀପ୍ତି ରଞ୍ଜନ ଇନ୍ଦ୍ରସିଂ, ଡେଲାଙ୍ଗର ଟୁନାରାଣୀ ସାହୁ ଏବଂ ପିପିଲିର ଅତିରିକ୍ତ ତହସିଲଦାର ପ୍ରମୁଖ ମଞ୍ଚାସୀନ ଥିଲେ। ଡେଲାଙ୍ଗ ଏବଂ ପିପିଲି ବ୍ଲକ ପ୍ରାଥମିକ ସେବା ସମବାୟ ସମିତିର ସମ୍ପାଦକ, ମଣ୍ଡିର ନୋଡାଲ୍ ଅଧିକାରୀ, ମଣ୍ଡିର ସୁପରଭାଇଜିଂ ଅଧିକାରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ମିଲରମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପିପିଲି ବ୍ଲକ କର୍ମଚାରୀ ସାରଦା ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ଆତ୍ମା ଅଧ୍ୟକ୍ଷ ସୁବୋଧ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ସର୍ବଧର୍ମ, ସଙ୍କେତର ମହାମିଳନ ଶ୍ରୀଜଗନ୍ନାଥ

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଆଧ୍ୟାତ୍ମିକ ବ୍ୟାଖ୍ୟାନ

ପୁରୀ,୧୮।୧ (ଅଜିତ୍ କୁମାର ମହାନ୍ତି)


କର୍ମଶାଳାରେ ଉପସ୍ଥିତ ଅତିଥିମାନେ ।

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୨ଟି ବିଶିଷ୍ଟ ବ୍ୟାଖ୍ୟାନ ଆଧ୍ୟାତ୍ମିକତାକୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଛି। ପ୍ରଥମ ବ୍ୟାଖ୍ୟାନ 'ଜୀବନ ଜୟଯାତ୍ରାରେ ଶ୍ରୀମଦ୍ ଭଗବଦ୍ ଗୀତା' ବିଷୟରେ ମୁମ୍ବାଇର ଚତୁଷ୍ପାଠୀ ଇସ୍କନର ଅଧ୍ୟକ୍ଷ ଓ ଆଇଆଇଟି ମଣ୍ଡି, ହିମାଚଳ ପ୍ରଦେଶର ଗବେଷକ ଶ୍ୟାମାନନ୍ଦ ଦାସ ଏକ ମନୋଜ୍ଞ ଓ ଛାତ୍ରୀଛାତ୍ରଙ୍କୁ ପ୍ରଭାବିତ କରିପାରିଥିବା ଅଭିଭାଷଣ ରଖିଥିଲେ। ଦ୍ୱିତୀୟ ବ୍ୟାଖ୍ୟାନଟି 'ବିଶ୍ୱରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଐତିହ୍ୟ' ବିଷୟରେ ଗୌଡ଼ୀୟ ଓଡ଼ିଆ ଗବେଷଣା ଏକାଡେମୀ, ପୁରୀର ନିର୍ଦ୍ଦେଶକ ମାଧବାନନ୍ଦ ଦାସ ଏକ ଭାବପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ସର୍ବଧର୍ମ, ପଥ ଓ ସଂକେତର ମହାମିଳନ ଶ୍ରୀଜଗନ୍ନାଥ ଓ ସାରାବିଶ୍ୱରେ କିପରି ପୂଜିତ ସେହି ବିଷୟରେ ସେ କହିଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ବସନ୍ତ କୁମାର ମିଶ୍ର ସଭାପତିତ୍ୱ କରି ଗୀତା ଓ ଭାଗବତ ଆରାଧନାକୁ କିଭଳି ଜିଇବାକୁ ହେବ ସେନେଇ ଆଲୋଚନା କରିଥିଲେ। ଆନ୍ତରିକ ଗୁଣବତ୍ତା ପ୍ରତ୍ୟାୟନ କେନ୍ଦ୍ରର ନିର୍ଦ୍ଦେଶକ ଓ ସ୍ନାତକୋତ୍ତର ନ୍ୟାୟ ଦର୍ଶନ ବିଭାଗର ଅଧ୍ୟକ୍ଷ ଡ. ଜୟମାଣିକ୍ୟ ଶାସ୍ତ୍ରୀ ଉଭୟ ବ୍ୟାଖ୍ୟାନର ସାରମର୍ମକୁ କହିବା ସହ ଜୀବନକୁ ସମୁଚିତ ପଥରେ ନେବା ପାଇଁ ଶାସ୍ତ୍ରର ଭୂମିକା ବିଷୟରେ ଚର୍ଚ୍ଚା କରିଥିଲେ। କାର୍ଯ୍ୟକ୍ରମକୁ ସ୍ନାତକୋତ୍ତର ବେଦ ବିଭାଗ ଅଧ୍ୟକ୍ଷା ଡ. ପରାମା ଶ୍ରୀଯୋଗମାୟା ସଞ୍ଚାଳନ କରିଥିଲେ। ବେଦ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଚନ୍ଦନ କୁମାର ମିଶ୍ର ବେଦପାଠ କରିଥିଲେ ଓ ଶେଷରେ ବେଦ ବିଭାଗର ଅଧ୍ୟାପକ ଡ. ରାମଚନ୍ଦ୍ର ହୋତା ଶାନ୍ତିପାଠ କରିଥିଲେ।

କାର୍ଯ୍ୟକ୍ରମରେ ସାହିତ୍ୟ ବିଭାଗର ଡ. ଦେବାଶିଷ ତ୍ରିପାଠୀ ଓ ଡ. ରାଜଶ୍ରୀ ଦାସ, ବ୍ୟାକରଣ ବିଭାଗର ଡ. ଅଜୟ କୁମାର ଦାଶ ଓ ଡ. ପ୍ରଜ୍ଞା ଶର୍ମା, ସର୍ବଦର୍ଶନ ବିଭାଗର ଡ. ଅଜୟ କୁମାର ପାଣ୍ଡେ, ଧର୍ମଶାସ୍ତ୍ର ବିଭାଗର ଡ. ପ୍ରକାଶ ଚନ୍ଦ୍ର ମିଶ୍ର, ଜ୍ୟୋତିର୍ବିଜ୍ଞାନ ବିଭାଗର ଡ. ସର୍ବଜୟା ଶାଶ୍ୱତୀ ଓ ନ୍ୟାୟଦର୍ଶନ ବିଭାଗର ଡ. ରଶ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ପୁରୀ ବେଳାଭୂମିରେ ଅସ୍ତଗାମୀ ସୂର୍ଯ୍ୟଙ୍କ ମନୋରମ ଦୃଶ୍ୟ ।

# କୋଣାର୍କ ରେଞ୍ଜ୍ ପକ୍ଷରୁ ପକ୍ଷୀ ଗଣନା ଆରମ୍ଭ

## ପ୍ରଥମ ଦିନରେ ୫୩ ପ୍ରଜାତିର ପକ୍ଷୀ ଚିହ୍ନଟ କଲା ବନ ବିଭାଗ

କୋଣାର୍କ,୧୮।୧ (ଜ୍ୟୋତିରାଜ ମହାନ୍ତି)

ପୁରୀ ଜିଲ୍ଲା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କୋଣାର୍କ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ (କୋଣାର୍କ ରେଞ୍ଜ୍) ପକ୍ଷରୁ ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଛି। କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନ ବିଭାଗର ୩୦ଜଣ ବନ କର୍ମଚାରୀ, ପରିବେଶବିତ୍ ଓ ଇଡିସି କମିଟିର ସଦସ୍ୟା, ସଦସ୍ୟଙ୍କୁ ଏହି ଗଣନା କାର୍ଯ୍ୟରେ ନିୟୋଜିତ କରାଯାଇଛି। କୋଣାର୍କ ବନ ବିଭାଗ ଅଧୀନସ୍ଥ କେଲୁଣି ମୁହାଣ, ଟିକରପଡ଼ା, କୁଶଭଦ୍ରା ନଦୀର ଗଡ଼ଗଡ଼ିଆ ନାଳ, କାଦୁଆ ନଦୀର ଓଟାଙ୍ଗ ସେତୁ, ଚିତ୍ରେଶ୍ୱରୀ, ବେଲେରୀ ନାଳ ଓ ଆମ୍ବିଲିଗାଁଠାରୁ ଜୁଣେଇ ବ୍ରିଜ୍‌ର ପଥରଭସା ସମେତ ୭ଟି ସ୍ଥାନରେ ପକ୍ଷୀ ଗଣନା କାର୍ଯ୍ୟ ବାଇନାକୁଲାର ଓ ଫଟୋଚିତ୍ର ମାଧ୍ୟମରେ ସମ୍ପାଦନ କରାଯାଇଥିଲା। ଏହି ଗଣନାରେ ୫୩ ପ୍ରଜାତିର ବିଭିନ୍ନ ବର୍ଗର ୭୨୫୩ ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି। ଏହି ପକ୍ଷୀ ଗଣନା କାର୍ଯ୍ୟରେ ବାଲିଦୋକାନ ଫରେଷ୍ଟର ସବୀର ସାହୁ, କୋଣାର୍କ ଫରେଷ୍ଟର କାର୍ତ୍ତିକେଶ୍ୱର ମୁଣ୍ଡା, ରାମଚଣ୍ଡୀ ଫରେଷ୍ଟର ତପନ କୁମାର ନାୟକ, ଫରେଷ୍ଟଗାର୍ଡ ଏଲିନା ପ୍ରିୟଦର୍ଶନୀ, ପ୍ରତୀକ୍ଷା ପରିଡ଼ା, ରଶ୍ମିତା ପୃଷ୍ଟି, ଶଶିକାନ୍ତ ସେଠୀ ଓ ମାନସ ମୁଖୀଙ୍କ ସମେତ ବନ ବିଭାଗର ୩୦ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା।

# ପିପିଲି ସହରରୁ ହଟିଲା ଜବରଦଖଲ

## ୫ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀ ହରାଇଲେ ଜୀବିକା

ପିପିଲି,୧୮।୧ (ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ପିପିଲି ସହରରୁ ଉଚ୍ଛେଦ ହେଲା ଜବରଦଖଲ। ପିପିଲି-କୋଣାର୍କ ରାସ୍ତାର ପଣ୍ଡାବଜାର, ଡେଲାଙ୍ଗ ଛକରୁ ହାଟଛକ ଏବଂ ପିପିଲି ବିଜେଡି ପାର୍ଟି ଅଫିସଠାରୁ ହାଟଛକ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଛି। ପିପିଲି ପୌରାଞ୍ଚଳ ପକ୍ଷରୁ ସରକାରୀ ଜାଗାରେ ୨୮ଟି ଦୋକାନଘର ନିର୍ମାଣ କରାଯାଇ ଭଡ଼ା ଦିଆଯାଇଥିଲା, ସେଥିରୁ ମଧ୍ୟ କିଛି ଘର ଭଙ୍ଗାଯାଇଛି। ଅବଶିଷ୍ଟ ଘର ଆସନ୍ତା ମଙ୍ଗଳବାର ଉଚ୍ଛେଦ କରାଯିବ ବୋଲି ପୌରାଞ୍ଚଳ ଅଧ୍ୟକ୍ଷା କାଦମ୍ବିନୀ ଜେନା କହିଛନ୍ତି। ଏହାବାଦ୍ ପିପିଲି ବଜାର ମଧ୍ୟରେ ପୂର୍ତ୍ତ ବିଭାଗର ଜାଗାକୁ କେତେଜଣ ଜବରଦଖଲ କରି ରଖିଛନ୍ତି। ଆଗାମୀ ୪/୫ ଦିନ ମଧ୍ୟରେ ମାପ କରାଯାଇ ସେଗୁଡ଼ିକ ଚିହ୍ନଟ କରାଯିବା ପରେ ତାକୁ ମଧ୍ୟ ଉଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ବଦଳିବ ପିପିଲି ପ୍ରସିଦ୍ଧ ଚାନ୍ଦୁଆ ଶିଳ୍ପ ଏବଂ ଶିଳ୍ପୀଙ୍କ ଭାଗ୍ୟ। ଇନୋଭେଶନ ହବ୍‌ରେ ପରିଣତ ହେବ ପିପିଲି। ସେଥିପାଇଁ ଯଥେଷ୍ଟ ଜାଗାର ଆବଶ୍ୟକ। ତେଣୁ ଆବଶ୍ୟକ ପଡ଼ିଲେ ପୂର୍ତ୍ତ ବିଭାଗ ଜାଗା ଦିଆଯାଇଥିବା ଲିଜ୍‌କୁ ବାତିଲ କରି ପୂର୍ତ୍ତ ବିଭାଗ ଅଧୀନକୁ ନିଆଯିବାର ପ୍ରଶାସନିକସ୍ତରରେ ଆଲୋଚନା କରାଯାଇଥିବା ଜଣେ କର୍ମଚାରୀଙ୍କଠାରୁ ପ୍ରକାଶ। ଏବେ ବ୍ୟବସାୟୀଙ୍କ ଥଇଥାନ ପାଇଁ କାହାର ଦେଖାନାହିଁ। ପିପିଲି ପୌରାଞ୍ଚଳ ପକ୍ଷରୁ ଆଜକୁ ୩୦ ବର୍ଷ ହେଲା ଯୋଗାଇଦେଇଥିବା ଘରକୁ ଉଚ୍ଛେଦ ପରେ ସେମାନଙ୍କୁ ଥଇଥାନ କରିବା ପାଇଁ କିଛି ବ୍ୟବସ୍ଥା ମଧ୍ୟ କରାଯାଇନାହିଁ। ପିପିଲି ଅଞ୍ଚଳର ଜୀବନ ଜୀବିକା ନିର୍ବାହ କରୁଥିବା ୫ ଶହରୁ ଊର୍ଦ୍ଧ୍ୱ ପରିବାର ଏବେ କେମିତି ଚଳିବେ, ସେହି ଚିନ୍ତାରେ ବ୍ୟବସାୟୀ। ଶୀଘ୍ର ବ୍ୟବସାୟୀଙ୍କୁ ଥଇଥାନ କରିବାକୁ ପିପିଲି ବଜାର ବ୍ୟବସାୟୀ ସଂଘ ସଭାପତି ରାକେଶ କୁମାର ମହାପାତ୍ର ପ୍ରଶାସନକୁ ଅନୁରୋଧ କରିଛନ୍ତି।

### ଠାକୁର ଶ୍ରୀଅଭିରାମ ପରମହଂସଙ୍କ ଜନ୍ମ ଉତ୍ସବ ଉଦ୍‌ଯାପିତ

କଣାସ,୧୮।୧ (ବିଭୂତି ଭୂଷଣ ତ୍ରିପଠୀ)

କଣାସ ବ୍ଲକ ଆଲିବାଡ଼ ପଞ୍ଚାୟତ କରମଳା ଠାରେ ପ୍ରତିଷ୍ଠିତ ଜଗଦ୍‌ଗୁରୁ ଠାକୁର ଅଭିରାମ ପରମହଂସଙ୍କ ଶାନ୍ତିଧାମ ଆଶ୍ରମରେ ଗତ ୧୬ ତାରିଖ ଠାରୁ ଆରମ୍ଭ ହୋଇଥିବା ୧୨୩ ତମ ଜନ୍ମ ଉତ୍ସବ ରବିବାର ଶେଷ ହୋଇଛି। ୩ଦିନ ମଧ୍ୟରେ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ଯୋଗ ଦେଇଥିଲେ। ଆଶ୍ରମର ଆଚାର୍ଯ୍ୟ ବଳରାମ ଦଶ ଜନ୍ମ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ୩ଦିନ ଧରି ଭଜନ ସମାରୋହ, ସନାତନ ଧର୍ମ ସମ୍ମିଳନୀ, ସାଧୁସନ୍ଥଙ୍କ ଦ୍ୱାରା ଶ୍ରୀହରି କଥାମୃତ ପ୍ରଦାନ, ସତ୍ୟନାରାୟଣ ପାଲା ବିଭିନ୍ନ ଭକ୍ତଙ୍କ ଦ୍ୱାରା ଶ୍ରୀଅଭିରାମ ନୀଳା ନାଟକ ପ୍ରଦର୍ଶନ, ଗୋଟିପୁଅ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ୩ ପ୍ଲାଟୁନ ପୋଲିସ ଫୋର୍ସ ସହିତ ଆଖପାଖ ଗ୍ରାମର ଶାନ୍ତି କମିଟି କର୍ମୀମାନେ ଉପସ୍ଥିତ ଥିଲେ। କଣାସ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ତହସିଲ୍‌ଦାର ହିମାଂଶୁ ଶେଖର ଗିରି, ସୁଧୀର କୁମାର ଦାସ, କଣାସ ଥାନାଧିକାରୀ ପ୍ରସନ୍ନ କୁମାର ନାୟକ, ପାନୀୟ ଜଳଯୋଗାଣ ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀ, ବିଦ୍ୟୁତ୍ ଅଧିକାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

### ପ୍ରାଚୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଶୀତକାଳୀନ ଶିବିର

ଅସ୍ତରଙ୍ଗ,୧୮।୧ (ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରୀଗାଁ ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶୀତକାଳୀନ ୭ଦିନିଆ ସ୍ୱତନ୍ତ୍ର ଶିବିର ଅଧ୍ୟକ୍ଷ ବିଜୟ କୁମାର ମୁଦୁଲିଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ମଙ୍ଗଳା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ. ସଂଗ୍ରାମ ଛାଟୋଇ, ମୁଖ୍ୟବକ୍ତା ଭାବେ ଉମାକାନ୍ତ ଦାସ, ଜାତୀୟ ସେବା ଯୋଜନାର ପୂର୍ବତନ କାର୍ଯ୍ୟକାରୀ ଅଧିକାରୀ ଉମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମଦେବ ରାଉତ, ସୁରେନ୍ଦ୍ର କୁମାର ମାଣିକ ଯୋଗଦେଇ ଶିବିରାର୍ଥୀଙ୍କୁ ଜାତୀୟ ସେବା ଯୋଜନାର ବିଶେଷତ୍ୱ ବିଷୟରେ ଜଣାଇଥିଲେ। ଏହାକୁ ଜାତୀୟ ସେବା ଯୋଜନାର ଅଧିକାରୀ ଉମାଶଙ୍କର ନାୟକ ପରିଚାଳନା କରିଥିଲେ।

# ଆମ ପଞ୍ଚାୟତର ବିକାଶ ଆମ ବିକାଶ ମଞ୍ଚର ମୁଖ୍ୟଲକ୍ଷ୍ୟ



ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ।

ନିମାପଡ଼ା,୧୮।୧ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ରଚିଲୋ ପଞ୍ଚାୟତରେ ନବଗଠିତ ଅନୁଷ୍ଠାନ ବିକାଶମଞ୍ଚ ପକ୍ଷରୁ ଏକ ନିଆରା ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସମାରୋହ ଶ୍ରୀମୁଖସ୍ଥିତ ଏକ କଲ୍ୟାଣମଣ୍ଡପଠାରେ ଆୟୋଜିତ ହୋଇଥିଲା। ପଞ୍ଚାୟତର ବରିଷ୍ଠ ଅନନ୍ୟ ଯୁବପ୍ରତିଭା ମାନସ ରଞ୍ଜନ ବିଶ୍ୱାଳଙ୍କ ଆବାହକତ୍ୱ ଓ ପୂର୍ବତନ ସରପଞ୍ଚ ଶରତ କୁମାର ପ୍ରଧାନ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇ ଏହି ସମାରୋହର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ପଞ୍ଚାୟତର ବିକାଶ ଦିଗରେ ଯୁବକମାନେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

ସମାରୋହରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ କୈଳାସ ଚନ୍ଦ୍ର ପଣ୍ଡା, ଅଗଣା ନନ୍ଦ ବାଘ, ମାଧବାନନ୍ଦ ବାଘ ପ୍ରମୁଖ ଯୋଗଦେଇ ଏହି ନବଗଠିତ ଅନୁଷ୍ଠାନ ବିକାଶ ମଞ୍ଚର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ପଞ୍ଚାୟତ ଓ ପଞ୍ଚାୟତବାସୀଙ୍କ ସାମଗ୍ରୀକ ବିକାଶ ପାଇଁ ଯୁବକମାନେ ଦଳମତ ନିର୍ବିଶେଷରେ ରାଜନୀତି ଠାରୁ ଊର୍ଦ୍ଧ୍ୱରେ ରହି ସମସ୍ତ ଭେଦଭାବ ଭୁଲି ଏକଜୁଟ ହୋଇ ନିଷ୍ଠାର ସହ କାର୍ଯ୍ୟ କରିବା ଓ ପଞ୍ଚାୟତବାସୀଙ୍କ ସେବା ବିକାଶମଞ୍ଚର ମୂଳମନ୍ତ୍ର ଓ ମୁଖ୍ୟଲକ୍ଷ୍ୟ ବୋଲି ମଞ୍ଚର ଆବାହକ ମାନସ ରଞ୍ଜନ ବିଶ୍ୱାଳ ଆଲୋକପାତ କରିଥିଲେ। ସମାରୋହରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନିମାପଡ଼ାର ବରିଷ୍ଠ ଖବରଦାତା ବିଚିତ୍ରାନନ୍ଦ ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ସମାଜସେବା, କ୍ରୀଡ଼ା, କଳା ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଞ୍ଚାୟତର ଶତାଧିକ ବ୍ୟକ୍ତି ଓ ଯୁବପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପଞ୍ଚାୟତର ବିକାଶ ପାଇଁ ଶତାଧିକ ଯୁବକ ଅଣ୍ଟାଭିଡ଼ି କାର୍ଯ୍ୟ କରିବାକୁ ଆୟୋଜିତ ସମାରୋହରେ ସଂକଳ୍ପ ନେଇଥିଲେ।

# ଗୁରୁଙ୍କ ଉଦ୍ଦେଶ୍ୟରେ ରକ୍ତଦାନ ଏକ ମହତ୍ କାର୍ଯ୍ୟ



ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି ।

## ଉତ୍ସର୍ଗ ପରିବାର ପକ୍ଷରୁ ୫୩ ୟୁନିଟ୍ ରକ୍ତ ସଂଗ୍ରହ

ଗୋପ,୧୮।୧ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୁରୁ ସମାଜ ପାଇଁ ଏକ ଦର୍ପଣ ସଦୃଶ୍ୟ ହୋଇଥିବା ବେଳେ ଦିବଂଗତ ଗୁରୁ ପ୍ରକାଶ ଚନ୍ଦ୍ର ସେନାପତିଙ୍କ ପାଇଁ 'ରକ୍ତଦାନ ଏକ ମହତ୍ କାର୍ଯ୍ୟ' କାର୍ଯ୍ୟକ୍ରମ ରବିବାର ବାୟାକୁଦା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ ଉପସ୍ଥିତ ଥିଲେ। ଉତ୍ସର୍ଗ ପରିବାର ସମ୍ପାଦକ ତଥା ପ୍ରକୃତିବନ୍ଧୁ ବିଷ୍ଣୁ ମୋହନ ପ୍ରଧାନଙ୍କ ସଭାପତିତ୍ୱରେ ଅତିଥି ଭାବେ ଶିକ୍ଷାବିତ୍ ପଦ୍ମନାଭ ସେନାପତି, ବାଳକୃଷ୍ଣ ସେନାପତି, ଲାବନ୍ୟ ସାହୁ, ସାହିଭାଇ ସଂଗଠନର ସଭାପତି ବ୍ରଜବନ୍ଧୁ ମହାରଣା, ଉତ୍ସର୍ଗ ପରିବାରର ସଭାପତି ଲକ୍ଷ୍ମୀଧର ବେହେରା, ଯୁବ ସାମାଜିକ କର୍ମୀ ପ୍ରତାପ ପରିଡ଼ା, କବିବର ପ୍ରଧାନ, ଯୁବନେତୃତ୍ୱ ମନଦୀପ ପାଇକରାୟ, ରବୀନ୍ଦ୍ର ନାଥ ପ୍ରଧାନ, ସୁଶାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇ ଏପରି ଏକ ରକ୍ତଦାନ ଶିବିର ସମସ୍ତଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଆସିଥିବା ଏକ ଟିମ୍ ଯୋଗଦାନ କରିଥିବା ବେଳେ ୫୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରର ଉଦ୍‌ଘାଟନୀ ଅବସରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସଂଗଠନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ଦୀର୍ଘବର୍ଷ ଧରି ଜିଲ୍ଲା ଓ ବିଭିନ୍ନ ବ୍ଲକ ଅଞ୍ଚଳରେ ବିଭିନ୍ନ ସେବା ଯୋଗାଇ ଆସୁଥିବା ବେଳେ ସଂଗଠନର ମୁଖ୍ୟ ଦିବଂଗତ ବରିଷ୍ଠ ଶିକ୍ଷାବିତ୍ ତଥା ଗୁରୁ ପ୍ରକାଶ ଚନ୍ଦ୍ର ସେନାପତିଙ୍କ ନାମରେ ରକ୍ତଦାନ ଶିବିର ଆୟୋଜନ କରୁଛି।

# ସାତପଡ଼ାରେ ସଫେଇ କାର୍ଯ୍ୟକ୍ରମ



ପୁରୀ,୧୮।୧ (ଅଜିତ୍ କୁମାର ମହାନ୍ତି)

କଳିଙ୍ଗ ଜ୍ୟୋତି ସେବା ସଂଗଠନ ପକ୍ଷରୁ ରବିବାର ପୂର୍ବାହ୍ନରେ ପର୍ଯ୍ୟଟନସ୍ଥଳୀ ସାତପଡ଼ାରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଗଠନର ସଭାପତି ସନ୍ତୋଷ କୁମାର ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଂଗଠନର ଅନ୍ୟାନ୍ୟ କର୍ମକର୍ତ୍ତା ତଥା ସମ୍ପାଦକ ମଧୁସୂଦନ ସାହୁ, ସହସମ୍ପାଦକ ଦେବଦତ୍ତ ମହାନ୍ତି, କାର୍ଯ୍ୟକାରୀ କମିଟି ସଦସ୍ୟ ନିତ୍ୟାନନ୍ଦ ପଣ୍ଡା, ରବୀନ୍ଦ୍ର ନାଥ ସାହୁ, ଶ୍ୟାମ ସୁନ୍ଦର ସାହୁ, ଦୀପକ କୁମାର ବେହେରା, ବିରଞ୍ଚି ନାରାୟଣ ସାହୁ, ରଞ୍ଜୁଶ୍ରୀ ମହାନ୍ତି, ମଧୁସ୍ମିତା ଦାସ, ସୁଚିତ୍ରା ନନ୍ଦ, ନମିତା ସାହୁ, ବିନୋଦିନୀ ରାଉତ, ବିମଳା ସେଠି ପ୍ରମୁଖ ଉପସ୍ଥିତ ରହି ପ୍ରତ୍ୟକ୍ଷ ସହଯୋଗ କରିଥିଲେ।

# ଗୁରୁ ହିଁ ଛାତ୍ର ଜୀବନର ମାର୍ଗଦର୍ଶକ

ଡେଲାଙ୍ଗ,୧୮।୧ (ରଶ୍ମିରଞ୍ଜନ ପ୍ରଧାନ)

ଗୁରୁ ଛାତ୍ରକୁ ଅଜ୍ଞାନରୂପକ ଅନ୍ଧାରରୁ ଜ୍ଞାନର ଆଲୋକକୁ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଗୁରୁ ହିଁ ଛାତ୍ର ଜୀବନର ମାର୍ଗଦର୍ଶକ ବୋଲି ପୁରାତନ ଛାତ୍ରଙ୍କ ବନ୍ଧୁମିଳନ ସମାବେଶରେ ଶିକ୍ଷକ ତଥା ପୁରାତନ ଛାତ୍ର ଅଭୟ ଚରଣ ସାହୁ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବେରବୋଇ ଉଚ୍ଚ ବିଦ୍ୟାଳୟର ୧୯୯୨ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ର ବନ୍ଧୁମିଳନ ସମାବେଶ ତରବୋଇ ରଘୁନାଥ ରାମନାଟ ତାଳଦଣ୍ଡା ପଡ଼ିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ସହ ବିପଦରେ ପଡ଼ିଥିବା ଅସହାୟ ବନ୍ଧୁଙ୍କୁ ସହଯୋଗ କରିବା ଲାଗି ଏକ କମିଟି ଗଠନ କରାଯାଇଥିଲା। ପ୍ରାକ୍ତନ ଛାତ୍ର ସୁରେଶ ମନ୍ତ୍ରୀ ଓ ନବକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ବେରବୋଇ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ବର୍ତ୍ତମାନର ପୋଲିସ ଡିଏସ୍‌ପି ସଞ୍ଜୟ ପଟ୍ଟନାୟକ, ବିଶାଖାପାଟଣା କାନାଡ଼ା ବ୍ୟାଙ୍କର ବରିଷ୍ଠ ପ୍ରବନ୍ଧକ ଅଶୋକ ବାରିକ, ରେଲ୍‌ୱେ କର୍ମଚାରୀ ଗୋପାଳକୃଷ୍ଣ ସେଠୀ, ଶିକ୍ଷକ ଚକ୍ରଧର ମହାପାତ୍ର, ଖବରଦାତା ଅନନ୍ତ ସିଂ, ପ୍ରଦୀପ୍ତ ପଣ୍ଡା, ପବିତ୍ର ସାହୁ, ସତ୍ୟ ସାହୁ ଓ ଅନ୍ୟମାନେ ଯୋଗଦେଇ ସମାଜସେବା ଗୁରୁ ଗୁରୁଜନଙ୍କ ସେବା ପାଇଁ ସମସ୍ତେ କିଛି ସମୟ ଦେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସ୍ୱର୍ଗତ ଗୁରୁଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରଯାଇଥିଲା। ଏଥିରେ ବେରବୋଇ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସୁରେନ୍ଦ୍ର, ଦିପୁ, ମଧୁ, ଭିକାରୀ, ବିଜୟ, ସଞ୍ଜୀବ, କୃଷ୍ଣ, ପ୍ରକାଶ, ମଧୁସୂଦନ, ଅଶୋକ, ରାଧାଶ୍ୟାମ, ସତ୍ୟପ୍ରିୟ, ଶୁଭ, ପ୍ରତାପ ଉପସ୍ଥିତ ରହି ବିଦ୍ୟାଳୟ ଜୀବନର ଜୀବନ୍ତ ଅନୁଭୂତି ବର୍ଣ୍ଣନା କରିଥିଲେ। ଶେଷରେ ମାନସ ଦାଶ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



# ଉଦ୍‌ଘାଟନୀ ମ୍ୟାଚ୍ ଜିତିଲା ଜଟଣୀ କ୍ଲବ

## ପଞ୍ଚସଖା କପ୍, ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ

ସାକ୍ଷୀଗୋପାଳ,୧୮।୧ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)


ଉତ୍ସବରେ ମୁଖ୍ୟ ଅତିଥି ରିବନ କାଟି ଉଦ୍‌ଘାଟନ କରିଛନ୍ତି।

୨୯ତମ ପଞ୍ଚସଖା କପ୍ ଓ ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଖେଳପଡ଼ିଆରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀର ପୂର୍ବତନ କ୍ରିକେଟ ଖେଳାଳି ତଥା ଶିଳ୍ପପତି ମାଧବ ଚନ୍ଦ୍ର ଖୁଣ୍ଟିଆ, ଅନ୍ୟତମ ଅତିଥି ଭାବେ ପେଣ୍ଠପଡ଼ା ସରପଞ୍ଚ ଚିନ୍ମୟ ରାଉତରାୟ ଓ ଜୟପୁର ସମିତିସଭ୍ୟ ଦୀପକ ଶତପଥୀ ପ୍ରମୁଖ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

ପ୍ରଥମ ଦିବସରେ ଜଟଣୀ କ୍ରିକେଟ୍ ଆସୋସିଏଶନ ଓ ଗୋପ ଗୋପାଳଜୀଉ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ଜିତି ଜଟଣୀ କ୍ଲବ ପ୍ରଥମେ ବ୍ୟାଟିଂ କରିଥିଲା। ଜଟଣୀ କ୍ଲବ ପକ୍ଷରୁ ଏମ୍.କେ ଜାକିର ବକ୍ସଙ୍କର ୭୦ ରନ୍ ସହାୟତାରେ ଟିମ୍ ୨୩୬ ରନ୍ ସଂଗ୍ରହ କରିଥିଲା। ଜଟଣୀ କ୍ଲବ ବିପକ୍ଷରେ ଗୋପ କ୍ରିକେଟ ଦଳର ବୋଲର ପତିତପାବନ ଶତପଥୀ ଓ ମନୋଜ ବାରିକ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ଗୋପ କ୍ରିକେଟ କ୍ଲବ୍‌ର ଆର୍ଯ୍ୟାନ ଶର୍ମାଙ୍କ ଆକର୍ଷଣୀୟ ୯୨ ରନ୍ ଓ ଚିନ୍ମୟଙ୍କର ୪୨ ରନ୍ ସହାୟତାରେ ଟିମ୍ ୨୩୨ ରନ୍ ସଂଗ୍ରହ କରି ସମସ୍ତ ଉଇକେଟ ହରାଇ ପରାସ୍ତ ହୋଇଯାଇଥିଲା। ଜଟଣୀ କ୍ରିକେଟ ଆସୋସିଏଶନ ପକ୍ଷରୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିବା ପ୍ରିୟବ୍ରତ ବେଉରା ୪୬ ରନ୍ ଦେଇ ୪ ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମ ଦିବସର ଆୟୋଜିତ ମ୍ୟାଚ୍‌କୁ ସତ୍ୟସାଗର ଦାଶ ଓ ପ୍ରଶାନ୍ତ ଶତପଥୀ ପରିଚାଳନା କରିଥିଲେ। ଶେଷରେ ସ୍ୱର୍ଗତ ସୂର୍ଯ୍ୟନାରାୟଣ ପଟ୍ଟନାୟକଙ୍କ ପୁତ୍ର ସମ୍ବିତ ପଟ୍ଟନାୟକ ଯୋଗଦେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

**ପୋଖରୀହୁଡ଼ାରୁ ନବଜାତ ଶିଶୁପୁତ୍ର ମୃତଦେହ ଜବତ**

ଉମରକୋଟ,୧୮।୧(ସନ୍ତୋଷ ଶତପଥୀ): ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ କୋଏଲାରବେଡ଼ା ଗାଁର ପୋଖରୀହୁଡ଼ାରୁ ରବିବାର ସକାଳୁ ଜଣେ ନବଜାତକଙ୍କ ମୃତଦେହ ମିଳିଛି। ଉମରକୋଟ ପୋଲିସ ମୃତଦେହ ଜବତ କରିବା ସହ ଏହାର ତଦନ୍ତ କରୁଛି। ମୃତଦେହ ସେଠାକୁ କିପରି ଆସିଲା ତାହାର ସୂଚନା ମିଳିନାହିଁ।

# ସେବା ଓ ସମର୍ପଣର ବହ୍ନିଶିଖା ପାର୍ବତୀ ଗିରି



**ସୂର୍ଯ୍ୟବଂଶୀ ସୂରଜ**
ଉଚ୍ଚଶିକ୍ଷା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ

ଆଜି ସ୍ୱାଧୀନତାର ଅମୃତ ଲଗ୍ନରେ ଯେତେବେଳେ ଆମେ ଅଶ୍ରୁତ ବୀରାଙ୍ଗନାମାନଙ୍କ କଥା ମନେପକାଉଛୁ, ଶହେ ବର୍ଷ ତଳେ ଜନ୍ମଲାଭ କରିଥିବା ମହୀୟସୀ ପାର୍ବତୀ ଗିରିଙ୍କ ନାମ ସ୍ୱତଃ ହୃଦୟ ଦର୍ପଣରେ ପ୍ରତିବିମ୍ବିତ ହେଉଛି। ସ୍ଥାନ, କାଳ, ପାତ୍ର, ଲିଙ୍ଗ ଭେଦରୁ ଉପରକୁ ଉଠି ଜନସେବାରେ ଜୀବନ ସମର୍ପିତ କରିଥିବା ମା' ପାର୍ବତୀ ଗିରି ସମସ୍ତଙ୍କ ପାଇଁ ଉଦାହରଣ। ସେବାବ୍ରତ ହିଁ ଥିଲା ତାଙ୍କର କର୍ମ ଓ ଧର୍ମ। ନିଜକୁ ଆଜୀବନ ଶିକ୍ଷାର୍ଥୀ ଭାବି ସେ ପଢୁଥିଲେ ନିଜକୁ ଓ ଗଢୁଥିଲେ ଅନ୍ୟକୁ। ନିଃସ୍ୱାର୍ଥପର ଭାବରେ ପାର୍ବତୀ ଗିରି ଗଢ଼ି ଚାଲିଥିଲେ ସ୍ୱାବଲମ୍ବୀ ସମାଜ: ସେବା ଓ କରୁଣା ଥିଲା ତା'ର ଦୁଇ ଆତ୍ମା।

ତତ୍କାଳୀନ ସମ୍ବଲପୁର ଜିଲାର ସମଲାଇପଦର ଗ୍ରାମରେ ୧୯୨୬ ମସିହା ଜାନୁଆରୀ ୧୯ ତାରିଖରେ ପିତା ଧନଞ୍ଜୟ ଗିରିଙ୍କ କୋଳମଣ୍ଡନ କରିଥିଲେ ବିଶ୍ୱଜନନୀର ଅନ୍ୟତମ ଅବିସ୍ମରଣୀୟ ପ୍ରତିଭା ପାର୍ବତୀ ଗିରି। ମହାତ୍ମା ଗାନ୍ଧୀଙ୍କ ବହୁ ପ୍ରତୀକ୍ଷିତ ଅହିଂସା ନୀତି ସହ ଖଦି ବୁଣିବା, ହରିଜନ ସେବା, ରଚନାତ୍ମକ କାର୍ଯ୍ୟକ୍ରମ, ରାଷ୍ଟ୍ରଭାଷା ଶିକ୍ଷା, ଗୋ ସେବା, ମହୁଚାଷ ଓ ଧନ୍ଦାମୂଳକ ଶିକ୍ଷା ଆଦି କାର୍ଯ୍ୟକୁ ଅବଲମ୍ବନ କରିବା ସହ ସେଥିରେ ଆତ୍ମନିର୍ଭରଶୀଳ ହେବାକୁ ବହୁ ବରିଷ୍ଠ କର୍ମଜୀବୀ ଓ ନେତାମାନଙ୍କୁ ସେ ପ୍ରେରିତ କରିଥିଲେ। ଜାତିର ପିତାଙ୍କ ସ୍ଲୋଗାନରେ ଅନୁପ୍ରାଣିତ ହୋଇ ଭାରତଛାଡ଼ ଆନ୍ଦୋଳନରେ ଯୋଗ ଦେଇ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏବଂ ଏଥିପାଇଁ ତାଙ୍କୁ ବ୍ରିଟିଶ ସରକାରଙ୍କ ଦ୍ୱାରା କାରାବରଣ ଭୋଗିବାକୁ ପଡ଼ିଥିଲା।

ଗରିବ ଓ ଅସହାୟମାନଙ୍କର ଆଶାର ପ୍ରତୀକ ଭାବେ ସେମାନଙ୍କ ସେବାରେ ନିଜକୁ ନିୟୋଜିତ ରଖିବାର କର୍ମ ହିଁ ଥିଲା ତାଙ୍କ ଜୀବନର ସବୁଠାରୁ ଶ୍ରେଷ୍ଠ ପ୍ରତିବଦ୍ଧତା। ସ୍ୱାଧୀନତା ପରେ ତାଙ୍କୁ ରାଜନୀତି କ୍ଷେତ୍ରରେ ଅନେକ ପଦ ପଦବୀର ସୁଯୋଗ ଥିଲେ ମଧ୍ୟ ଜଣେ ଅସାଧାରଣସମ୍ପନ୍ନ ବ୍ୟକ୍ତିତ୍ୱ ଭାବେ ଏସବୁକୁ ପ୍ରତ୍ୟାଖ୍ୟାନ କରି ନିଜର ସମଗ୍ର ଜୀବନ ସମାଜ ସେବାରେ ସମର୍ପଣ କରିଦେଇଥିଲେ। ପ୍ରାପ୍ତି ନୁହେଁ ତ୍ୟାଗ ଥିଲା ତାଙ୍କ ଜୀବନର ଧ୍ୟେୟ, ଧ୍ୟାନ ଓ ଧାରଣା।

ଭାରତରେ ଜନ୍ମିତ ମହାପୁରୁଷ ଓ ଦିଗ୍‌ଗଜମାନଙ୍କ ପରାକାଷ୍ଠା ଏ ଜାତିକୁ ବହୁ ଦିଗ୍‌ଦର୍ଶନ ଦେଇପାରିଅଛି। ମହାତ୍ମାମାନେ ନରରୂପୀ ନାରାୟଣ, ଦରିଦ୍ରରୂପୀ ଦୀନବାଳକଙ୍କ ସେବା ଜାରିରଖି ବିଶ୍ୱବନ୍ଦିତ ହୋଇପାରିଛନ୍ତି। ସେମାନଙ୍କ ପଦାଙ୍କ ଅନୁସରଣ କରି ପାର୍ବତୀ ଗିରି ସେହି ଚିରାୟତ ମୂଲ୍ୟବୋଧର ବାହିକା ଭାବେ ଆଜୀବନ କାର୍ଯ୍ୟ କରିଛନ୍ତି। ସହଜ ଓ ସରଳ ହେବା କଠିନ କିନ୍ତୁ ଉଭୟ ଗୁଣର ଅଧିକାରିଣୀ ଥିଲେ ପୂଜନୀୟା ପାର୍ବତୀ ଗିରି। ଜନମାନସର ଦୁଃଖ ଦୁର୍ଦ୍ଦଶାକୁ ଆପଣାର ଭାବି ସେବା କରିବାର ଦୃଢ଼ତା ପ୍ରତିପାଦନ କରିବାର ସାମର୍ଥ୍ୟ ପାର୍ବତୀ ଗିରିଙ୍କ ପାଖରେ ପ୍ରତୀୟମାନ ହେଉଥିଲା। ଦୁର୍ଭିକ୍ଷ ପ୍ରପୀଡ଼ିତ ଅଞ୍ଚଳର ବହୁ ଅନାଥ ଶିଶୁଙ୍କର ଅବିକଳ ଓ ଅନାହାର ଅବସ୍ଥାକୁ ହୃଦୟଙ୍ଗମ କରି ୨୮ଜଣଙ୍କୁ ନେଇ ୨୮ ସେପ୍ଟେମ୍ବର ୧୯୭୪ରେ ନୃସିଂହନାଥଠାରେ ଏକ ଅନାଥ ଆଶ୍ରମ ପ୍ରତିଷ୍ଠା କରି ଏ ଜନମାନସକୁ ନୂତନ ଦିଗ୍‌ଦର୍ଶନ ଦେଇଥିଲେ। ଗଠନ କରିଥିବା ଏହି ଅନାଥ ଆଶ୍ରମଟି ପରବର୍ତ୍ତୀ କ୍ଷେତ୍ରରେ 'କସ୍ତୁରବା ଗାନ୍ଧୀ ମାତୃ ନିକେତନ' ନାମରେ ନାମିତ ହୋଇଥିଲା।

ତତ୍କାଳୀନ ସମ୍ବଲପୁର ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କର ସ୍ୱାସ୍ଥ୍ୟାବସ୍ଥାକୁ ଅନୁଭବ କରି ସମ୍ବଲପୁର ଜିଲାର ଫୁଲଝରଣଠାରେ ନିଷ୍ପେଷିତ, ଅନାଥ ଓ ଅବହେଳିତ ଲୋକମାନଙ୍କ ପାଇଁ 'ଡକ୍ଟର ଆଇଜାକ ସାନ୍ତ୍ରା ବାଲ୍ ନିକେତନ' ନାମରେ ଏକ ଅନାଥାଶ୍ରମ ପ୍ରତିଷ୍ଠା କରିଥିଲେ। ସେବାର ଅନ୍ୟତମ ମୂର୍ତ୍ତିମନ୍ତ ପ୍ରତୀକ ଓ ଦେବୀ ଭଳି ସାରାଜୀବନ ଜଗତର ହିତ ଓ ଲୋକକଲ୍ୟାଣ ଦିଗରେ ନିଜକୁ ସମର୍ପି ଦେଇଥିଲେ ଏହି ଅଗ୍ନିକନ୍ୟା। ଭାଗୀରଥି ପଟ୍ଟନାୟକ, ଫକୀର ବେହେରା ଓ ମାଳତୀ ଦେବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୁକ୍ତି ଚେତନା କ୍ଷେତ୍ରରେ ଆକର୍ଷିତ ହୋଇଥିଲେ। ଅଳ୍ପ ବୟସ ଅର୍ଥାତ୍ ମାତ୍ର ୧୨ ବର୍ଷ ବୟସରେ ବରିର ରାମଚନ୍ଦ୍ରପୁର ସେବାଶ୍ରମରେ ମା' ରମାଦେବୀ ଓ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଲିମ ନେଇ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ଦୁଇ ବର୍ଷ କାଳ ଏହି ସ୍ଥାନରେ ଅତିବାହିତ କରି ବିଭିନ୍ନ ସାମାଜିକ ସେବାରେ ନିଜକୁ ଉତ୍ସର୍ଗ କରିବା ପରେ ୧୯୪୦ରେ ସେଠାରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମୂଲ୍ୟବୋଧ ଭିତ୍ତିକ ଜୀବନ ଜିଇବାର କଳାକୁ ଆପଣାର କରି ସେବାଧର୍ମ ପ୍ରତି ରହିଥିବାର ମମତା ହିଁ ପାର୍ବତୀ ଗିରିଙ୍କୁ ଅନେକ ସୁନାମ ଆଣି ଦେଇଥିଲା।



ପାର୍ବତୀ ଗିରି

ଭାରତକୁ ସ୍ୱାଧୀନତା ଆଣିବାରେ ଏ ଦେଶକୁ ସ୍ୱତନ୍ତ୍ରତା ଦେବାରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜଣେ ଅନନ୍ୟ ଯୋଦ୍ଧା, ଅଗ୍ନିକା, ବହ୍ନିକନ୍ୟା ଭାବେ ସତ୍ ପଥରେ ଏକାକୀ ଚାଲି କାର୍ଯ୍ୟ କରିବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିନେଇଥିଲେ ପାର୍ବତୀ ଗିରି। ୱାର୍ଦ୍ଧା ଏବଂ ପରେ ଆସାମଠାରେ ସେବାକାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟରେ ବିଭିନ୍ନ ଅଞ୍ଚଳ ଗସ୍ତକରି ଦୁର୍ଗତମାନଙ୍କର ସେବା ଜାରିକରି ସ୍ୱକୀୟ ସ୍ୱତନ୍ତ୍ରତାର ପରିଚୟ ଦେଇପାରିଥିଲେ। କୌଣସି ସୀମିତତା ପାର୍ବତୀ ଗିରିଙ୍କୁ ବାନ୍ଧିପାରି ନ ଥିଲା। ୧୯୫୫ ମସିହାରେ ଓଡ଼ିଶାରେ ବନ୍ୟାର ବିଭୀଷିକାରେ ଦଳେଇଘାଇ ଭାଙ୍ଗିଯିବାରୁ ବିଭିନ୍ନ ଅଞ୍ଚଳରେ ବହୁ ବନ୍ୟାଜଳ ପ୍ଲାବିତ ହୋଇ ଅନେକ ଧନଜୀବନ କ୍ଷୟକ୍ଷତି ହେବାସହ ଲୋକମାନେ ବାସହରା ହୋଇ ଅନାହାରରେ କାଳାତିପାତ କରିଥିଲେ। ଏହିପରି ଘଡିସନ୍ଧି ମୁହୂର୍ତ୍ତରେ ପାର୍ବତୀ ଗିରି ସମ୍ପୃକ୍ତ ବନ୍ୟାଞ୍ଚଳ ପରିଦର୍ଶନ କରି ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସ୍ଥଳବିଶେଷରେ ଆନୁଷ୍ଠାନିକ ଶିକ୍ଷାପ୍ରତି ଯେପରି କିଛି ବାଧାବିଘ୍ନ ନ ଘଟେ ସେଥିପ୍ରତି ଅଧିକ ଗୁରୁତ୍ୱ ଦେଇଥିଲେ। ବର୍ଣ୍ଣବୈଷମ୍ୟ ଦୂର କରିବା, ତତ୍କାଳୀନ ସମାଜରେ ଚାଲିଥିବା ବିଭିନ୍ନ କୁସଂସ୍କାରର ମୂଳୋତ୍ପାଟନ କରିବା, ଗାଁ ଗାଁ ବୁଲି ଲୋକମାନଙ୍କୁ ଏକତ୍ର କରି ସଂସ୍କାରମୂଳକ ମୂଲ୍ୟବୋଧଭିତ୍ତିକ ପରାମର୍ଶ ଓ ପ୍ରେରଣା ଦେଇଥିଲେ। ଯଥାର୍ଥରେ ଜଣେ ସଂଗ୍ରାମୀ ଓ ବିପ୍ଳବିନୀ ଭାବରେ ସମଗ୍ର ଜୀବନ ସେ ଜନସେବାରେ ଉତ୍ସର୍ଗ କରିଦେଇଥିଲେ। ବରଗଡ଼ର ତତ୍କାଳୀନ ଉପଜିଲାପାଳ ସୁଖେନ୍ଦୁ ଜ୍ୟୋତି ମଜୁମଦାରଙ୍କ ଚଉକିରେ ବସି ବ୍ରିଟିଶ ସରକାରଙ୍କୁ ଅବଜ୍ଞା କରି ଗୋରା ସରକାରଙ୍କୁ ଅବମାନନା କରିଥିବାରୁ ତାଙ୍କୁ ୨ ବର୍ଷ କାରାବରଣ ହୋଇଥିଲା। ସ୍ୱଦେଶୀ ପଦାର୍ଥ ବ୍ୟବହାର କରିବା ଏବଂ ବିଦେଶୀ ପଦାର୍ଥକୁ ବର୍ଜନ କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ନାରୀମାନଙ୍କୁ ଅଧିକ ଶକ୍ତିଶାଳୀ କରିବାକୁ ଉଦ୍‌ବୋଧନ ଦେବା ସହ ସେ ସମୟରେ ନାରୀଜାଗରଣ ଉପରେ ଅଧିକ ଗୁରୁତ୍ୱ ଦେଉଥିବାର ଅନେକ ଦୃଷ୍ଟାନ୍ତ ସ୍ୱଲିଖିତ ଡାଏରୀରୁ ଦେଖିବାକୁ ମିଳେ। ତନ୍ମଧ୍ୟରୁ–

"ନ ଜାଗିଲେ ଯଦି ଭାରତ ରମଣୀ
ଜାଗିବ ନାହିଁ ଏ ଭାରତ ଧରଣୀ।"

ନିଜର ସ୍ୱଲିଖିତ ଡାଏରୀ ୩୧।୧।୮୭ରେ ନୃସିଂହନାଥରେ ଲେଖିଥିଲେ– "ଦରିଦ୍ର କୁଟିରେ ରହିଛି ଆମ ଜାତିର ଜୀବନ"। ବାସ୍ତବରେ ଦେଶର ଉନ୍ନତି ଓ ଦେଶକୁ ବିକାଶ ପଥରେ ଆଗେଇ ନେବାକୁ ହେଲେ, ଦରିଦ୍ର ଅବସ୍ଥାରେ ବସବାସ କରୁଥିବା ଲୋକମାନଙ୍କର ଉନ୍ନତି ସାଧନ କରିବା, ତେବେ ଯାଇ ଦେଶକୁ ଆମେ ପ୍ରଗତି ପଥରେ ଆଗେଇ ନେଇପାରିବାର ଚିନ୍ତାକୁ ସେ ଅନୁଭବ କରିପାରିଥିଲେ। ସମାଜରେ ପ୍ରତ୍ୟେକଙ୍କ ପାଇଁ ଏକ ସମାନ୍ତରାଳ ଓ ସହାବସ୍ଥାନ ନୀତି ପ୍ରଣୟନରେ ତାଙ୍କର ପ୍ରମୁଖ ଭୂମିକା ଅନସ୍ୱୀକାର୍ଯ୍ୟ।

ବହ୍ନି କନ୍ୟା ଭାବେ ପରିଚିତ ପାର୍ବତୀ ଗିରିଙ୍କ ସାଧନାରେ ଆମର ମଥା ନଇଁଯାଏ। ସେ ଥିଲେ ଶକ୍ତି ସ୍ୱରୂପିଣୀ ମା' ପରି, ସେ ଅନ୍ୟର ଦୁଃଖରେ ହୋଇପଡୁଥିଲେ ଦୁଃଖାଭିଭୂତ। ଏହି ଦୁଃଖର ପରିସମାପ୍ତି ପାଇଁ ଅହରହ ସଂଗ୍ରାମ ଜାରି ରଖି ଜଣେ ସାଲିସ ବିହୀନ ଜନନେତ୍ରୀ ଭାବରେ କର୍ତ୍ତବ୍ୟ ସମ୍ପାଦନ କରିଥିଲେ। ତାଙ୍କର ଅଗ୍ନିବର୍ଷୀ ବାଣୀରେ ଆକର୍ଷିତ ହୋଇ ଯୁବଗୋଷ୍ଠୀ ଦେଶମାତୃକାର ସେବା କରିବାକୁ ଆଗେଇ ଆସୁଥିଲେ। ସେବାର ମନ୍ତ୍ରରେ ଦୀକ୍ଷିତ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ। 'ପରୋପକାରାୟ ସ୍ୱର୍ଗାୟ' ନୀତିକୁ ଆପଣାର କରି ଏହାକୁ ସ୍ମରଣୀୟ କରିବାରେ ସେ ପ୍ରାଣ ବିନିଯୋଗ କରିବାକୁ ପଛାଉ ନ ଥିଲେ। କୁଷ୍ଠରୋଗୀଙ୍କ ସେବା ହେଉ ଅଥବା ପ୍ରସୂତି ଚର୍ଚ୍ଚା: ପାର୍ବତୀ ଗିରିଙ୍କ ସେବା ସର୍ବଦା କାମନାରହିତ ଓ ପ୍ରେମାଶ୍ରିତ ଥିଲା। ଏ ସଂସାରରୁ ବିଦାୟ ନେବା ପୂର୍ବରୁ ସେ ଆଉ ଏକ ଅନାଥ ଆଶ୍ରମ ବଲାଙ୍ଗୀର ଜିଲାର ପଥରଚେପାଠାରେ ଆରମ୍ଭ କରିଥିଲେ। ମାତ୍ର ବିଧାତାର ବିଧାନ ବିଚିତ୍ର। ଆଶ୍ରମ ପୂର୍ଣ୍ଣାଙ୍ଗ ହେବା ପୂର୍ବରୁ ୬୯ ବର୍ଷ ବୟସରେ ଏହି ମହୀୟସୀ ମହିଳାଙ୍କ ମହାପ୍ରୟାଣ ଅଗଷ୍ଟ ୧୮ ତାରିଖ ୧୯୯୫ରେ ଘଟିଥିଲା। ତାଙ୍କର ସହିଚ୍ଛୁମାନଙ୍କର ସାହାଯ୍ୟ ଓ ସହଯୋଗକୁ ପାଥେୟ କରି ବଲାଙ୍ଗୀରର 'ପଥରଚେପା' ଠାରେ ନିର୍ମାଣାଧୀନ ଥିବା ବାଲ୍‌ନିକେତନକୁ ପାର୍ବତୀ ଗିରିଙ୍କ ନାମରେ ନାମିତ କରାଯାଇଥିଲା। ସର୍ବୋପରି ଏହି ମହାନ୍ ଦିଗ୍‌ଦ୍ରଷ୍ଟା, ସୁଜ୍ଞାନୀ, ବିଦୂଷୀଙ୍କ ଜନ୍ମ ଶତବାର୍ଷିକୀ ତାଙ୍କ ଜନ୍ମସ୍ଥାନ ସମଲାଇପଦରରେ ପାଳନ ହେଉଥିବା ରାଜ୍ୟସ୍ତରୀୟ ଶତବାର୍ଷିକୀ ସମାରୋହ ଉପଲକ୍ଷେ ତାଙ୍କୁ ଯେତେ ଶବ୍ଦାର୍ଘ୍ୟ ଦେଲେ ମଧ୍ୟ ବହୁତ କମ୍ ହେବ। ସେ ପ୍ରକୃତରେ ଓଡ଼ିଶାର ଗର୍ବ ଓ ଗୌରବ। ତ୍ୟାଗ, ବଳିଦାନ ଓ ତପସ୍ୟାର ମୂର୍ତ୍ତିମନ୍ତ ପ୍ରତୀକ ପାର୍ବତୀ ଗିରିଙ୍କ ଆଦର୍ଶ ଆଜି ବି ଝଙ୍କୃତ। ସେ ଅମର। କୃତି ଓ କର୍ମ ପାଇଁ ସୂକ୍ଷ୍ମରୂପରେ ସଦା ବିଦ୍ୟମାନ। ଦେଶମାତୃକାର ସେବା ନିମନ୍ତେ ସମଗ୍ର ଜୀବନକୁ ସମର୍ପି ଦେଇଥିବା ଏହି ମହା ମନୀଷୀଙ୍କୁ ଏ ଜାତି ତରଫରୁ କୋଟି କୋଟି ପ୍ରଣାମ।



ମାନୁଆଲ୍ ଟ୍ରେଡ୍‌ମିଲ୍‌ରେ ୪୮ ଘଣ୍ଟାରେ ସର୍ବାଧିକ ଦୂରତ୍ୱ ଅତିକ୍ରମ କରି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସ କରିଥିବା ରାଉରକେଲାର ସୁମିତ୍ ସିଂ ରବିବାର ଭୁବନେଶ୍ୱରସ୍ଥିତ ଆବାସିକ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି।

# ଦୈବୀକୃପା ପାଇଁ ନରବଳି

**ଗାଜିଆବାଦ,୧୮।୧**

ଦୈବୀକୃପା ପାଇବାକୁ ଗୁପ୍ତ ରୀତିନୀତି ଓ ନରବଳି ଦେବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି। ମୃତକଙ୍କ ଭାଇ ଟ୍ରୋନିକା ସିଟି ଥାନାରେ ଅଭିଯୋଗ ଦାଏର କରିବାପରେ ଗତ ୧୬ ତାରିଖରେ ଘଟଣା ପଦାକୁ ଆସିଛି। ମୃତକ ନବୀନ ଓରଫ୍ ନନ୍ଦୁଙ୍କ ଘର ଲୋନି ଅନ୍ତର୍ଗତ ମିଲ୍କ ବିକାଶ ନଗର ଅଞ୍ଚଳରେ। ତାଙ୍କୁ ହତ୍ୟା କରିବା ପରେ ଅଟୋରେ ଜାଳିଦିଆଯାଇଥିଲା। ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ପରେ ଶନିବାର ୨ ଜଣଙ୍କୁ ଗିରଫ କରିଛି। ତୃତୀୟ ଅଭିଯୁକ୍ତ ଫେରାର ଅଛନ୍ତି। ଅଭିଯୁକ୍ତମାନେ ନବୀନଙ୍କ ବନ୍ଧୁ। ସେମାନେ ହେଲେ ପଭନ, ସାଗର ଓରଫ ପଣ୍ଡିତ ଏବଂ ନସିମ୍। ସେମାନେ ନବୀନଙ୍କୁ ଦିଲ୍ଲୀ ନେଇ ଜଣେ ତାନ୍ତ୍ରିକ ସହ ଭେଟ କରାଇଥିଲେ। ନରବଳି ଦେଲେ ଅଭିଯୁକ୍ତମାନେ ଧନସମ୍ପତ୍ତି ଏବଂ ଦୈବୀକୃପା ଲାଭ କରିବେ ବୋଲି ତାନ୍ତ୍ରିକ କହିଥିଲେ। ଜଣେ ବନ୍ଧୁଙ୍କୁ ବଳି ଦିଆଯାଇପାରବ କି ବୋଲି ନବୀନ ତାନ୍ତ୍ରିକଙ୍କୁ ପ୍ରଶ୍ନ କରିଥିଲେ। ତାନ୍ତ୍ରିକ କଥାରେ ପ୍ରଭାବିତ ହୋଇ ଅଭିଯୁକ୍ତମାନେ ନବୀନଙ୍କୁ ବଳିଦେବା ନିମନ୍ତେ ଷଡ଼ଯନ୍ତ୍ର କରିଥିଲେ। ୧୩ ତାରିଖ ରାତିରେ ୪ ଜଣ ଯାକ ସାଗରଙ୍କ ଘରେ ମଦ ପିଇଥିଲେ। ଏହାପରେ ସେମାନେ ନବୀନଙ୍କୁ ଆକ୍ରମଣ କରି ମାରିଦେଇଥିଲେ। ପ୍ରମାଣ ନଷ୍ଟ କରିବାକୁ ସେମାନେ ମୃତଦେହକୁ କମ୍ବଳରେ ଗୁଡ଼ାଇ ଏକ ବ୍ୟାଟେରିଚାଳିତ ଅଟୋରିକ୍ସାରେ ରଖି ସେଥିରେ ନିଆଁ ଲଗାଇଦେଇଥିଲେ। ପୋଲିସ ଅଟୋରିକ୍ସା ଏବଂ ଗ୍ୟାସ୍ ସିଲିଣ୍ଡର ଜବତ କରି ତଦନ୍ତ ଚଳାଇଛି।

# ବସ୍ ଓଲଟି ୬ ମୃତ, ୮୦ ଆହତ

**ଲାତେହାର,୧୮।୧**

ଝାଡ଼ଖଣ୍ଡର ଲାତେହାର ଜିଲାରେ ରବିବାର ଏକ ବରଯାତ୍ରୀ ବସ୍ ଓଲଟି ପଡ଼ିବାରୁ ୪ ମହିଳାଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୮୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ବିବାହ ଉତ୍ସବ ପାଇଁ ଛତିଶଗଡ଼ର ବଳରାମପୁର ଜିଲାରୁ ବରଯାତ୍ରୀମାନେ ଲାତେହାରର ମହୁଆଦନରକୁ ଆସୁଥିଲେ। ବସ୍ ଓଲଟି ପଡ଼ିବାରୁ ଘଟଣାସ୍ଥଳରେ ୪ ମହିଳାଙ୍କ ସହ ୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଜଣେ ପ୍ରାଣ ହରାଇଛନ୍ତି। ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଲାତେହାର ଉପାୟୁକ୍ତଙ୍କୁ କହିଛନ୍ତି। ୬୦ ଆହତ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବାବେଳେ ୨୦ ଜଣ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

# ସଡ଼କ ଦୁର୍ଘଟଣାରେ ୨ ସାଙ୍ଗ ମୃତ


**ଜଳେଶ୍ୱର,୧୮।୧(ନବୀନ ସାହୁ)**



ଚନ୍ଦ୍ରଶେଖର ମହାପାତ୍ର ଓ ଗୌତମ ସାହୁ

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ୫୭ନଂ. ରାଜ୍ୟ ରାଜପଥର ଆମ୍ବପୁଞ୍ଜାଠାରେ ଶନିବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ୨ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ କମର୍ଦ୍ଦା ଥାନା ଅଧୀନ ନାଛିଦା ପଞ୍ଚାୟତ ଜଳଧାବାଗ ଗ୍ରାମର ଗୌତମ ସାହୁ(୧୮) ଓ ଚନ୍ଦ୍ରଶେଖର ମହାପାତ୍ର(୨୨)। ସୂଚନା ଅନୁଯାୟୀ, ସେମାନେ ଏକ ବାଇକ୍ (ଓଡି୦୧ଏଏକ୍ସ–୨୩୨୮)ରେ କମର୍ଦ୍ଦା ଆଡୁ ଜଳେଶ୍ୱର ଅଭିମୁଖେ ଯାଉଥିଲେ। ଜଳେଶ୍ୱର ଥାନା ନାମ୍ପୋ ଫାଣ୍ଡି ଅଧୀନ ଆମ୍ବପୁଞ୍ଜାଠାରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୌତମ ଓ ଚନ୍ଦ୍ରଶେଖର ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଖବର ପାଇ ନାମ୍ପୋ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ଜଳେଶ୍ୱର ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।

# ଚିଲିକାରେ ବଢ଼ିଲେ ୪୯୭୨ ପକ୍ଷୀ









**ବାଲୁଗାଁ,୧୮।୧(ସଂଗ୍ରାମ ପାଇକରାୟ)**

**■ ଏ ବର୍ଷ ଆସିଛନ୍ତି ୧୧ ଲକ୍ଷ ୩୨ ହଜାର ୨୦୦**
**■ ନୂତନ ଅତିଥି ପକ୍ଷୀ ପ୍ଲେନ ମାର୍ଟିନ, ବେଙ୍ଗାଲ ବୁଶ ଲାର୍କ**

ବାଲୁଗାଁ ବନ୍ୟପ୍ରାଣୀ ଡିଭିଜନ ଆନୁକୂଲ୍ୟରେ ରବିବାର ଚିଲିକାରେ ପକ୍ଷୀ ଗଣନା ଶେଷ ହୋଇଛି। ଚଳିତ ବର୍ଷ ୧୯୬ ପ୍ରଜାତିର ୧୧,୩୨,୨୦୦ ପକ୍ଷୀଙ୍କ ସମାଗମ ହୋଇଛି। ସେଥିମଧ୍ୟରୁ ୧୦୬ ପ୍ରଜାତିର ୧୧,୧୦,୨୫୭ ବିଦେଶାଗତ ପକ୍ଷୀ ଥିବା ବେଳେ ସ୍ଥାନୀୟ ୯୦ ପ୍ରଜାତିର ୨୧,୯୪୩ ପକ୍ଷୀ ରହିଛନ୍ତି। ଗତବର୍ଷ ଚିଲିକାରେ ୧୧,୨୭,୨୨୮ ପକ୍ଷୀଙ୍କ ସମାଗମ ହୋଇଥିଲା। ଚଳିତ ବର୍ଷ ୪,୯୭୨ ପକ୍ଷୀଙ୍କ ସଂଖ୍ୟା ବଢ଼ିଛି। ପକ୍ଷୀ ଅଭୟାରଣ୍ୟ ନଳବଣରେ ମଧ୍ୟ ଚଳିତ ବର୍ଷ ପକ୍ଷୀ ଓ ପ୍ରଜାତି ସଂଖ୍ୟା ବଢ଼ିଛି। ଗତବର୍ଷ ଏଠାରେ ୯୨ ପ୍ରଜାତିର ୩,୪୩,୨୨୬ ପକ୍ଷୀ ଚିହ୍ନଟ କରାଯାଇଥିଲା। ଚଳିତ ବର୍ଷ ୧୦୬ ପ୍ରଜାତିର ୩,୯୭,୫୮୭ ପକ୍ଷୀଙ୍କ ସମାଗମ ହୋଇଛି। ଅର୍ଥାତ୍ ଏଠାରେ ୫୪,୩୬୧ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଗତବର୍ଷ ୧୯୭ ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଥିଲା। ଚଳିତ ବର୍ଷ ଏହି ସଂଖ୍ୟା ୧୯୬ ରହିଛି। ଏଥର ନୂତନ ଭାବେ ପ୍ଲେନ ମାର୍ଟିନ ଏବଂ ବେଙ୍ଗଲ ବୁଶ ଲାର୍କ ପ୍ରଜାତିର ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି। ଏହି ଦୁଇ ପକ୍ଷୀ ବିଶେଷକରି ଆଫ୍ରିକା ଏବଂ ଦକ୍ଷିଣ ଏସିଆ ଅଞ୍ଚଳରେ ଅବସ୍ଥାନ କରିଥାନ୍ତି। ଅନ୍ୟପକ୍ଷରେ ଚିଲିକାର ଆକର୍ଷଣୀୟ ଫ୍ଲେମିଙ୍ଗୋ (ଏରା) ହଂସଜାତୀୟ ପକ୍ଷୀ ଚଳିତ ବର୍ଷ କମିଛନ୍ତି। ଗତବର୍ଷ ଏହି ପକ୍ଷୀଙ୍କ ସଂଖ୍ୟା ୨,୬୩୮ ହୋଇଥିବାବେଳେ ଚଳିତ ବର୍ଷ ଏହାର ସଂଖ୍ୟା ହ୍ରାସ ପାଇ ୧,୮୦୦ରେ ପହଞ୍ଚିଛି। ବିଦେଶୀ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ନର୍ଦ୍ଦର୍ନ ପିଣ୍ଟେଲ (ଗହୀର ଲାଞ୍ଜା) ୨,୧୮,୯୯୩, ଇଉରାସିଆନ ୱିଜିଅନ୍ (ଚନ୍ଦନା ହଂସ) ୧,୫୩,୩୧୮, ଗଡ୍‌ୱାଲ (ମାଟିଆ ଗେଣ୍ଡି) ୧,୪୩,୨୧୭, ନର୍ଦ୍ଦର୍ନ ସୋଭଲର ୯୬,୦୦୦ ଏବଂ ବ୍ଲାକଟେଲ୍ଡ ଗଡ୍‌ୱିଟ (ଡାଙ୍ଗୁଆ ହଂସ) ୫୨,୦୦୦ଟି ରହିଛନ୍ତି।

**ଚିଲିକା: ୫ ବର୍ଷର ପକ୍ଷୀ ସାରଣୀ**

| ମସିହା | ସମଗ୍ର ଚିଲିକା |
|---|---|
| ୨୦୨୨ | ୧୦, ୭୪, ୧୭୩ |
| ୨୦୨୩ | ୧୧, ୩୧, ୯୨୯ |
| ୨୦୨୪ | ୧୧, ୩୭, ୭୫୯ |
| ୨୦୨୫ | ୧୧,୨୭, ୨୨୮ |
| ୨୦୨୬ | ୧୧,୩୨,୨୦୦ |

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧୀନ ୫ଟି ରେଞ୍ଜ୍ ଟାଙ୍ଗୀ, ବାଲୁଗାଁ, ଚିଲିକା, ସାତପଡ଼ା ଏବଂ ରମ୍ଭା ଚିଲିକା ଅଞ୍ଚଳରେ ପକ୍ଷୀ ଗଣନା ହୋଇଥିଲା। ବାଲୁଗାଁ ରେଞ୍ଜ୍ ଅଧୀନ ପକ୍ଷୀ ଅଭୟାରଣ୍ୟ ନଳବଣରେ ସର୍ବାଧିକ ୩,୯୭,୫୮୭ ପକ୍ଷୀଙ୍କ ସମାଗମ ହୋଇଛି। ଦ୍ୱିତୀୟରେ ଟାଙ୍ଗୀ ରେଞ୍ଜ୍ ଅନ୍ତର୍ଗତ ମଙ୍ଗଳାଯୋଡ଼ି, ସୁନ୍ଦରପୁର, ଭୂଷଣ୍ଡପୁର ଅଞ୍ଚଳରେ ୧,୬୧,୩୮୫ ଏବଂ ସର୍ବନିମ୍ନ ଭାବେ ରମ୍ଭା ରେଞ୍ଜ୍‌ରେ ପକ୍ଷୀଙ୍କ ସମାଗମ ହୋଇଛି। ବିଭାଗ ପକ୍ଷରୁ ଚିଲିକାକୁ ୨୨ଟି ଜୋନ୍‌ରେ ବିଭକ୍ତ କରାଯାଇ ୨୨ଟି ଦଳକୁ ପକ୍ଷୀ ଗଣନା କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ସଡ଼କ ପଥରେ ୨ଟି ଗ୍ରୁପ୍ ଏବଂ ଜଳପଥରେ ୨୦ଟି ଗ୍ରୁପ୍ ଡଙ୍ଗାରେ ରହି ପକ୍ଷୀ ଗଣନା କରିଥିଲେ। ସମସ୍ତ ଗ୍ରୁପ୍‌କୁ ବାଇନାକୁଲାର, ୱାକିଟକି, ଜିପିଏସ୍ ଏବଂ ଭିଏଚ୍‌ଏଫ୍ ଆଦି ଯନ୍ତ୍ରାଂଶ ଯୋଗାଇ ଦିଆଯାଇଥିଲା। ପକ୍ଷୀ ଅଭୟାରଣ୍ୟ ନଳବଣରେ କେବଳ ୬ ଦଳ ପକ୍ଷୀ ଗଣନା କରିଥିବା ବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ ୨ ଏବଂ ଅବଶିଷ୍ଟ ୧୪ ଦଳ ବାଲୁଗାଁ ନିକଟ ଚନ୍ଦ୍ରାପୁଟଠାରୁ କଳିଯୁଗେଶ୍ୱର ପାହାଡ଼, ମଙ୍ଗଳାଯୋଡ଼ିଠାରୁ କାଳୁପଡ଼ା, ଭୂଷଣ୍ଡପୁର, ସୁନ୍ଦରପୁର, ସୋରଣ ଏବଂ ତିନିମୁହାଣ ପର୍ଯ୍ୟନ୍ତ, ପୁରୀ ଜିଲା କୃଷ୍ଣପ୍ରସାଦ, ସାତପଡ଼ାଠାରୁ ଗମ୍ଭାରୀ, ବଡ଼ଗୋଠ, ଗୁରୁବାଇ ଏବଂ ଅରଖକୁଦା, ରମ୍ଭା ନିକଟ ପାଲୁରଠାରୁ ଶିଆଳ ଏବଂ ମାଲୁଦ ଚିଲିକା ଅଞ୍ଚଳରେ ଗଣନା କରିଥିଲେ। ରବିବାର ଭୋର ୬ଟାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଗଣନା ହୋଇଥିଲା। ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟିର ଡେପୁଟି ଡାଇରେକ୍ଟର ପି.ସତ୍ୟ ସାଲଭମ, ବନ୍ୟପ୍ରାଣୀ ବିଭାଗ ପିସିସିଏଫ୍ ବିକାଶ ରଞ୍ଜନ ଦାଶ, ଅବସରପ୍ରାପ୍ତ ଆରସିସିଏଫ୍ ପି.କେ ମିଶ୍ର, ଡିଏଫ୍‌ଓ ଅମ୍ଲାନ୍ ନାୟକ, ଏସିଏଫ୍ ସୌମ୍ୟରଞ୍ଜନ ସାହୁ, ରେଞ୍ଜର ରଶ୍ମିତା ଜେନା ପ୍ରମୁଖ ଉପସ୍ଥିତ ରହି ଗଣନା କାର୍ଯ୍ୟରେ ଦିଗ୍‌ଦର୍ଶନ ଦେଇଥିଲେ। ସିଡିଏ ଏବଂ ବନ୍ୟପ୍ରାଣୀ ବିଭାଗ କର୍ମଚାରୀଙ୍କ ସମେତ ୱାଇଲ୍ଡ ଲାଇଫ୍ ଓଡ଼ିଶା, ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟି, ଓୟୁଏଟି, ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ଛାତ୍ରୀଛାତ୍ର, ପକ୍ଷୀ ବିଶାରଦଙ୍କ ସମେତ ମୋଟ୍ ୧୩୦ଜଣ ଏହି ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ।

# ମାସକରେ ରାଉରକେଲା ବିମାନ ଦୁର୍ଘଟଣା ରିପୋର୍ଟ: ଇଣ୍ଡିଆ ୱାନ୍ ସିଇଓ

**ରାଉରକେଲା,୧୮।୧(ସଙ୍ଗୀତା ଜେନା)**

ରାଉରକେଲା ବିମାନ ଦୁର୍ଘଟଣାକୁ ଇତିମଧ୍ୟରେ ୯ଦିନ ବିତିଛି। ଗତ ଶନିବାର ଏହି ଦୁର୍ଘଟଣାରେ ଆହତ ସୁଶାନ୍ତ ବିଶ୍ୱାଳ (୪୬)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଜେପି ହସ୍ପିଟାଲରେ ମୃତ୍ୟୁ ହୋଇଥିଲା। ଅପରାହ୍ଣ ୪ଟାରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି। ଅନ୍ୟପକ୍ଷେ ରବିବାର ଅପରାହ୍ଣ ୨ଟାରେ ଇଣ୍ଡିଆ ୱାନ୍‌ର ସିଇଓ ପ୍ରେମ ଗର୍ଗ ରାଉରକେଲା ଆସି ମୃତକଙ୍କ ପରିବାରଙ୍କୁ ଭେଟି ଆଲୋଚନା କରିଥିଲେ। ଏହି ଅବସରରେ ସିଇଓ ଗର୍ଗ କହିଲେ, ସୁଶାନ୍ତଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦାୟକ। କମ୍ପାନୀ ପକ୍ଷରୁ ପରିବାରବର୍ଗଙ୍କୁ ଭରଣପୋଷଣ ରାଶି ପ୍ରଦାନ କରାଯିବ। ମୃତକଙ୍କ ପୁଅଙ୍କୁ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଅନୁକମ୍ପାମୂଳକ ଚାକିରି ପ୍ରଦାନ କରାଯିବ। ଅନୁରୂପ ଭାବେ ବୀମା କମ୍ପାନୀରୁ ରାଶି ମିଳିବା ପର୍ଯ୍ୟନ୍ତ ପରିବାରର ସମସ୍ତ ଭରଣପୋଷଣ କମ୍ପାନୀ କର୍ତ୍ତୃପକ୍ଷ ବହନ କରିବେ। ସେହିପରି ମାସକ ମଧ୍ୟରେ ବିମାନ ଦୁର୍ଘଟଣାର ରିପୋର୍ଟ ପ୍ରକାଶ ପାଇବ ବୋଲି ସେ କହିଥିଲେ। ସେହିପରି ମୃତକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୪ଲକ୍ଷ ଟଙ୍କା ମୃତ୍ୟୁକାଳୀନ ରାଶି ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

ଅପରପକ୍ଷେ, ଜଲଦା ବ୍ଲକ କଂସର ବନଟୋଲାରେ ଦୁର୍ଘଟଣାଗ୍ରସ୍ତ ବିମାନକୁ ଛୋଟ ଛୋଟ ଖଣ୍ଡରେ କାଟିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଡିଜିସିଏ ଏବଂ ଏଏଆଇବିର ତଦନ୍ତ ପରେ ବୀମା ଅଧିକାରୀମାନେ ରିପୋର୍ଟ ପ୍ରଦାନ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ଉକ୍ତ ବିମାନର ସ୍ଥାନାନ୍ତର ପ୍ରକ୍ରିୟା ରବିବାର ଆରମ୍ଭ ହୋଇଛି।

# ଚିପ୍‌ସ ପ୍ୟାକେଟ୍‌ରେ ଲୁଚିଛି ମୃତ୍ୟୁ

## ୨ ମାସରେ ଗଲାଣି ୩ ଶିଶୁଙ୍କ ଜୀବନ, ୫ ଆହତ

**ଭୁବନେଶ୍ୱର,୧୮।୧(ତ୍ରିନାଥ ମହାନ୍ତି)**

**■ କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍‌ଏଚ୍‌ଆର୍‌ସିରେ ପିଟିଶନ**
**■ ଖୁବ୍‌ଶୀଘ୍ର ଚିପ୍‌ସ କମ୍ପାନୀ ପାଇଁ ଏସ୍‌ଓପି ଆଣିବେ ସରକାର**

ଖାଦ୍ୟ ସହ ଖେଳ ଖେଳୁଛନ୍ତି ଚିପ୍‌ସ କମ୍ପାନୀ। ବେପାର ବଢାଇବା ପାଇଁ ଚିପ୍‌ସ ପ୍ୟାକେଟ୍ ଭିତରେ ଛୋଟ ଖେଳନା, ବେଲୁନ ଆଦି ବିଭିନ୍ନ ପ୍ରକାର ଜିନିଷ ପୂରାଇ ପିଲାଙ୍କୁ ଆକୃଷ୍ଟ କରୁଛନ୍ତି। ଖାଦ୍ୟ ସହ ଖେଳନା ଖାଇ କୋମଳମତି ଶିଶୁଙ୍କ ଜୀବନ ଯାଉଛି। ତଣ୍ଟିରେ ଲାଗିଯିବାରୁ ୨ ମାସରେ ୩ରୁ ଅଧିକ ଶିଶୁଙ୍କ ମୃତ୍ୟୁ ଘଟିଥିବାବେଳେ ୫ଜଣ ଆହତ ହୋଇଛନ୍ତି। ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଏବେ ଲୋକେ 'ଚିପ୍‌ସ ପ୍ୟାକେଟ'ରେ ଯମ ରହିଥିବା ପିଲାଙ୍କୁ କହି ଡରାଉଥିବା ଦେଖିବାକୁ ମିଳୁଛି। ତେବେ ଅବହେଳାରୁ ଘଟୁଥିବା ଏଭଳି ମୃତ୍ୟୁ ଘଟଣାରେ ଥାନାରେ ମାମଲା ହୋଇଛି। କେତେକ କ୍ଷେତ୍ରରେ କମ୍ପାନୀ କର୍ତ୍ତୃପକ୍ଷ କିମ୍ବା ମ୍ୟାନେଜର କ୍ଷମା ମାଗି ଖସିଯାଉଥିବା ଦେଖାଯାଉଛି। ହେଲେ ସମ୍ପୃକ୍ତ କମ୍ପାନୀ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଏଭଳି ହୃଦୟବିଦାରକ ଘଟଣା ବଢ଼ିଚାଲିଛି। ତେବେ ଏନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ମାନବାଧିକାର କର୍ମୀ ହିମାଂଶୁ ନାୟକ ପିଟିଶନ ଦାଏର କରିଛନ୍ତି। ଚିପ୍‌ସରେ ଖେଳନା ଦେଉଥିବା କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ମୃତ ଶିଶୁଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଏତେ ଜୀବନ ଯିବା ପରେ ବହୁ ବିଳମ୍ବରେ ରାଜ୍ୟ ସରକାରଙ୍କ ଚେତା ପଶିଛି। ଏଭଳି ଅଘଟଣ ଏଡ଼ାଇବାକୁ ଚିପ୍‌ସ ପ୍ରସ୍ତୁତକାରୀଙ୍କ ପାଇଁ ଏସ୍‌ଓପି ଜାରି କରିବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ଏନେଇ ଗାଇଡଲାଇନ୍ ଜାରି ହେବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଅଭିଭାବକମାନେ ମଧ୍ୟ ଏଥିପ୍ରତି ସତର୍କ ଓ ସଚେତନ ରହିବା ଦରକାର ବୋଲି ମତ ପ୍ରକାଶ ପାଇଛି। ଶରୀର ପ୍ରତି ବିପଦ ସୃଷ୍ଟିକାରୀ ଏଭଳି ଜଙ୍କ୍ ଫୁଡ୍‌ଠାରୁ ପିଲାଙ୍କୁ ଦୂରେଇ ରଖିବାକୁ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

ଚଳିତ ମାସରେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ନିଧିପୁର ଗାଁର ତାପସ ପାଇକରାୟ ଚିପ୍‌ସ ପ୍ୟାକେଟରୁ ବାହାରିଥିବା ବେଲୁନ ଫୁଙ୍କିବା ବେଳେ ତାହା ପାଟି ଭିତରେ ପଶି ତଣ୍ଟିରେ ଲାଖିଯାଇଥିଲା। ପ୍ରାଣବିକଳରେ ଛଟପଟ ହେଉଥିବା ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ବଞ୍ଚାଇପାରି ନ ଥିଲେ। ସେହିଭଳି ୩ ଦିନ ତଳେ ଚିପ୍‌ସ ପ୍ୟାକେଟ ଭିତରେ ଥିବା ଖେଳଣା ନିଆଁରେ ପଡ଼ି ବିସ୍ଫୋରଣ ହେବାରୁ ଆଖି ହରାଇଥିଲେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଶଗଡ଼ ଗାଁର ୮ ବର୍ଷର ପୁଅ ଅଙ୍କେଶ ହର୍‌ପାଲ। ଆଉ ଏସବୁ ଘଟଣା ୨ ମାସ ତଳର କନ୍ଧମାଳ ଜିଲାର ଆଉ ଏକ ଘଟଣାକୁ ମନେ ପକାଇଦେବା ସହ ସତର୍କ କରାଇଦେଇଛି। ଅଙ୍ଗନୱାଡି କେନ୍ଦ୍ରରୁ ଫେରିବା ବେଳେ ବାପା କିଣିଦେଇଥିବା ଚିପ୍‌ସ ପ୍ୟାକେଟରୁ ବାହାରିଥିବା ଖେଳଣା ବନ୍ଧୁକ ତଣ୍ଟିରେ ଲାଗିଯିବାରୁ ଆଖି ବୁଜିଥିଲେ କନ୍ଧମାଳ ବ୍ରାହ୍ମଣୀ ଥାନା ଅନ୍ତର୍ଗତ ମୁଷିମାହା ଗାଁର ରଞ୍ଜିତ ପ୍ରଧାନଙ୍କ ୪ ବର୍ଷର ପୁଅ ବିଗିଲ।

ଆଇନଜୀବୀ ଅବିନାଶ ଗୁରୁ କହିଛନ୍ତି, ଚିପ୍‌ସରେ ଖେଳନା ଦେଉଥିବା କମ୍ପାନୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଆହୁରି ମଧ୍ୟ ପୋଲିସ ଉକ୍ତ କମ୍ପାନୀ ମ୍ୟାନେଜରମାନଙ୍କୁ ତୁରନ୍ତ ଗିରଫ କରିବା ସହ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଉ।

ଅଭିଭାବକ ରଶ୍ମିରେଖା ବେହେରା କହିଛନ୍ତି, ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଆମ ପିଲାଙ୍କୁ ଚିପ୍‌ସ ଖାଇବାକୁ ଦେବାକୁ ଭୟ ଲାଗୁଛି। ହେଲେ ଆମ ଅଜାଣତରେ ସେମାନେ ଦୋକାନକୁ ଯାଇ କିଣି ଖାଉଛନ୍ତି। ଘରକୁ ଯଦି କେହି ଆସୁଛନ୍ତି ସେମାନଙ୍କୁ ଖେଳନା ଚିପ୍‌ସ କିଣିବା ପାଇଁ ଜିଦ୍‌କରି କାନ୍ଦୁଛନ୍ତି। ତେଣୁ ଯେଉଁ କମ୍ପାନୀ ପିଲାଙ୍କ ଜୀବନ ନେବାଭଳି କାମ କରୁଛି, ସେସବୁ କମ୍ପାନୀକୁ ସରକାର ବ୍ୟାନ୍ କରିବା ଭଳି କଠୋର ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଛନ୍ତି।

# ସୋସିଆଲ ମିଡିଆରୁ ପ୍ରେମ, ଥାନାରେ ବିଚ୍ଛେଦ

**ବିବାହ ପାଇଁ ରାଜି ନ ହେବାରୁ ଯୁବକ ଗିରଫ**

ଭୁବନେଶ୍ୱର,୧୮।୧ (ତ୍ରିନାଥ ମହାନ୍ତି)

ସୋସିଆଲ ମିଡ଼ିଆରୁ ଆରମ୍ଭ ହୋଇଥିବା ପ୍ରେମ ଶେଷରେ ମହିଳା ଥାନାରେ ବିଚ୍ଛେଦ ହୋଇଛି। ବିବାହ ପାଇ ଯୁବକ ଜଣକ ରାଜି ନ ହେବାରୁ ଥାନାରେ ଲଭ ସେକ୍ସ ଧୋକା ଅଭିଯୋଗ କରିଥିଲେ ପ୍ରେମିକା। ଶେଷରେ ମହିଳା ଥାନା ପୋଲିସ ମାମଲା ରୁଜୁ କରି ପ୍ରେମିକାଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ରଙ୍ଗବଜାରର ସ୍ୱରାଜ ମହାନ୍ତି। ଅଭିଯୋଗ ଅନୁସାରେ, ପୀଡିତା ଯୁବତୀ ଫେସ୍‌ବୁକ୍ ମାଧ୍ୟମରେ ୨ବର୍ଷ ତଳେ ସ୍ୱରାଜ ମହାନ୍ତିଙ୍କ ସହ ପରିଚିତ ହୋଇଥିଲେ। ସ୍ୱରାଜ ଯୁବତୀଙ୍କୁ ପ୍ରଥମେ ଫେସ୍‌ବୁକ୍‌ରେ ଫ୍ରେଣ୍ଡ୍ ରିକ୍ୱେଷ୍ଟ ପଠାଇବା ପରେ ଯୁବତୀ ଜଣକ ଏହାକୁ ଗ୍ରହଣ କରିଥିଲେ। ପରେ ଦୁହେଁ ଚାଟିଂ ମାଧ୍ୟମରେ ପରିଚିତ ହୋଇଥିଲେ। ପରେ ସ୍ୱରାଜ ଭଲ ପାଉଥିବା ନେଇ ଯୁବତୀଙ୍କୁ କହିଥିଲେ। ଯୁବତୀ ରାଜି ହେବା ପରେ ଉଭୟ ପାର୍କ, ମଲ୍ ଆଦି ସ୍ଥାନରେ ବୁଲାବୁଲି କଲେ। ଏପରିକି ସ୍ୱରାଜ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ୨ ବର୍ଷ କାଳ ଶାରିରୀକ ସମ୍ପର୍କ ରଖିଥିଲେ। ଯୁବତୀ ବିବାହ ପାଇଁ ବାଧ କରିବାକୁ ସ୍ୱରାଜ ତାଙ୍କୁ ଛାଡ଼ି ଦେଇଥିଲେ। କିଛି ବାଟ ନପାଇ ଯୁବତୀ ଜଣଙ୍କ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ।



'ରାଜାରାଣୀ ସଙ୍ଗୀତ ମହୋତ୍ସବ'ର ରବିବାର ଶେଷ ସନ୍ଧ୍ୟାରେ ତବଲା ଓ ମର୍ଦ୍ଦଳ ବାଦନ ମାଧ୍ୟମରେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଉଛି।

# ରାଜାରାଣୀ ସଙ୍ଗୀତ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,(ସୌମ୍ୟରଞ୍ଜନ ରାଉତ)/ପୁରୁଣା ଭୁବନେଶ୍ୱର, ୧୮।୧ (ସୁବାସ ଚନ୍ଦ୍ର ପ୍ରଧାନ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଜାରାଣୀ ମନ୍ଦିର ମୁକ୍ତାକାଶ ମଞ୍ଚରେ ଚାଲିଥିବା 'ରାଜାରାଣୀ ସଙ୍ଗୀତ ଉତ୍ସବ' ରବିବାର ଶେଷ ହୋଇଛି। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ବିଭିନ୍ନ ରାଗରାଗିଣୀର ହୃଦୟସ୍ପର୍ଶୀ ପରିବେଷଣ ସହିତ ଚମତ୍କାର ସାଜସଜ୍ଜା ଓ ଏକାଦଶ ଶତାବ୍ଦୀ ନିର୍ମିତ ରାଜାରାଣୀ ମନ୍ଦିରର ଅପୂର୍ବ କଳା ସ୍ଥାପତ୍ୟ ନିଆରା ପରିବେଶ ସୃଷ୍ଟି କରିଥିଲା। ଶାସ୍ତ୍ରୀୟ ସଙ୍ଗୀତପ୍ରେମୀମାନେ ଶେଷପର୍ଯ୍ୟନ୍ତ କାର୍ଯ୍ୟକ୍ରମକୁ ଉପଯୋଗ କରିଥିଲେ।

ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ପ୍ରଖ୍ୟାତ ତବଲାବାଦକ ଗୁରୁ ବିଶ୍ୱରଞ୍ଜନ ନନ୍ଦ ଓ ସାଥୀଙ୍କ ଦ୍ୱାରା ତବଲା ଓ ମର୍ଦ୍ଦଳ ବାଦନର ଯୁଗଳବନ୍ଦୀ। ସେମାନେ ଦାଦନରେ ଓଡ଼ିଶୀ ସଙ୍ଗୀତର ମୂର୍ଚ୍ଛନାକୁ ଅତି ଚମତ୍କାର ଭାବେ ପରିବେଷଣ କରିଥିଲେ। ତାଙ୍କ ସହିତ ମର୍ଦ୍ଦଳରେ ଗୁରୁ ବୁଦ୍ଧନାଥ ସ୍ୱାଇଁ ଓ ଗୁରୁ ଅରୂପ ଦାସ, ତବଲାରେ ଗୁରୁ ବିଜୟ କୁମାର ଦାସ, ବେହେଲାରେ ଗୁରୁ ପ୍ରଶାନ୍ତ କୁମାର ପାଢ଼ୀ ଏବଂ ବଂଶୀରେ ଗୁରୁ ଶ୍ରୀନିବାସ ଶତପଥୀ ସହଯୋଗ କରିଥିଲେ। ପରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ହିନ୍ଦୁସ୍ଥାନୀ କଣ୍ଠସଙ୍ଗୀତ ଶିଳ୍ପୀ ପଣ୍ଡିତ ଉଲ୍ଲାସ କୁଶଲକରଙ୍କ ଦ୍ୱାରା ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ପରିବେଷଣ କରାଯାଇଥିଲା। ତାଙ୍କୁ ତବଲାରେ ପଣ୍ଡିତ ସୁରେଶ ତଲୱାଲକର ଏବଂ ହାରମୋନିୟମରେ ଅମେୟ ବିଚୁ ସହଯୋଗ କରିଥିଲେ। ତାଙ୍କର ନିଖୁଣ ଓ ସୁନ୍ଦର ରାଗ ବିସ୍ତାର, ତାନ ଓ ସରଗମ୍‌ର ବିଭିନ୍ନ କ୍ରିୟାତ୍ମକ ପରିବେଷଣ, ସୁଲଳିତ କଣ୍ଠରେ ବିଭିନ୍ନ କଳାକୌଶଳ ପ୍ରୟୋଗ ଇତ୍ୟାଦି ଦ୍ୱାରା ସେ ଉପସ୍ଥିତ ବିଦଗ୍ଧ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

ଅତିଥି ଭାବେ ଓଡିଶୀ କଣ୍ଠଶିଳ୍ପୀ ପ୍ରଫେସର ରାମହରି ଦାସ, ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଓଡିଶୀ ଗାୟକ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ସଂସ୍କାର ଭାରତୀର ନିରଞ୍ଜନ ପଣ୍ଡା, ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ ଓ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଯୋଗଦେଇଥିଲେ। ଡ. ସାଧନା ଶ୍ରିବାସ୍ତବ ଓ ଡ. ସଂଗୀତା ଗୋସାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସେଲ୍‌ଫି ପଏଣ୍ଟରେ ଜଣେ ବିଦେଶୀ ଦର୍ଶକ ସେଲ୍‌ଫି ନେଉଛନ୍ତି।

### ଆକର୍ଷଣ ଥିଲା 'ଶାସ୍ତ୍ରୀୟ ସଙ୍ଗୀତ ସେଲ୍ଫି ପଏଣ୍ଟ'

ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ ସହ ଚଳିତବର୍ଷ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଥିଲା 'ଶାସ୍ତ୍ରୀୟ ସଙ୍ଗୀତ ସେଲ୍ଫି ପଏଣ୍ଟ'। ଏଠାରେ ବିଦେଶୀ ଦର୍ଶକ ଓ ଯୁବପିଢ଼ିଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଶାସ୍ତ୍ରୀୟ ସଙ୍ଗୀତରେ ବ୍ୟବହୃତ ହେଉଥିବା ବାଦ୍ୟ ସମୂହକୁ ଖୁବ୍‌ସୁନ୍ଦର ଭାବେ ସେଲ୍ଫି ପଏଣ୍ଟରେ ପ୍ରଦର୍ଶିତ କରାଯାଇଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୀପକ



@ ଅଂଶୁମାନ



@ ରାଜଲକ୍ଷ୍ମୀ



@ ରୌମ୍ୟରଞ୍ଜନ



@ ସୁନନ୍ଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ରବିବାର ଆୟୋଜିତ 'ବିକଶିତ ଓଡ଼ିଶା ଜାତୀୟ କନ୍‌କ୍ଲେଭ'ରେ 'ଭିତ୍ତିଭୂମି ଓ ବିକାଶ' ଶୀର୍ଷକ ଆଲୋଚନାଚକ୍ରରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ନିଜ ମତ ରଖୁଛନ୍ତି। ଏଥିରେ ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ଲେଖକ ତଥା ସାମ୍ବାଦିକ ପ୍ରକାଶ ହାଣ୍ଡା ଓ ବ୍ରହ୍ମିନ୍ ସଲ୍ୟୁସନ୍ସ(ଏଗ୍ରି) ସିଇଓ ଦିଲୀପ ଜେନା ଉପସ୍ଥିତ ଅଛନ୍ତି।

# 'ଶିଶିର ସରସ'ରେ ଜମିଲା ରବିବାରିଆ ଭିଡ଼

ଭୁବନେଶ୍ୱର,୧୮।୧(ଅନୁରାଧା ମହାରଣା)

ଓରମାସ୍ ଓ ସୁଭଦ୍ରା ଶକ୍ତି ପକ୍ଷରୁ ରାଜଧାନୀ ଭୁବନେଶ୍ୱରର ଇଡ଼୍‌କୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା 'ଶିଶିର ସରସ-୨୦୨୬' ମେଳାରେ ରବିବାର ସନ୍ଧ୍ୟାରେ ପ୍ରବଳ ଭିଡ଼ ହୋଇଥିଲା। ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଓ ହସ୍ତକଳା ପ୍ରତି ଲୋକଙ୍କ ରୁଚି, ଫୁଡ୍ ଷ୍ଟଲରେ ବିକ୍ରି ହେଉଥିବା ଖାଦ୍ୟର ମହକ ଲୋକଙ୍କୁ ମେଳା ପଡ଼ିଆକୁ ଟାଣି ଆଣିଛି। ବିଶେଷକରି ମେଳା ଷ୍ଟଲଗୁଡ଼ିକରେ ମିଳୁଥିବା ଗ୍ରାମୀଣ ସାମଗ୍ରୀ ପ୍ରତି ଲୋକଙ୍କର ଅଧିକ ଉତ୍ସାହ ଦେଖିବାକୁ ମିଳୁଛି। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ମେଳାକୁ ଆଉ ଦୁଇଦିନ ଅର୍ଥାତ୍ ୨୦ ତାରିଖ ପର୍ଯ୍ୟନ୍ତ ବଢାଇ ଦିଆଯାଇଛି। ତେଣୁ ରବିବାର ଶେଷ ହେବାକୁ ଥିବା ଶିଶିର ସରସ ମେଳା ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବ ବୋଲି ଲୋକେ ଜାଣିବା ପରେ ଲୋକଙ୍କ ମନରେ ଖୁସି ପ୍ରକାଶ ପାଇଛି। ରବିବାର ମେଳା ପଡ଼ିଆରେ ଲୋକମାନେ ଘରକରଣା ସାମଗ୍ରୀ କିଣିବା ସହିତ ଫୁଡଷ୍ଟଲଗୁଡ଼ିକରେ ଭଳି କି ଭଳି ଖାଦ୍ୟର ମଜା ନେଇଥିଲେ। ଅଭିନେତ୍ରୀ ତଥା ଗାୟିକା ପ୍ରକୃତି ମିଶ୍ରଙ୍କ ମ୍ୟୁଜିକାଲ୍ ବ୍ୟାଣ୍ଡ୍‌ରେ ଦର୍ଶକ ଝୁମି ଉଠିଥିଲେ। ଏଥିସହ ଲୋକପ୍ରିୟ ଓଡ଼ିଆ ହାସ୍ୟ ଅଭିନେତା ପ୍ରଜ୍ଞାନ ଓଝାଙ୍କ ହାସ୍ୟରସ ଭରା ପ୍ରଦର୍ଶନର ବେଶ୍ ମଜା ଉଠାଇଥିଲେ ଦର୍ଶକ।

ଓଡ଼ିଶାର ବିଭିନ୍ନ ଜିଲା ତଥା ଅନ୍ୟ ରାଜ୍ୟରୁ ଆସିଥିବା ୩୪୦ଟି ଷ୍ଟଲ୍‌ରେ ଓରମାସ ଅଧୀନ ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ଗ୍ରାମୀଣ ଉଦ୍ୟୋଗୀଙ୍କର ଉତ୍ପାଦର ବ୍ୟବସାୟ ଭଲ ଚାଲିଛି। ମେଳା ପରିବେଶକୁ ଆହୁରି ଜୀବନ୍ତ କରିବା ଲକ୍ଷ୍ୟରେ ମଞ୍ଚ ଉପରେ କଳାକାରଙ୍କ ଆଧୁନିକ ଓ ପାରମ୍ପରିକ ନୃତ୍ୟସଙ୍ଗୀତ ପରିବେଷଣ ଲୋକଙ୍କୁ ଆକର୍ଷିତ କରିବାରେ ବେଶ୍ ସଫଳ ହୋଇଛି । ହସ୍ତଶିଳ୍ପ, ହସ୍ତତନ୍ତ, ସ୍ୱଦେଶୀ ଖାଦ୍ୟ ଓ ସାଂସ୍କୃତିକ ପରମ୍ପରାର ଆକର୍ଷଣୀୟ ସମାହାର 'ଶିଶିର ସରସ'କୁ ଦେଶର ସର୍ବବୃହତ୍ ଗ୍ରାମୀଣ ମେଳାଗୁଡ଼ିକ ମଧ୍ୟରେ ସ୍ୱତନ୍ତ୍ର ପରିଚୟ ଦେଇଛି।

# ଘରେ ଝଗଡ଼ା କରି ଟ୍ରେନ୍ ଆଗରେ ଶୋଇପଡ଼ିଲେ

**ଲୋକୋ ପାଇଲଟ୍‌ଙ୍କ ପାଇଁ ବଞ୍ଚିଗଲା ଜୀବନ**

ଭୁବନେଶ୍ୱର,୧୮।୧(ତ୍ରିନାଥ ମହାନ୍ତି)

ଭୁବନେଶ୍ୱର ରେଳ ଷ୍ଟେଶନ ନିକଟରେ ଜଣେ ମଦ୍ୟପ ଯୁବକ ରବିବାର ଆତଙ୍କ ଖେଳାଇଥିଲେ। ରାଜମହଲ ଛକ ନିକଟ ରେଳ ଧାରଣା ଉପରକୁ ଚାଲିଯାଇ ଅମୃତ ଭାରତ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ନିଶାଗ୍ରସ୍ତ ଅବସ୍ଥାରେ ଟ୍ରାକ୍‌ରେ ଶୋଇ ପଡ଼ିଥିଲେ। ଲୋକୋ ପାଇଲଟ ଏମର୍ଜେନ୍ସୀ ବ୍ରେକ୍ ଲଗାଇ ଟ୍ରେନ୍‌କୁ ଅଟକାଇଥିଲେ। ମଦ୍ୟପ ପାଇଁ ୬ ମିନିଟ୍ ଅଟକିଥିଲା ଅମୃତ ଭାରତ ଟ୍ରେନ। ଖବର ପାଇ ଆର୍‌ପିଏଫ ଏବଂ ଜିଆରପି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଠାଇ ନେବା ପରେ ଟ୍ରେନ ଚାଲିଥିଲା। ତେବେ ଏଥିପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା। ଏଭଳି ଆତଙ୍କ କରିଥିବା ଯୁବକ ଜଣକ ହେଲେ ଫାଳିକିଆ ବସ୍ତିର ଏ. ଆପାରାଓ। ପୋଲିସ ତା' ନାମରେ ଏକ ମାମଲା ରୁଜୁ କରି ନୋଟିସ୍‌ରେ ଛାଡ଼ିଛି। ପରେ ପରିବାର ଲୋକେ ତାଙ୍କୁ ନିଶା ନିବାରଣ କେନ୍ଦ୍ରରେ ଛାଡ଼ିଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ସକାଳ ୯ଟା ୪୮ରେ ଏ. ଆପାରାଓ ଘରେ ସ୍ତ୍ରୀ ସହ ଝଗଡ଼ା କରିବା ପରେ ମଦ୍ୟପାନ କରି ଆତ୍ମହତ୍ୟା ପାଇଁ ରାଜମହଲ ଛକ ନିକଟ ଟ୍ରେନ ଲାଇନ୍‌କୁ ଚାଲି ଆସିଥିଲେ। ପରେ ଟ୍ରାକ୍ ଉପରେ ଶୋଇ ପଡ଼ିଥିଲା। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଅମୃତ ଭାରତ ଟ୍ରେନ୍‌ର ଲୋକୋ ପାଇଲଟଙ୍କ ନଜରକୁ ଆସିଥିଲା। ସେ ଏକାଧିକ ଥର ହର୍ନ ମାରିଥିଲେ ମଧ୍ୟ ଯୁବକ ଜଣକ ଉଠି ନ ଥିଲେ। ଶେଷରେ ଲୋକୋ ପାଇଲଟ୍ ଟ୍ରେନର ଏମର୍ଜେନ୍ସୀ ବ୍ରେକ୍ ମାରି ଟ୍ରେନ୍‌କୁ ଅଟକାଇ ଜିଆର୍‌ପି ଥାନା ଓ ଆର୍‌ପିଏଫ୍‌କୁ ଖବର ଦେଇଥିଲେ। ତାଙ୍କ ପାଇଁ ଏ ଆପାରାଓଙ୍କ ଜୀବନ ବଞ୍ଚିଗଲା ବୋଲି ଲୋକେ କହିବା ସହ ତାଙ୍କୁ ସାବାସି ଜଣାଇଛନ୍ତି।

# ଚୋରା ମୋବାଇଲ ବିକ୍ରି ବେଳେ ୨ ଗିରଫ

ଭୁବନେଶ୍ୱର,୧୮।୧(ସତ୍ୟଜିତ ରାଉତ)

ଚୋରା ମୋବାଇଲ କମ୍ ଦାମରେ ବିକ୍ରି ବେଳେ ଚନ୍ଦ୍ରଶେଖରପୁର ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ନିଳାଦ୍ରୀ ବିହାର ହରେକୃଷ୍ଣ ବସ୍ତିର ବିଶ୍ୱନାଥ ନାୟକ (୨୩) ଓ ଏସ୍‌କେ ଲାଲଚାନ୍ଦ (୨୬)। ଉଭୟଙ୍କଠାରୁ ପୋଲିସ ୪ଟି ଚୋରା ମୋବାଇଲକୁ ଜବତ କରିଛି। କୋର୍ଟଚାଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ଅଭିଯୁକ୍ତଦ୍ୱୟ ନୀଳାଦ୍ରିବିହାରସ୍ଥିତ ପାୱାରଗ୍ରୀଡ୍ ଅଫିସ୍ ପଛପାଖରେ କିଛି ଚୋରା ମୋବାଇଲ ବିକ୍ରି ଲାଗି ଗ୍ରାହକ ଖୋଜୁଥିବା ବେଳେ ଧରାପଡିଥିଲେ। ଉଭୟଙ୍କ ନାମରେ ୪ ଲେଖାଏ ମାମଲା ରହିଛି।

# ଲୋକଭବନ ଉଦ୍ୟାନ ବୁଲିଲେ ରାଜ୍ୟପାଳ

ଭୁବନେଶ୍ୱର, ୧୮।୧ (ବନ୍ଦନା ସେଠୀ)

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ରବିବାର ଦ୍ୱିତୀୟଥର ଲୋକଭବନ ଉଦ୍ୟାନ ଏବଂ ଅଟଳ ବନ ପରିଦର୍ଶନ କରିବା ସହ ବୁଲିବାକୁ ଆସିଥିବା ପିଲାଙ୍କ ସହିତ ଖୁସି ବାଣ୍ଟିଥିଲେ। ଛୁଟିଦିନ ହୋଇଥିବାରୁ ଲୋକଭବନ ଉଦ୍ୟାନରେ ପ୍ରବଳ ଜନସମାଗମ ହୋଇଥିଲା। ପିଲାମାନଙ୍କ ସହ ଅଭିଭାବକମାନେ ମଧ୍ୟ ଆସିଥିଲେ। ରାଜ୍ୟପାଳ ପିଲାମାନଙ୍କ ସହିତ ଅନୌପଚାରିକ ଭାବରେ ମିଶି ଭାବବିନିମୟ କରିବା ସହିତ ସେମାନଙ୍କୁ କଲମ, ଚିକି ଏବଂ ଚକୋଲେଟ୍ ବଣ୍ଟନ କରିଥିଲେ। ଏଥିସହ ରାଜ୍ୟପାଳ ପିଲାମାନଙ୍କ ପାଇଁ ଭ୍ରମଣୀୟ ସ୍ଥାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ ପିଲାମାନେ ଅତ୍ୟଧିକ ମୋବାଇଲ ଫୋନ୍ ବ୍ୟବହାରରୁ ନିଜକୁ ଦୂରେଇ ରଖି ପ୍ରାକୃତିକ ପରିବେଶରେ ଅଧିକ ସମୟ ବିତାଇବାକୁ ଉତ୍ସାହିତ କରିଥିଲେ। ଏପରିକି ପ୍ରାକୃତିକ ପରିବେଶ କଳ୍ପନାଶକ୍ତିକୁ ପୋଷଣ କରିବା, ଶାରୀରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଏବଂ ମାନସିକ ଶକ୍ତିକୁ ଦୃଢ଼ କରିବାରେ ସାହାଯ୍ୟ କରେ। ସେହିପରି ବାହ୍ୟ ଅଭିଜ୍ଞତା ମାଧ୍ୟମରେ ପାରିବାରିକ ବନ୍ଧନକୁ ମଧ୍ୟ ମଜଭୁତ କରିଥାଏ। ଲୋକଭବନ ଉଦ୍ୟାନକୁ ଜନସାଧାରଣଙ୍କ ପାଇଁ ଖୋଲିବା ଦ୍ୱାରା ସରକାରୀ ପ୍ରତିଷ୍ଠାନଗୁଡ଼ିକ ଅଧିକ ସୁଗମ ହୋଇପାରିବ ଏବଂ ଲୋକଙ୍କ ମଧ୍ୟରେ ସହଭାଗୀ ଭାବନା ବୃଦ୍ଧି କରିବ ବୋଲି ରାଜ୍ୟପାଳ କହିଥିଲେ।



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ପିଲାଙ୍କୁ ଚକୋଲେଟ୍ ଦେଇ ଭାବବିନିମୟ କରୁଛନ୍ତି।

# ନବଜାତ ଶିଶୁପୁତ୍ର ମୃତଦେହ ଠାବ

ବାରଙ୍ଗ/ତ୍ରିଶୂଳିଆ,୧୮।୧(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଅନ୍ତର୍ଗତ ନରାଜ ବ୍ୟାରେଜ୍‌ର ୨୪ ନମ୍ବର ଗେଟ୍ ନିକଟରୁ ନବଜାତ ଶିଶୁପୁତ୍ରର ମୃତଦେହ ମିଳିଛି। ତାଙ୍କ ପରିଚୟ ମିଳିପାରି ନ ଥିବାବେଳେ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ମୃତ ନବଜାତ ଶିଶୁପୁତ୍ରକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ନରାଜ ଗ୍ରାମର କେତେଜଣ ମତ୍ସ୍ୟଜୀବୀ ସକାଳୁ କାଠଯୋଡ଼ି ନଦୀକୁ ମାଛ ମାରିବାକୁ ଯାଇଥିବାବେଳେ ଶିଶୁପୁତ୍ରର ମୃତଦେହ ଦେଖିଥିଲେ। ତେବେ ନବଜାତ ଶିଶୁଟି ଏଠାକୁ କିପରି ଆସିଲା, ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ବ୍ୟାରେଜରେ ଲାଗିଥିବା ସିସି କ୍ୟାମେରାକୁ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି।

# ମାନବତା, ସୁସ୍ଥତା, ରକ୍ତଦାନ ସଚେତନତା ପାଇଁ ମାରାଥନ୍



ଫରେଷ୍ଟ ପାର୍କ ନିକଟରେ ଅତିଥିମାନେ ମାରାଥନକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଭୁବନେଶ୍ୱର,୧୮।୧ (ସୌମ୍ୟରଞ୍ଜନ ରାଉତ)

ଦେବଯୁଗ୍ ବ୍ରହ୍ମବିନ୍ଦୁ ପକ୍ଷରୁ ରବିବାର ଭୁବନେଶ୍ୱରଠାରେ ଏକ ମାରାଥନ୍ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫରେଷ୍ଟ ପାର୍କଠାରୁ ରଥରୋଡ୍ ଦେଇ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ଦୌଡ଼ ହୋଇଥିଲା। ପୁନଶ୍ଚ ସେଠାରୁ ଫରେଷ୍ଟ ପାର୍କ ପର୍ଯ୍ୟନ୍ତ ମାରାଥନରେ ଦୌଡ଼ିଥିଲେ ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ। ସୁନ୍ଦର ସ୍ୱାସ୍ଥ୍ୟ, ମାନବତା, ସୁସ୍ଥତା ଏବଂ ରକ୍ତଦାନ ସଚେତନତା ପାଇଁ ଏହି ମାରାଥନ ଆୟୋଜନ ହୋଇଥିଲା। ଅତିଥି ଭାବେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଆଇପିଏସ୍ ଅଫିସର ସୌମେନ୍ଦ୍ର ପ୍ରିୟଦର୍ଶୀ, ଦୌଡରାଣୀ ଦ୍ୟୁତି ଚାନ୍ଦ, ପୂର୍ବତନ ବିଧାୟକ ସୁରେଶ ରାଉତରାୟ, ଅଲ୍‌ଟ୍ରେଡ୍ କନଷ୍ଟ୍ରକ୍ସନ୍ ଟ୍ରାକ୍ସନ୍‌ର ମୁଖ୍ୟ ଅଂଶୁମାନ ପଟ୍ଟନାୟକ, ସାମାଜିକ କର୍ମୀ ସଂଗ୍ରାମ ପାଇକରାୟ, ବିଜେଡି ନେତା ମନ୍ମଥ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ମାରାଥନ୍‌ରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମେଡାଲ୍ ପ୍ରଦାନ କରିବା ସହ ଦେବ୍‌ଯୁଗ ବ୍ରହ୍ମ ବିନ୍ଦୁ ମୋବାଇଲ ଆପ୍ଲିକେଶନର ଲୋକାର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ଜଣାଶୁଣା କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ ମାଧ୍ୟମରେ ମନୋରଞ୍ଜନ କରିଥିଲେ। ମୁଖ୍ୟ ଉଦ୍ୟୋକ୍ତା ଦେବବ୍ରତ ନାୟକ ଧନ୍ୟବାଦ ଦେଇଥିଲେ।

**ବ୍ରହ୍ମ ବିନ୍ଦୁ ମୋବାଇଲ ଆପ୍ଲିକେଶନ ଲୋକାର୍ପିତ**

# ସରିଲା ହଟକେଶ୍ୱର ମକର ମହୋତ୍ସବ

## ପ୍ରଜ୍ଞା ପାରମିତା, ପ୍ରତ୍ୟୁଷାଙ୍କ ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର





ବାଘମାରୀ,୧୮।୧
(ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରି ଉଷ୍ଣ ପ୍ରସ୍ରବଣ ପରିସରରେ ଚାଲିଥିବା ୧୧୫ ବାର୍ଷିକ ହଟକେଶ୍ୱର ମକର ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମକର ମହୋତ୍ସବ କମିଟି ସଭାପତି ତଥା ବିଧାୟକ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମ୍ମାନିତ ଅତିଥିଭାବେ ବୋଲଗଡ଼ ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା, ଓସେପା ଡେପୁଟି ଡାଇରେକ୍ଟର ତାପସ କୁମାର ବିଶି, ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ଆଗ୍ରୋରିଜନ ପରିଚାଳକ ଅଶୋକ କୁମାର ସାରଦା, ଜିଲାପରିଷଦ ସଦସ୍ୟା ତନୁଜା ପାଟଶାଣୀ, ବାଘମାରୀ ସରପଞ୍ଚ ମାନସ କୁମାର ବିଶ୍ୱାଳ, ବେଗୁନିଆ ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ସାମାଜିକ କର୍ମୀ ଦିଲୀପ କୁମାର ମହାଭୋଇ ପ୍ରମୁଖ ଯୋଗଦେଇ ମକର ମହୋତ୍ସବ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗାଳ୍ପିକ ଅଭିରାମ ରାଉତରାୟ, ବୀଣାବାଦକ ପୂର୍ଣ୍ଣଚନ୍ଦ୍ର ନାୟକ, କଣ୍ଠଶିଳ୍ପୀ ଅଟଳ ଧର୍ମରାଜ, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ମୋହନ ସିଂ, ସାମାଜିକ କର୍ମୀ ମାନସ ରଞ୍ଜନ ସାହୁ, ଗୋବିନ୍ଦ ବେହେରା ଏବଂ ବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବାସନ୍ତୀ ମହାପାତ୍ରଙ୍କ ରଚିତ 'କାନ୍ଦେ ଯଶୋମତୀ ଝୁରେ ଯମୁନା' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରଜ୍ଞାପାରମିତା ପାଣିଗ୍ରାହୀ ଏବଂ ପ୍ରତ୍ୟୁଷା ପାଣିଗ୍ରାହୀଙ୍କ ଓଡ଼ିଶୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା। ବେଗୁନିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ସୁଧାକର ସେଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତାକୁ ନବକିଶୋର ଖୁଣ୍ଟିଆ ପରିଚାଳନା କରିଥିବା ବେଳେ ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ଶିଶିର ଆଚାର୍ଯ୍ୟ, ସ୍ୱାଧୀନ ପଣ୍ଡା, ଯଶରାଜ ସାହୁ, ପ୍ରସନ୍ନ କୁମାର କହଲସିଂହ, ସାଗର ବରାଳ, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।





ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ରବିବାର 'ବିକଶିତ ଓଡ଼ିଶା ଜାତୀୟ କନ୍‌କ୍ଲେଭ'ରେ 'ଭିତ୍ତିଭୂମି ଓ ବିକାଶ' ଶୀର୍ଷକ ଆଲୋଚନାଚକ୍ରରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ନିଜ ମତ ରଖୁଛନ୍ତି। ଏଥିରେ ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ଲେଖକ ତଥା ସାମ୍ବାଦିକ ପ୍ରକାଶ ହାଣ୍ଡା ଓ ବ୍ରହ୍ମିନ୍ ସଲ୍ୟୁସନ୍ସ(ଏଗ୍ରି) ସିଇଓ ଦିଲୀପ ଜେନା ଉପସ୍ଥିତ ଅଛନ୍ତି।

# ପୂର୍ବ ସମ୍ଭାଗ ଖେଳକୁଦ ସମାରୋହ

ଖୋର୍ଦ୍ଧା,୧୮।୧(ପ୍ରଭାତ ପାଣିଗ୍ରାହୀ)

ଶିକ୍ଷା ବିକାଶ ସମିତି ଓଡ଼ିଶା ପୂର୍ବ ସମ୍ଭାଗ ପକ୍ଷରୁ ସରସତୀ ଶିଶୁ ବିଦ୍ୟା ମନ୍ଦିର ଖୋର୍ଦ୍ଧାଠାରେ ତିନିଦିନ ଧରି ଚାଲିଥିବା 'ପୂର୍ବ ସମ୍ଭାଗ ଖେଳକୁଦ ସମାରୋହ-୨୦୨୬' ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଶିକ୍ଷାବିତ ଗଙ୍ଗାଧର ଦାସ ମୁଖ୍ୟ ଅତିଥି, ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗ ସଭାପତି ଶିକ୍ଷାବିତ୍ କୁଳମଣି ମିଶ୍ର ଯୋଗଦେଇ ଶିଶୁର ସର୍ବାଙ୍ଗୀନ ଉନ୍ନତି ପାଇଁ ଖେଳର ନିହାତି ଆବଶ୍ୟକ ବୋଲି ବକ୍ତବ୍ୟ ରଖିଥିଲେ। ଏହି ପ୍ରତିଯୋଗିତାରେ ଏହି ସମ୍ଭାଗ ଅନ୍ତର୍ଗତ ବିଭିନ୍ନ ଜିଲାରୁ ୪୫୦ପିଲା ଭାଗ ନେଇଥିଲେ। ପୁରୀ ବିଭାଗ ନିରୀକ୍ଷକ ନୃସିଂହ ଚରଣ ମିଶ୍ର, ଖୋର୍ଦ୍ଧା ବିଭାଗ ନିରୀକ୍ଷକ ପ୍ରସନ୍ନ କୁମାର ମହାନ୍ତି, ପୂର୍ବ ସମ୍ଭାଗ କାର୍ଯ୍ୟାଳୟ ପ୍ରମୁଖ ପ୍ରଶାନ୍ତ କୁମାର ପ୍ରଧାନ, ଅକ୍ଷୟ କୁମାର ସାହୁ ସହଯୋଗ କରିଥିଲେ। ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗିରିଜା କୁମାର ମହାପାତ୍ର, ସହ ପ୍ରଧାନାଚାର୍ଯ୍ୟ ପ୍ରଭାକର ସ୍ୱାଇଁ, ଦିଲୀପ କୁମାର କର ପ୍ରମୁଖ ସଂଯୋଜନା କରିଥିବା ବେଳେ ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ବରିଷ୍ଠ ଅଧିବକ୍ତା ଅଜିତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ହାତୀ ସୁରକ୍ଷା ପାଇଁ ସଚେତନତା

ନିରାକାରପୁର,୧୮।୧
(ମାନସ ଚନ୍ଦ୍ର ପଟ୍ଟନାୟକ)





ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅଧିକାରୀ।

ଖୋର୍ଦ୍ଧା ଜିଲା ହଜସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଦୀପକ କୁମାର ଦାଶଙ୍କ ସଭାପତିତ୍ୱରେ ହାତୀ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ କହିଥିଲେ, କେବଳ ହାତୀ ନୁହେଁ ସମସ୍ତ ଜୀବଜନ୍ତୁ ମନୁଷ୍ୟର ବନ୍ଧୁ। ଏମାନଙ୍କ ସୁରକ୍ଷା ସମସ୍ତଙ୍କର ପ୍ରଥମ ଦାୟିତ୍ୱ। ତେଣୁ ଏମାନଙ୍କର ସୁରକ୍ଷା ନିମନ୍ତେ ବ୍ୟାପକ ଚାରାରୋପଣର ଆବଶ୍ୟକତା ରହିଛି। ଜଙ୍ଗଲରେ ଏମାନଙ୍କ ଯାତାୟାତ ବେଳେ ବିଦ୍ୟୁତ୍ ବିଭାଗ ଓ ବନ ବିଭାଗ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ଅତିଥିଭାବେ ଭୂଷଣ୍ଡପୁର ଫରେଷ୍ଟର ଦୁଃଶାସନ ନାୟକ, ବେଗୁନିଆ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ହଜ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ସମିତିସଭ୍ୟ ଦିଲୀପ କୁମାର ବଡ଼ଜେନା, ଜିଲାପରିଷଦ ସଭ୍ୟା ତନୁଜା ପାଟଶାଣୀ, ସିପିଏମ ଯୁବନେତା ବିଧୁ ଭୂଷଣ ମହାରଣା, ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ, ବିଦ୍ୟୁତ୍ କର୍ମଚାରୀ ସଞ୍ଜୀବ ପ୍ରଧାନ, ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସ୍କୁଲର ମୁଖ୍ୟ ଉପଦେଷ୍ଟା ବିଭୂତି ଭୂଷଣ ଦାଶଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳାନରେ ସହଯୋଗ କରିଥିଲେ।

# 'ଗ୍ରାହକଙ୍କ ବିଶ୍ୱାସ ହିଁ ବ୍ୟବସାୟର ମୂଳମନ୍ତ୍ର'

## ବୋଲଗଡ଼ ବଣିକ ମହାସଂଘର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ

ବୋଲଗଡ଼,୧୮।୧(ଦେବବ୍ରତ ହୋତା)

ବୋଲଗଡ଼ ବଣିକ ମହାସଂଘର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ମହାସଂଘ ସଭାପତି ପାଣ୍ଡବ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବ୍ରଜବନ୍ଧୁ ସୁବୁଦ୍ଧି ଯୋଗଦେଇ ଗ୍ରାହକଙ୍କ ବିଶ୍ୱାସ ହିଁ ବ୍ୟବସାୟର ମୂଳମନ୍ତ୍ର ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଅଗ୍ନିଶମ ଅଧିକାରୀ ବିବେକାନନ୍ଦ ଦାସ, ସମ୍ମାନିତ ଅତିଥି ମହାସଂଘ ଉପଦେଷ୍ଟା ଲଲାଟେନ୍ଦୁ କେଶରୀ ସିଂହ, ଦୁର୍ଗାଚରଣ ଦଳବେହେରା, ସନାତନ ସାହୁ, ବାବୁଲି ପ୍ରଧାନ, କିଶୋର ଦାସ, ମନୋଜ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଉପଦେଷ୍ଟା ବୃନ୍ଦାବନ ରଥ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବହୁ ଖବରଦାତା ଏବଂ ବିଭିନ୍ନ ବଜାର କମିଟି ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାତଃରେ ମହାସଂଘ ଅନ୍ତର୍ଗତ ସମସ୍ତ ବଜାର ବଣିକସଂଘର ୩୦୦ରୁ ଊର୍ଦ୍ଧ୍ୱ ସଦସ୍ୟମାନେ ପଦଯାତ୍ରାରେ ସମସ୍ତ ବଜାରରେ ସ୍ଥାପିତ ମହାମନୀଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରିଥିଲେ। ସଭାପୂର୍ବରୁ ମହାସଂଘର ଏକ ସାଙ୍ଗଠାନିକ ବୈଠକରେ ପୂର୍ବର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ପୁଣି ଏକ ବର୍ଷ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅଜିତ ପଟ୍ଟନାୟକ, ଅଭିମନ୍ୟୁ ବାଦି, ରାଜେଶ ମହାପାତ୍ର, ସଞ୍ଜୟ ବେହେରା ପ୍ରମୁଖ ସହଯୋଗ କରିଥିଲେ। କୋଷାଧ୍ୟକ୍ଷ ବସନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଦୀପକ



@ ଅଂଶୁମାନ



@ ରାଜଲକ୍ଷ୍ମୀ



@ ରୌମ୍ୟରଞ୍ଜନ



@ ସୁନନ୍ଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୫୫୦ ରୋଗୀଙ୍କ ହେଲା ସ୍ୱାସ୍ଥ୍ୟ ପରୀକ୍ଷା

## ସାଂସଦ ଚିକିତ୍ସା ଶିବିର ଶୁଭାରମ୍ଭ

ବେଗୁନିଆ,୧୮।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମା ସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ସାଂସଦ ଚିକିତ୍ସା ଶିବିରର ଶୁଭାରମ୍ଭ ହୋଇଛି। ଏମ୍‌ପି ଅପରାଜିତା ଷଡଙ୍ଗୀ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁ, ବେଗୁନିଆ ପଞ୍ଚାୟତର ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ମଣ୍ଡଳ ସଭାପତି ଜିତେନ୍ଦ୍ର ସାହୁ, ବରିଷ୍ଠ ଆଇନଜୀବୀ ଲୋତକ ବିନ୍ଦୁ ପଟ୍ଟନାୟକ, ସାମାଜିକ କର୍ମୀ ଶିବ କୁମାର ମୁନି, ବୀରନାଥ ରାୟ ଏବଂ ବିଭୁତି ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ବେଗୁନିଆ ଏବଂ ଆଖପାଖ ଅଞ୍ଚଳର ୫୫୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିସହ ଔଷଧ ମାଗଣାରେ ବଣ୍ଟନ କରାଯାଇଛି। ପ୍ରତ୍ୟେକ ମାସର ତୃତୀୟ ରବିବାର ଭୁବନେଶର ସଂସଦୀୟ କ୍ଷେତ୍ରର ୮ଟି ବ୍ଲକ ଅଞ୍ଚଳରେ ଉକ୍ତ ଶିବିର ଖୋଲାଯାଇ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଛନ୍ତି। ଏହାକୁ ପରିଚାଳନା କରିବାକୁ ୪ଜଣିଆ ସଦସ୍ୟ ଗଠନ କରାଯାଇଛି। ସୁଧିର ପଣ୍ଡା, ଜୀବନ ସାହୁ, ବିଦ୍ୟୁତ୍ କାଣ୍ଡି ଏବଂ ଗିସଲୟ ଘୋଷଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଶିବିରରେ କ୍ୟାପିଟାଲ ହସ୍ପିଟାଲ, ଖୋର୍ଦ୍ଧା, ବୋତଲମା ଏବଂ ବାଙ୍କୋଇ ମେଡିକାଲର ଡାକ୍ତରୀଦଳ ଉପସ୍ଥିତ ରହି ଚିକିତ୍ସା ସୁବିଧା ଯୋଗାଇ ଦେଇଥିଲେ। ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ, ପଞ୍ଚସଖା ଶିକ୍ଷା ସେତୁର ସଦସ୍ୟଙ୍କ ସହିତ ଭାଜପାର ବହୁ କର୍ମକର୍ତ୍ତା ସହଯୋଗ କରିଥିଲେ।





ସାଂସଦ ଚିକିତ୍ସା ଶିବିର ଶୁଭାରମ୍ଭ ଅବସରରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଅନ୍ୟ ଅତିଥି।

# ଏସ୍‌ଏନ୍‌ୱାଇସି ଚନ୍ଦ୍ରାପୁଟ ଚାମ୍ପିୟନ

ବେଗୁନିଆ,୧୮।୧(ସନ୍ଧ୍ୟାରାଣୀ ମିଶ୍ର)

ସିକୋସ୍ଥିତ ଚନ୍ଦ୍ରଶେଖର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ରାଇଜିଂ ସ୍ପୋର୍ଟିଂ ୟୁଥ୍ ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟରେ ଏସ୍‌ଏନ୍‌ୱାଇସି ଚନ୍ଦ୍ରାପୁଟ ବାଲୁଗାଁ ଚାମ୍ପିୟନ ହୋଇଛି। ରବିବାର ଅହମଦିଆ ଏଫ୍‌ସି କେରଙ୍ଗ ଏବଂ ଏସ୍‌ଏନ୍‌ୱାଇସି ଚନ୍ଦ୍ରାପୁଟ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୩-୨ ଗୋଲରେ ଏସ୍‌ଏନ୍‌ୱାଇସି ଚନ୍ଦ୍ରାପୁଟ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଏମ୍.ଏସ୍. ବେଗ, ବଳଭଦ୍ର ପାଟଶାଣୀ, ଚିତ୍ତରଞ୍ଜନ ପରିଡା ଏବଂ ଶରତ ଚନ୍ଦ୍ର ଛୋଟରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସାମାଜିକକର୍ମୀ ସଞ୍ଜୟ କୁମାର ବାହୁବଳେନ୍ଦ୍ର କେରଙ୍ଗ ଟିମ୍‌ର ରୋଶନ ପ୍ରଥମ ଗୋଲ ଦେଇଥିବାରୁ ତାଙ୍କୁ ୫ଶହ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ବିଧାୟକ ପ୍ରଦୀପ ସାହୁ, ମୁଖ୍ୟ ଅତିଥି, ଅରବିନ୍ଦ ରାୟ, କବିତା ଦତ୍ତ, ସସ୍ମିତା କୁମାରୀ ମହାପାତ୍ର, ଆରତ ମାଝୀ, ଅଞ୍ଜଳି ସାହୁ, ରୂପକାନ୍ତି ସାହୁ, ସାଧୁଚରଣ ଚମ୍ପତି, ସତ୍ୟନାରାୟଣ ମହାପାତ୍ର, ପଣ୍ଡିତ ଜଗନ୍ନାଥ ମିଶ୍ର, ରବିନାରାୟଣ ଚମ୍ପତି ଏବଂ ଚିତ୍ତରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଟିମ୍‌କୁ ୩ହଜାର ଟଙ୍କା ଓ କପ୍ ପ୍ରଦାନ କରାଯାଇଥିବା ବେଳେ ରନର୍ସଅପ୍ ଟିମକୁ ୨ହଜାର ଟଙ୍କା ଓ କପ୍ ପ୍ରଦାନ କରାଯାଇଥିଲା।

# ବିଧାନ ସଭାପତି, ରାମଶଙ୍କର ସମ୍ପାଦକ

## ବରିଷ୍ଠ ନାଗରିକ ମଞ୍ଚର ନୂତନ କାର୍ଯ୍ୟକାରିଣୀ

ଖୋର୍ଦ୍ଧା,୧୮।୧(ପ୍ରଭାତ ପାଣିଗ୍ରାହୀ)

ବରିଷ୍ଠ ନାଗରିକ ମଞ୍ଚ, ଖୋର୍ଦ୍ଧାର ୨୦୨୬-୨୭ ଦୁଇ ବର୍ଷ ନିମନ୍ତେ ନୂତନ କାର୍ଯ୍ୟକାରିଣୀ ଗଠନ କରାଯାଇଛି। ଉପଦେଷ୍ଟାଭାବେ ଡା.ବାସୁଦେବ ପାତ୍ର, ଦେବପ୍ରସାଦ ମଜୁମଦାର, ଅଖିଳ ଚନ୍ଦ୍ର ପ୍ରଧାନ, ହାଜି ନସିମ୍ ଉଦ୍ଦିନ ଖାଁ, ଡ. ପ୍ରମୋଦ ଚନ୍ଦ୍ର ଦାଶଙ୍କୁ ମନୋନୀତ କରାଯାଇଛି। ବିଧାନ ଚନ୍ଦ୍ର ମହାନ୍ତି ନୂତନ ସଭାପତି, ରତ୍ନାକର ରଣସିଂହ, ରବୀନ୍ଦ୍ର କୁମାର ସାହୁ, ସୌଦାମିନୀ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ବସନ୍ତ କୁମାର ଦାଶ ଉପସଭାପତି, ରାମଶଙ୍କର ସମ୍ପାଦକ, ସନ୍ତୋଷ କୁମାର ଦାସ ଯୁଗ୍ମ ସମ୍ପାଦକ, ହରମୋହନ ମହାପାତ୍ର, ନବକିଶୋର ମହାପାତ୍ର, ନବୀନ ସାମନ୍ତସିଂହାର, କ୍ଷେତ୍ରବାସୀ ସାହୁ, ଗଦାଧର ଗୋଛି ପ୍ରମୁଖ ସହ ସମ୍ପାଦକ, ସତ୍ୟବ୍ରତ ଦାସ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ବିପ୍ରଚରଣ ବେହେରା, ଗଗନ ବିହାରୀ ପାଣିଗ୍ରାହୀ, ଅଞ୍ଜନ କୁମାର ରାୟ, ବିପିନ ବିହାରୀ ମିଶ୍ର, ବିରଞ୍ଚି ନାରାୟଣ ପ୍ରଧାନ ଓ ସେବତୀ ଭୂୟାଁଙ୍କୁ ନୂତନ ସଦସ୍ୟ ଭାବେ ସ୍ୱାଗତ କରାଯାଇଛି।

# ବରିଷ୍ଠ ନାଗରିକ ସମାଜର ପଥପ୍ରଦର୍ଶକ

## ବରିଷ୍ଠ ନାଗରିକ ମଞ୍ଚର ଷଷ୍ଠ ବାର୍ଷିକୋତ୍ସବ

ଖୋର୍ଦ୍ଧା,୧୮।୧(ପ୍ରଭାତ ପାଣିଗ୍ରାହୀ)



ବରିଷ୍ଠ ନାଗରିକ ସମାଜର ବୋଝ ନୁହନ୍ତି, ସେମାନେ ପରିବାର ଏବଂ ସମାଜର ପଥପ୍ରଦର୍ଶକ। ସମାଜରେ ଶୃଙ୍ଖଳା, ଅନୁଚିତ କାର୍ଯ୍ୟକୁ ପରିମାର୍ଜିତ କରିବା ଦିଗରେ ବରିଷ୍ଠ ନାଗରିକଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ରବିବାର ମଙ୍ଗଳା ନଗରସ୍ଥିତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧାର ୬ଷ୍ଠ ବାର୍ଷିକୋତ୍ସବରେ ଏହି ମତ ପ୍ରକାଶ ପାଇଛି। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ପୂର୍ବତନ ଆରକ୍ଷୀ ଅଧୀକ୍ଷକ ଦେବପ୍ରସାଦ ମଜୁମଦାର ସଭାପତିତ୍ୱ କରିଥିଲେ। ବରିଷ୍ଠ ସଦସ୍ୟା ସୌଦାମିନୀ ପଟ୍ଟନାୟକ, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ, ବରିଷ୍ଠ ଅଧିବକ୍ତା ବିଧାନ ଚନ୍ଦ୍ର ମହାନ୍ତି, ଅଖିଳ ଚନ୍ଦ୍ର ପ୍ରଧାନ, ହାଜି ନସିମ୍ ଉଦ୍ଦିନ ଖାଁ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଡା. ବାସୁଦେବ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ସ୍ମରଣିକା 'ପ୍ରବୃଦ୍ଧ ବାର୍ତ୍ତା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଖୋର୍ଦ୍ଧା ଜିଲା ବରିଷ୍ଠ ନାଗରିକ ମହାସଂଘ ଅନ୍ତର୍ଗତ ବାଣପୁର, ବାଲୁଗାଁ, ନିରାକାରପୁର, ନାଚୁଣୀ, ଟାଙ୍ଗୀ, ବାଜପୁର, ବୋଲଗଡ଼, ବେଗୁନିଆ, ଗେଡ଼ିଆପଲ୍ଲୀ ଓ ଜଟଣୀରେ କାର୍ଯ୍ୟରତ ବରିଷ୍ଠ ନାଗରିକ ଅନୁଷ୍ଠାନର ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜ ଓ ଅନୁଷ୍ଠାନ ପ୍ରତି ଅବଦାନ ନିମନ୍ତେ ୮୦ବର୍ଷରୁ ଊର୍ଦ୍ଧ୍ୱ ଡ. ନାରାୟଣ ରାଓ, ଭୀମସେନ ପ୍ରଧାନ, ପ୍ରଫୁଲ୍ଲ କୁମାର ମହାପାତ୍ର, ରାଧାବଲ୍ଲଭ ରାୟ, ମହିନ୍ଦ୍ର ଚନ୍ଦ୍ର ମିଶ୍ର ଏବଂ ଦୀନବନ୍ଧୁ ବିଶ୍ୱାଳଙ୍କୁ 'ବୟୋଜ୍ୟେଷ୍ଠ ନାଗରିକ ସମ୍ମାନ-୨୦୨୫' ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଷେତ୍ରବାସୀ ସାହୁଙ୍କୁ 'ଆଦର୍ଶ ବରିଷ୍ଠ ନାଗରିକ ସମ୍ମାନ' ଏବଂ ଜିତେନ୍ଦ୍ର ପଟ୍ଟନାୟକଙ୍କୁ 'ଆଦର୍ଶ ପରିବାର ସମ୍ମାନ' ପ୍ରଦାନ କରାଯାଇଥିଲା। ଯୁଗ୍ମ ସମ୍ପାଦକ ସନ୍ତୋଷ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ, କୋଷାଧ୍ୟକ୍ଷ ସତ୍ୟବ୍ରତ ଦାସ ବାର୍ଷିକ ଆୟବ୍ୟୟ ପାଠ କରିଥିଲେ। ସମ୍ପାଦକ ରାମଶଙ୍କର ବରିଷ୍ଠ ନାଗରିକ ମଞ୍ଚର ପୃଷ୍ଠଭୂମି, ବାର୍ଷିକ ବିବରଣୀ ପାଠ କରିଥିଲେ। ୩୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ଭକ୍ତି ସଙ୍ଗୀତ, ଭଜନ କାର୍ଯ୍ୟକ୍ରମ କରାଯାଇଥିଲା। ଜୟକୃଷ୍ଣ ନାୟକ, ଶରତ ସାହୁ, ବିଜୟ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ରବିନାରାୟଣ ପାଇକରାୟ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ପାଳନ ହେଉନି ଏନ୍‌ଜିଟି ନିର୍ଦ୍ଦେଶ

## ବଳିଆପଣ୍ଡା ଡମ୍ପିଂୟାର୍ଡ ପ୍ରସଙ୍ଗ

ପୁରୀ,୧୮।୧(ଅଜିତ୍ କୁମାର ମହାନ୍ତି)

ପୁରୀ ବଳିଆପଣ୍ଡା ଡମ୍ପିଂୟାର୍ଡ ପ୍ରସଙ୍ଗରେ ଏନ୍‌ଜିଟିର ନିର୍ଦ୍ଦେଶକୁ ପ୍ରଶାସନ ଫୁ' କରି ଦେଇଥିବା ଦେଖିବାକୁ ମିଳୁଛି। ଏନ୍‌ଜିଟିର ନିର୍ଦ୍ଦେଶ ସତ୍ତ୍ୱେ ଅଳିଆ ପାହାଡ଼ ଏଯାବତ ନ ହଟିବାରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ହେଉଛନ୍ତି। ଏହି ଘଟଣା ଆଜିକାଲିର ନୁହେଁ, ବର୍ଷ ବର୍ଷ ଧରି ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ସମସ୍ୟା ଭୋଗ କରୁଛନ୍ତି। ବଳିଆପଣ୍ଡାଠାରେ ପୁରୀ ସହରର ଅଧିକାଂଶ ସ୍ଥାନରୁ ଆସୁଥିବା ବର୍ଜ୍ୟବସ୍ତୁ ପକାଯାଏ। ସେଠାରୁ ବର୍ଜ୍ୟବସ୍ତୁ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରକୁ ନିଆ ନ ଯାଇ ସେଠାରେ ହିଁ ପୋଡ଼ି ଦିଆଯାଉଛି। ଏହାର ପ୍ରଭାବରେ ସ୍ଥାନୀୟ ଅଞ୍ଚଳର ଜଳ ଓ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ସେଠାକାର ଜନସାଧାରଣ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାରେ ଲାଗିଛନ୍ତି।

ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ ନ ହେବା ଓ ଆବଶ୍ୟକ ଡ୍ରେନେଜ୍ ବ୍ୟବସ୍ଥା ନ ରହିବା ଯୋଗୁ ସେହି ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏନେଇ ଆବେଦନକାରୀ ଚିନ୍ମୟ ଦାଶ ଏହି ପ୍ରସଙ୍ଗ ନେଇ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନ୍‌ଜିଟି ସେଠାରୁ ଅଳିଆ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ, ମାତ୍ର ତାହା ଆଜିଯାଏ କାର୍ଯ୍ୟକାରୀ ହୋଇନାହିଁ। ବଳିଆପଣ୍ଡାର ଅଳିଆ ପାହାଡ଼ରେ ଶୁକ୍ରବାର ରାତିରେ ନିଆଁ ଲାଗିବାରୁ ବ୍ୟାପିଥିବା ଧୂଆଁରେ ସାହିବାସିନ୍ଦା ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ବୟସ୍କ, ଛୁଆ, ରୋଗୀ ଶ୍ୱାସରୁଦ୍ଧ ପରି ଅବସ୍ଥା ଅନୁଭବ କରିଥିଲେ। ପୌରପାଳିକା ଅନ୍ତର୍ଗତ ଗୌଡ଼ବାଡ଼ ସାହି ସାର ଗୋଦାମ ନିକଟରେ ବର୍ଷ ବର୍ଷ ଧରି ସହରର ସମସ୍ତ ଆବର୍ଜନା ସେଠାରେ ଜମାହୋଇ ପାହାଡ଼ ସୃଷ୍ଟି ହୋଇଛି। ବିଭିନ୍ନ ସମୟରେ ଅଳିଆଗଦା ପାହାଡ଼ରେ ନିଆଁ ଲାଗିବା ଯୋଗୁ ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି।


ବଳିଆପଣ୍ଡାରେ ଥିବା ଡମ୍ପିଂୟାର୍ଡ ।

ସେହିପରି ସ୍ଥାନୀୟ ଲୋକେ ପ୍ରଦୂଷିତ ପାଣି ପିଉଥିବା ନେଇ କେନ୍ଦ୍ରୀୟ ଭୂତଳ ଜଳ ରିପୋର୍ଟରୁ ସ୍ପଷ୍ଟ ହେବାପରେ ପ୍ରଶାସନର ଆକ୍ସନ ଉପରେ ଉଠିଛି ପ୍ରଶ୍ନ। ପରିବେଶ ପ୍ରଦୂଷଣ ଓ ଧୂଆଁର ପ୍ରକୋପରେ ଅନେକ ଲୋକ ଗଭୀର ଶ୍ୱାସଜନିତ ସମସ୍ୟାରେ ଯୁଝି ହେଉଥିବା ଅଭିଯୋଗ ହୋଇଛି। ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଦୀର୍ଘଦିନ ହେବ ସହର ଭିତରୁ ଏହି ଅଳିଆଗଦା ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ ହେଁ ତାହା ଆଜିଯାଏ କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ୨୦ ହଜାରରୁ ଊର୍ଦ୍ଧ୍ୱ ସ୍ଥାନୀୟ ବାସିନ୍ଦା ସମସ୍ୟା ଭୋଗୁଛନ୍ତି। ତୁରନ୍ତ ଏଠାରୁ ଡମ୍ପିଂୟାର୍ଡ ହଟାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଏମାନେ ଯାହା କୁହନ୍ତି...

ଉକ୍ତ ଅଞ୍ଚଳରେ ଅଳିଆ ଗଦାହୋଇ ରହିଥିବାରୁ ସମସ୍ୟା ଭୋଗୁଛୁ। ଏପରିକି ଭଲ ପାଣି ମଧ୍ୟ ମିଳୁନାହିଁ। ଅନେକ ସମୟରେ ନିଆଁଲାଗି ଧୂଆଁ ହେଉଛି, ଫଳରେ ପଢ଼ାପଢ଼ିଠାରୁ ଆରମ୍ଭ କରି ଶୋଇବାରେ ସମସ୍ୟା ଭୋଗୁଛି। ଏନେଇ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଅଞ୍ଚଳବାସୀଙ୍କ ଦେହ ଅସୁସ୍ଥ ରହୁଛି। ପ୍ରଶାସନ ସ୍ଥାୟୀ ସମାଧାନ କରୁ।

**–ଦୀପାଳି ମଜୁମଦାର, ସ୍ଥାନୀୟ ବାସିନ୍ଦା**

ଅନେକ ସମୟରେ ଅଳିଆ ଗଦାରେ ନିଆଁ ଲାଗୁଛି, ଫଳରେ ରହିବା କଷ୍ଟକର ହୋଇପଡୁଛି। ଅଳିଆଗଦା କାରଣରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ପ୍ରଶାସନକୁ ଜଣାଇବାରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଅଳିଆଗଦାରେ ନିଆଁ ନ ଲଗାଇବା ପାଇଁ ସରକାର କହୁଥିବା ବେଳେ ଏଠାରେ ପ୍ରଶାସନ ଅଳିଆଗଦାରେ ନିଆଁ ଲଗାଉଛି। ପ୍ରଶାସନ ଏଥିପ୍ରତି ପଦକ୍ଷେପ ଗ୍ରହଣ କରୁ ବୋଲି ପଣ୍ଡା ଦାବି କରିଛନ୍ତି।

**–ସୁକାନ୍ତ ପଣ୍ଡା, ସାମାଜିକ କର୍ମୀ**


## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୮।୧।୨୦୨୬

| | |
|---|---|
| ୬,୯୩,୮୭୧ ଟଙ୍କା | |
| ସୁନା | ୩.୪୦୦ ଗ୍ରାମ୍ |
| ରୁପା | ୩୭.୧୮୦ ଗ୍ରାମ୍ |

## ସଂକ୍ଷେପରେ

### ହରିହର ନଗରରେ ହିନ୍ଦୁ ସମ୍ମିଳନୀ


ପୁରୀ,୧୮।୧(ଅଜିତ୍ କୁମାର ମହାନ୍ତି)

ଏକ ସମୃଦ୍ଧ ଭାରତବର୍ଷ ପାଇଁ ଏକ ରାଷ୍ଟ୍ର, ଏକ ଧର୍ମ, ଏକ ସଂସ୍କୃତି 'ମହା ମନ୍ତ୍ର' ହେଉବୋଲି ପୁରୀ ହରିହର ନଗରରେ ଅନୁଷ୍ଠିତ ହିନ୍ଦୁ ସମ୍ମିଳନୀରେ ମତପ୍ରକାଶ ପାଇଛି। ଡ. ଅଭିମନ୍ୟୁ ଭୂୟାଁଙ୍କ ଅଧ୍ୟକ୍ଷତା ଓ ଧନଞ୍ଜୟ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାମୀ ଶୁଭାନନ୍ଦ ପୁରୀ କହିଥିଲେ ଯେ, ହଜାର ହଜାର ବର୍ଷ ତଳେ ହିନ୍ଦୁ ଧର୍ମର ସୃଷ୍ଟି, ଏହାର ପରମ୍ପରା ଓ ସଂସ୍କୃତି କାଳ କାଳ ଭାରତ ବର୍ଷକୁ ଉଦ୍‌ବୁଦ୍ଧ କରିଛି। 'ଆମେ ହିନ୍ଦୁ: ଭାରତ ଆମର ମାତା' ଏହି ଆହ୍ୱାନ ହିଁ ବିଶ୍ୱରେ ଭାରତ ବର୍ଷକୁ ଚର୍ଚ୍ଚିତ ଓ ବିକଶିତ କରିଛି। ବିଭିନ୍ନ ଧର୍ମର ସୁରା ସହ ହିନ୍ଦୁଧର୍ମର ସମୃଦ୍ଧି ଓ ବିକାଶ ହେଲେ ଆମ ଦେଶ ବିଶ୍ୱ ଗୁରୁ ହେବ। ଏହି ହିନ୍ଦୁ ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡ଼ିଶା ପୂର୍ବ ପ୍ରାନ୍ତ ସେବା ପ୍ରମୁଖ ଶାନ୍ତନୁ କୁମାର ମାଝୀ ଭାରତର ସାମଗ୍ରିକ ବିକାଶରେ ଆଦର୍ଶ ଯୌଥ ପରିବାରର ମହତ୍ତ୍ୱ, ପରିବେଶ ସୁରକ୍ଷା, ସ୍ୱସଂସ୍କୃତି, ସ୍ୱଭାଷା, ସ୍ୱଦେଶୀ ବସ୍ତୁର ବ୍ୟବହାର, ଜାତିଭେଦ ବିହୀନ ସମାଜ ନିର୍ମାଣ ଏବଂ ନାଗରିକ କର୍ତ୍ତବ୍ୟ ପାଳନ–ହିନ୍ଦୁ ସମାଜରେ ଏହି ପଞ୍ଚ ପରିବର୍ତ୍ତନ ହିଁ ହିନ୍ଦୁତ୍ୱକୁ ଶକ୍ତିଶାଳୀ କରିବା ସହ ଭାରତବର୍ଷକୁ ମହନୀୟ କରିବ। ଏହି ହିନ୍ଦୁ ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଦିଗମ୍ବର ମହାନ୍ତି ଓ ଅଧ୍ୟାପକ ଡ. କୃଷ୍ଣ ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ହରିହର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୩ଶହରୁ ଊର୍ଦ୍ଧ୍ୱ ସ୍ଥାନୀୟ ଅଧିବାସୀ, ମହିଳା ଓ ଯୁବଗୋଷ୍ଠୀ ସାମିଲ୍ ହୋଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀବସ୍ତ ଦାସ, ଜୟନ୍ତୀ ମହାପାତ୍ର ଓ ହରିହର ମନ୍ଦିର ପରିଚାଳନା ସମିତିର କାର୍ଯ୍ୟକର୍ତ୍ତାମାନେ ପରିଚାଳନା କରିଥିଲେ।

### 'ନୀରବତାର ରାଗିଣୀ'ର ଲୋକାର୍ପଣ ଉତ୍ସବ

ପୁରୀ,୧୮।୧(ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭାକକ୍ଷରେ ଡକ୍ଟର ଅର୍ଚ୍ଚନା ଆଚାର୍ଯ୍ୟଙ୍କ ରଚିତ ଗଳ୍ପ ସଂକଳନ ଏବଂ ସୁଲଭ ପ୍ରକାଶନୀ ପୁରୀ ଦ୍ୱାରା ପ୍ରକାଶିତ 'ନୀରବତାର ରାଗିଣୀ'ର ଶୁଭ ଲୋକାର୍ପଣ ଉତ୍ସବ ଏବଂ ସାମ୍ପ୍ରତିକ ସାହିତ୍ୟରେ ନାରୀ ଲେଖିକାଙ୍କ ଭୂମିକା ବିଷୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଡ. ସୌଭାଗ୍ୟ କୁମାର ସାହୁ, ଡ. ଭଗବାନ ଜୟସିଂହ ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଡ. ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଗାଳ୍ପିକଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ସଂକଳନ ନାମ କରଣ ବହୁତ ଭଲ ଲାଗିଲା। ସେ ବହିରେ ଛୋଟ ପରିବାର କଥା ଲେଖିଛନ୍ତି। ପୁରୀ ମାଟିରେ ଯିଏ ରହନ୍ତି ସେ ଲେଖକ ହୋଇଥାନ୍ତି। ଚରିତ୍ର ସବୁ ସମାଜ ଉପଯୋଗୀ। ଉତ୍ସବରେ ଜାନକୀ ବଲ୍ଲଭ ଦାଶ, ଯୋଗେଶ୍ୱର ପ୍ରହରାଜ, ଯୋଗେଶ୍ୱର ନାୟକ, ସତ୍ୟଭାମା ନାୟକ, ଶିବ ସୁନ୍ଦର ମିଶ୍ର, ଅଶୋକ କୁମାର ମିଶ୍ର, ଡ. କଲ୍ୟାଣୀ ନନ୍ଦୀ, ପ୍ରବାସିନୀ ମିଶ୍ର, ପ୍ରତିଭା ଦାଶ, ମନ୍ଦାକିନୀ ପଟ୍ଟନାୟକ, ଡକ୍ଟର ଚାରୁଲତା ଦାଶ, କମଳ କୁମାର ଦାଶ, ଚନ୍ଦ୍ରଶେଖର ମହାରାଣା, ମୀରା ମହାନ୍ତି, ମିନତି ମିଶ୍ର ଓ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କ୍ରିଷ୍ଣା ମହାପାତ୍ର ପରିଚାଳନା କରିଥିଲେ। ସର୍ବାଣୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁସ୍ତକ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ ବିପିନ ବିହାରୀ ଦଳାଇ। ଡାକ୍ତର ପ୍ରଦ୍ୟୁମ୍ନ ବଡ଼ପଣ୍ଡା ଅତିଥିଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ କ୍ରିଷ୍ଣା ମହାପାତ୍ର ଲେଖିକା ଏବଂ ପ୍ରକାଶକଙ୍କୁ ଉପହାର ଦେଇଥିଲେ। ଶେଷରେ ଡାକ୍ତର ପ୍ରଦ୍ୟୁମ୍ନ ବଡ଼ପଣ୍ଡା ଧନ୍ୟବାଦ ଦେଇଥିଲେ।



ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ରବିବାର 'ବିକଶିତ ଓଡ଼ିଶା ଜାତୀୟ କନ୍‌କ୍ଲେଭ'ରେ 'ଭିତ୍ତିଭୂମି ଓ ବିକାଶ' ଶୀର୍ଷକ ଆଲୋଚନାଚକ୍ରରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ନିଜ ମତ ରଖୁଛନ୍ତି। ଏଥିରେ ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ଲେଖକ ତଥା ସାମ୍ବାଦିକ ପ୍ରକାଶ ହାଣ୍ଡା ଓ ବ୍ରହ୍ମିନ୍ ସଲ୍ୟୁସନ୍ସ(ଏଗ୍ରି) ସିଇଓ ଦିଲୀପ ଜେନା ଉପସ୍ଥିତ ଅଛନ୍ତି।

# ଆଜିଠୁ ୩ଦିନିଆ ଦଇତାପତି କ୍ରିକେଟ୍ ପ୍ରିମିୟର ଲିଗ୍

ପୁରୀ,୧୮।୧(ଅଜିତ୍ କୁମାର ମହାନ୍ତି)

ଦଇତାପତି ନିଯୋଗର ତୃତୀୟ ଦଇତାପତି କ୍ରିକେଟ୍ ପ୍ରିମିୟର ଲିଗ୍-୨୦୨୬ ସୋମବାର ଠାରୁ ଆରମ୍ଭ ହେବାକୁ ଯାଉଛି। ଏନେଇ ରବିବାର ଦଇତାପତି ନିଯୋଗ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ମୋଚିସାହି ସ୍ଥିତ ଦଇତାପତି ହାଉସ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ସମ୍ମିଳନୀରେ ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର, ସଭାପତି ଗଣେଷ ଦାସ ମହାପାତ୍ର, କାର୍ଯ୍ୟକାରୀ ସଭ୍ୟ ତଥା ଦଇତାପତି ସେବକ ଭବାନୀ ପ୍ରସାଦ ଦାସମହାପାତ୍ରଙ୍କ ନିଯୋଗର ସଦସ୍ୟମାନେ ଉପସ୍ଥିତ ଥିଲେ।

ଦଇତାପତି ନିଯୋଗର ଅନୁଷ୍ଠିତ ହେଉଥିବା କ୍ରିକେଟ ପ୍ରିମିୟର ଲିଗ୍ ଚଳିତ ବର୍ଷ ତୃତୀୟ ବର୍ଷରେ ପହଞ୍ଚିଛି। ପ୍ରତିଯୋଗିତା ସୋମବାର ୧୯ ତାରିଖ ଠାରୁ ୨୧ ତାରିଖ ୩ଦିନ ଧରି ପେଣ୍ଠକଟାସ୍ଥିତ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ୪ଟି ଟିମ୍ ଯଥା ନନ୍ଦିଘୋଷ, ତାଳଧ୍ୱଜ, ଦର୍ପଦଳନ ଏବଂ ଚଉଦୋଳ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ପ୍ରତିଯୋଗିତା ପାଇଁ ଦଇତାପତି ଯୁବକମାନେ ବେଶ୍ ଉତ୍କଣ୍ଠା ସହ ରହିଛନ୍ତି। ବିଗତ ବର୍ଷଗୁଡ଼ିକରେ ଯେପରି ଶାନ୍ତିଶୃଙ୍ଖଳାର ସହ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଚଳିତ ବର୍ଷ ମଧ୍ୟ ଅତି ଶୃଙ୍ଖଳିତ ଭାବେ କରାଯିବ। ଏହି ଅବସରରେ ଟିମ୍‌ଗୁଡ଼ିକୁ ଜର୍ସି ଉନ୍ମୋଚନ ହାଇଥିଲା।



ଖବରଦାତା ସମ୍ମିଳନୀରେ ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ରଙ୍କ ସମେତ ଅନ୍ୟମାନେ ।

## ୩୨ରୁ ଊର୍ଦ୍ଧ୍ୱ ପ୍ରଜାତିର ଦେଶୀ, ବିଦେଶୀ ପକ୍ଷୀଙ୍କ ସମାଗମ

କାକଟପୁର/ଅସ୍ତରଙ୍ଗ,୧୮।୧ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ପୁରୀ ବନଖଣ୍ଡ ଅଧୀନ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳର ୫ଟି ସ୍ଥାନରେ ରବିବାର ସକାଳ ୫ଟାରୁ ପୂର୍ବାହ୍ନ ୯ଘଟିକା ପର୍ଯ୍ୟନ୍ତ ପକ୍ଷୀ ଗଣନା କରାଯାଇଛି। ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୧୬ଜଣ ସଦସ୍ୟଙ୍କୁ ନେଇ ୫ ଦଳ ୫ଟି ସ୍ଥାନରେ ପକ୍ଷୀଗଣନା କାର୍ଯ୍ୟ କରିଥିଲେ। ଜୈବ ବିବିଧତା ଦୃଷ୍ଟିରୁ ଲୁଣା ଜଙ୍ଗଲ, ନଦୀମୁହାଣ ଓ ଆର୍ଦ୍ରଭୂମି ସମୃଦ୍ଧ ଅସ୍ତରଙ୍ଗ ଅଞ୍ଚଳ ହୋଇଥିବାରୁ ଏଠାରେ ବିଭିନ୍ନ ପ୍ରଜାତିର ଦେଶୀ ଓ ବିଦେଶୀ ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳିଥିଲା। ପ୍ରତିବର୍ଷ ଜାନୁଆରୀରେ ରାଜ୍ୟ ସରକାରଙ୍କ ତରଫରୁ ସାରା ଓଡ଼ିଶାରେ ପକ୍ଷୀଗଣନା କରାଯାଏ। ଏହି ଆଧାରରେ ଅସ୍ତରଙ୍ଗ ବନାଞ୍ଚଳ ଅଧୀନ ଗଙ୍ଗାଦେବୀରୁ ନାସୀ, ମୁହାଣ ମୁହଁରୁ ପାଟସୁନ୍ଦରପୁର, ନଟରାରୁ କେଉଟଜଙ୍ଘା, ବେଲେଶ୍ୱରରୁ କେଲୁଣୀ ଓ କଣମଣରୁ ଗଙ୍ଗାଦେବୀ ପ୍ରଭୃତି ସ୍ଥାନରେ ପକ୍ଷୀଗଣନା କରାଯାଇଛି। କର୍ମଚାରୀମାନେ ବାଇନାକୁଲାର, ଗାଇଡ୍ ବୁକ୍ ଓ ବାର୍ଡ ଏକ୍ସପର୍ଟଙ୍କ ସାହାଯ୍ୟରେ ପକ୍ଷୀଗଣନା କରାଯାଇଛି। ଜଳଭାଗ ଓ ସ୍ଥଳଭାଗରେ ଗଣନା କାର୍ଯ୍ୟ କରାଯାଇଥିଲା। ଏହି ସମୟରେ ଅସ୍ତରଙ୍ଗ ବନଖଣ୍ଡ ମଧ୍ୟକୁ ସମସ୍ତଙ୍କୁ ବାରଣ କରାଯାଇଛି। ଏପରିକି ପକ୍ଷୀଥିବା ଅଞ୍ଚଳରେ ମତ୍ସ୍ୟଜୀବୀଙ୍କ ମାଛଧରା ଉପରେ କଟକଣା କରାଯାଇଥିଲା। ଏହି ଗଣନା କାର୍ଯ୍ୟରେ ୩ଟି ଡଙ୍ଗା ସହ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର, ବନପାଳ କାଳୀଚରଣ ମହାନ୍ତି, ମାନସ ରଞ୍ଜନ ବେହେରା, ବନରକ୍ଷୀ ଦିଲୀପ ନାୟକ, ମିଲନ ମୁଦୁଲି, ସୁବାଶିଷ ଜେନା, ନିର୍ମଳେନ୍ଦୁ ଚାଟାର୍ଯ୍ୟ, ବନଲତା ସାହୁ, ସୋନାଲି ପ୍ରଧାନ ପ୍ରମୁଖ ଏହି ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦୀପକ


@ ଅଂଶୁମାନ


@ ରାଜଲକ୍ଷ୍ମୀ


@ ରୌମ୍ୟରଞ୍ଜନ


@ ସୁନନ୍ଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସତ୍ୟପ୍ରକାଶଙ୍କ ଚିକିତ୍ସା ପାଇଁ ବରିଷ୍ଠ ନାଗରିକ ମଞ୍ଚର ସହାୟତା

ଅସ୍ତରଙ୍ଗ,୧୮।୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ରାମଚନ୍ଦ୍ରପୁର ଗ୍ରାମର ପଞ୍ଚାନନ ସ୍ୱାଇଁଙ୍କ ପୁଅ ସତ୍ୟପ୍ରକାଶଙ୍କ ୨ଟି କିଡ୍‌ନୀ ଖରାପ ହୋଇଛି। ଅସ୍ତରଙ୍ଗ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଭାପତି ପ୍ରମୋଦ କୁମାର ନାୟକ, ସମ୍ପାଦକ କାଳନ୍ଦୀ ଚରଣ ଛାଟୋଇ, ଶାନ୍ତନୁ କୁମାର ପରିଡ଼ା, ବରଦା ପ୍ରସନ୍ନ ମହାନ୍ତି, କୈଳାସ ଚନ୍ଦ୍ର ଦାସ, ବିଜୟ ବିଶ୍ୱାଳ, ଗୁଣନିଧି ସ୍ୱାଇଁ, ବିବେକାନନ୍ଦ ସାହୁ ପ୍ରମୁଖ ସତ୍ୟପ୍ରକାଶଙ୍କ ବାସଭବନରେ ପହଞ୍ଚି ୨୬ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ସହାୟତା ପ୍ରଦାନ କରିଛନ୍ତି।

# ସାଗର ବିଜେ ନୀତି ସମ୍ପନ୍ନ

ପୁରୀ,୧୮।୧(ଅଜିତ୍ କୁମାର ମହାନ୍ତି)

ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଛି। ମାଘ ଅମାବାସ୍ୟା ଅବସରରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ସମ୍ପନ୍ନ ହୋଇଛି। ସକାଳଧୂପ ସମ୍ପନ୍ନ ହୋଇ ପାଣିପଡ଼ିବା ପରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ଆରମ୍ଭ ହୋଇଥିଲା। ମହାଜନସେବକ ଦକ୍ଷିଣୀଘରୁ ଚତୁର୍ଭୁଜ ନାରାୟଣଙ୍କୁ ରତ୍ନସିଂହାସନକୁ ବିଜେ କରାଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଆଣି ନାରାୟଣଙ୍କୁ ପ୍ରଦାନ କରିଥିଲେ। ଘଣ୍ଟ, ଛତା ସହ ବିମାନବଡୁ ସେବକମାନେ ଠାକୁରଙ୍କୁ ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟ ବେଳାଭୂମିକୁ ବିଜେ କରାଇଥିଲେ। ପାଳିଆ ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ରରୁ ଜଳ ଆଣି ପୂଜାପଣ୍ଡାଙ୍କୁ ଦେଇଥିଲେ। ପୂଜାପଣ୍ଡା ସାମନ୍ତ ଉକ୍ତ ଜଳକୁ ସଂସ୍କାର କରି ନାରାୟଣଙ୍କୁ ଲାଗି କରିଥିଲେ। ପରେ ସାବତ ନିଯୋଗ ପକ୍ଷରୁ ଠାକୁରଙ୍କ ନିକଟରେ ପଣାଭୋଗ ମଣୋହି କରାଯାଇଥିଲା।


ଅମାବାସ୍ୟା ନାରାୟଣଙ୍କୁ ସାଗର ବିଜେ କରାଯାଉଛି ।

# ଅନ୍ୟାୟ ବିରୋଧ ଲଢ଼େଇରେ ସାଲିସ କାପୁରୁଷପଣିଆ

## ଦ୍ୱାଦଶ ନେତାଜୀ ସୁଭାଷ ଉତ୍ସବରେ ନାତି ଅଭିଜିତ୍‌ଙ୍କ ମତ

ପୁରୀ ୧୮।୧( ଅଜିତ୍ କୁମାର ମହାନ୍ତି )

ଅନ୍ୟାୟ ବିରୋଧ ଲଢ଼େଇରେ ସାଲିସ କାପୁରୁଷପଣିଆ ବୋଲି ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ସଂସ୍କୃତି ଭବନ ପରିସରରେ ଆୟୋଜିତ ଦ୍ୱାଦଶ ନେତାଜୀ ସୁଭାଷ ଉତ୍ସବ 'ଜୟ ହିନ୍ଦ୍-୨୦୨୬'ରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ନାତି ଅଭିଜିତ ବୋଷ ରାୟ ମତବ୍ୟକ୍ତ କରିଛନ୍ତି। ନାରୀନେତ୍ରୀ ସସ୍ମିତା ବେହେରା ନେତାଜୀଙ୍କ ସଂଗ୍ରାମରୁ ଆଜିର ଯୁବ ସମାଜ ପ୍ରେରଣା ପାଇବା ଉଚିତ ବୋଲି ସେ କହିଥିଲେ। ଏବେ ନ୍ୟାୟ ପାଇଁ ରାଜ୍ୟ ଓ ଦେଶରେ ଚାଲିଥିବା ସାଲିସ ବିହୀନ ଲଢ଼େଇ ଉପରେ ଅତ୍ୟାଚାର ଚାଲିବା ଦୁଃଖଦାୟକ ବୋଲି କହିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

ଉତ୍କଳ ବିକାଶ ଯୁବ ପରିଷଦର ସଭାପତି ଅବିନାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଦେଷ୍ଟା ଦେବୀପ୍ରସାଦ ପୃଷ୍ଟି ବିଶଦ ଆଲୋଚନା କରିଥିଲ। ରାଜ୍ୟ ସଭାପତି ସୂର୍ଯ୍ୟକାନ୍ତ ସେଠି ସ୍ୱାଗତ ଭାଷଣ ଦେଇଥିଲେ। ରାଜେଶ ମିଶ୍ର, ଗୋପାଳ ଖୁଣ୍ଟିଆ, ଅମିୟ ମହାପାତ୍ର, ହରପ୍ରସାଦ ଜେନା ଅତିଥି ଭାବେ ବକ୍ତବ୍ୟ ରଖିଥିଲେ। ପୁରୀରୁ ସସ୍ମିତା ସ୍ୱାଇଁ, ରୋସନୀ ପାଢ଼ୀ, ପର୍ଶୁରାମ ପ୍ରଧାନ, ସତ୍ୟନାରାୟଣ ନାୟକ, ମହେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମାଲକାନଗିରିରୁ ଗାଙ୍ଗି ରଓ୍ୱା ଏରା ମାଦକମି, ବରଗଡ଼ରୁ ଦୁର୍ଯ୍ୟୋଧନ ପୂତ ରାହାସ ସାହୁ, ସମ୍ବଲପୁରରୁ ସୁଶ୍ରୀ ସିଦ୍ଧେଶ୍ୱରୀ, ସୁରଞ୍ଜନ ପ୍ରଧାନ, କଲିକତାରୁ ସାଗରିକା ପ୍ରମୁଖ ଯୁବ ଛାତ୍ରମାନେ ବକ୍ତବ୍ୟ ରଖିଥିଲେ। ଶେଷରେ ପ୍ରଭାସ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗୋପାଳବଲ୍ଲଭ ରୋଡ୍ ନେତାଜୀ ଭବନ ମୁଖ୍ୟ ରାସ୍ତା ଦେଇ ନେତାଜୀ ସୁଭାଷ ଛକ ଦେଇ ସଂସ୍କୃତି ଭବନ ପର୍ଯ୍ୟନ୍ତ ବର୍ଣ୍ଣାଢ଼୍ୟ ଜୟ ହିନ୍ଦ୍ ଯାତ୍ରା ହୋଇଥିଲା।

**ମିନି ମାରାଥନ ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନତା ବାର୍ତ୍ତା**

କଟକ ସଦର,(ସୁଶାନ୍ତ କୁମାର ଜେନା) କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗର ପଞ୍ଚାୟତ ସାମନ୍ତରାପୁର ୱିଜ୍‌ଡମ୍ ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ଶନିବାର ମିନି ମାରାଥନ ଆୟୋଜିତ ହୋଇଯାଇଛି। ସ୍କୁଲ ପରିଚାଳନା ନିର୍ଦ୍ଦେଶକ ପ୍ରୀତମ୍ ଚୌଧୁରୀ ଏବଂ ନିର୍ଦ୍ଦେଶକ ବିବେକାନନ୍ଦ ଭୂୟାଁଙ୍କ ଆହ୍ୱାନ କ୍ରମେ ପିଲାମାନେ ସ୍ୱାସ୍ଥ୍ୟ ହିଁ ସମ୍ପଦ ପ୍ଲାକାର୍ଡ ଧରି ପଥଚାରୀ ଓ ଦୋକାନୀମାନଙ୍କୁ ସଚେତନ କରିବା ସହ ଆଗାମୀ ଦିନରେ ନୂତନ ରୋଗ ଉପରେ ତାକ୍ଷଣ ନଜର ରଖିବା ପାଇଁ ସଚେତନ କରିଥିଲେ। ଏହି ମାରାଥନକୁ ଗୀତାଞ୍ଜଳି ନାୟକ, ମୁସ୍ତାକ ଅହମ୍ମଦ, ରଶ୍ମିରଞ୍ଜନ ରଣା, ସାହେବା ଅଞ୍ଜୁମ୍, ମୌସୁମୀ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ସିଂଘଲ ପରିବାର ପକ୍ଷରୁ ଭାଗବତ କଥା ଜ୍ଞାନଯଜ୍ଞ



କଟକ,୧୭।୧(କାର୍ତ୍ତିକ ସାହୁ)

କଟକ ସିଂଘଲ ପରିବାର ପକ୍ଷରୁ ତୁଳସୀପୁରସ୍ଥିତ ଜେବିଏସ୍ ଗାର୍ଡେନ୍‌ରେ ୭ଦିନ ଧରି ଶ୍ରୀମଦ୍ ଭାଗବତ କଥା ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଚାଲିଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ସହ ଶ୍ରୀଗଣେଶ ପୂଜନ, ଶ୍ରୀମଦ୍ ଭାଗବତ ମାହାତ୍ମ୍ୟ, ୨ୟ ଦିନରେ ପରିକ୍ଷିତ ଜନ୍ମ, ୩ୟ ଦିବସରେ ଜଡ଼ ଭରତ ଚରିତ, ୪ର୍ଥ ଦିବସରେ ଗଜ ମୋକ୍ଷ, ୫ମ ଦିବସରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା, ୬ଷ୍ଠ ଦିବସରେ ଉଦ୍ଧବ ଚରିତ ଓ କଂସବଧ, ୭ମ ଦିବସରେ ପରିକ୍ଷିତ ମୋକ୍ଷ, ଶ୍ରୀ ଶୁକଦେବ ବିଦାୟ ଯଜ୍ଞ ଓ ଭାଗବତ ପୂଜନ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେଉଛି। ମାରୱାଡ଼ି କ୍ଲବ ନିକଟରୁ ଏକ ଭବ୍ୟ କଳସ ଶୋଭାଯାତ୍ରା ବାହାରି ଚୌଧୁରୀ ବଜାର ଗୌରୀ ଶଙ୍କର ପାର୍କ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ମାରୱାଡ଼ି ସମାଜର ମହିଳାମାନଙ୍କ ସମେତ ଭାଗବତପ୍ରେମୀ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମରେ ଭାଗବତପ୍ରେମୀମାନେ ବହୁସଂଖ୍ୟାରେ ଯୋଗଦେବାକୁ ଆୟୋଜକଙ୍କ ପକ୍ଷରୁ ଶ୍ରୀନିବାସ ଗୁପ୍ତା, ବିଜୟ କୁମାର ଅଗ୍ରୱାଲ, ସୁବାସ ଚନ୍ଦ୍ର ଅଗ୍ରୱାଲ, ସୀତାରାମ ଅଗ୍ରୱାଲ, ବଜରଙ୍ଗ ଲାଲ୍ ଅଗ୍ରୱାଲ, ସତୀଶ କୁମାର ଅଗ୍ରୱାଲ, ହନୁମାନ ପ୍ରସାଦ ଅଗ୍ରୱାଲ ପ୍ରମୁଖ ଅନୁରୋଧ କରିଛନ୍ତି।

### ଲାପ୍ରୋସ୍କୋପିକ୍ ସର୍ଜରି ପ୍ରଶିକ୍ଷଣ ନେଲେ ୧୦୮ ସର୍ଜନ

କଟକ,୧୮।୧(ଶିଲ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ସର୍ଜରି ବିଭାଗ ପକ୍ଷରୁ ଲାପ୍ରୋସ୍କୋପିକ୍ ସର୍ଜରି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୮ ଜଣ ସର୍ଜନଙ୍କୁ ଲାପ୍ରୋସ୍କୋପିକ୍ ସର୍ଜରି କରିବା ପାଇଁ ମିନିମାଲ ଆକ୍ସେସ୍ ସର୍ଜରି ପ୍ରଶିକ୍ଷଣ ଦିଆଯାଇଛି। କାର୍ଯ୍ୟକ୍ରମରେ ଆଇଏଜିଇଏସ୍‌ର ଜାତୀୟ ଅଧ୍ୟକ୍ଷ ଡା. ସତୀଶ ମିଡ଼ା, ପ୍ରଫେସର ଡା. ମାନସ ରଞ୍ଜନ ସାହୁ, ପ୍ରଫେସର ଡା. ଜୟନ୍ତ ବିଶ୍ୱାଳ, ପ୍ରଫେସର ଡା. ବନବିହାରୀ ମିଶ୍ର, ଡା. ଶ୍ରୀଜୟ ପଟ୍ଟନାୟକ, ଡା. ଶକ୍ତି ସାହୁ, ଡା. ଶ୍ରୀକାନ୍ତ ପାତ୍ର ଯୋଗଦେଇଥିଲେ। ଲାପ୍ରୋସ୍କୋପିକ୍ ସର୍ଜରି ଦ୍ୱାରା ରୋଗୀଙ୍କ ଯନ୍ତ୍ରଣା କମିଥାଏ, ରୋଗୀ ଶୀଘ୍ର ସୁସ୍ଥ ହୋଇଥାଏ ଏବଂ ଚିକିତ୍ସାର ଗୁଣମାନ ବୃଦ୍ଧି ପାଏ। ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦେଶରେ ଆଧୁନିକ ସର୍ଜରି ପ୍ରଣାଳୀକୁ ଆଗେଇ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୬ ଜଣ ସର୍ଜନ ଅଂଶଗ୍ରହଣ କରିଥିଲେ। ସର୍ଜରି ବିଭାଗ ଡାକ୍ତର ତଥା ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ କାର୍ଯ୍ୟକ୍ରମ ପରିଚାଳନ କରିଥିଲେ।


# ‘ଭକ୍ତଙ୍କୁ ଆହୁରି ପ୍ରେରଣା ଦେଉ ଦିବ୍ୟ ପାଦୁକା’

କଟକ,୧୮।୧(କାର୍ତ୍ତିକ ସାହୁ)

■ଶ୍ରୀ ସତ୍ୟସାଇ ସେବା ସଂଗଠନର ୫୦ତମ ରାଜ୍ୟ ସମ୍ମିଳନୀ

■ଦିବ୍ୟ ପାଦୁକାଯାତ୍ରାର ସମାବର୍ତ୍ତନ ସମାରୋହ

ଅପୂର୍ବ ଦଳଗତ ସଙ୍ଗୀତର ଆବାହନୀ ଏବଂ ଶ୍ରୀ ସତ୍ୟସାଇ ଦିବ୍ୟ ପାଦୁକା ରଥର ଭବ୍ୟ ଆଗମନ ସହିତ କଟକସ୍ଥିତ ଐତିହାସିକ ବାଲିଯାତ୍ରା ପଡ଼ିଆରେ ସତ୍ୟସାଇ ସେବା ସଂଗଠନର ୫୦ତମ ରାଜ୍ୟ ସମ୍ମିଳନୀ ଏବଂ ଶ୍ରୀ ସତ୍ୟସାଇ ଦିବ୍ୟ ପାଦୁକା ଯାତ୍ରାର ସମାବର୍ତ୍ତନ ସମାରୋହ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଶ୍ରୀ ସତ୍ୟସାଇ କେନ୍ଦ୍ରୀୟ ନ୍ୟାସର ଟ୍ରଷ୍ଟି ଆର୍. ଜେ. ରତ୍ନାକର ଯୋଗଦେଇ କହିଥିଲେ, ବାଲିଯାତ୍ରା ପଡ଼ିଆ ଆଜି ପବିତ୍ର ପ୍ରଶାନ୍ତି ନିଳୟମ ଭୂମିରେ ପରିଣତ ହୋଇଛି। ସମସ୍ତଙ୍କ ହୃଦୟରେ ମହାନଦୀର ଏହି ଚିର ଶାଶ୍ୱତ ପ୍ରେମ ସବୁଦିନ ପାଇଁ ପ୍ରବାହିତ ହେଉ। ଭଗବାନ ବାବାଙ୍କ ଦିବ୍ୟ ପାଦୁକା ୩ବର୍ଷ କାଳ ସମଗ୍ର ଓଡ଼ିଶାର କୋଣ ଅନୁକୋଣ ପରିଭ୍ରମଣ କରିଛି। ଏହା ଆହୁରି ଆଗାମୀ ୩୦ ବର୍ଷ ଯାଏ ଭକ୍ତମାନଙ୍କୁ ପ୍ରେରଣା ଦେଉ ବୋଲି ସେ କହିଥିଲେ। ସତ୍ୟସାଇ ସେବା ସଂଗଠନର ସର୍ବଭାରତୀୟ ସଭାପତି ନିମିଷ ପାଣ୍ଡିଆ କହିଥିଲେ, ଓଡ଼ିଶାର ସେବା ଦଳ ଭଉଣୀଭାଇମାନେ ନିଃସ୍ୱାର୍ଥପର ଓ ସମର୍ପଣର ସହିତ ପ୍ରଶାନ୍ତିରେ ଯେଉଁ ସେବାକାର୍ଯ୍ୟ କରିଥାଆନ୍ତି ତାହା ଅନନ୍ୟ ଓ ଅସାଧାରଣ। ସଂଗଠନର ରାଜ୍ୟ ସଭାପତି ଡ. ସତ୍ୟ ସ୍ୱରୂପ ପଟ୍ଟନାୟକ ବାବାଙ୍କର ମାନବ ସମାଜ ପ୍ରତି ଅବଦାନ, ନିଃସ୍ୱାର୍ଥପର ସେବା ଓ ପ୍ରେମ ବିଷୟରେ ଆଲୋକପାତ କରିଥିଲେ। କ୍ରିୟାଯୋଗ ମିଶନର ଅନ୍ତଃରାଷ୍ଟ୍ରୀୟ ଅଧ୍ୟକ୍ଷ ପରମହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦ, ଓଡ଼ିଶା ହାଇକୋର୍ଟର ବିଚାରପତି ଚିତ୍ତରଞ୍ଜନ ଦାଶ, ବିଚାରପତି ଶିବଶଙ୍କର ମିଶ୍ର, ବିଚାରପତି ବିଭୁପ୍ରସାଦ ରାଉତରାୟ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସତ୍ୟସାଇ ସେବା ସଂଗଠନର ରାଷ୍ଟ୍ରୀୟ ସେବା ସଂଯୋଜକ କୋଟେଶ୍ୱର ରାଓ ପ୍ରମୁଖ ବାବାଙ୍କ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ସେବାର ମାର୍ଗ ମାନବଜୀବନର ଉତ୍ତରଣକୁ ସାର୍ଥକ କରିବ ବୋଲି କହିଥିଲେ। କଟକ ମେୟର ସୁବାସ ଚନ୍ଦ୍ର ସିଂହ, ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ସମେତ ଅନେକ ମାନ୍ୟଗଣ୍ୟ ଅତିଥି ଯୋଗଦେଇଥିଲେ। ଏହି ଅବସରରେ ବଲାଙ୍ଗୀର ଜିଲାର ଖଲିଆପଡ଼ା ଗ୍ରାମରେ ୫୦ତମ ଶ୍ରୀ ସତ୍ୟସାଇ ନିର୍ମଳଝର ପାନୀୟଜଳ ପ୍ରକଳ୍ପର ଭର୍ଚୁଆଲ ଉଦ୍‌ଘାଟନ ହୋଇଥିଲା। ୧୦୦ଜଣଙ୍କୁ ଶ୍ରୀ ସତ୍ୟସାଇ ସ୍ୱାବଲମ୍ବୀ ଯୋଜନାରେ ସିଲେଇ ମେଶିନ ଓ ୫୦ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ବଣ୍ଟନ କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ସାଇଭକ୍ତମାନେ ଦିବ୍ୟ ପାଦୁକା ଦର୍ଶନ କରିଥିଲେ। ଶ୍ରୀ ସତ୍ୟସାଇ ବାଳ ବିକାଶ ଛାତ୍ରୀଛାତ୍ର ଓ ସାଇ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆସନ୍ତା ୧୯ରୁ ୨୨ ତାରିଖ ଯାଏ ଭୁବନେଶ୍ୱର ସାଇ ଜନନୀଠାରେ ୧୦୦ ଘଣ୍ଟା ଅଖଣ୍ଡ ଭଜନ ସହ ୧୦୦ ଘଣ୍ଟା ବେଦ ପାଠ ପରେ ସମଗ୍ର ଓଡ଼ିଶା ପରିଭ୍ରମଣ କରି ଆସିଥିବା ଦିବ୍ୟ ପାଦୁକା ସ୍ଥାପନ କରାଯିବ। ୨୩ ତାରିଖରେ ଏହି କାର୍ଯ୍ୟକ୍ରମ ଉଦ୍‌ଯାପନ ହେବ।



ସମାରୋହରେ ଅତିଥିମାନେ ‘ସାଇ ସ୍ପନ୍ଦନ’ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।




ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ରବିବାର ‘ବିକଶିତ ଓଡ଼ିଶା ଜାତୀୟ କନ୍‌କ୍ଲେଭ’ରେ ‘ଭିତ୍ତିଭୂମି ଓ ବିକାଶ’ ଶୀର୍ଷକ ଆଲୋଚନାଚକ୍ରରେ ‘ଧରିତ୍ରୀ’ ଏବଂ ‘ଓଡ଼ିଶାପୋଷ୍ଟ’ ସମ୍ପାଦକ ତଥାଗତ ସତପଥୀ ନିଜ ମତ ରଖୁଛନ୍ତି। ଏଥିରେ ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ଲେଖକ ତଥା ସାମ୍ବାଦିକ ପ୍ରକାଶ ହାଣ୍ଡା ଓ ବ୍ରହ୍ମିନ୍ ସଲ୍ୟୁସନ୍ସ(ଏଗ୍ରି) ସିଇଓ ଦିଲୀପ ଜେନା ଉପସ୍ଥିତ ଅଛନ୍ତି।

## ରାଜ୍ୟରେ ଆଡ୍‌ଭୋକେଟ ଏକାଡେମୀ ପ୍ରତିଷ୍ଠା ହେଉ

କଟକ,୧୮।୧(କାର୍ତ୍ତିକ ସାହୁ)

ରାଜ୍ୟର ଆଇନଜୀବୀମାନଙ୍କ ଦାବିକୁ ସରକାର ଗୁରୁତ୍ୱ ଦେବାକୁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଦାବି କରିଛି। ଆଇନଜୀବୀଙ୍କ ସମସ୍ୟା ସମାଧାନ ପାଇଁ ପରିଷଦ ପକ୍ଷରୁ ପୂର୍ବରୁ ସରକାରଙ୍କ ନିକଟରେ ଦାବି କରାଯାଇଆସୁଛି। ପୁନର୍ବାର ପରିଷଦ ସରକାରଙ୍କ ନିକଟରେ ୪ ଦଫା ଦାବି ରଖି ସେଗୁଡ଼ିକୁ ପୂରଣ ଦିଗରେ ପଦକ୍ଷେପ ନେବାକୁ ନିବେଦନ କରିଛି।

ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ପରିଷଦ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଯୁବ ଆଇନଜୀବୀଙ୍କୁ ଆଇନ ପେସାରେ ଦକ୍ଷ କରିବା ପାଇଁ ତାଲିମ ପ୍ରଦାନର ଆବଶ୍ୟକତା ରହିଛି। ଏଥିପାଇଁ ରାଜ୍ୟରେ ଆଡ୍‌ଭୋକେଟ ଏକାଡେମୀ ଗଠନ କରାଯିବାକୁ ପରିଷଦ ଦାବି କରିଛି। ସେହିପରି ଆଇନଜୀବୀଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଭାବେ ଆଡଭୋକେଟ୍‌ସ୍ ପ୍ରୋଟେକ୍ସନ ଆକ୍ଟ ଅଣାଯିବା ସହ ଆଇନଜୀବୀ କଲ୍ୟାଣ ପାଣ୍ଠି ଅନୁଦାନ ୫୦ କୋଟି ଟଙ୍କାକୁ ବୃଦ୍ଧି କରାଯିବାକୁ ଦାବି ହୋଇଛି। ସରକାରଙ୍କ ପକ୍ଷରୁ ଏବେ ଏହି ଅନୁଦାନ ୧୦ କୋଟି ପ୍ରଦାନ ପାଇଁ ଘୋଷଣା କରାଯାଇଛି। ମାତ୍ର କଲ୍ୟାଣ ପାଣ୍ଠି ଅନୁଦାନ ଘୋଷଣା ଆଇନରେ ପରିବର୍ତ୍ତନ ହୋଇ ନ ଥିବାରୁ ତାହା ଏଯାଏ ମିଳିପାରିନାହିଁ। ରାଜ୍ୟରେ ଓକିଲମାନଙ୍କ ପାଇଁ ଅନ୍ୟୂନ ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଲାଗୁ କରାଯିବାକୁ ମଧ୍ୟ ଦାବି ହୋଇଛି। ବୈଠକରେ ରାଜ୍ୟର ଆଇନଜୀବୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପରୋକ୍ତ ଦାବିଗୁଡ଼ିକ ରାଜ୍ୟ ଆଇନଜୀବୀ ପରିଷଦ ବୈଠକରେ ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି ବୋଲି ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଓ ସଦସ୍ୟ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର କହିଛନ୍ତି।



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com





@ ଦୀପକ



@ ଅଂଶୁମାନ



@ ରାଜଲକ୍ଷ୍ମୀ



@ ରୌମ୍ୟରଞ୍ଜନ



@ ସୁନନ୍ଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାରବାଟୀ ଫୋର୍ଟ ଦଳ ଚାମ୍ପିୟନ

କଟକ,୧୮।୧(କାର୍ତ୍ତିକ ସାହୁ)

**ବାରବାଟୀ ୟୁନାଇଟେଡ୍ କ୍ଲବ ପକ୍ଷରୁ ଫୁଟ୍‌ବଲ ଟୁର୍ନାମେଣ୍ଟ**

ବାରବାଟୀ ୟୁନାଇଟେଡ୍ କ୍ଲବ ଆନୁକୂଲ୍ୟରେ ଏକଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ସତ୍ୟବ୍ରତ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବାରବାଟୀ ଫୋର୍ଟ ଦଳ ଶୁଟ୍‌ଆଉଟ୍ ଜରିଆରେ ୮-୭ ଗୋଲରେ ବାରବାଟୀ ୱାରିୟର ଦଳକୁ ପରାସ୍ତକରି ଚାମ୍ପିୟନ୍ ହୋଇଛି। କ୍ଲବ୍‌ର ସଦସ୍ୟ ଖେଳାଳିମାନଙ୍କୁ ୪ଟି ଦଳ ବାରବାଟୀ ଫୋର୍ଟ, ବାରବାଟୀ ଡିଫେଣ୍ଡର, ବାରବାଟୀ ୱାରିୟର ଓ ବାରବାଟୀ ବ୍ଲାଷ୍ଟର ଭାବେ ବିଭକ୍ତ କରାଯାଇ ମ୍ୟାଚ୍ ଖେଳାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ଆଇନଜୀବୀ ଲଳିତ ମିଶ୍ର ଯୋଗଦେଇ ଚାମ୍ପିୟନ୍ ଓ ରନରଅପ୍ ଦଳକୁ ଟ୍ରଫି ସହ ପୁରସ୍କାର ବିତରଣ କରିଥିଲେ। କ୍ଲବ ଚେୟାରମ୍ୟାନ୍ ପ୍ରକାଶ କୁମାର ନନ୍ଦ, ସଚିବ ପୀତବାସ ସାହୁ, ସମ୍ପାଦକ ଶିବଶଙ୍କର ସାହୁଙ୍କ ସମେତ ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।




ଚାମ୍ପିୟନ ହୋଇଥିବା ବାରବାଟୀ ଫୋର୍ଟ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

## କଳପଡ଼ାରେ ହିନ୍ଦୁ ସନାତନୀ ସମ୍ମିଳନୀ

କଟକ ସଦର,୧୮।୧(ସୁଶାନ୍ତ କୁମାର ଜେନା)

ବୟାଳିଶ ମୌଜା ଅନ୍ତର୍ଗତ କଳପଡ଼ାରେ ରବିବାର ବିଶାଳ ହିନ୍ଦୁ ସନାତନୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ସନାତନୀ ସେନା ରାଜ୍ୟ ସଭାପତି ସମୀର କୁମାର ପଣ୍ଡାଙ୍କ ଆବାହକତ୍ୱରେ ଏବଂ ପ୍ରଦୀପ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱାମୀ ସତ୍ୟ ଧର୍ମାନନ୍ଦ ସରସ୍ୱତୀ, ପୁରୀର କବିନ୍ଦ୍ର ମହାରାଜ, ବାବାଜୀ ଗଙ୍ଗାଧର ଦାସ, ପ୍ରଦୀପ୍ତ କୁମାର ମିଶ୍ର, ବାମନ ବାବା, ବିନୟ କୁମାର ଭୂୟାଁ, ସିଦ୍ଧଗିରି ଆଶ୍ରମର ମହନ୍ତ ବିଶ୍ୱନାଥ ଦାସ ମହାରାଜ, ସନାତନୀ ସେନା ରାଜ୍ୟ ସମ୍ପାଦକ ରଘୁନାଥ ଚୌଧୁରୀ, ଅମରେନ୍ଦ୍ର ଦାସ, ପ୍ରତାପ ନାୟକ, ନୃସିଂହ ସାହୁ, ସନାତନ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ କଦମ୍ବେଶ୍ୱରଙ୍କୁ ପୂଜା ସହ ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା।

# ରେଭେନ୍ସା ଦର୍ଶନ ବିଭାଗ ପକ୍ଷରୁ ପାଠଚକ୍ର

କଟକ,୧୮।୧(କାର୍ତ୍ତିକ ସାହୁ)

ରେଭେନ୍ସା ବିଶ୍ୱବିଦ୍ୟାଳୟ ଓ ଶାନ୍ତିନିକେତନର ମିଳିତ ଆନୁକୂଲ୍ୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟସ୍ଥିତ ହେରିଟେଜ୍ ହଲ୍‌ରେ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଭାରତୀୟ ଦର୍ଶନରେ ଯୌକ୍ତିକତା, ସଂସ୍କାର ଓ ପୁନଃନିର୍ମାଣ: ଦୟାକୃଷ୍ଣଙ୍କ ଚିନ୍ତନ ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଦେଶ ବିଦେଶରୁ ଆଲୋଚକମାନେ ଯୋଗଦେଇ ଅଧ୍ୟାୟୀମାନଙ୍କୁ ଦୟାକୃଷ୍ଣଙ୍କ ଦୃଷ୍ଟି ଓ ଦର୍ଶନ ସମ୍ପର୍କରେ ଅଭିମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ତ୍ରିପୁରା ବିଶ୍ୱବିଦ୍ୟାଳୟ ପ୍ରଫେସର ଆଦିତ୍ୟ କୁମାର ମହାନ୍ତି, ଶାନ୍ତିନିକେତନର ପୂର୍ବତନ ପ୍ରଫେସର ଆଶା ମୁଖାର୍ଜୀ ବକ୍ତବ୍ୟ ରଖିଥିଲେ। ଆଲୋଚକ ଭାବେ ଇସ୍ରାଏଲର ପ୍ରଫେସର ଦାନିଏଲ ରାଭେ, ପ୍ରଫେସର ମୋହିନ ମହମ୍ମଦ, ପ୍ରଫେସର ସବିତା ସାମନ୍ତ, ଡ. ଏସ୍. ମାୟା, ଡ. ସତ୍ୟେନ୍ଦ୍ର ଶ୍ରୀବାସ୍ତବ, ଡ. ରଞ୍ଜିତ ଘୋଷ, ପ୍ରଫେସର ରାମଚନ୍ଦ୍ର ମାଝୀ, ଡ. ସଚ୍ଚିଦାନନ୍ଦ ରାଉଳ, ପ୍ରଫେସର ଭିନିତ ସାହୁ, ଡ. ବରଦାଲକ୍ଷ୍ମୀ ପଣ୍ଡା, ପ୍ରଫେସର ଗୋପାଳ ସାହୁ, ଡ. ହରିଶ୍ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଅଧ୍ୟାୟୀମାନଙ୍କୁ ବିଭିନ୍ନ ଦାର୍ଶନିକ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ପାଠଚକ୍ରକୁ କାଶ୍ମୀରା ମୁର୍ମୁ ସଂଯୋଜନା କରିଥିଲେ। ଦର୍ଶନ ବିଭାଗ ମୁଖ୍ୟ ଡ. ଅଳକାନନ୍ଦା ପରିଡ଼ା ଅଧ୍ୟକ୍ଷତା କରିଥିଲେ। ପରିକଳ୍ପନା ଓ ଅଭିନବୀକରଣ କେନ୍ଦ୍ରର ସଂଯୋଜକ ପ୍ରଫେସର ପତିତପାବନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ନିଜର ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଡ. ଅଶୋକ କୁମାର ତରାଇ, ଡ. ନିବେଦିତା ପ୍ରିୟଦର୍ଶିନୀ, ଡ. ଜିତେନ୍ଦ୍ର ଶବର ଏବଂ ଦେବାଶିଷ ଷଡ଼ଙ୍ଗୀ ସହଯୋଗ କରିଥିଲେ। ପାଠଚକ୍ରର ଉପଦେଷ୍ଟା ଡ. ହିମାଂଶୁ ଶେଖର ସାମଲ ଧନ୍ୟବାଦ ଦେଇଥିଲେ।




‘ଭାରତୀୟ ଦର୍ଶନରେ ଯୌକ୍ତିକତା, ସଂସ୍କାର ଓ ପୁନଃନିର୍ମାଣ: ଦୟାକୃଷ୍ଣଙ୍କ ଚିନ୍ତନ’ ଶୀର୍ଷକ ପାଠଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

## କେଦାର ପୃଷ୍ଟି ସଭାପତି, ପ୍ରକାଶ ମହାନ୍ତି ସମ୍ପାଦକ

**ପ୍ୟାରୀମୋହନ ଏକାଡେମୀ ପୁରାତନ ଛାତ୍ରସଂଘ**

କଟକ,୧୮।୧(କାର୍ତ୍ତିକ ସାହୁ)

ଦରଘାବଜାରସ୍ଥିତ ପ୍ରାଚୀନ ଶିକ୍ଷାନୁଷ୍ଠାନ ପ୍ୟାରୀମୋହନ ଏକାଡେମୀ ପୁରାତନ ଛାତ୍ରସଂଘର ନୂତନ ସଭାପତି ଭାବେ ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି ମନୋନୀତ ହୋଇଛନ୍ତି। ଏଥିସହ ସମ୍ପାଦକ ଭାବେ ଆଇନଜୀବୀ ପ୍ରକାଶ କୁମାର ମହାନ୍ତି ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଛାତ୍ରସଂଘର ସାଧାରଣ ସଭା ଅବସରରେ ଶିବାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ସଦସ୍ୟାସଦସ୍ୟମାନେ ନୂତନ ସଭାପତି ଓ ସମ୍ପାଦକଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା ଜଣାଇଛନ୍ତି। ଆଗାମୀ ଦିନରେ ନୂତନ ସଭାପତିଙ୍କ ଅନୁମୋଦନ କ୍ରମେ ଛାତ୍ରସଂଘର ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯିବ ବୋଲି ଜଣାଯାଇଛି। ପ୍ରତିଷ୍ଠାତା ସଦସ୍ୟ ପ୍ରଣବ କର ଧନ୍ୟବାଦ ଦେଇଥିଲେ।

# ଡ୍ରିମ୍‌ସ ପରିଦର୍ଶନ କଲେ ଆନ୍ତର୍ଜାତିକ ଚେସ୍ ମହାସଂଘ କର୍ମକର୍ତ୍ତା



ଆନ୍ତର୍ଜାତିକ ଚେସ୍ ଫେଡେରେଶନ୍‌ର କର୍ମକର୍ତ୍ତାଙ୍କୁ ଡ୍ରିମ୍‌ସ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସ୍ୱାଗତ ସମ୍ବର୍ଦ୍ଧନା କରୁଛନ୍ତି।

କଟକ,୧୮।୧(କାର୍ତ୍ତିକ ସାହୁ)

ସାମାଜିକ ଏବଂ ଶିକ୍ଷାଗତ ଚେସ୍ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେବାକୁ ଓଡ଼ିଶା ଗସ୍ତରେ ଆସିଥିବା ଆନ୍ତର୍ଜାତିକ ଚେସ୍ ଫେଡେରେଶନ୍ କର୍ମକର୍ତ୍ତା ରବିବାର ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟକୁ ସୌଜନ୍ୟମୂଳକ ପରିଦର୍ଶନରେ ଆସିଥିଲେ। ଫେଡେରେଶନ୍‌ର ଏଜୁକେଶନାଲ ଚେସ୍ କମିଶନ ମୁଖ୍ୟ ଜେରି ନାଶ(ଯୁକ୍ତରାଷ୍ଟ୍ର ଆମେରିକା)ଙ୍କ ସହ ଏଫ୍‌ଆଇଡିଇର ସେକ୍ରେଟାରି ରୀତା ଆଟ୍‌କିନ୍ସ(ହଙ୍ଗେରୀ), ସଦସ୍ୟ ଆଞ୍ଜେଲ୍ ଲବ୍‌ସର(ଦକ୍ଷିଣ ଆଫ୍ରିକା) ଏବଂ ଇଭେଣ୍ଟ କମିଶନ ସଦସ୍ୟ ରଞ୍ଜନ ମହାନ୍ତି ସାମିଲ ଥିଲେ। ଡ୍ରିମ୍‌ସ ଅତିଥି ଭବନରେ ଡ୍ରିମ୍‌ସ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ। ସେମାନେ ବିଶ୍ୱବିଦ୍ୟାଳୟ କେନ୍ଦ୍ରୀୟ ପାଠାଗାର, ସ୍ପୋର୍ଟସ କମ୍ପ୍ଲେକ୍ସ, କ୍ରିକେଟ୍ ଗ୍ରାଉଣ୍ଡ, ମେଡିକାଲ କଲେଜ, ୬୫୦ ଶଯ୍ୟାବିଶିଷ୍ଟ ପଦ୍ମିନୀ କେୟାର ହସ୍‌ପିଟାଲ ଆଦି ବୁଲି ଦେଖିଥିଲେ। ଏଠାକାର ପ୍ରାକୃତିକ ପରିବେଶ, ଉନ୍ନତମାନର ଶୈକ୍ଷିକ ଭିତ୍ତିଭୂମି ଓ ପାଠ୍ୟକ୍ରମ, ବିଶେଷକରି ଗ୍ରାମାଞ୍ଚଳ ଗରିବ ଲୋକଙ୍କ ପାଇଁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଦେଖି ଅଭିଭୂତ ହେବା ସହ ଡ. ରଥଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରମାନେ ପାଠପଢ଼ା ବ୍ୟତୀତ ଚେସ୍ ମାଧ୍ୟମରେ ନିଜର ଦକ୍ଷତା ପ୍ରତିପାଦନ ସହ ଆଗକୁ ବଢ଼ିବାକୁ ସେମାନେ ପରାମର୍ଶ ଦେଇଥିଲେ। କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ(ଛାତ୍ର ସମ୍ପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, ନର୍ସିଂ ସ୍କୁଲ ‘ଡିନ୍’ ଡ. ପ୍ରଥିମା ପ୍ରକାଶମ୍, ସହକାରୀ ‘ଡିନ୍’ ଏନ୍. ପ୍ରେମଲତା ଦେବୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁ ଭୂଷଣ କର, ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁ, ବିତ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପରିଡ଼ା, ପ୍ରଶାନ୍ତ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ହାଇପରଟେନ୍‌ସନ: କାରଣ, ପ୍ରତିକାର



ଡା. ରିତେଶ ଆଚାର୍ଯ୍ୟ

"ଅନେକ ଲୋକ ରକ୍ତଚାପ ବଢ଼ିଥିବା ନିଜେ ଜାଣି ନ ଥିବାରୁ ଡାକ୍ତରଙ୍କ ପାଖକୁ ଯାଆନ୍ତି ନାହିଁ। ଏହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଫଳରେ ହଠାତ୍ ହୃଦ୍‌ଘାତ, ମସ୍ତିଷ୍କ ଷ୍ଟ୍ରୋକ୍, କିଡ୍‌ନୀ ବିଫଳତା ଓ ଦୃଷ୍ଟିଶକ୍ତି ହ୍ରାସ ପରି ସମସ୍ୟା ଦେଖାଯାଏ। ଭାରତୀୟ ତଥ୍ୟ (ଆଇସିଏମ୍‌ଆର୍ ୨୦୨୨) ଅନୁସାରେ ୪୦ ବର୍ଷ ଉର୍ଦ୍ଧ୍ୱ ପ୍ରାପ୍ତବୟସ୍କଙ୍କ ମଧ୍ୟରୁ ପ୍ରାୟ ୧ରୁ ୨ ଜଣ ନିଜେ ରକ୍ତଚାପ ବଢ଼ିଥିବା ବିଷୟ ଜାଣି ନ ଥାନ୍ତି। ଅନଡାଇଗ୍ନୋସିଡ୍ ହାଇପରଟେନ୍‌ସନ ରୋଗୀଙ୍କଠାରେ ଷ୍ଟ୍ରୋକ୍ ଆଶଙ୍କା ୩ ଗୁଣା ଅଧିକ ଓ ହୃଦ୍‌ଘାତ ଆଶଙ୍କା ୨.୫ ଗୁଣା ଅଧିକ ଥାଏ।"

ହାଇପରଟେନ୍‌ଶନ ବା ଉଚ୍ଚ ରକ୍ତଚାପ ଆଜି ଭାରତ ଓ ସାରା ବିଶ୍ୱରେ ସବୁଠୁ ଅଧିକ ଜୀବନ ବିପଦ ସୃଷ୍ଟି କରୁଥିବା ରୋଗମାନଙ୍କ ମଧ୍ୟରୁ ଅନ୍ୟତମ। ଏହାକୁ ସାଇଲେଣ୍ଟ କିଲର ବୋଲି କୁହାଯାଏ। କାରଣ ଏହା ବହୁ ସମୟ ପର୍ଯ୍ୟନ୍ତ କୌଣସି ଲକ୍ଷଣ ଦେଖା ନ ଦେଇ ଶରୀରର ହୃତ୍‌ପିଣ୍ଡ, ମସ୍ତିଷ୍କ, କିଡ୍‌ନୀ ଓ ଚକ୍ଷୁ ଭଳି ଆମ ଶରୀର ପ୍ରମୁଖ ଅଙ୍ଗଗୁଡ଼ିକୁ ଧୀରେ ଧୀରେ କ୍ଷତି କରେ।

**ଭାରତରେ ହାଇପରଟେନ୍‌ସନ:** ଏକ ସର୍ଭେରୁ ଜଣାପଡିଛି ଯେ ଭାରତରେ ପ୍ରାୟ ୨୯-୩୧ ପ୍ରତିଶତ ପ୍ରାପ୍ତବୟସ୍କ ଲୋକ ହାଇପରଟେନସନରେ ଆକ୍ରାନ୍ତ। ସହର ଅଞ୍ଚଳରେ ଏହାର ପରିମାଣ ପ୍ରାୟ ୩୫-୪୦ ପ୍ରତିଶତ ହୋଇଥିବା ବେଳେ ଗ୍ରାମାଞ୍ଚଳରେ ପ୍ରାୟ ୨୫ପ୍ରତିଶତ ବୋଲି ଏଥିରୁ ଜଣାପଡିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା ଯେ ପ୍ରାୟ ୫୦-୬୦ ପ୍ରତିଶତ ଲୋକ ହାଇପରଟେନ୍‌ସନ ବିଷୟରେ ଅବଗତ ହୋଇ ନ ଥାନ୍ତି ଅର୍ଥାତ୍ ସେମାନେ ନିଜର ରକ୍ତଚାପ ବଢ଼ିଥିବା ବିଷୟ ଜାଣି ନ ଥାନ୍ତି। ଭାରତରେ ସମସ୍ତ ହୃଦ୍‌ଘାତର ୫୦ ପ୍ରତିଶତ, ମସ୍ତିଷ୍କାଘାତ (ଷ୍ଟ୍ରୋକ୍)ର ୬୦-୬୫ ପ୍ରତିଶତ ଓ କିଡ୍‌ନୀ ଫେଲ୍ୟୁଅର (ସିକେଡି)ର ୩୫-୪୦ ପ୍ରତିଶତ ହାଇପରଟେନ୍‌ସନ ସହ ସମ୍ପୃକ୍ତ।

**ଅନଡାଇଗ୍ନୋସିଡ ହାଇପରଟେନ୍‌ସନ**

ଅନେକ ଲୋକ ନିଜେ ରକ୍ତଚାପ ବଢ଼ିଥିବା ଜାଣି ନ ଥିବାରୁ ଡାକ୍ତରଙ୍କ ପାଖକୁ ଯାଆନ୍ତି ନାହିଁ। ଏହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। ଫଳରେ ହଠାତ୍ ହୃଦ୍‌ଘାତ, ମସ୍ତିଷ୍କ ଷ୍ଟ୍ରୋକ୍, କିଡ୍‌ନୀ ବିଫଳତା ଓ ଦୃଷ୍ଟି ଶକ୍ତି ହ୍ରାସ ପରି ସମସ୍ୟା ଦେଖାଯାଏ। ଭାରତୀୟ ତଥ୍ୟ (ଆଇସିଏମ୍‌ଆର୍ ୨୦୨୨) ଅନୁସାରେ ୪୦ ବର୍ଷର ଉର୍ଦ୍ଧ୍ୱ ପ୍ରାପ୍ତବୟସ୍କଙ୍କ ମଧ୍ୟରୁ ପ୍ରାୟ ୧ରୁ ୨ ଜଣ ନିଜେ ରକ୍ତଚାପ ବଢ଼ିଥିବା ବିଷୟ ଜାଣି ନ ଥାନ୍ତି। ଅନଡାଇଗ୍ନୋସିଡ ହାଇପରଟେନ୍‌ସନ ରୋଗୀଙ୍କଠାରେ ଷ୍ଟ୍ରୋକ୍ ଆଶଙ୍କା ୩ ଗୁଣା ଅଧିକ ଓ ହୃଦ୍‌ଘାତ ଆଶଙ୍କା ୨.୫ ଗୁଣା ଅଧିକ ଥାଏ।



**ସମାଧାନ:** ୩୦ ବର୍ଷ ପରେ ପ୍ରତି ବ୍ୟକ୍ତିଙ୍କ ନିୟମିତ ସମୟ ବ୍ୟବଧାନରେ ରକ୍ତଚାପ ଯାଞ୍ଚ କରିବା ଉଚିତ। ଅନ୍ୟପକ୍ଷରେ ଡାଇବେଟିସ୍, ମେଦବହୁଳତା ସମସ୍ୟା ଥିଲେ ଏବଂ ନିଶାଦ୍ରବ୍ୟ ସେବନ ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲେ ପ୍ରତି ୩-୬ ମାସରେ ଥରେ ରକ୍ତଚାପ ମାପିନେବା ଦରକାର।

## ଠିକ୍ ନିରୀକ୍ଷଣ ଓ ରକ୍ତଚାପ ଲକ୍ଷ୍ୟ

**ଆଦର୍ଶ ରକ୍ତଚାପ (ନର୍ମାଲ ବ୍ଲଡ୍ ପ୍ରେସର୍):** ସମସ୍ତ ରୋଗୀ ପାଇଁ ଏହି ସୀମା (<୧୩୦/୮୦ mmHg) ଅତ୍ୟାବଶ୍ୟକ। ଯେଉଁମାନେ ମଧୁମେହ, କିଡ୍‌ନୀ ରୋଗ ବା ହୃଦ୍ ସମସ୍ୟା ଅଛି, ସେମାନଙ୍କ ପାଇଁ ଏହି ଲକ୍ଷ୍ୟ ଆହୁରି ଜରୁରୀ।

**ଅନିୟନ୍ତ୍ରିତ ରକ୍ତଚାପ (ଇମ୍ୟାଲାନ୍ସଡ ବ୍ଲଡ୍ ପ୍ରେସର୍):** ଏହାଦ୍ୱାରା ଷ୍ଟ୍ରୋକ୍ ସମସ୍ୟା ୪ ଗୁଣା ବଢ଼େ ଓ ହୃଦ୍‌ଘାତ ସମସ୍ୟା ୩ ଗୁଣା ବଢ଼େ , ବୃକ୍କ ବିଫଳତା (କିଡ୍‌ନୀ ଫେଲ୍ୟୁଅର) ସମସ୍ୟା ୨.୫ ଗୁଣା ବଢ଼େ। ଖାଦ୍ୟ ଓ ପୋଷଣ (ଡାଏଟାରି ମଡିଫିକେଶନ୍) କରିବା ଉଚିତ। ପ୍ରତିଦିନ ଲୁଣ <୫ ଗ୍ରାମ ଖାଇଲେ ସିଷ୍ଟୋଲିକ BP ୫-୬ mmHg କମିପାରେ। **ସବୁଜ ପନିପରିବା ଓ ଫଳ:** ସବୁବେଳ ସବୁଜ ପନିପରିବା ଏବଂ ଟଟକା ଫଳମୂଳ ଖାଆନ୍ତୁ। ଚର୍ବିଜାତୀୟ ଖାଦ୍ୟ କମ୍ ଖାଆନ୍ତୁ। **ଏଡ଼ାଇବା ଉଚିତ:** ପ୍ରୋସେସ୍ଡ ଖାଦ୍ୟ, ଅଧିକ ଲୁଣ ଓ ତେଲିଆ ଖାଦ୍ୟ। ଅଧିକ ମିଠା, ସଫ୍ଟ ଡ୍ରିଙ୍କ। ଧୂମପାନ ଓ ମଦ୍ୟପାନ।

**ଡାସ୍ ଡାଏଟ୍ (DASH Diet):** ବୈଜ୍ଞାନିକ ପ୍ରମାଣ ଅନୁସାରେ, ନିୟମିତ ଡାସ୍ ଡାଏଟ୍ ଖାଇଲେ ସିଷ୍ଟୋଲିକ BP ୮-୧୪ mmHg ପର୍ଯ୍ୟନ୍ତ କମାଇପାରେ।

## କ'ଣ କରିବେ

**ନିୟମିତ ବ୍ୟାୟାମ:** ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ। ପ୍ରତି ସପ୍ତାହରେ ଅତିକମ୍‌ରେ ୧୫୦ ମିନିଟ ଚାଲନ୍ତୁ। ମର୍ନିଂ ୱାକ୍ କରିବା ସମୟରେ ଟିକେ ଦ୍ରୁତ ଗତିରେ ଚାଲନ୍ତୁ। ଏହା ବ୍ୟତୀତ ପହଁରିବା, ଜଗିଂ, ସାଇକେଲିଂ, ଯୋଗ, ପ୍ରାଣାୟାମ ଇତ୍ୟାଦି ଏଥିରେ ସାମିଲ କରନ୍ତୁ।

**ଓଜନ ନିୟନ୍ତ୍ରଣ:** ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଓଜନ ନିୟନ୍ତ୍ରଣ। ବୟସ ଅନୁସାରେ ଓଜନ କେତେ ରହିବ ଡାକ୍ତରଙ୍କ ସହ ପରାମର୍ଶ କରି ବୁଝି ନିଅନ୍ତୁ। କାରଣ ଓଜନ ଯଦି ଅନିୟନ୍ତ୍ରିତ ରହିଲା ତେବେ ତାହା ପରୋକ୍ଷରେ ଅନେକ ଶାରିରୀକ ସମସ୍ୟାର କାରଣ ସାଜିଥାଏ।

**ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ**

ଆଜିକାଲି ଅନେକେ ନିଶାଦ୍ରବ୍ୟ ସେବନ ସହ ଜଡିତ। ଧୂମପାନ, ମଦ୍ୟପାନ, ଗୁଟ୍‌ଖା ତଥା ତମାଖୁଜାତୀୟ ଦ୍ରବ୍ୟ ସେବନ ଅଭ୍ୟାସ ଥିଲେ ଏହାକୁ ଯେତେ ଶୀଘ୍ର ବର୍ଜନ କରନ୍ତୁ। ରକ୍ତଚାପ ବୃଦ୍ଧି କରିବାରେ ଏସବୁ ସାହାଯ୍ୟ କରିଥାଏ। ନିଶାଦ୍ରବ୍ୟ ସେବନ ବର୍ଜନ କଲେ ଆପଣ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବେ।

**ମାନସିକ ଚାପ**

ମାନସିକ ଚାପଠାରୁ ନିଜକୁ ଦୂରେଇ ରଖନ୍ତୁ। ପ୍ରତିଦିନ ଯୋଗ ଓ ଧ୍ୟାନ ୨୦-୩୦ ମିନିଟ କଲେ ରକ୍ତଚାପ ପ୍ରାୟ ୪-୬ mmHg କମିଥାଏ।

**ସୁନିଦ୍ରା:** ନିଜକୁ ସୁସ୍ଥ ରଖିବାକୁ ହେଲେ କିମ୍ବା ରକ୍ତଚାପଠାରୁ ଦୂରେଇ ରହିବାକୁ ହେଲେ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ। ସକାରାତ୍ମକ ମନୋଭାବ: ନିଜର ମନୋଭାବକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ରକ୍ତଚାପ ଆଶଙ୍କା କମ୍ ରହିବ ଏବଂ ରକ୍ତଚାପ ଥିଲେ ତାହା କେତେକାଂଶରେ ନିୟନ୍ତ୍ରଣରେ ରହିବ। ଅଧିକ ଟେନସନ୍‌ର ବଶବର୍ତ୍ତୀ ହେଲେ ରକ୍ତଚାପ ବଢ଼ି ଯାଇଥାଏ। (କ୍ରମଶଃ...)

-କନ୍‌ସଲ୍‌ଟାଣ୍ଟ, କାର୍ଡିଓଲୋଜିଷ୍ଟ ଆଣ୍ଡ ଇଲେକ୍ଟ୍ରୋଫିଜିଓଲୋଜିଷ୍ଟ, ହୃଦ୍‌ରୋଗ ବିଭାଗ, ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ଭୁବନେଶ୍ୱର
ମୋ: ୯୪୩୮୧୮୧୭୮୬

## ଦୀର୍ଘକାଳୀନ ରୋଗରୁ ଉପଶମ ଦିଏ ଅଙ୍ଗୁର



ଅଙ୍ଗୁରରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରିରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଅଙ୍ଗୁର ଖାଆନ୍ତି, ତେବେ ସେ ଦୀର୍ଘକାଳୀନ ରୋଗରୁ କେତେକାଂଶରେ ଉପଶମ ଲାଭ କରିପାରିବେ। କେବଳ ସେତିକି ନୁହେଁ, ଏଥିରେ ଏଭଳି ଗୁଣ ରହିଛି ଯାହା କ୍ୟାନ୍‌ସର ଆଶଙ୍କାକୁ କେତେକାଂଶରେ ଦୂରେଇବାରେ ସକ୍ଷମ ହୋଇଥାଏ। ଅଙ୍ଗୁରରେ ଆଣ୍ଟି ଅକ୍ସିଡାଣ୍ଟ ଭରିରହିଛି। ଏହା ଶରୀରରେ ପୋଟାସିୟମ୍ ଓ ସୋଡିୟମ୍ ମାତ୍ରାକୁ ସନ୍ତୁଳିତ ରଖେ। ନିୟମିତ ଅଙ୍ଗୁର ଖାଇଲେ ଉଚ୍ଚ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହିଥାଏ। ଏହା ଶରୀରରେ କୋଲେଷ୍ଟରଲ୍‌ର ମାତ୍ରାକୁ ବି କମାଇଦିଏ। ସବୁଠାରୁ ଖାସ୍ କଥା ହେଲା, ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ ଅଙ୍ଗୁର। ସ୍ମରଣ ଶକ୍ତି ବଢ଼ାଇବା ସହ ମସ୍ତିଷ୍କକୁ ବୃଦ୍ଧିରେ ସାହାଯ୍ୟ କରେ। ଏହାକୁ ଖାଇବା ଦ୍ୱାରା ଅସ୍ଥି ମଧ୍ୟ ଶକ୍ତ ରହେ। ଅଙ୍ଗୁରରେ ଭିଟାମିନ୍-ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

## ଜାଣିରଖନ୍ତୁ



ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁଯାୟୀ ଭାରତର ୭୦ ପ୍ରତିଶତ ପୁରୁଷ ଏବଂ ୧୩-୧୫ ପ୍ରତିଶତ ମହିଳା ଧୂମପାନ କରିଥାଆନ୍ତି। ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଦ୍ୱିତୀୟ ପ୍ରକାର ମଧୁମେହ (ଟାଇପ-୨ ଡାଇବେଟିସ୍), ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ହାଡର ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ। ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ,ଏମ୍‌ଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ପ୍ରକାର ଭେଦରେ ତମାଖୁ ଧୂମବିହୀନ ଏବଂ ଧୂମଯୁକ୍ତ-ଏହି ଦୁଇ ପ୍ରକାରର। ଧୂମବିହୀନ ତମାଖୁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ। ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ। ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ।

## ମୁଣ୍ଡବ୍ୟଥା ହେଉଥିଲେ...

ଖାଦ୍ୟପେୟରେ ଅନିୟମିତତା, ଗ୍ୟାଷ୍ଟ୍ରିକ୍ ସମସ୍ୟା ଆଦି କେତେକ କାରଣରୁ ମୁଣ୍ଡବିନ୍ଧା ହୋଇଥାଏ। ଏଥିରୁ କେତେକାଂଶରେ ଉପଶମ ପାଇବା ଲାଗି କେତୋଟି ଘରୋଇ ଉପଚାର ଆପଣେଇ ପାରନ୍ତି। ସବୁବେଳେ ପ୍ରଚୁର ପାଣି ପିଅନ୍ତୁ। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ମୁଣ୍ଡବ୍ୟଥାରୁ ଉପଶମ ଦେବାରେ ନିଦ୍ରା ମଧ୍ୟ ସାହାଯ୍ୟ କରିଥାଏ। ତେଣୁ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ। କାରଣ ଶୋଇବା ଦ୍ୱାରା ଆମ ମସ୍ତିଷ୍କ ଶାନ୍ତ ହୋଇଥାଏ ଓ ଆମକୁ ଆରାମ ଲାଗେ। ଯଦି ଆପଣ ସବୁଦିନ ଯୋଗ, ପ୍ରାଣାୟାମ କରୁଛନ୍ତି ତେବେ ମୁଣ୍ଡବ୍ୟଥା କମ୍ ହେବାର ସମ୍ଭାବନା ରହିଛି। ହର୍ବାଲ୍ ଉପଚାର ମୁଣ୍ଡବ୍ୟଥା ପାଇଁ ମହୌଷଧି ସଦୃଶ। ସବୁଠାରୁ ବଡ କଥା ହେଲା, ଏହି ସମୟରେ ନିଜକୁ ଟେନ୍‌ସନ୍‌ଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ତା'ସହ ସବୁବେଳେ ଏକ ରୁଟିନ୍ ଦୈନନ୍ଦିନ ଜୀବନ ଅନୁସରଣ କରନ୍ତୁ।



# ଗଣ୍ଠିଜନିତ ରୋଗର କାରଣ



ଗଣ୍ଠିଜନିତ ରୋଗ ଯୋଗୁ ଚଳପ୍ରଚଳରେ ଅସୁବିଧା, ଗଣ୍ଠିରେ ଯନ୍ତ୍ରଣା ଓ କାର୍ଯ୍ୟ ନ କରିବା ପରି ଗୁରୁତର ଅବସ୍ଥା ହୋଇଥାଏ। ଯନ୍ତ୍ରଣା ଲାଘବ ପାଇଁ, ଦରଜ କମିବା ଔଷଧ (ପେନ୍‌କିଲର) ଖାଇଲେ ତାହା କ୍ରମଶଃ କିଡ୍‌ନୀ ଖରାପ କରିଥାଏ ଏବଂ ସ୍ଥଳ ବିଶେଷରେ ପାକସ୍ଥଳୀ ଓ ଖାଦ୍ୟନଳୀରେ କ୍ଷତ ଓ ଘାଆ ସୃଷ୍ଟି କରିଥାଏ। ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍‌ରେ ଛୋଟ ଛୋଟ ଗଣ୍ଠି ଯଥା ଆଙ୍ଗୁଠି, ପାଦ ଇତ୍ୟାଦି ଫୁଲି ଦରଜ ହୋଇଥାଏ। ସାଧାରଣତଃ ଶରୀରର ଓଜନ ବହନ କରୁଥିବା ଆଣ୍ଠୁ, ହାତରେ ଉଠାଯାଉଥିବା ସମସ୍ତ ଜିନିଷର ଭାର କାନ୍ଧ, ଶରୀରର ଓଜନ ବହନ କରୁଥିବା, ଚାଲିବା, ଦୌଡ଼ିବା, କୁଦା ମାରିବାରେ ସାହାଯ୍ୟ କରୁଥିବା ନିତମ୍ବ ବା ହିପ୍ ଗଣ୍ଠିବାତ ଦ୍ୱାରା ଆକ୍ରାନ୍ତ ହୋଇଥାଏ। ଗଣ୍ଠି ମଧ୍ୟରେ ଥିବା ସାଇନୋଭିଆଲ ତରଳ ରସରେ ହ୍ରାସ ହେଲେ, ବୟସାଧିକ କାରଣରୁ କ୍ୟାଲ୍‌ସିୟମର ଅଭାବ, ଭିଟାମିନ୍-ଡି'ର ଅଭାବ ପାଇଁ ଗଣ୍ଠି ରୋଗ ହୋଇଥାଏ। ଏହା ବ୍ୟତୀତ ଦୁର୍ଘଟଣାରେ ଆଘାତ ଲାଗି ଯଦି ହାଡ଼ଗୁଡ଼ିକୁ ପରସ୍ପର ସହ ଖଞ୍ଜାରେ ବାନ୍ଧି ରଖିଥିବା ତନ୍ତୁ ଛିଡ଼ିଯାଆନ୍ତି, ସଂକ୍ରମିତ ହୁଅନ୍ତି ଅବା ଫୁଲି ଯାଆନ୍ତି ତା'ହେଲେ ଗଣ୍ଠିରେ ଯନ୍ତ୍ରଣା ହୋଇଥାଏ। ଗାଉଟ୍‌ରେ ଗଣ୍ଠିରେ ୟୁରିକ୍ ଏସିଡ୍ ଜମା ହୋଇ ଗଣ୍ଠିବାତ ସୃଷ୍ଟି କରିଥାଏ। କେତେକ କ୍ଷେତ୍ରରେ ଅଧିକ ମୌଳିକ କ୍ୟାଲ୍‌ସିୟମ ଫସ୍‌ଫେଟ୍ ଜମା ହେବା ଦ୍ୱାରା ମଧ୍ୟ ଗଣ୍ଠି ପ୍ରଭାବିତ ହୋଇଥାଏ।

# ସ୍କିଜୋଫ୍ରେନିଆ ସମସ୍ୟା



ମସ୍ତିଷ୍କରେ ମୁଖ୍ୟତଃ 'ଡୋପାମିନ' ନାମକ ଏକ ରାସାୟନିକ ତତ୍ତ୍ୱର ମାତ୍ରା ବୃଦ୍ଧି ଯୋଗୁ ସ୍କିଜୋଫ୍ରେନିଆ ସମସ୍ୟା ହୋଇଥାଏ। ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ମାନସିକ ଚାପ କାରଣରୁ ମଧ୍ୟ ହୋଇପାରେ। ଏହି ରୋଗ ଅନେକାଂଶରେ ବଂଶାନୁଗତ ହୋଇଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କର ଦ୍ୱାରା ହୋଇଥିବା ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିଆ ହୋଇଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୪୦ରୁ ୫୦ ପ୍ରତିଶତ ଆଶଙ୍କା ଥାଏ। ଏହି ରୋଗ ମୁଖ୍ୟତଃ ୧୫ରୁ ୩୫ ବର୍ଷ ଭିତରେ ଆରମ୍ଭ ହୋଇଥାଏ। ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଏହା ଅଧିକ ଦେଖାଯାଇଥାଏ। ସ୍କିଜୋଫ୍ରେନିଆ ଏକ ଜଟିଳ ରୋଗ ହେଲେ ମଧ୍ୟ ଏହାର ଚିକିତ୍ସା ସହଜରେ କରିହେବ। ଏଥିସହ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଜରୁରୀ। ସାଧାରଣତଃ ପ୍ରାରମ୍ଭିକ ଅବସ୍ଥାରେ ରୋଗର ଲକ୍ଷଣକୁ ଚିହ୍ନିବାରେ ପରିବାରର ସଦସ୍ୟମାନେ ବିଳମ୍ବ କରିଦେଇଥାନ୍ତି। କେତେଜଣ ଲୋକ ସ୍କିଜୋଫ୍ରେନିଆ ରୋଗ ଓ ତଜ୍ଜନିତ ବ୍ୟବହାରକୁ ରୋଗ ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଗାରେଡି ପାଖକୁ ନେଇ ଅଯଥା ସମୟ ନଷ୍ଟ କରିଥାନ୍ତି। ଏସବୁ ଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା କଲେ ଅଧିକ ଦିନ ଔଷଧ ସେବନ କରିବାକୁ ପଡିପାରେ ଏବଂ ରୋଗୀ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବାର ଆଶଙ୍କା କମିଗଲା ପରେ ମନସ୍ତାତ୍ତ୍ୱିକ ଚିକିତ୍ସା ଯଥା କାଉନ୍‌ସେଲିଂ (ଫ୍ୟାମିଲିଥେରାପି) ସପୋର୍ଟିଭ୍ ଥେରାପି, ସୋସିଆଲ କୌଶଳ ଟ୍ରେନିଂ, ଜ୍ଞାନଗତ ପ୍ରତିକାର ଦିଆଯାଇଥାଏ।

## ସ୍ୱାସ୍ଥ୍ୟ ସୂଚନା


- ସବୁବେଳେ ନିଜର ଖାଦ୍ୟପେୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ। କାରଣ ନିଜକୁ ସୁସ୍ଥ ରଖିବା ପଛରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।
- ନିଜ ଓଜନ କେତେ ରହୁଛି ତାହା ଜାଣି ରଖନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ଓଜନ ବୃଦ୍ଧିରେ ସହାୟକ ହେବ। ଯଦି ଓଜନ ଆବଶ୍ୟକତା ଠାରୁ ଅଧିକ ରହୁଛି ତେବେ ତାହାକୁ ତୁରନ୍ତ ନିୟନ୍ତ୍ରଣକୁ ଆଣନ୍ତୁ।



- ନିଜକୁ ଟେନ୍‌ସନ୍ ଏବଂ ଅବସାଦ ଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।
- ରାତ୍ର ଭୋଜନ ତାଲିକାରେ ଗରିଷ୍ଠ ଖାଦ୍ୟ ସାମିଲ କରନ୍ତୁ ନାହିଁ। କାରଣ ରାତିରେ ଏଭଳି ଖାଦ୍ୟ ସହଜରେ ହଜମ ହୋଇ ନ ଥାଏ ଏବଂ ପାଚନଜନିତ ସମସ୍ୟା ସୃଷ୍ଟି କରିଥାଏ।
- କୌଣସି ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଚିକିତ୍ସିତ ହେଉଥିଲେ ଏ ନେଇ କେବଳ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଅନ୍ୟ କେହି ଏହି ବିଷୟରେ କିଛି ଟିପ୍ସ ଦେଲେ ତାହା କେତେ ଗ୍ରହଣଯୋଗ୍ୟ ତାହା ପ୍ରଥମେ ତର୍ଜମା କରନ୍ତୁ। ସେ ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରି ତାହାକୁ ଗ୍ରହଣ କରନ୍ତୁ।
- ଯଦି ଅଣ୍ଟାଜନିତ ସମସ୍ୟା ରହିଛି ତେବେ ବସିବା-ଉଠିବା ବେଳେ ସାବଧାନତା ଅବଲମ୍ବନ କରନ୍ତୁ।

# ପ୍ଲାଷ୍ଟିକ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ

ବର୍ତ୍ତମାନ ବିଶ୍ୱ ସ୍ତରରେ ଅନ୍ୟତମ ପ୍ରମୁଖ ସମସ୍ୟା ସାଜିଛି ଜଳବାୟୁ ପରିବର୍ତ୍ତନ। ଏହା ପଛରେ ଅନେକ କାରଣ ଥିଲେ ମଧ୍ୟ ଏବେ ପ୍ଲାଷ୍ଟିକଜନିତ ପ୍ରଦୂଷଣ ଦ୍ୱାରା ଜଳବାୟୁ ଅନେକାଂଶରେ ପ୍ରଭାବିତ ହୋଇଥାଏ। ଅଶୋଧିତ ପେଟ୍ରୋଲିୟମ୍‌ରୁ ପ୍ଲାଷ୍ଟିକ ଉତ୍ପାଦନ କରିବାକୁ ହେଲେ ଯେଉଁ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଏ ସେଥିରୁ ଅନେକ ବିଷାକ୍ତ ଓ ସବୁଜଘର ଗ୍ୟାସ୍ ଉତ୍ପନ୍ନ ହୋଇ ପରିବେଶରେ ମିଶିଥାଏ। କେବଳ ସେତିକି ନୁହେଁ, ପ୍ଲାଷ୍ଟିକ ପଦାର୍ଥକୁ ଭସ୍ମୀକରଣ ପ୍ରକ୍ରିୟାରେ ପୋଡି ନଷ୍ଟ କରାଯିବା ଦ୍ୱାରା ମଧ୍ୟ ଅନେକ ସବୁଜଘର ଗ୍ୟାସ୍ ବାୟୁମଣ୍ଡଳକୁ ନିର୍ଗତ ହୁଏ।



ଲଣ୍ଡନ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟରୁ ଜଣାଯାଏ ଯେ, ଆଗାମୀ ୨୦୫୦ ମସିହା ବେଳକୁ ଏହା ଆଶାତୀତ ବୃଦ୍ଧି ପାଇବାର ଆଶଙ୍କା ଏବେଠାରୁ ଦେଖାଗଲାଣି। ପ୍ଲାଷ୍ଟିକ ଯୋଗୁ ଉତ୍ସର୍ଜିତ ସବୁଜଘର ଗ୍ୟାସ୍‌ର ପରିମାଣ ସମୁଦାୟ ବିଶ୍ୱ ଉତ୍ସର୍ଜନର ୧୪% ମାତ୍ରାରେ ପହଞ୍ଚିବ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ବିପୁଳ ସବୁଜଘର ଗ୍ୟାସ୍ ଯେ ଭବିଷ୍ୟତରେ ବିଶ୍ୱତାପନ ବା ଗ୍ଲୋବାଲ ୱାର୍ମିଂ ପ୍ରକ୍ରିୟାରେ ସହାୟକ ହୋଇ ବିଶ୍ୱ ଜଳବାୟୁ ପରିବର୍ତ୍ତନର ଧାରାକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାରି ରହିବ ସୁନା ଦର ବୃଦ୍ଧି



ଭୁବନେଶ୍ୱର,୧୮।୧(ଅନୁରାଧା ମହାରଣା)

ଆସନ୍ତା ସପ୍ତାହରେ ସୁନାର ମୂଲ୍ୟ ବୃଦ୍ଧି ଜାରି ରହିବାର ସମ୍ଭାବନା ରହିଛି। ନିରାପତ୍ତା ଆଶ୍ରୟ ଚାହିଦା ଓ ଯୁକ୍ତରାଷ୍ଟ୍ର ଫେଡେରାଲ ରିଜର୍ଭର ନୀତି କୋହଳ ଆଶା ଏହାକୁ ସମର୍ଥନ ଦେଉଛି। ଅନ୍ୟପକ୍ଷରେ ରୁପା ଦରରେ ପାରମ୍ପରିକ ବୃଦ୍ଧି ପରେ ସଂଶୋଧନ ଦେଖାଇଦେଇପାରେ ବୋଲି ବିଶ୍ଳେଷକମାନେ କହିଛନ୍ତି। ଗତ ସପ୍ତାହରେ ଏମ୍‌ସିଏକ୍ସରେ ସୁନା ଫ୍ୟୁଚର୍ସ ୨.୭% ଅର୍ଥାତ୍ ୩,୬୯୮ଟଙ୍କା ବୃଦ୍ଧି ପାଇ ରେକର୍ଡ ୧,୪୩,୫୯୦ ଟଙ୍କାରେ ପହଞ୍ଚିଥିଲା। ଆନ୍ତର୍ଜାତିକ ବଜାରରେ ମଧ୍ୟ ସୁନା ୪,୫୯୫.୪ ୟୁଏସ୍‌ଡି ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। ବିଶ୍ଳେଷକଙ୍କ ଅନୁମାନ ଅନୁଯାୟୀ ସୁନା ଏମସିଏକ୍ସରେ ୧,୪୬,୦୦୦ଟଙ୍କା ଓ ବିଶ୍ୱବଜାରରେ ୪,୭୫୦ ୟୁଏସ୍‌ଡି ଛୁଇଁପାରେ । ରୁପା ଗତ ସପ୍ତାହରେ ଏମସିଏକ୍ସରେ ୧୪% ଅର୍ଥାତ୍ ୩୫,୦୩୭ ଟଙ୍କା ବୃଦ୍ଧି ପାଇ ରେକର୍ଡ ୨,୯୨,୯୬୦ଟଙ୍କାରେ ପହଞ୍ଚିଥିଲା। ବିଶ୍ୱବଜାରରେ ୧୧.୬% ବୃଦ୍ଧି ପାଇ ୮୮.୫୩ ୟୁଏସ୍‌ଡିରେ ବନ୍ଦ ହୋଇଥିଲା। ତେବେ ଏହାର ତୀବ୍ର ବୃଦ୍ଧି ପରେ ସଂଶୋଧନ ଆସିପାରେ, ବିଶେଷକରି ୧୦୦ ୟୁଏସଡି ନିକଟରେ ପହଞ୍ଚିବା ପୂର୍ବରୁ ବା ପରେ ଏଥିରେ ସଂଶୋଧନ ହୋଇପାରେ। ବିଶ୍ଳେଷକମାନେ କହିଛନ୍ତି, କେନ୍ଦ୍ରୀୟ ବ୍ୟାଙ୍କମାନଙ୍କ ସୁନା କ୍ରୟ, ଭୂରାଜନୈତିକ ଚିନ୍ତା ଓ ମାକ୍ରୋ ଅନିଶ୍ଚିତତା ସୁନା-ରୁପା ଦର ବୃଦ୍ଧିକୁ ସମର୍ଥନ ଦେଉଛି। ଟେକ୍ନୋଲୋଜି, ନବୀକରଣଯୋଗ୍ୟ ଶକ୍ତି ଆଦି କ୍ଷେତ୍ରରେ ରୁପାର ଔଦ୍ୟୋଗିକ ଚାହିଦା ଦୀର୍ଘମିଆଦୀ ରହିଛି।

# ସାନ୍ତ୍ରାଗାଛି-ତାମ୍ବରମ ଅମୃତ ଭାରତ ଏକ୍ସପ୍ରେସ ଶୁଭାରମ୍ଭ



ଭୁବନେଶ୍ୱର,୧୮।୧(ଅନୁରାଧା ମହାରଣା)

ଭାରତୀୟ ରେଳପଥ ସାନ୍ତ୍ରାଗାଛି-ତାମ୍ବରମ ଅମୃତ ଭାରତ ଏକ୍ସପ୍ରେସ ପ୍ରଚଳନ ଆରମ୍ଭ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଏହି ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅମୃତ ଭାରତ ଏକ୍ସପ୍ରେସ ପ୍ରଚଳନ ଦ୍ୱାରା ପୂର୍ବ ଏବଂ ଦକ୍ଷିଣ ଭାରତ ମଧ୍ୟରେ ଏକ ଦୃଢ଼ ନୂତନ ରେଳ କରିଡର ସ୍ଥାପନ ହୋଇଛି। ଯାହା ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଏବଂ ତାମିଲନାଡୁରେ ସଂଯୋଗୀକରଣକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ଟ୍ରେନ୍ ନମ୍ବର ୦୬୧୦୮ ସାନ୍ତ୍ରାଗାଛି-ତାମ୍ବରମ ଅମୃତ ଭାରତ ଏକ୍ସପ୍ରେସ ରବିବାର ପଶ୍ଚିମବଙ୍ଗର ସାନ୍ତ୍ରାଗାଛିରୁ ତାମିଲନାଡୁର ତାମ୍ବରମ ଯାତ୍ରା କରିଥିଲା। ଏହି ଟ୍ରେନ୍ ଭଦ୍ରକ, ଯାଜପୁର, କେନ୍ଦୁଝର ରୋଡ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ, ବାଲୁଗାଁ , ବ୍ରହ୍ମପୁର, ପଲାସା, ବିଜୟନଗରମ, ଏବଂ ଦୁଭଡା ସମେତ ପୂର୍ବତଟ ରେଳ ଅଧୀନରେ ଥିବା ପ୍ରମୁଖ ଷ୍ଟେଶନ ଦେଇଯାଇଥିଲା। ଖଡ଼ଗପୁର, ବାଲେଶ୍ୱର, ରାଣିତାଲ, ଶ୍ରୀକାକୁଲମ ରୋଡ, କୋଟାଭାଲାସା, ପେଣ୍ଡୁରତି, ସୀମାଚଲମ ଉତ୍ତର, ଅନକାପାଲ୍ଲୀ, ସାମଲକୋଟ, ରାଜମହେନ୍ଦ୍ରୀ, ଏଲୁରୁ, ବିଜୟୱାଡା, ଟେନାଲି, ଚିରାଲା, ଅଙ୍ଗୋଲେ, ନେଲୋର, ସୁଲୁରୁପେଟା ଏବଂ ଚେନ୍ନାଇ ଏଗମୋର ଆଦିରେ ଏହା ରହଣି କରିଥିଲା। ସୂଚନା ଥାଉକି, ଅମୃତ ଭାରତ ଏକ୍ସପ୍ରେସ ଏକ ଆଧୁନିକ ଏଲ୍‌ଏଚ୍‌ବି ରେକ୍ ଟ୍ରେନ୍, ଯାହା ଉନ୍ନତ ପୁସ୍-ପୁଲ୍ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ, ଉନ୍ନତ ବେଗ, ସୁଗମ କାର୍ଯ୍ୟ ଏବଂ ବର୍ଦ୍ଧିତ ଯାତ୍ରୀ ସେବା ପ୍ରଦାନ କରେ। ଏହି ଟ୍ରେନ୍‌ରେ ଏର୍ଗୋନୋମିକାଲି ଡିଜାଇନ ହୋଇଥିବା ବର୍ଥ, ମଡ୍ୟୁଲାର୍ ଶୌଚାଳୟ, ଏଲଇଡି ଆଲୋକୀକରଣ, ସିସିଟିଭି ନିରୀକ୍ଷଣ ଏବଂ ମୋବାଇଲ ଚାର୍ଜିଂ ଭଳି ସୁବିଧା ସମେତ ଆଧୁନିକ ଯାତ୍ରୀ ସୁବିଧା ପ୍ରଦାନ କରାଯାଇଛି। ଟ୍ରେନରେ ୨୨ଟି ଆଧୁନିକ ଶ୍ରେଣୀ କୋଚ ରହିବ, ଯେଉଁଥିରେ ୧୧ଟି ଜେନେରାଲ ଶ୍ରେଣୀ ସିଟିଂକୋଚ, ୮ଟି ସ୍ଲିପର୍ ଶ୍ରେଣୀ କୋଚ, ୨ଟି ଲଗେଜ କମ୍ ଡିଭିଆଙ୍ଗଜାନ କୋଚ୍ ଏବଂ ଗୋଟିଏ ପ୍ୟାଣ୍ଟ୍ରି କାର୍ ରହିଛି।

# ବଜାରକୁ ଆସିଲା ବଜାଜ ଚେତକ ସି୨୫ ମଡେଲ

ଭୁବନେଶ୍ୱର,୧୮।୧ (ଅନୁରାଧା ମହାରଣା)



ବଜାଜ ଅଟୋ ଲିମିଟେଡ ପକ୍ଷରୁ ନୂଆ ଚେତକ ସି୨୫ ମଡେଲ ଲଞ୍ଚ କରିଛି। କେନ୍ଦ୍ର ସରକାରଙ୍କ ପିଏମ୍ ଇ-ଡ୍ରାଇଭ୍ ସ୍କିମ ଅଧୀନରେ ସବସିଡି ସମେତ ଏହାର ପ୍ରାରମ୍ଭିକ ମୂଲ୍ୟ ୯୧,୩୯୯ ଟଙ୍କା ରହିଛି। ଏହି ମଡେଲ ପାଇଁ ବୁକିଂ ଆରମ୍ଭ ହୋଇଛି। ଚେତକ ଲାଇନ-ଅପ୍‌ରେ ଏହା ସବୁଠାରୁ ଶସ୍ତା ଅଫରିଂ ହୋଇଛି ଏବଂ ପୁଣେ ଆଧାରିତ କମ୍ପାନୀର ଦ୍ୱିତୀୟ ମଡେଲ, ଯାହା ୧ ଲକ୍ଷ ଟଙ୍କାରୁ କମ ଦାମରେ ଉପଲବ୍ଧ। ଏହା ବର୍ତ୍ତମାନର ଚେତକ ୩୫୦୧, ୩୫୦୨, ୩୫୦୩ ଓ ୩୦୦୧ ଭ୍ୟାରିଆଣ୍ଟଗୁଡ଼ିକ ସହିତ ବଜାରରେ ମିଳିବ। ଭାରତୀୟ ବଜାରରେ ଏହା ଟିଭିଏସ୍ ଅରବିଟର, ଟିଭିଏସ୍ ଆଇକ୍ୟୁବ୍ ୨.୨, ହିରୋ ଭିଡ଼ା ଭିଏକ୍ସ ୨ ଗୋ, ଓଲା ଏସ୍୧ଏକ୍ସ ଆଦି ମଡେଲଗୁଡ଼ିକ ସହ ପ୍ରତିଯୋଗିତା କରିବ। ବଜାଜ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଏହା ପୂର୍ବବର୍ତ୍ତୀ ଜେନେରେଶନ ମଡେଲ ଅପେକ୍ଷା ୨୨ କିଲୋଗ୍ରାମ ହାଲୁକା ହୋଇଛି, ଯାହା ଦକ୍ଷତା ଓ ହ୍ୟାଣ୍ଡଲିଂକୁ ଉନ୍ନତ କରିଛି। ଏଥିରେ ୩ ବର୍ଷ କିମ୍ବା ୫୦,୦୦୦ କିଲୋମିଟର୍ ୱାରେଣ୍ଟି ରହିଛି। ବିକ୍ରୟ ଦୃଷ୍ଟିରୁ ପୁଣେ ଆଧାରିତ କମ୍ପାନୀ ୨୦୨୫ରେ ଇ-ସ୍କୁଟର୍ (ଚେତକ ଓ ୟୁଲୁ) ବିକ୍ରୟରେ ତୃତୀୟ ସ୍ଥାନରୁ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ବଜାଜ ଅଟୋ ୨୦୨୫ରେ ୨,୬୯,୮୩୬ ୟୁନିଟ ବିକ୍ରି କରିଛି, ଯାହା ୨୦୨୪ ଅପେକ୍ଷା ୩୯% ଅଧିକ। ଏହା ପ୍ରଥମ ଥର ପାଇଁ ବାର୍ଷିକ ୨ ଲକ୍ଷ ଓ ୨.୫ ଲକ୍ଷ ମାଇଲଷ୍ଟୋନ ଅତିକ୍ରମ କରିଛି। କମ୍ପାନୀର ବଜାର ଅଂଶ ୨୦୨୪ର ୧୭%ରୁ ବଢ଼ି ୨୧% ହୋଇଛି (୨୦୨୩ରେ ୮% ଥିଲା)। ବଜାଜ ଚେତକ ନେଟୱର୍କ ବୃଦ୍ଧି କରୁଥିବାବେଳେ ୩୯୦ ଏକ୍ସକ୍ଲୁସିଭ ଷ୍ଟୋର୍ ଓ ୪,୨୮୦ ପଏଣ୍ଟ ଅଫ ସେଲରେ ୫୦୦ରୁ ଅଧିକ ସହରରେ ଉପଲବ୍ଧ। ଏହାର ୪,୧୦୦ରୁ ଅଧିକ ସର୍ଭିସ ୱାର୍କସପ ରହିଛି।

# ଜୁପିଟରର ବାର୍ଷିକ କ୍ରୀଡ଼ା ମହୋତ୍ସବ -୨୦୨୬




ଭୁବନେଶ୍ୱର,୧୮।୧(ଅନୁରାଧା ମହାରଣା)

ଜୁପିଟର ସମୂହ ଶିକ୍ଷା ପକ୍ଷରୁ ବାର୍ଷିକ କ୍ରୀଡା ମହୋତ୍ସବ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗପରଟଣାସ୍ଥିତ ଖେଳପଡ଼ିଆରେ ଅନୁଷ୍ଠିତ ଏହି କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ମାରାଥନ ଧାବିକା ବବିତା ଦିବ୍ୟାଦର୍ଶନୀ ଯୋଗଦେଇ କ୍ରୀଡ଼ା ମଶାଲ ଧରି ଧାବକଙ୍କ ସହ ଦୌଡ଼ିଥିଲେ ଏବଂ ପତାକା ଉତ୍ତୋଳନ କରି ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପଡ଼ିଆରେ ଖେଳାଳିମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସେମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ହର୍ ରାଣୀ ଜାତୀୟ ତଥା ଅନ୍ତର୍ଜାତୀୟ ଟ୍ରାକ ଏବଂ ଫିଲ୍‌ଡ ଆଥଲେଟ ଭାବେ ପରିଚିତ ଅନୁରାଧା ବିଶ୍ୱାଳ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରମାନଙ୍କ ମନୋବଳ ବଢ଼ାଇବା ସହିତ କ୍ରୀଡା କିପରି ଶୃଙ୍ଖଳା ଓ ଧୈର୍ଯ୍ୟ ବୃଦ୍ଧି କରିଥାଏ ବୁଝାଇଥିଲେ। ବିଜୟୀ ପ୍ରତିଯୋଗୀଙ୍କୁ ପଦକ ତଥା ମାନପତ୍ର ପ୍ରଦାନ କରିବା ସହିତ ସିନିଅର୍ ଓ ଜୁନିଅର୍ ବାଳକ ଓ ବାଳିକା ଉଭୟଙ୍କୁ ବ୍ୟକ୍ତିଗତ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସୁନ୍ଦର ମନୋଜ୍ଞ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଅଧ୍ୟକ୍ଷା ଧନ୍ୟବାଦ ଦେଇଥିଲେ।

# ତମ୍ବାଶିଳ୍ପରୁ ସଂଗ୍ରହ ହେବ ଗୁରୁତ୍ୱପୂର୍ଣ୍ଣ ଖଣିଜ

## ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି, ଏଚ୍‌ସିଏଲ୍ ମଧ୍ୟରେ ଚୁକ୍ତି




ଭୁବନେଶ୍ୱର,୧୮।୧(ଅନୁରାଧା ମହାରଣା)

ତମ୍ବାପଥର, କନ୍‌ସେଣ୍ଟ୍ରେଟ ଏବଂ ଟେଲିଙ୍ଗ୍‌ସରୁ ରେୟାର୍ ଆର୍ଥ ଏଲିମେଣ୍ଟସ, ଟ୍ରେସ ଏଲିମେଣ୍ଟସ ଏବଂ ତମ୍ବା ସମେତ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ପୁନରୁଦ୍ଧାର ପାଇଁ ସିଏସଆଇଆର-ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି ପ୍ରତିଷ୍ଠାନ (ସିଏସ୍ଆଇଆର-ଆଇଏମ୍‌ଏମଟି) ଏବଂ ହିନ୍ଦୁସ୍ଥାନ କପର ଲିମିଟେଡ(ଏଚ୍‌ସିଏଲ) ସହିତ ଏକ ଗବେଷଣା ଓ ବିକାଶ ଚୁକ୍ତି ସ୍ୱାକ୍ଷର କରିଛି। ଉଭୟ ସଂଗଠନ ମଧ୍ୟରେ ସ୍ୱାକ୍ଷରିତ ପ୍ରକଳ୍ପ ଚୁକ୍ତିନାମା ଆଦାନପ୍ରଦାନ ସହିତ କୋଲକାତାସ୍ଥିତ ଏଚସିଏଲ କର୍ପୋରେଟ କାର୍ଯ୍ୟାଳୟରେ ଏହ ପ୍ରକଳ୍ପ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏଚ୍‌ସିଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ କୁମାର ସିଂ, ନିର୍ଦ୍ଦେଶକ (ଅର୍ଥ) ଆର.ଭି.ଏନ. ବିଶ୍ୱେଶ୍ୱର, ନିର୍ଦ୍ଦେଶକ (ପରିଚାଳନା) ସଞ୍ଜୀବ କୁମାର ସିହ୍ନା ଏବଂ ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣଙ୍କ ଅଧ୍ୟକ୍ଷତାରେଏହି ଶୁଭାରମ୍ଭ ହୋଇଥିଲା। ଏଚସିଏଲର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ (ଖଣି) ବିନୋଦ ଗୁପ୍ତା ଏବଂ ସିଏସଆଇଆର-ଆଇଏମଏମଟିର ମୁଖ୍ୟ ବୈଜ୍ଞାନିକ ତଥା ବ୍ୟବସାୟ ବିକାଶ ଏବଂ ସେଣ୍ଟର ଅଫ ଏକ୍ସଲେନ୍ସ ବିଭାଗର ମୁଖ୍ୟ ଡ. କାଳୀ ସଞ୍ଜୟ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଇଭି, ୱିଣ୍ଡଟର୍ବାଇନ ଏବଂ ଇଲେକ୍ଟ୍ରୋନିକ୍ସ ଭଳି ସବୁଜ ପ୍ରଯୁକ୍ତିବିଦ୍ୟାର ଅଭିବୃଦ୍ଧି ପାଇଁ ତମ୍ବା ଭଳି ବାଣିଜ୍ୟିକ ଖଣିଜ ଏବଂ ଆରଇଇ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଆବଶ୍ୟକତା ରହିଛି। ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳା କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସୀମିତ ଥିବାରୁ ତମ୍ବା ପଥର ଏବଂ ଏହାର ବର୍ଜ୍ୟବସ୍ତୁରୁ ଏହି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥଗୁଡ଼ିକର ପୁନରୁଦ୍ଧାର କରିବା ଦ୍ୱାରା ଦେଶର ଖଣିଜ ସୁରକ୍ଷା ମଜଭୁତ ହେବା ସହ ଏହା ଏକ ରଣନୀତିକ ଘରୋଇ ସମ୍ପଦ ଭାବେ ଉପଲବ୍ଧ ହେବ। ଏହି ପଦକ୍ଷେପ ଅଧୀନରେ, ସିଏସଆଇଆର-ଆଇଏମଏମଟି ବିଭିନ୍ନ ତମ୍ବା ଶିଳ୍ପ ସାମଗ୍ରୀର ବିସ୍ତୃତ ବୈଶିଷ୍ଟ୍ୟ ଅନୁଧ୍ୟାନ କରିବ ଏବଂ ସେଥିରୁ ତମ୍ବା, ରେୟାର୍ ଆର୍ଥଏ ବଂ ଆନୁଷଙ୍ଗିକ ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକର ନିଷ୍କାସନ ପାଇଁ ସମ୍ଭାବ୍ୟ ମାର୍ଗ ପ୍ରସ୍ତୁତ କରିବ। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଖଣିଜ ପଦାର୍ଥର ଉପସ୍ଥିତି ବିଷୟରେ ବୈଜ୍ଞାନିକ ଧାରଣା ପ୍ରଦାନ କରିବା, ପୁନରୁଦ୍ଧାରର ବ୍ୟବହାରିକତା ଆକଳନ କରିବା ଏବଂ ପରୀକ୍ଷାମୂଳକ ଭାବେ ପ୍ରକ୍ରିୟା ବିକାଶ ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବା।

# ରିଲାଏନ୍ସ ରିଟେଲରର ୩୭ କୋଟି ୮୦ ଲକ୍ଷ ଗ୍ରାହକ

ଭୁବନେଶ୍ୱର,୧୮।୧(ଅନୁରାଧା ମହାରଣା)

## ୨୦୨୫-୨୬ର ତୃତୀୟ ତ୍ରୈମାସିକ ଫଳାଫଳ

ଆର୍ଥିକ ବର୍ଷ ୨୦୨୫-୨୬ର ତୃତୀୟ ତ୍ରୈମାସିକରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ରିଟେଲ ବ୍ୟବସାୟ ଉଲ୍ଲେଖନୀୟ ଭାବରେ ସମ୍ପ୍ରସାରଣ ଜାରି ରଖିଛି। ଏହି ତ୍ରୈମାସିକରେ ୪୩୧ଟି ନୂତନ ଷ୍ଟୋର ଯୋଡିବା ସହିତ ଦେଶରେ ରିଲାଏନ୍ସ ରିଟେଲର ମୋଟ ଷ୍ଟୋର ସଂଖ୍ୟା ୧୯,୯୭୯ରେ ପହଞ୍ଚିଛି । ଜିଓମାର୍ଟ ମଧ୍ୟ ଏହି ତ୍ରୈମାସିକରେ ଅଭିବୃଦ୍ଧି ହାସଲ କରିବା ସହିତ ଏହାର ଦୈନିକ ଅର୍ଡର ସଂଖ୍ୟା ୧୬ ଲକ୍ଷ ଅତିକ୍ରମ କରିଛି। ଏହି ତ୍ରୈମାସିକରେ ରିଲାଏନ୍ସ ରିଟେଲ ୫୦ କୋଟି କାରବାର (ଟ୍ରାଞ୍ଜାକ୍ସନ) ସଂଖ୍ୟା ଅତିକ୍ରମ କରିଛି, ଯାହା ପୂର୍ବ ବର୍ଷ ତୁଳନାରେ ୪୭.୬ ପ୍ରତିଶତ ବୃଦ୍ଧିକୁ ଦର୍ଶାଉଛି। କମ୍ପାନୀର ପଞ୍ଜୀକୃତ ଗ୍ରାହକ ଆଧାର ମଧ୍ୟ ୩୭ କୋଟି ୮୦ ଲକ୍ଷକୁ ବୃଦ୍ଧି ପାଇଛି। ତୃତୀୟ ତ୍ରୈମାସିକରେ ରିଲାଏନ୍ସ ରିଟେଲର ରାଜସ୍ୱ ପୂର୍ବ ବର୍ଷ ସମାନ ଅବଧି ତୁଳନାରେ ୮.୧ ପ୍ରତିଶତ ବୃଦ୍ଧି ପାଇ ୯୭,୬୦୫ କୋଟି ଟଙ୍କା ହୋଇଛି। ତ୍ରୈମାସିକ ଫଳାଫଳ ଉପରେ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଇଶା ଏମ. ଅମ୍ବାନୀ କହିଛନ୍ତି, ରିଲାଏନ୍ସ ରିଟେଲ ଏହି ତ୍ରୈମାସିକରେ ଦୃଢ଼ ପ୍ରଦର୍ଶନ ସହିତ ଲକ୍ଷ ଲକ୍ଷ ଗ୍ରାହକଙ୍କ ଭିନ୍ନ ଭିନ୍ନ ସପିଙ୍ଗ ଆବଶ୍ୟକତାକୁ ସଫଳତାର ସହିତ ପୂରଣ କରିଛି। ଟ୍ରେଣ୍ଡ-କେନ୍ଦ୍ରିତ ଉତ୍ପାଦ ଏବଂ ଏକ ନିରବଚ୍ଛିନ୍ନ ଓମନି-ଚ୍ୟାନେଲ ଅଭିଜ୍ଞତାକୁ ପ୍ରାଥମିକତା ଦେଇ, ଆମେ ଲଗାତର ଭାବରେ ଦୃଢ଼ ଗ୍ରାହକ ସମ୍ପୃକ୍ତି ଏବଂ ଗ୍ରାହକ ବିଶ୍ୱାସ ବଢ଼ାଇବାରେ ସଫଳତା ହାସଲ କରୁଛୁ।


# Classified Everyday
0674-2580101, 9692975378



REAL ESTATE
SALE

Semi- Commercial Land for Sale At ଆଙ୍ଗୁଳା, Near ସିନ୍ଧିଆ High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣ୍ଡା. Area- 16,500 Sqft. (30Lakhs Only) Direct Owner. 7978551614.
D-3115

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140.
D-3023

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

LOST

I, Kamala Satanami, W/o- Lokanath Satanami, Resident of Village/P.O./P.S.- Papadahandi, Dist.- Nabarangpur do hereby solemnly affirm and state that I am purchasing a Land to an extend of Ac 0.90 cents under Papadahandi before the Dist Sub-Registrar Nabarangpur in year of 1983 vide Document No: 1241 of 1983. That the said sale deed & other's documents has been misplaced somewhere, while going towards Jeypore. That in spite of several search I couldn't traced out. So I have reported before Papadahandi Police Station. That the content of this affidavit are true to the best of my knowledge, belief and information.
Deponent
D-3143

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

AFFIDAVIT

By virtue of an affidavit sworn before the Executive Magistrate, Bhubaneswar, CF. No.- 80, dated 13.01.2026, I, DHURBA BHOI, S/o- Late Abhin Bhoi, permanent resident of Badagada Bhoi Sahi, Bhubaneswar, Dist.- Khordha, State- Odisha, PIN- 751018 declare that I have changed my name from DHRUBA BOI (Old name) to DHURBA BHOI (New name). Henceforth, I shall be known as DHURBA BHOI for all purposes.
D-76952

I, Ashok Kumar Sahoo, S/o- Jadumani Sahoo, At- Kathagada, Sibaji Nagar, Tahasil/P.S- Dhenkanal, P.S.- Town, District- Dhenkanal, 759001, Odisha declare that I have changed my minor daughter's name from SARMISTHA SAHOO to SARMISTHA SAHU, dtd. 26.12.2025 before Notary Public, Dhenkanal.
Ashok Kumar Sahoo
D-3142

## ମନେ ପଡ଼ନ୍ତି

**ନବମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି**



୰ଗୋପାଳ ଚନ୍ଦ୍ର ସେଠୀ
ପ୍ଲଟ୍ ନଂ- ୮୫, ଗୌତମ ନଗର, ଭୁବନେଶ୍ୱର
ତିରୋଧାନ: ୨୧।୦୧।୨୦୧୭
ଅଦିନ ସୁଅରେ ପ୍ରଳୟ ଝଡ଼ରେ
ସୁଖ ସ୍ୱପ୍ନ ଗଲା ସରି
ନଅଟି ବରଷ ଅଭୁଲା ସ୍ମୃତିକୁ
ନୀରବରେ ଝୁରି ଝୁରି
ତୁମ ବିନା ଆଜି ଶୂନ୍ୟ ମନ୍ଦିରରୁ
ଦୁଃଖରେ ପ୍ରଦୀପ ଜାଳୁ
ଯହିଁ ଥାଅ ପଛେ ସୁଖରେ ରହିବ ଏତିକି
କାମନା କରୁ।
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ତ୍ରୀ, ସେଠୀ ପରିବାର ଓ ଆତ୍ମୀୟସ୍ୱଜନ।
ଧ-୭୬୩୦୫

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**




ସ୍ୱର୍ଗତ ଅର୍ଜୁନ ପୃଷ୍ଟି
ଭୁଷଣ୍ଡପୁର, ଖୋର୍ଦ୍ଧା
ଆବିର୍ଭାବ-୧୮.୦୭.୧୯୩୩
ତିରୋଧାନ-୧୯.୦୧.୨୦୨୨
ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତ ଯନ୍ତ୍ରଣାଦାୟକ। ବାପା, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଧର୍ମ, କର୍ମ, ସେବା ଓ କର୍ତ୍ତବ୍ୟନିଷ୍ଠା ସର୍ବଦା ମନେରହିଥିବ। ସ୍ୱର୍ଗତ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।
ଶୋକସନ୍ତପ୍ତ: କନ୍ୟା- ମମତା, ଜ୍ୱାଇଁ- ରାମେଶ୍ୱର, ପୁତ୍ର- ପ୍ରମୋଦ, ବସନ୍ତ, ସୁମନ୍ତ, ପ୍ରଶାନ୍ତ, ପୁତ୍ରବଧୂ- କନ୍ୟାକୁମାରୀ, ମାମୁନି, ମୁନକୀରାଣୀ, ରୂପାସିକ୍ତା, ନାତି- ଓମ୍, ଗୋପାଳ, ସ୍ୱାଧୀନ, କାହ୍ନା, ନାତୁଣୀ- ମାମା, ସୋମା, ଶୁଭ, ଦିପି, ଲିପି, ଲିଙ୍କି,ପିଙ୍କି ରଣପୁର ଓ ଚାନ୍ଦପୁର କୋଣାର୍କ କୁଏଲାରୀ ପରିବାର ତଥା ବନ୍ଧୁ ଓ ଆତ୍ମୀୟସ୍ୱଜନଙ୍କ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ଧ-୩୧୪୦

**୧୪ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ସୁଶୀଳା ସାହୁ
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ତିରୋଧାନ: ୨୪।୦୧।୨୦୧୨
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୫୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ନିରଞ୍ଜନ ଜେନା
ଆବିର୍ଭାବ :- ୧୨.୧୧.୧୯୪୨
ତିରୋଧାନ :- ୦୯.୦୧.୨୦୨୬
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ । ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ।।"
ବାପା, ତୁମ ଅବର୍ତ୍ତମାନରେ ଆମେ ସାରା ପରିବାର ଦୁଃଖ ସନ୍ତପ୍ତରେ କାଳ କାଟୁଛୁ। ଆମ୍ଭମାନଙ୍କ ଜୀବନରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହି ମୋହ ମାୟା ଭରା ଅନ୍ଧ ରାଇଜରେ ତୁମର ନୀତି, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନୁଶାସନ ଓ ଆଶୀର୍ବାଦ ଆମ ପାଇଁ ପଥପ୍ରଦର୍ଶକ ହେଉ।
: ଶୋକ ସନ୍ତପ୍ତ :
ପୁତ୍ର, ପୁତ୍ରବଧୂ, ନାତି, ନାତୁଣ, ପରିବାର ଓ ଆତ୍ମୀୟସ୍ୱଜନ।
ଧ-୩୧୩୯

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ରାଡୁକାନୁ, ସାବାଲେଙ୍କା ଦ୍ୱିତୀୟ ରାଉଣ୍ଡରେ

ରାଡୁକାନୁ ୧୮।୧

ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଏକ ମହିଳା ସିଙ୍ଗଲ୍ସ ମ୍ୟାଚରେ ବ୍ରିଟିଶ ନମ୍ବର ୱାନ ଏମା ରାଡୁକାନୁ ବିଜୟ ଲାଭ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମାର୍ଗାରେଟ୍ କୋର୍ଟ ଆରେନାଠାରେ ଖେଳାଯାଇଥିବା ମ୍ୟାଚରେ ଏହି ୨୩ ବର୍ଷୀୟା ଥାଇଲାଣ୍ଡର ବିଶ୍ୱ ୧୯୬ ମାନ୍ୟତାପ୍ରାପ୍ତ ମନଞ୍ଚୟା ସାୱାଙ୍ଗକେଉଙ୍କୁ ୬-୪, ୬-୧ରେ ହରାଇ ଦେଇଛନ୍ତି। ରାଡୁକାନୁ ପରବର୍ତ୍ତୀ ରାଉଣ୍ଡରେ ଅଷ୍ଟ୍ରିଆର ଆନାସ୍ତାସିଆ ପୋଟା ପୋଭାଙ୍କୁ ଭେଟିବେ। ତୃତୀୟ ରାଉଣ୍ଡରେ

**ଅଷ୍ଟ୍ରେଲିଆନ ଓପନ ଆରମ୍ଭ**

ତାଙ୍କର ବିଶ୍ୱର ନମ୍ବର ୱାନ ଆରିନା ସାବାଲେଙ୍କାଙ୍କୁ ଭେଟିବା ସମ୍ଭାବନା ସୃଷ୍ଟି ହୋଇଛି। ରଡ୍ ଲାଭର ଆରେନାଠାରେ ଖେଳାଯାଇଥିବା ଅନ୍ୟ ଏକ ମହିଳା ସିଙ୍ଗଲ୍ସ ମ୍ୟାଚରେ ସାବାଲେଙ୍କା ଫ୍ରେଞ୍ଚ୍ ୱାଇଲ୍ଡ କାର୍ଡ ଟିଆଣ୍ଟସୋଆ ରାକୋ ଟୋମାଙ୍ଗାଙ୍କୁ ୬-୪, ୬-୧ରେ ହରାଇ ଦେଇଛନ୍ତି। ମହିଳା ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚରେ ସପ୍ତମ ସିଡ୍ ଯସ୍ମିନ ପାଓଲିନ୍ ୬-୧, ୬-୨ରେ ଆଲିଆକ୍ ସାଣ୍ଡ୍ରାଙ୍କୁ ୬-୧, ୬-୨ରେ ହରାଇ ଦେଇଛନ୍ତି। ମହିଳା ବିଭାଗରେ ଦୁଇ ସିଡେଡ ଖେଳାଳି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏଲ୍‌ସା ଜାକ୍ୱେମଟ ବିଶ୍ୱର ୨୦ ନମ୍ବର ମାର୍ଟା କୋଷ୍ଟିଉକ୍‌ଙ୍କୁ ୬-୭ (୪), ୭-୬ (୪), ୭-୬ (୭)ରେ ପରାସ୍ତ କରିଥିବା ବେଳେ ତୁର୍କୀଶ କ୍ୱାଲିଫାୟର ଜେନେକ୍ ସନ୍‌ମେଜ ୧୧ ନମ୍ବର ଖେଳାଳି ଏକାଟରିନା ଆଲେକ୍‌ଜାଣ୍ଡ୍ରୋଭାଙ୍କୁ ୭-୫, ୪-୬, ୬-୪ରେ ହରାଇ ଦେଇଛନ୍ତି।



ପ୍ରଥମ ରାଉଣ୍ଡ ମ୍ୟାଚ ଅବସରରେ ନମ୍ବର ୱାନ ଆରିନା ସାବାଲେଙ୍କାଙ୍କ ପ୍ରତିକ୍ରିୟା।

## ଅଲ୍‌କାରାଜ, ଜେଭରେଭ ବିଜୟୀ

ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ତୃତୀୟ ସିଡ୍ ଆଲେକ୍‌ଜାଣ୍ଡର ଜେଭରେଭ କଷ୍ଟ ସାଧ୍ୟ ବିଜୟ ହାସଲ କରିଛନ୍ତି। ସେ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୨୪ ବର୍ଷୀୟ ତଥା କାନାଡାର ଉଦୀୟମାନ ତାରକା ଖେଳାଳି ଗାବ୍ରିଲ ଡାଏଲୋଙ୍କୁ ୬-୭ (୭), ୬-୧, ୬-୪, ୬-୨ରେ ହରଇ ଦେଇଛନ୍ତି। ପ୍ରଥମ ପୁରୁଷ ସିଡ୍ ଖେଳାଳି ଭାବେ ବିଶ୍ୱର ୨୦ନମ୍ବର ଇଟାଲିର ଫ୍ଲାବିଓ କୋବୋଲି ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ସେ ବ୍ରିଟିଶ କ୍ୱାଲିଫାୟର ଆର୍ଥର ଫେରିଙ୍କଠାରୁ ୭-୬ (୭), ୬-୪, ୬-୧ରେ ପରାଜିତ ହୋଇଛନ୍ତି। ଟପ୍ ସିଡ କାର୍ଲୋସ ଅଲକାରାଜ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ୍ ସିଙ୍ଗଲ୍ସର ଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ସେ ଆଡାମ ୱାଲ୍‌ଟନ୍‌ଙ୍କୁ ୬-୩, ୭-୬ (୨), ୬-୨ରେ ହରାଇ ଦେଇଛନ୍ତି।

# ନ୍ୟୁଜିଲାଣ୍ଡର ସିରିଜ୍ ବିଜୟ

ଇନ୍ଦୋର,୧୮।୧

ସ୍ଥାନୀୟ ହୋଲକର ଷ୍ଟାଡିୟମରେ ରବିବାର ବିରାଟ କୋହଲିଙ୍କ ଦର୍ଶନୀୟ ଶତକ ସତ୍ତ୍ୱେ ଭାରତ ୪୧ ରନରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଛି। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨-୧ରେ ଜିତି ନେଇଛି। ଭାରତ ମାଟିରେ ଏହା ନ୍ୟୁଜିଲାଣ୍ଡ ପାଇଁ ପ୍ରଥମ ଦିନିକିଆ ସିରିଜ୍ ବିଜୟ। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଖୁବ ଶସ୍ତାରେ ଡେଭନ କନୱେ (୫) ଓ ହେନରୀ ନିକୋଲସ(୦)ଙ୍କ ଉଇକେଟ ହରାଇଥିଲା। ନଂ-୩ରେ ବ୍ୟାଟିଂ କରିଥିବା ୱିଲ ୟଙ୍ଗ ୩୦ ରନ୍ କରି ପାଭିଲିଅନ ଫେରିଥିଲେ। ଏହାପରେ ମିଚେଲ ଓ ଫିଲିପ୍ସ ଚତୁର୍ଥ ଉଇକେଟରେ ୨୧୯ ରନ ଯୋଡ଼ିଥିଲେ। ୪୩ତମ ଓଭରରେ ଫିଲିପ୍ସଙ୍କୁ ଆଉଟ୍ କରି ଅର୍ଶଦୀପ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ରେକ ଥ୍ରୁ ଆଣି ଦେଇଥିଲେ। ଫିଲିପ୍ସ ୮୮ ବଲରେ ୯ ଚୌକା ଓ ୩ ଛକା ୧୦୬ ରନ୍ କରିଥିଲେ। ତାଙ୍କ ଭଳି ମିଚେଲ କ୍ୟାରିୟରର ନବମ ଦିନିକିଆ ଶତକ ହାସଲ କରିବା ପରେ ପାଭିଲିଅନ ଫେରିଥିଲେ। ସେ ୧୩୧ ବଲରେ ୧୫ ଚୌକା ଓ ୩ ଛକା ସହିତ ୧୩୭ ରନ କରିଥିଲେ। ଦୁଇ ସେଟ୍ ବ୍ୟାଟର ଆଉଟ୍ ହେବା ପରେ ନ୍ୟୁଜିଲାଣ୍ଡ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫଳରେ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୩୩୭ ରନ କରିପାରିଥିଲା। ଭାରତ ପାଇଁ ଅର୍ଶଦୀପ ଓ ହର୍ଷିତ ରାଣା ୩ ଲେଖାଏ ଉଇକେଟ ଅର୍ଜନ କରିଥିଲେ।

ଜବାବରେ ଭାରତ ଆରମ୍ଭରୁ ରୋହିତ ଶର୍ମା (୧୧)ଙ୍କ ଉଇକେଟ ହରାଇଥିଲା। ଏହାପରେ ବିରାଟ କୋହଲି ଗୋଟିଏ ପକ୍ଷରେ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପକ୍ଷରେ ଅଧିନାୟକ ଶୁବମନ ଗିଲ (୨୩), ଶ୍ରେୟସ ଆୟାର (୩) ଓ ଲୋକେଶ ରାହୁଲ (୧) କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ଦଳ ମାତ୍ର ୭୧ ରନରେ ପ୍ରମୁଖ ୪ ବ୍ୟାଟରଙ୍କ ଉଇକେଟ ହରାଇଥିଲା। ଏଭଳି ପରିସ୍ଥିତିରେ କୋହଲିଙ୍କ ସହ ନୀତୀଶ କୁମାର ରେଡ୍ଡୀ ମିଶି ପଞ୍ଚମ ଉଇକେଟରେ ୮୮ ରନ ଯୋଡ଼ିଥିଲେ। ହେଲେ ନୀତୀଶ (୫୩ ରନ, ୨ ଲେଖାଏ ଚୌକା ଓ ଛକା) ଅର୍ଦ୍ଧଶତକ ପୂରଣ କରିବା ପରେ ଆଉଟ୍ ହୋଇଥିଲେ। ତାଙ୍କ ପରେ କ୍ରିଜ୍‌କୁ ଓହ୍ଲାଇଥିବା ରବୀନ୍ଦ୍ର ଜାଡେଜା (୧୨) ବିଫଳ ହୋଇଥିଲେ। ଏହିଠାରୁ କୋହଲି ଓ ହର୍ଷିତ ରାଣା ସପ୍ତମ ଉଇକେଟରେ ୬୯ ବଲରେ ଦ୍ରୁତ ୯୯ ରନ ଯୋଡ଼ି ଦଳକୁ ବିଜୟ ଆଶା ଦେଇଥିଲେ। ଇତି ମଧ୍ୟରେ କୋହଲି ଶତକ ପୂରଣ କରିଥିଲେ। ହର୍ଷିତ ଅର୍ଦ୍ଧଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ। ସେ ୪ ଲେଖାଏ ଚୌକା ଓ ଛକା ସହ ୫୨ ରନ କରିଥିଲେ। କୋହଲି ୧୨୪ (୧୦ ଚୌକା ଓ ୩ ଛକା ) ରନ କରି ୯ମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଫଳରେ ଭାରତ ୪୬ ଓଭରରେ ୨୯୬ ରନରେ ଅଲଆଉଟ୍ ହୋଇଯାଇଥିଲା।


ଶତକ ପରେ ଡାରଲି ମିଚେଲ ଓ ଗ୍ଲେନ୍ ଫିଲିପ୍ସ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ: ୫୦ ଓଭରରେ ୩୩୭/୮(ଡାରଲି ମିଚେଲ-୧୩୭, ଗ୍ଲେନ ଫିଲିପ୍ସ-୧୦୬, ଅର୍ଶଦୀପ ସିଂ-୩/୬୩, ହର୍ଷିତ ରାଣା-୩/୮୪)। ଭାରତ: ୪୬ ଓଭରରେ ୨୯୬/ଅଲଆଉଟ୍ (ବିରାଟ କୋହଲି-୧୨୪, ହର୍ଷିତ ରାଣା-୫୨, ନୀତୀଶ ରେଡ୍ଡୀ-୫୩, କ୍ରିଷ୍ଟିଆନ କ୍ଲାର୍କ-୩/୫୪, ଜାକାରି ଫକେସ-୩/୭୭, ଜେଡେନ ଲେନକ୍ସ- ୨/୪୨)।

# ୧୭ ବର୍ଷରୁ କମ୍ ଚେସ୍: ସତ୍ୟମ୍ ଚାମ୍ପିୟନ

ଭୁବନେଶ୍ୱର, ୧୮।୧ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଓଁ ଗୁରୁକୁଳ ପବ୍ଲିକ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ୧୭ ବର୍ଷରୁ କମ୍ ଓପନ ଚେସ୍‌ରେ ସତ୍ୟମ୍ ସ୍ୱରୂପ ସାହୁ ଚାମ୍ପିୟନ ହୋଇଛନ୍ତି। ୪ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୪ ପଏଣ୍ଟ ପାଇଛନ୍ତି। ସ୍ୱୟମ ସ୍ୱରୂପ ମହାନ୍ତି, ଆୟୁଷ୍ମାନ ବେହେରା, ସ୍ଥିତପ୍ରଜ୍ଞ ପଟ୍ଟନାୟକ ଓ ସ୍ୱସ୍ତିକ ତ୍ରିପାଠୀ ଟପ୍-୫ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ଖେଳାଳିମାନଙ୍କୁ ଏଜ୍ ଗ୍ରୁପ୍ ଏବଂ ୫ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଓଁ ଗୁରୁକୁଳ ପବ୍ଲିକ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀରେ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ନାମେଣ୍ଟ ନିର୍ଦ୍ଦେଶକ କନୋଜ କୁମାର ବେହୁରା ଅତିଥିଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।



ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ଗ୍ରେଡିଂରେ ଭାଗ ନେଇଥିବା କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ପାକିସ୍ତାନର ହସ୍ତକ୍ଷେପ ଲୋଡ଼ିଲା ବାଂଲାଦେଶ

ଢାକା,୧୮।୧

**ଟି୨୦ ବିଶ୍ୱକପ୍ ବିବାଦ**

ଆସନ୍ତା ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ବାଂଲାଦେଶ ଦଳର ଭାରତ ଟ୍ରାଭେଲ କରିବାକୁ ନେଇ ଲାଗି ରହିଥିବା ବିବାଦ ନୂଆ ମୋଡ଼ ନେଇଛି। କିଛି ରିପୋର୍ଟ ମୁତାବକ, ବାଂଲାଦେଶ କୂଟନୈତିକ ଓ କ୍ରିକେଟିଂ ସମର୍ଥନ ଲାଗି ପାକିସ୍ତାନର ହସ୍ତକ୍ଷେପ ଲୋଡ଼ିଛି।

ବାଂଲାଦେଶ ସରକାର ପାକିସ୍ତାନୀ ଅଧିକାରୀଙ୍କୁ ଯୋଗାଯୋଗ କରି ଆଗାମୀ ଟି୨୦ ବିଶ୍ୱକପ୍‌ରେ ଅଂଶଗ୍ରହଣ ଓ ଆଇସିସିଠାରୁ ସକାରାତ୍ମକ ପ୍ରତିକ୍ରିୟା ଲାଗି ସମର୍ଥନ ମାଗିଛନ୍ତି। ଯଦି ବାଂଲାଦେଶ ଦଳର ଦାବି ପୂରଣ ନ କରାଯାଏ, ତେବେ ପାକିସ୍ତାନ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ କି ନାହିଁ, ତା' ଉପରେ ବିଚାର କରିବାକୁ ସଙ୍କେତ ଦେଇଥିବା ସୂତ୍ରରୁ କୁହାଯାଇଛି। ଯଦି ପାକିସ୍ତାନ ହସ୍ତକ୍ଷେପ କରେ, ତେବେ ବିବାଦ ଅଧିକ ଜଟିଳ ହେବ ଏବଂ ସମାଧାନ କରିବାକୁ ଉଦ୍ୟମ କରୁଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଲାଗି ଅଡୁଆ ବଢ଼ିବ। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଅଗଷ୍ଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଭାରତରେ ଶରଣ ନେବା ପରେ ବାଂଲାଦେଶ-ପାକିସ୍ତାନ ସମ୍ପର୍କରେ ସୁଧାର ଆସିଛି। ବାଂଲାଦେଶ ପକ୍ଷରୁ ପ୍ରତ୍ୟର୍ପଣ ଲାଗି ଅନୁରୋଧ କରାଯିବା ସତ୍ତ୍ୱେ ଭାରତ ତାହାକୁ ଅଣଦେଖା କରୁଛି, ଯାହାକି ଦୁଇ ପଡ଼ୋଶୀ ଦେଶର ସମ୍ପର୍କକୁ ତିକ୍ତ କରି ଦେଇଛି।

# କରାଟେ ଗ୍ରେଡିଂ ପରୀକ୍ଷା: ୨୯୪ କରାଟେକା ଉତ୍ତୀର୍ଣ୍ଣ

ଭୁବନେଶ୍ୱର,୧୮।୧ (ବିଜୟ ରଣା)

ଉତ୍କଳ କରାଟେ ମୁଖ୍ୟଶାଖାରେ ସୁକୋକୋଇ କରାଟେର ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୯୪ଜଣ କାରାଟେକାରେ ଉତ୍ତୀର୍ଣ୍ଣ ହୋଇ ଉପରିସ୍ଥ ବେଲ୍ଟ ହାସଲ କରିଛନ୍ତି। ପରୀକ୍ଷାରେ ୫୯ଜଣ ୟଲୋ ବେଲ୍ଟ ୬୪ଜଣ ଅରେଞ୍ଜ ବେଲ୍ଟ, ୪୧ ଜଣ ଗ୍ରୀନ୍ ବେଲ୍ଟ, ୫୧ ଜଣ ବ୍ଲୁ ବେଲ୍ଟ ଏବଂ ୭୯ଜଣ ବ୍ରାଉନ୍ ବେଲ୍ଟରେ କୃତକାର୍ଯ୍ୟ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ସୁକୋକୋଇ କରାଟେ ୟୁନିୟନର ମୁଖ୍ୟ ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଏହିପରୀକ୍ଷାକୁପରିଚାଳନା କରିଥିଲେ ସେନ୍‌ସେଇ ସିନିୟର ପ୍ରଶିକ୍ଷକ ଖାରବେଳ ମଲିକ, ଅରବିନ୍ଦ ପଟ୍ଟନାୟକ, ଦୀପକ ସାମନ୍ତରା, ସନ୍ତୋଷ ମହାରଣା, ଶୁଭେନ୍ଦୁ ଲେଙ୍କା, ସପନ ମିଶ୍ର, ଅମିୟ ସାହୁ, ଆଶିଷ ରାଉତ, ରାହୁଲ ପ୍ରଧାନ, ଗୋପାଳ ରାଓ ଓ ନ୍ୟାସା କୁମାରୀ।

# ଫିଡେ ସମ୍ମିଳନୀ ଅବସରରେ ସ୍ୱତନ୍ତ୍ର ଡାକ ଟିକେଟ

ଭୁବନେଶ୍ୱର, ୧୮।୧ (ତପନ ସ୍ୱାଇଁ)

ସମାଜ ଏବଂ ଶିକ୍ଷା ଉପରେ ଚେସ୍‌ର ପ୍ରଭାବକୁ ନେଇ ପ୍ରଥମ ଫିଡେ ଗ୍ଲୋବାଲ୍ ସମ୍ମିଳନୀ ସଫଳତାର ସହ ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଶ୍ୱ ଚେସ୍ ଫେଡେରେଶନ (ଫିଡେ), ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍) ଏବଂ କିଟ୍ ଓ କିସ୍‌ର ମିଳିତ ଉଦ୍ୟମରେ ଆୟୋଜିତ ହୋଇଛି। ଏହି ବିଶେଷ ଅବସରରେ ୬ ଜଣଙ୍କ ଉପରେ ସ୍ୱତନ୍ତ୍ର ଲଫାପା ଏବଂ ୬ଟି ଡାକ ଟିକେଟ ଉନ୍ମୋଚିତ ହୋଇଛି। ଏହି ୬ ଜଣ ହେଲେ ରୁଷ୍‌ର ପୂର୍ବତନ ଉପପ୍ରଧାନମନ୍ତ୍ରୀ ଏବଂ ବର୍ତ୍ତମାନ ଫିଡେ ସଭାପତି ଆର୍କାଡି ଡଭୋରକୋଭିଚ୍, ୫ ଥର ବିଶ୍ୱ ଚେସ୍ ଚାମ୍ପିୟନ୍ ବିଶ୍ୱନାଥନ ଆନନ୍ଦ, ଲାଟଭିଆ ଗଣରାଜ୍ୟର ପୂର୍ବତନ ଅର୍ଥମନ୍ତ୍ରୀ, ୫ ଥର ସାଂସଦ ଏବଂ ବର୍ତ୍ତମାନ ଫିଡେ ଉପାଧ୍ୟକ୍ଷ, ଡାନା ରେଜନିସ୍-ଓଜୋଲା, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଫିଡେରେ ଚେସ୍ ଇନ୍ ଏଜୁକେଶନ୍ କମିଶନରେ ଭାରତର ପ୍ରତିନିଧି ଗ୍ରାଣ୍ଡମାଷ୍ଟର ଅଭିଜିତ କୁନ୍ତେ ଏବଂ ଫିଡେ ମୂଲ୍ୟାଙ୍କିତ ଖେଳାଳି, ପ୍ରଶିକ୍ଷକ, ଆର୍ବିଟର ଏବଂ ଫେୟାରପ୍ଲେ ବିଶେଷଜ୍ଞ ରଞ୍ଜନ ମହାନ୍ତି। ରଞ୍ଜନ ହେଉଛନ୍ତି ବର୍ତ୍ତମାନ ଏଆଇସିଏଫ୍‌ର ଇଭେଣ୍ଟସ୍ କମିଟିର ସଦସ୍ୟ। ଭାରତୀୟ ରାଜସ୍ୱ ସେବା ଅଧିକାରୀ ରଞ୍ଜନ ମହାନ୍ତିଙ୍କୁ ତାଙ୍କର ଚମତ୍କାର କାର୍ଯ୍ୟ ପାଇଁ ଫିଡେ ଦ୍ୱାରା ତାଙ୍କୁ ଆନୁଷ୍ଠାନିକ ଭାବରେ ଏହି ମେଗା ଇଭେଣ୍ଟର ସଂଯୋଜକ ଭାବେ ମନୋନୀତ କରାଯାଇଥିଲା। ସେ ଓଡ଼ିଶାର ପ୍ରଥମ ଚେସ୍ ଖେଳାଳି ଭାବେ ଚେସ୍ ପ୍ରୋତ୍ସାହନ ପାଇଁ ଫିଡେ ତରଫରୁ ପ୍ରଶଂସା ପତ୍ର ପାଇଛନ୍ତି।


ସ୍ୱତନ୍ତ୍ର ଲଫାପା ଓ ଡାକ ଟିକେଟ ସହ ଉପସ୍ଥିତ ଅତିଥିବୃନ୍ଦ।

# 'କ୍ରୀଡ଼ା ବିକାଶରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଭୁବନେଶ୍ୱର, ୧୮।୧ (ତପନ ସ୍ୱାଇଁ)

ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟସ ଆସୋସିଏଶନ (ଓସ୍‌ଜା)ର ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବ ରବିବାର କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ସେଣ୍ଟର ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଓ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଭାସମ୍ପନ୍ନ ଯୁବ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ, ବିଶିଷ୍ଟ ହକି ପ୍ରଶିକ୍ଷକ କାଳୁଚରଣ ଚୌଧୁରୀ ଏବଂ କ୍ରୀଡ଼ା ପ୍ରୋତ୍ସାହନରେ ବିଶେଷ ଅବଦାନ ରଖୁଥିବା ଏମ୍‌ଜିଏମ୍ ଗ୍ରୁପ୍‌କୁ ପୁରସ୍କୃତ କରିଛନ୍ତି। ପ୍ରୀତିସ୍ମିତାଙ୍କୁ ୨୦୨୫ ମସିହାର ଶ୍ରେଷ୍ଠ ଖେଳାଳି ଏବଂ କାଳୁଚରଣ ଚୌଧୁରୀଙ୍କୁ ଜୀବନବ୍ୟାପୀ ସେବା ସମ୍ମାନ ବାବଦରେ ନଗଦ ୨୫ହଜାର ଟଙ୍କା ଲେଖାଏ, ପ୍ରଶସ୍ତିପତ୍ର, ଉତ୍ତରୀୟ ଓ ବିଶେଷ ଟ୍ରଫି ପ୍ରଦାନ କରାଯାଇଛି। ସେହିପରି କ୍ରୀଡ଼ାର ବିକାଶ ଦିଗରେ ପ୍ରମୁଖ ସହଯୋଗ ହାତ ବଢ଼ାଉଥିବା ଏମ୍‌ଜିଏମ୍‌କୁ ମଧ୍ୟ ପୁରସ୍କୃତ କରାଯାଇଛି। ଏମ୍‌ଜିଏମ୍ ଗ୍ରୁପ୍‌ର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତିଙ୍କ ତରଫରୁ କମ୍ପାନୀର ଏଜିଏମ୍ (କର୍ପୋରେଟ୍ ଆଫେୟାର୍ସ ଆଣ୍ଡ୍ ସିଏସ୍‌ଆର୍) ଉତ୍ତମ କୁମାର ନାୟକ ପ୍ରଥମ ଥର ପାଇଁ ପ୍ରଚଳିତ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ କହିଛନ୍ତି ଯେ ''କ୍ରୀଡ଼ା ବିକାଶରେ ସରକାରଙ୍କ ବ୍ୟବସ୍ଥା ସହିତ ଖବରଦାତାଙ୍କ ଭୂମିକା ହିଁ ଅନ୍ୟତମ ଶ୍ରେଷ୍ଠ ମାଧ୍ୟମ ଭାବେ ଉପଯୁକ୍ତ ଯୋଗଦାନ ରଖୁଛି। ସରକାର ଏବେ ଓଡ଼ିଶାରେ ତୃଣମୂଳସ୍ତରରୁ ଖେଳର ସାମଗ୍ରିକ ବିକାଶ ପାଇଁ କାମ କରୁଛନ୍ତି। ଏ କ୍ଷେତ୍ରରେ ଯଦି କୌଣସି ପ୍ରତିବନ୍ଧକ ଆସୁଛି କି ପ୍ରସ୍ତାବ ରହିଛି ଆମ ଦୃଷ୍ଟିକୁ ଅଣାଯାଉ''।



ପୁରସ୍କୃତ କ୍ରୀଡ଼ାବିତ୍‌ଙ୍କ ସହ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

**ପ୍ରୀତିସ୍ମିତା, କାଳୁଚରଣ, ଏମ୍‌ଜିଏମ୍‌କୁ 'ଓସ୍‌ଜା' ପୁରସ୍କାର**

## ସଟଲ ପରିସରରେ ମିଡିଆ ସେଣ୍ଟର

କ୍ରୀଡ଼ା ଖବରଦାତାଙ୍କ ଭୂମିକାକୁ ସ୍ୱୀକୃତି ଜଣାଇବା ସହ ଖୁବ୍‌ଶୀଘ୍ର କଳିଙ୍ଗ ଷ୍ଟାଡିୟରେ ଏକ କ୍ରୀଡ଼ା ସଂଗ୍ରହାଳୟର ବ୍ୟବସ୍ଥା କରାଯିବ ଏବଂ ବ୍ୟାଡ୍‌ମିଣ୍ଟନର ବିଶ୍ୱସ୍ତରୀୟ ଭିତ୍ତିଭୂମି 'ସଟଲ୍' ପରିସରରେ ସର୍ବନିମ୍ନ ଆବଶ୍ୟକତା ସହିତ ଏକ ମିଡିଆ ସେଣ୍ଟର୍ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ଖେଳ ଖବରଦାତାଙ୍କ ଭୂମିକା ପାଇଁ ହିଁ ଖେଳ ଓ ଖେଳାଳିଙ୍କ ସଫଳତାକୁ ନେଇ 'ଓଡ଼ିଶା' ଆଜି ବିଶ୍ୱ ଦରବାରରେ ପ୍ରଶଂସିତ ହୋଇଛି ବୋଲି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ସୁରେଶ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଉପସଭାପତି ସମୀକ୍ଷା ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ପ୍ରକାଶଯୋଗ୍ୟ, କ୍ରମାଗତଭାବେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପଦକ ଜିତୁଥିବା ପ୍ରୀତିସ୍ମିତା ଏସୀୟ ଯୁବ ଭାରୋତ୍ତୋଳନ, ବିଶ୍ୱ ଯୁବ ଭାରୋତ୍ତୋଳନରେ ବିଶ୍ୱ ରେକର୍ଡ ଏବଂ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ୩ ରେକର୍ଡ ସହ ୩ ସ୍ୱର୍ଣ୍ଣ ପଦକ ଅର୍ଜନ କରି ଚର୍ଚ୍ଚାରେ ରହିଛନ୍ତି। ସେହିଭଳି କ୍ରୀଡ଼ା ଓ ଯୁବସେବା ବିଭାଗରୁ ଅବସର ନେଇ ସାରିଥିବା ପ୍ରଶିକ୍ଷକ କାଳୁଚରଣ ଚୌଧୁରୀ ସାଢ଼େ ୩ ଦଶନ୍ଧି ଧରି ଡଜନେ ପ୍ରାୟ ଅନ୍ତର୍ଜାତୀୟ ଖେଳାଳି ଗଢ଼ିତୋଳିବା ସହ ଜାତୀୟ ସ୍ତରରେ ଓଡ଼ିଶାକୁ ଏକାଧିକ ଥର ପଦକ ବିଜେତା କରାଇଛନ୍ତି। ସେ ଏବେ ବି ହକି ପ୍ରଶିକ୍ଷଣ ସହିତ ଜଡ଼ିତ ରହିଛନ୍ତି।

# ବିଦର୍ଭ ଚାମ୍ପିୟନ

**ବେଙ୍ଗାଲୁରୁ,୧୮।୧:** ଚଳିତ ବିଜୟ ହଜାରେ ଟ୍ରଫି ଦିନିକିଆ ଘରୋଇ ଟୁର୍ନାମେଣ୍ଟ ଫାଇନାଲରେ ବିଦର୍ଭ ୩୮ ରନରେ ସୌରାଷ୍ଟ୍ରକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହା ବିଦର୍ଭ ଲାଗି ସୀମିତ ଓଭର କ୍ରିକେଟ୍ ପ୍ରତିଯୋଗିତାରେ ପ୍ରଥମ ଟ୍ରଫି। ଫାଇନାଲରେ ଶତକୀୟ ପାଳି ଖେଳିଥିବା ବିଜୟୀ ଦଳ ପାଇଁ ଅଥର୍ଭ ତାଇଡେ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ଟୁର୍ନାମେଣ୍ଟରେ ସର୍ବାଧିକ ୮୧୪ ରନ କରିଥିବା ଅମନ ମୋଖାଡେଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୩୧୭ ରନ କରିଥିଲା। ଦଳ ପାଇଁ ଅଥର୍ଭ ୧୨୮ (୧୫ ଚୌକା ଓ ୩ ଛକା), ୟଶ ରାଥୋଡ ୫୪ (୨ ଲେଖାଏ ଚୌକା ଓ ଛକା) ଓ ଅମନ ମୋଖାଡେ ୩୩ (୪ ଚୌକା) ରନ କରିଥିଲେ। ସୌରାଷ୍ଟ୍ର ପାଇଁ ଅଙ୍କୁର ପାନୱର ୪ ଉଇକେଟ ନେଇଥିଲେ। ଜବାବରେ ସୌରାଷ୍ଟ୍ର ୪୮.୫ ଓଭରରେ ୨୭୯ ରନରେ ଅଲଆଉଟ୍ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ: ୫୦ ଓଭରରେ ୩୧୭/୮(ଅଥର୍ଭ ତାଇଡେ-୧୨୮, ୟଶ ରାଥୋଡ-୫୪, ଅଙ୍କୁର ପାନୱର-୪/୬୫, ଚେତନ ସାକରିୟା-୨/୪୫)। ସୌରାଷ୍ଟ୍ର: ୪୮.୫ ଓଭରରେ ୨୭୯/ଅଲଆଉଟ୍ (ପ୍ରେରକ ମଙ୍କଡ-୮୮, ଚିରାଗ ଜାନି-୬୪, ୟଶ ଠାକୁର-୪/୫୦, ନଚିକେତ ଭୁଟେ-୩/୪୬)।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜାନୁଆରୀ ୧୯/୨୦୨୬ Bhubaneswar, Monday, January 19/ 2026




# କଳିଙ୍ଗ ଲାନ୍ସର୍ସର କ୍ରମାଗତ ଷଷ୍ଠ ବିଜୟ

ଭୁବନେଶ୍ୱର, ୧୮।୧ (ତପନ ସ୍ୱାଇଁ)

ଚମତ୍କାର ଫର୍ମରେ ଥିବା ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଅପରାଜେୟ ଧାରା ଜାରି ରଖି ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ରେ କ୍ରମାଗତ ୬ଷ୍ଠ ବିଜୟ ହାସଲ କରିଛି। କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏକ ଲିଗ୍ ମ୍ୟାଚରେ ଲାନ୍ସର୍ସ ଶୁଟ୍ ଆଉଟ ୪-୧ ଗୋଲରେ ଆର୍କଡ଼ ତାମିଲନାଡୁ ଡ୍ରାଗନ୍ସକୁ ପରାସ୍ତ କରିଛି। ନିର୍ଦ୍ଧାରିତ

## ହକି ଇଣ୍ଡିଆ ଲିଗ୍

ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। ମ୍ୟାଚର ୧୯ଶ ମିନିଟରେ ବ୍ଲେକ୍ ଗୋଭର୍ସ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ତାମିଲନାଡୁକୁ ୧-୦ରେ ଅଗ୍ରଣୀ କରିଥିଲେ। ତେବେ ତୃତୀୟ କ୍ୱାର୍ଟର ଶେଷ ଭାଗରେ ଅର୍ଥାତ୍ ୪୪ତମ ମିନିଟ୍‌ରେ ଲାନ୍ସର୍ସର ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ଗୋଲଟି ପରିଶୋଧ କରିବାରୁ ମ୍ୟାଚ ସମାନ ସ୍ତରକୁ ଚାଲି ଆସିଥିଲା। ଅନ୍ତିମ କ୍ୱାର୍ଟରରେ ଗୋଲ ନ ହେବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ଲାନ୍ସର୍ସ ପକ୍ଷରୁ କୁପର ବର୍ନ୍ସ, ଅଙ୍ଗଦ ବୀର ସିଂ, ଆଣ୍ଟୋନି କିନା ଓ ଅଧିନାୟକ ଆର୍ଥର ଭାନ୍ ଡୋରେନ ଗୋଲ ଦେବାରେ ସଫଳ ହୋଇଥିଲେ। ମାତ୍ର ଡ୍ରାଗନ୍ସ ପକ୍ଷରୁ ନାଥନ ଇଫ୍ରାଉମ୍ସ ଓ ବ୍ଲେକ ଗୋଭର୍ସ ଗୋଲ ଦେବାରେ ବିଫଳ ହୋଇଥିବାବେଳେ ଏକମାତ୍ର ଉତ୍ତମ ସିଂ ଗୋଲ ଦେଇଥିଲେ। ଜେଡ୍ ସ୍ନୋଡେନ ଚମତ୍କାର ଗୋଲକିପିଂ କରି କଳିଙ୍ଗ ଲାନ୍ସର୍ସକୁ ରୋମାଞ୍ଚକ ବିଜୟ ଭେଟି ଦେଇଥିଲେ। ନକ୍‌ଆଉଟକୁ ଯୋଗ୍ୟତା ପାଇ ସାରିଥିବା ଲାନ୍ସର୍ସ ୬ ମ୍ୟାଚରୁ ୪ ବିଜୟ, ୨ ଶୁଟ୍ ଆଉଟ ବିଜୟ ସହ ୧୬ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ତାମିଲନାଡୁ ଡ୍ରାଗନ୍ସ ୬ ମ୍ୟାଚରୁ ୧ ବିଜୟ, ୨ ଶୁଟ୍ ଆଉଟ ବିଜୟ, ୨ ପରାଜୟ ଓ ୧ ଶୁଟ୍ ଆଉଟ ପରାଜୟ ସହିତ ୮ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଛି।



କଳିଙ୍ଗ ଲାନ୍ସର୍ସ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

# ପାଇପର୍ସକୁ ହରାଇଲା ଟାଇଗର୍ସ

ଭୁବନେଶ୍ୱର, ୧୮।୧ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ରବିବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ୩-୨ ଗୋଲରେ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

ମ୍ୟାଚର ପ୍ରଥମାର୍ଦ୍ଧରେ ଏସ୍‌ଜି ପାଇପର୍ସ ଚମତ୍କାର ପ୍ରଦର୍ଶନ କରି ଅଗ୍ରଣୀ ରହିଥିଲା। ୫ମ ମିନିଟ୍‌ରେ ଦିଲରାଜ ସିଂ ଏକ ଗୋଲ ଦେଇଥିଲେ। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୧ତମ ମିନିଟରେ ଟୋମାସ ଡୋମେନେ ଆଉ ଏକ ଗୋଲ ଦେଇ ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୪୫ତମ ମିନିଟରେ ବେଙ୍ଗଲ ଟାଇଗର୍ସର ଯୁଗରାଜ ସିଂ ଓ ଅଭିଷେକ ଗୋଟିଏ ଲେଖାଏ ଗୋଲ ଦେବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ୪୮ତମ ମିନିଟରେ ବେଙ୍ଗଲ ଦଳର ଆଫାନ ୟୁସୁଫ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା।

# ସନ୍ତୋଷ ଟ୍ରଫି ଫାଇନାଲ ରାଉଣ୍ଡ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୧୮।୧ (ତପନ ସ୍ୱାଇଁ)

ସନ୍ତୋଷ ଟ୍ରଫି ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ର ଫାଇନାଲ ରାଉଣ୍ଡ ଲାଗି ଓଡ଼ିଶା ଦଳ ରବିବାର ଘୋଷିତ ହୋଇଛି। ଚଳିତ ମାସ ୨୨ରୁ ଏହା ଆସାମରେ ଅନୁଷ୍ଠିତ ହେବ। ଗ୍ରୁପଡ଼ 'ବି'ରେ ଓଡ଼ିଶା ୨୨ରେ ଏହାର ପ୍ରଥମ ମ୍ୟାଚ ମେଘାଳୟ, ୨୪ରେ ସର୍ଭିସେସ, ୨୬ରେ କେରଳ, ୨୯ରେ ରେଲୱେ ଓ ୩୧ରେ ପଞ୍ଜାବ ସହିତ ଖେଳିବ। **ଓଡ଼ିଶା ଦଳ:** ସିଦ୍ଧାନ୍ତ ପ୍ରଧାନ, ସୌମ୍ୟରଞ୍ଜନ ଦାସ, ରାହୁଲ ଓରାମ, ବିଶାଲ ଟିଗା, ଅଭିନାଶ ମୁଦୁଲି, ଅଶୋକ ବାଗ୍, ରାକେଶ ଓରାମ, ସୌମେଶ ମହାନ୍ତି, ପିଣ୍ଟୁ ସାମଲ, ନିର୍ମଳ ଓରାମ, ଅର୍ପଣ ଲାକ୍ରା, ରଞ୍ଜନ ସୋରେନ, ଚନ୍ଦ୍ର ମୋହନ ମୁର୍ମୁ, ଗୌରବ ନେଗି, ଶ୍ରୀକାନ୍ତ ଗଡ଼ବା, ସୁରେଶ ଖାଡ଼ିଆ, ମହେଶ ହାଁସଦା, ଜିତୁ ମୁଦୁଲି, କାର୍ତ୍ତିକ ହନ୍ତାଳ, ରାଇସେନ ଟୁଡୁ, ଅବିନ ଲାକ୍ରା, ଗଣେଶ ସେଠୀ। ମୁଖ୍ୟ କୋଚ୍: ଅକ୍ଷୟ ଦାସ, ସହକାରୀ କୋଚ୍: ଚିତ୍ତରଞ୍ଜନ ବେହେରା, ମ୍ୟାନେଜର: ସଞ୍ଜୟ କୁମାର ନାଏକ।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ